R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୧୫୫
ତିଥି : ଅଷ୍ଟମୀ
୧୧ ମାର୍ଚ୍ଚ ୨୦୨୬, ବୁଧବାର
ସମ୍ବଲପୁର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 155
11 March 2026, Wednesday
Sambalpur
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

# ମଧ୍ୟପ୍ରାଚ୍ୟରେ ଯୁଦ୍ଧ ବିଭୀଷିକା

ନୂଆଦିଲ୍ଲୀ, ୧୦ ।୩ : ମଧ୍ୟପ୍ରାଚ୍ୟରେ ଆମେରିକା-ଇସ୍ରାଏଲ ସହ ଇରାନର ଯୁଦ୍ଧ ଭୟଙ୍କର ସ୍ଥିତି ନେବାରେ ଲାଗିଛି । ୧୧ ଦିନ ହେବ ଯୁଦ୍ଧ ଚାଲିଛି । ହଜାର ହଜାର ଲୋକ ସ୍ଥାନାନ୍ତର ହେଉଥିବାବେଳେ ପ୍ରାୟ ୧୭୦୦ ଲୋକଙ୍କର ଜୀବନ ଗଲାଣି । ପ୍ରଥମଥର ଲାଗି ଇତିହାସରେ ଏହି ଯୁଦ୍ଧ ପାଇଁ ତୈଳ ବିତରଣରେ ସବୁଠୁ ବଡ ବାଧା ସୃଷ୍ଟି ହୋଇଛି । ବିଶ୍ୱବ୍ୟାପୀ ଇରାନ ଶକ୍ତି ସଙ୍କଟ ସୃଷ୍ଟି କରିଛି । ଦୁଇଦେଶକୁ ଏକାକୀ ଇରାନ ଜବାବ ଦେଉଛି ।

- ଡ୍ରୋନ୍, ମିଶାଇଲ ମାଡ଼ରେ ଥରୁଛି ମଧ୍ୟପ୍ରାଚ୍ୟ
- ଇରାନର ଶସ୍ତା ଅସ୍ତ୍ର ଭାରିପଡୁଛି ଆମେରିକାକୁ
- ଇରାନର ନୂଆ ସୁପ୍ରିମୋଙ୍କୁ ନେଇ ଟ୍ରମ୍ପ ଖପ୍ପା
- ତୈଳ ବିତରଣ ବିଶ୍ୱବ୍ୟାପୀ ବାଧାପ୍ରାପ୍ତ
- ବହୁ ଦେଶରେ ତୈଳ ସଙ୍କଟ



ଇରାନର ମିଶାଇଲକୁ ଟାର୍ଗେଟ କରିବାକୁ ଯାଇ ଟ୍ରମ୍ପ ସେନା ପକ୍ଷରୁ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଉଛି । ବିଶେଷ କରି ଶସ୍ତା ଅସ୍ତ୍ର ଡ୍ରୋନ୍‌ରେ ଇରାନ ଆକ୍ରମଣ କରୁଛି । ଯାହାକୁ ଜବାବ ଦେବାପାଇଁ ଆମେରିକାର କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଛି ।

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି ଯେ ଆମେରିକାର ଲକ୍ଷ୍ୟ ଖୁବ୍‌ଶୀଘ୍ର ପୂରଣ ହେବ ଓ ଯୁଦ୍ଧ ବନ୍ଦ ହେବ । ଆମେ ପର୍ଯ୍ୟାପ୍ତ ବିଜୟ ପାଇନାହୁଁ, ମାତ୍ର ଆମ ଲକ୍ଷ୍ୟ ହାସଲ ହୋଇଛି । ଇରାନର କିଛି ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳକୁ ଆମେ ଟାର୍ଗେଟ କରିନାହୁଁ । ଯଦି ଯୁଦ୍ଧ ଜାରି ରୁହେ ତେବେ ତାହାକୁ ପୁଣି ଟାର୍ଗେଟ କରାଯିବ । ଏହାଛଡା ଇରାନର ନୂଆ ସୁପ୍ରିମ୍ ନେତା ଚୟନ ତାଙ୍କୁ ବ୍ୟଥିତ କରିଛି । ସେହିଭଳି ଏକ ସ୍କୁଲ ଉପରେ ଆକ୍ରମଣ ଯୋଗୁ ୧୬୮ ଛାତ୍ରୀଙ୍କ ଜୀବନ ଯିବା ଘଟଣାରେ ଟ୍ରମ୍ପ ଇରାନକୁ ଦାୟୀ କରିଛନ୍ତି । ଇରାନ ମିଛଟାରେ ଆମେରିକା ଉପରେ ଦୋଷ ଲଦୁଛି ବୋଲି ସେ କହିଛନ୍ତି । ତେବେ ଯୁଦ୍ଧ ଯୋଗୁ ଏବେ ତୈଳ ବିତରଣ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଛି । ସମଗ୍ର ବିଶ୍ୱରେ ୨୦% ତେଲ ପରିବହନରେ (୯ ପୃଷ୍ଠାରେ)

### ଅଷ୍ଟମଶ୍ରେଣୀ ପୁସ୍ତକରେ ନ୍ୟାୟପାଳିକା ଦୁର୍ନୀତି ବିଷୟ ପ୍ରସଙ୍ଗ

## ଏନ୍‌ସିଇଆରଟିର ନିଃସର୍ତ୍ତ କ୍ଷମାପ୍ରାର୍ଥନା

ନୂଆଦିଲ୍ଲୀ, ୧୦ ।୩ : ଏନ୍‌ସିଇଆରଟି ଅଷ୍ଟମ ଶ୍ରେଣୀ ସାମାଜିକ ବିଜ୍ଞାନ ବହିରେ ନ୍ୟାୟ ପାଳିକାର ଦୁର୍ନୀତି ନେଇ ଥିବା ବିଷୟ ଲାଗି ଆଜି ସର୍ବସାଧାରଣରେ ନିଃସର୍ତ୍ତ କ୍ଷମା ପ୍ରାର୍ଥନା କରିଛି । ଦୁଇ ସପ୍ତାହ ତଳେ ସୁପ୍ରିମ୍‌କୋର୍ଟ ଏହି ପୁସ୍ତକ ଉପରେ ସମ୍ପୂର୍ଣ୍ଣ ନିଷେଧାଜ୍ଞା ଜାରି କରିଥିଲେ । ଏହାପରେ ଏନ୍‌ସିଇଆରଟି ଗଣମାଧ୍ୟମରେ ବିଜ୍ଞାପନ ଦେଇ କ୍ଷମା ପ୍ରାର୍ଥନା କରିଛି । ଏନ୍‌ସିଆରଟି ନିକଟରେ ନ୍ୟାୟ ପାଳିକାର ଦାୟିତ୍ୱ ନାମରେ ଏକ ବିଷୟ ସାମାଜିକ ବିଜ୍ଞାନ ବହିରେ ପ୍ରକାଶ କରିଥିଲା । ଯାହା ତ୍ରୁଟିପୂର୍ଣ୍ଣ ଭାବେ ପ୍ରକାଶ ପାଇଥିଲା । ସମସ୍ତ ବହିକୁ ଫେରସ୍ତ ନିଆଯାଇଛି । ଏଥିପାଇଁ ନିର୍ଦ୍ଦେଶକଙ୍କ ସମେତ ସମସ୍ତ ସଦସ୍ୟ କ୍ଷମାପ୍ରାର୍ଥନା କରୁଛନ୍ତି

ସୁପ୍ରିମ୍‌କୋର୍ଟ ନ୍ୟାୟପାଳିକାରେ ଦୁର୍ନୀତି ଶୀର୍ଷକ ଥିବା ବିଷୟକୁ ନେଇ ଆପତ୍ତି ଉଠାଇଥିଲେ । ପ୍ରଧାନ ବିଚାରପତି ଜଷ୍ଟିସ୍ ସୂର୍ଯ୍ୟକାନ୍ତ କହିଥିଲେ ଯେ କୌଣସି ସଂସ୍ଥାର ସ୍ୱାଭିମାନ ଓ ଏହାକୁ ବଦନାମ କରିବାକୁ କରାଯାଉଥିବା ଚେଷ୍ଟାକୁ ଆମେ ଅନୁମତି ଦେବୁନାହିଁ ।

କୌଣସି ପରିସ୍ଥିତିରେ ବି ଅନୁମତି ମିଳିବ ନାହିଁ । ସେ ଯିଏ ବି ହେଉ ନା କାହିଁକି ଆଇନ୍ ତା କାର୍ଯ୍ୟ କରିବ । କିଭଳି ଏ ଦିଗରେ ପଦକ୍ଷେପ ନିଆଯିବ ଆମକୁ ଜଣାଅଛି । ପ୍ରଧାନ ବିଚାରପତି କହିଥିଲେ ଯେ ଏହି ଘଟଣାର ତଦନ୍ତ ହେବ । ଏହା ପଛରେ କିଏ ଦାୟୀ ତାହାର ଯାଞ୍ଚ କରାଯିବ । ଏହି ମାମଲାକୁ ବନ୍ଦ କରାଯିବନାହିଁ । ଏହା ଗୁରୁତର ବିଷୟ ଅଟେ । ନ୍ୟାୟପାଳିକା ଦୁର୍ନୀତିଗ୍ରସ୍ତ ବୋଲି ପିଲାଙ୍କୁ ସମ୍ପୃକ୍ତ ସଂସ୍ଥା ଶିଖାଇବାକୁ ଚାହିଁଛି କି ବୋଲି ପ୍ରଧାନ ବିଚାରପତି ପ୍ରଶ୍ନ କରିଥିଲେ । ତେବେ ଏନ୍‌ସିଆରଟି ଏହି ପୁସ୍ତକର ବିତରଣକୁ ବନ୍ଦ କରିଦେଇଥିଲା । ସୁପ୍ରିମ୍‌କୋର୍ଟ ନିଜଆଡୁ ଏହି ମାମଲାକୁ ଗ୍ରହଣ କରିଥିଲେ ।

### ଭାରତୀୟ ନ୍ୟାୟ ସଂହିତା ପ୍ରଦର୍ଶନୀରେ ମୁଖ୍ୟମନ୍ତ୍ରୀ

## ନୂଆ ଆଇନ୍ ଉପନିବେଶବାଦ ଯୁଗର ଅବସାନ ଘଟାଇଛି

ଭୁବନେଶ୍ୱର, ୧୦ ।୩ (ସବ୍ୟୁ) : ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଭୁବନେଶ୍ୱରର ୟୁନିଟ୍-୩ ସ୍ଥିତ ଇଡ୍‌କୋ ପ୍ରଦର୍ଶନୀ ପଡିଆରେ ଆୟୋଜିତ ଭାରତୀୟ ନ୍ୟାୟ ସଂହିତା ପ୍ରଦର୍ଶନୀ ବୁଲି

### ଆଉ ଦୁଇ ଦିନ ବଢ଼ିଲା ପ୍ରଦର୍ଶନୀ, ୧୨ ତାରିଖ ଯାଏଁ ଚାଲିବ

ଦେଖିବା ସହିତ ଏହି ପ୍ରଦର୍ଶନୀକୁ ଆଉ ଦୁଇ ଦିନ ବଢାଇବା ପାଇଁ ଘୋଷଣା କରିଛନ୍ତି ।

ସୂଚନାଥାଉକି, ଆଜି ସମାପ୍ତ ହେବାକୁ ଯାଉଥିବା ଏହି ପ୍ରଦର୍ଶନୀକୁ ମୁଖ୍ୟମନ୍ତ୍ରୀ ଦୁଇ ଦିନ ଅର୍ଥାତ ଚଳିତ ମାସ ବାର ତାରିଖ ପର୍ଯ୍ୟନ୍ତ ବଢ଼ାଇବାକୁ ନିର୍ଦ୍ଦେଶ ଦେଇଛନ୍ତି । ଗତ ୬ ତାରିଖ ଦିନ ଏଠାରେ ଭାରତୀୟ ନ୍ୟାୟ ସଂହିତା ସମ୍ପର୍କିତ ଏହି ପ୍ରଦର୍ଶନୀ କେନ୍ଦ୍ର ଗୃହ ଓ ସମବାୟ ମନ୍ତ୍ରୀ ଅମିତ ଶାହାଙ୍କ ଗସ୍ତ ସମୟରେ ଉଦ୍‌ଘାଟିତ ହୋଇଥିଲା ।



ଓଡ଼ିଶା ପୋଲିସ ଦ୍ୱାରା ଆୟୋଜିତ ଏହି (୯ ପୃଷ୍ଠାରେ)

# ବହୁ ଗାଁରେ ନାହିଁ ବିଦ୍ୟୁତ୍ ସଂଯୋଗ

ଭୁବନେଶ୍ୱର, ୧୦ ।୩ (ସବ୍ୟୁ) : ଓଡ଼ିଶା ବିଦ୍ୟୁତ ଉତ୍ପାଦନ କରୁଛି, ହେଲେ ଏଠାରେ ବିଦ୍ୟୁତ୍ ଦେୟ ଅଧିକ । ଅନ୍ୟ ରାଜ୍ୟରେ ବିଦ୍ୟୁତ୍ ଉତ୍ପାଦନ ହେଉ ନଥିବାବେଳେ ସେଠାରେ ମାଗଣା ବିଜୁଳି ସାଧାରଣ ଲୋକଙ୍କୁ ବଣ୍ଟନ କରାଯାଉଛି । ଏଥିସହ ରାଜ୍ୟରେ



- ମାଗଣା ୩୦୦ ୟୁନିଟ୍ ବିଜୁଳି କୁଆଡେ ଗଲା : ବିଜେଡି
- ସ୍ମାର୍ଟ ମିଟର ଲାଗି ସରକାର ଖର୍ଚ୍ଚ ବହନ କରୁଛନ୍ତି : ବିଜେପି

ଏବେବି ଅନେକ ଗ୍ରାମରେ ବିଦ୍ୟୁତ୍ ଖୁଣ୍ଟ ପଡ଼ିନାହିଁ । ସରକାର ରାଜ୍ୟର ସମସ୍ତ ଗ୍ରାମରେ ବିଜୁଳି ଯୋଗାଣ କରନ୍ତୁ ଏବଂ ପ୍ରତିଶ୍ରୁତି ଦେଇଥିବା ୩୦୦ୟୁନିଟ୍ ମାଗଣା ବିଜୁଳି ଦିଅନ୍ତୁ ବୋଲି ବିରୋଧୀ ଏଭଳି ଶାଣିତ ଆକ୍ରମଣ କରିଛନ୍ତି । ସେପଟେ ବିରୋଧୀଙ୍କ ଜବାବ ଦେଇଛନ୍ତି ଶାସକ ଦଳ ।

ମୁଲତବୀ ଆଲୋଚନା ଆରମ୍ଭ କରି କଂଗ୍ରେସ ବିଧାୟକ ପବିତ୍ର ସାଉଁଟା କହିଥିଲେ, ଆଧୁନିକ ଯୁଗରେ ବିନା ବିଦ୍ୟୁତ୍‌ରେ ଚଳିବା କଷ୍ଟକର । ଏବେବି ଅନେକ ଗ୍ରାମରେ ବୁିଦ୍ୟୁତ୍ ସଂଯୋଗ ହୋଇନାହିଁ । ଏହାଠାରୁ ବିଡ଼ମ୍ବନା ଆଉ କେଉଁଠି ନଥିବ । ଡବଲ୍ ଇଞ୍ଜିନ ସରକାର ଉନ୍ନତି ଆଣନ୍ତୁ ଓ ଗ୍ରାମାଞ୍ଚଳର ବିକାଶ କରନ୍ତୁ । ଟାଟା ପାୱାର ଭଳି ଘରୋଇ କମ୍ପାନୀ (୯ ପୃଷ୍ଠାରେ)

### ସ୍ମାର୍ଟ ମିଟର ଦ୍ୱାରା ରିଡିଂ, ବିଲିଂ ପ୍ରକ୍ରିୟା ତ୍ରୁଟିଶୂନ୍ୟ: ମନ୍ତ୍ରୀ

ଭୁବନେଶ୍ୱର, ୧୦ ।୩ (ସବ୍ୟୁ) : ରାଜ୍ୟରେ ସୌଭାଗ୍ୟ ଯୋଜନା ମାଧ୍ୟମରେ ୯ ଲକ୍ଷ ୫୭ ହଜାର ଉପଭୋକ୍ତାଙ୍କୁ ମାଗଣାରେ ବିଜୁଳି ଯୋଗାଇଦିଆଯାଇଛି । ଉପଭୋକ୍ତାଙ୍କୁ କିପରି ଉତ୍ତମ ସେବା ମିଳିବ, ସେ ଦିଗରେ ଆମ ସରକାର ସଂସ୍କାର ଆଣିଛନ୍ତି । ଗ୍ରାମାଞ୍ଚଳରେ ଲୋ ଭୋଲଟେଜ ସମସ୍ୟାର ଅନେକାଂଶରେ ସମାଧାନ ହୋଇପାରିଛି । ସ୍ମାଟ ମିଟର ବିଦ୍ୟୁତ ବିତରଣ ବ୍ୟବସ୍ଥାରେ ଏକ ନୂତନ ଜ୍ଞାନକୌଶଳ । ଏହାର ବ୍ୟବହାର ଦ୍ୱାରା ମିଟର ରିଡିଂ, ବିଲିଂ ପ୍ରକ୍ରିୟା ତ୍ରୁଟିଶୂନ୍ୟ ଓ ସ୍ୱଚ୍ଛ ହୋଇଥାଏ ବୋଲି ଶକ୍ତି ମନ୍ତ୍ରୀଙ୍କ ପକ୍ଷରୁ ଉତ୍ତର ରଖିମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି ।

ମନ୍ତ୍ରୀ କହିଛନ୍ତି ଯେ (୯ ପୃଷ୍ଠାରେ)

## ପୋଖରୀରେ ବୁଡ଼ିଗଲେ ଦୁଇ ଭାଇ

କେନ୍ଦୁଝର, ୧୦ ।୩ (ଜିପ୍ର): କେନ୍ଦୁଝର ସଦର ଥାନା ରାଇସୁଆଁ ବଜାର ନିକଟରେ ଥିବା ଟେରା ପୋଖରୀରେ ବୁଡ଼ି ଯାଇ ମଙ୍ଗଳବାର ଦିନ ଦୁଇ ଭାଇଙ୍କ ମୃତ୍ୟୁ ହୋଇଯାଇଛି । ମୃତ ଦୁଇ ଭାଇ ହେଲେ ଖୁସହାଲ ଆନସାରି (୧୨) ଏବଂ ଅମନ ଆନସାରି (୯) । ଝାଡଖଣ୍ଡର ଜାମତରା ଅଞ୍ଚଳର ନୁରୁଦ୍ଦିନ ଆନସାରି ରାଇସୁଆଁ ମୁସଲିମ ବସ୍ତିର ଚାନ୍ଦିନୀ ବେଗମଙ୍କୁ ବିବାହ କରିଥିଲେ । ବିବାହର କିଛି ଦିନ ପରେ ଜୀବିକା ନିର୍ବାହ କରିବା ପାଇଁ ରାଇସୁଆଁରେ ଏକ ଭ ଘରେ ରହୁଥିଲେ । ତାଙ୍କର ଦୁଇଟି ପୁଅ ଖୁସହାଲ ଆନସାରି ଏବଂ ଅମନ ଆନସାରି ଥିଲେ । ଆଜି ନୁରୁଦ୍ଦିନ କାମ ପାଇଁ ବାହାରକୁ ଯାଇଥିବା ବେଳେ ଘରେ ମା, ପୁଅ ୩ ଜଣ ଥିଲେ । ପୂର୍ବାହ୍ଣ ୧୧ଟା ପାଖାପାଖିରେ ଦୁଇ ଭାଇ ଗାଧେଇବା ପାଇଁ ଟେରା ପୋଖରୀକୁ ଆସିଥିଲେ । (୯ ପୃଷ୍ଠାରେ)

## ରାଜ୍ୟରେ ନାହିଁ ରନ୍ଧନ ଗ୍ୟାସ ସଙ୍କଟ : ମୁଖ୍ୟ ସଚିବ

ଭୁବନେଶ୍ୱର, ୧୦ ।୩ (ସବ୍ୟୁ) : ମଧ୍ୟପ୍ରାଚ୍ୟରେ ସୃଷ୍ଟି ହୋଇଥିବା ଯୁଦ୍ଧ ପରିସ୍ଥିତିର ପ୍ରଭାବ ଓଡ଼ିଶାରେ ପରିଲକ୍ଷିତ ହେଉଛି । କେତେକ ସହରରେ ଏବେ ରନ୍ଧନ ଗ୍ୟାସ୍ ଏଲ୍‌ପିଜିର ସଙ୍କଟ ଦେଖାଦେଇଛି । ଲୋକମାନେ ଗ୍ୟାସ ଏଜେନ୍ସି ଅଫିସର ନିକଟରେ ଧାଡ଼ିରେ ଥିବା ଦେଖିବାକୁ ମିଳିଛି । ତେବେ ଏହି ପରିପ୍ରେକ୍ଷୀରେ ସରକାରଙ୍କ ପକ୍ଷରୁ ଜନସାଧାରଣଙ୍କୁ ଆଶ୍ୱସ୍ତ କରାଯାଇଛି । ଯଥେଷ୍ଟ ରନ୍ଧନ ଗ୍ୟାସ ରହିଛି, ଚିନ୍ତା କରନ୍ତୁ ନାହିଁ ବୋଲି ମୁଖ୍ୟ ସଚିବ ଅନୁ ଗର୍ଗ କହିଛନ୍ତି ।

ଆଜି ଲୋକସେବା ଭବନରେ ରାଜ୍ୟରେ ରନ୍ଧନ ଗ୍ୟାସ ଓ ପେଟ୍ରୋଲ, ଡିଜେଲର ଉପଲବ୍ଧିତା ସମ୍ପର୍କରେ ମୁଖ୍ୟ ସଚିବଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ଜଣାପଡ଼ିଛି ଯେ ରାଜ୍ୟରେ ଯଥେଷ୍ଟ ପରିମାଣର ଏଲ୍‌ପିଜି ଉପଲବ୍ଧ ଅଛି । ଜନସାଧାରଣଙ୍କୁ ଏ ନେଇ ବିଶେଷ ଚିନ୍ତିତ ନ ହେବାକୁ ମୁଖ୍ୟ ସଚିବ ପରାମର୍ଶ ଦେଇଛନ୍ତି । ବୈଠକରେ ତୈଳ ବିଶୋଧନାଗାର/ଡିପୋରୁ ଏଲ୍‌ପିଜି ବିତରକ ଓ ରିଟେଲ ଆଉଟ୍‌ଲେଟ୍ ବିତରଣ ପ୍ରକ୍ରିୟା ଓ ଯୋଗାଣ ଶୃଙ୍ଖଳା ସମ୍ପର୍କରେ ଆଲୋଚନା କରାଯାଇଥିଲା । ଖାଉଟିମାନଙ୍କୁ ରନ୍ଧନ ଗ୍ୟାସ୍, ପେଟ୍ରୋଲ ଓ ଡିଜେଲ ଯୋଗାଣ ନେଇ ସମସ୍ୟା ନଥିବା ସମ୍ପର୍କରେ ତୈଳ (୯ ପୃଷ୍ଠାରେ)

## ମଧ୍ୟପ୍ରାଚ୍ୟରେ ଫସିଥିବା ଓଡ଼ିଆଙ୍କୁ ଫେରାଇ ଅଣାଯାଉ : ନବୀନ

ଭୁବନେଶ୍ୱର, ୧୦ ।୩ (ସବ୍ୟୁ) : ମଧ୍ୟପ୍ରାଚ୍ୟର ଭୟଙ୍କର ଯୁଦ୍ଧରେ ଫସି ରହିଥିବା ଲକ୍ଷ ଲକ୍ଷ ଓଡ଼ିଆଙ୍କ ଭୟ ଓ ଭାବାବେଗକୁ ଅନୁଭବ କରିପାରୁଛି ବୋଲି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ କହିଛନ୍ତି । ଏମାନଙ୍କୁ ତୁରନ୍ତ ଫେରାଇ ଆଣିବା ଲାଗି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ପଦକ୍ଷେପ ନେବାକୁ ଶ୍ରୀ ପଟ୍ଟନାୟକ କହିଛନ୍ତି ।

ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ ଶ୍ରମିକଙ୍କ ଠାରୁ ଆରମ୍ଭ କରି ଛାତ୍ରଛାତ୍ରୀ, ପେଶାଦାର, ପର୍ଯ୍ୟଟକ ତଥା ଭ୍ରମଣକାରୀମାନେ ଭୟଭୀତ ଅଛନ୍ତି । ଏପଟେ ଓଡ଼ିଶାରେ ଥିବା ସେମାନଙ୍କ ପରିବାର ପ୍ରିୟଜନ ଫେରିବା ବାଟକୁ ଚାହିଁ ବସିଛନ୍ତି । ଆକାଶପଥ ବନ୍ଦ ହେବାବେଳେ ବିମାନ ବାତିଲ, ସୀମା ମଧ୍ୟ ବନ୍ଦ । ଏପରି ଅସମୟରେ ଓଡ଼ିଆଙ୍କୁ ସୁରକ୍ଷିତ ଫେରାଇ ଆଣିବା ରାଜ୍ୟ ସରକାରଙ୍କ କର୍ତ୍ତବ୍ୟ । (୯ ପୃଷ୍ଠାରେ)

### ଲୋକସଭା ବାଚସ୍ପତିଙ୍କ ବିରୋଧରେ ଆଗତ ମହାଅଭିଯୋଗ ପ୍ରସ୍ତାବର ଆଲୋଚନା ଆରମ୍ଭ

# ସଂସଦୀୟ ମନ୍ତ୍ରୀଙ୍କୁ ଟାର୍ଗେଟ କଲେ ଗୋଗୋଇ

ନୂଆଦିଲ୍ଲୀ, ୧୦ ।୩ : ଲୋକସଭା ବାଚସ୍ପତି ଓମ୍ ବିର୍ଲାଙ୍କ ବିରୋଧରେ ବିରୋଧୀ ଦଳଗୁଡ଼ିକ ପକ୍ଷରୁ ଆସିଥିବା ଅନାସ୍ଥା ପ୍ରସ୍ତାବ ଉପରେ ଆଲୋଚନା ଆରମ୍ଭ ହୋଇଛି । ଆଲୋଚନା ଆରମ୍ଭ କରି କଂଗ୍ରେସ ସାଂସଦ ଗୌରବ ଗୋଗୋଇ ସସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁଙ୍କୁ ଟାର୍ଗେଟ କରିଥିଲେ । ଗୋଗୋଇ କହିଥିଲେ ଯେ ସଂସଦୀୟ ବ୍ୟାପାର ମନ୍ତ୍ରୀ ସବୁବେଳେ ବିରୋଧୀ ଦଳ ସାଂସଦ କହିବା ସମୟରେ ହସ୍ତକ୍ଷେପ କରୁଛନ୍ତି । ରିଜିଜୁ ମଧ୍ୟ ଏହାର ଜବବା ରଖିଥିଲେ । ତେବେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଆଲୋଚନାରେ ହସ୍ତକ୍ଷେପ କରି କହିଥିଲେ ଯେ ରିଜିଜୁ



ହସ୍ତକ୍ଷେପ ନିଶ୍ଚିତ କରିବେ । କାରଣ ପୂର୍ବର ଏଭଳି ଦାୟିତ୍ୱହୀନ ବିରୋଧୀ ଦେଶ ଦେଖିନଥିଲା ବୋଲି କହିଥିଲେ ।

### ଏ ପ୍ରସ୍ତାବ ବ୍ୟକ୍ତି ବିରୋଧରେ ନୁହେଁ, ସଂସଦର ମର୍ଯ୍ୟାଦା ଲାଗି

### ରିଜିଜୁଙ୍କ ସମର୍ଥନରେ ମତ ରଖିଲେ ଅମିତ୍ ଶାହା

ବାଚସ୍ପତିଙ୍କ ବିରୋଧରେ ଦିଆଯାଇଥିବା ଅନାସ୍ଥାପ୍ରସ୍ତାବକୁ ୧୧୮ ବିରୋଧୀ ସାଂସଦ ସ୍ୱାକ୍ଷର (୯ ପୃଷ୍ଠାରେ)

# ବିଜେଡି ଛାଡ଼ିଲେ ରବି ଜେନା

ଭୁବନେଶ୍ୱର, ୧୦ ।୩ (ସବ୍ୟୁ) : ବାଲେଶ୍ୱରର ପୂର୍ବତନ ସାଂସଦ ତଥା ବିଜେଡ଼ି ନେତା ରବୀନ୍ଦ୍ର କୁମାର ଜେନା ଦଳର ପ୍ରାଥମିକତା ସଦସ୍ୟ ପଦରୁ ଇସ୍ତଫା ଦିଆଯାଇଛି । ସେ ତାଙ୍କ ଇସ୍ତଫା ପତ୍ର ବିଜେଡି ରାଜ୍ୟ ସଭାପତି ନବୀନ ପଟ୍ଟନାୟକଙ୍କ ନିକଟକୁ ପଠାଇ ଦେଇଛନ୍ତି । ତେବେ ରାଜ୍ୟସଭା ନିର୍ବାଚନ ପୂର୍ବରୁ ରବୀନ୍ଦ୍ରଙ୍କ ଇସ୍ତଫା ଏବେ ଅନେକ ଗୁରୁତ୍ୱ ବହନ କରୁଛି । ତାଙ୍କ ପତ୍ନୀ ଶୁଭାସିନୀ ଜେନା ବସ୍ତା ବିଧାୟିକା ଅଛନ୍ତି । ରାଜ୍ୟସଭା ନିର୍ବାଚନରେ ଶୁଭାସିନୀଙ୍କ ଆଭିମୁଖ୍ୟ କ'ଣ ରହିବ ତାହା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଆସନ୍ତାକାଲି ସେ ବିଜେପିରେ ମିଶିପାରନ୍ତି ବୋଲି ଆଲୋଚନା ହେଉଛି ।

ଶ୍ରୀ ଜେନା ତାଙ୍କ ଇସ୍ତଫାପତ୍ରରେ ଉଲ୍ଲେଖ କରିଛନ୍ତି ଯେ ବିଜେଡିର ଜଣେ ଶୃଙ୍ଖଳିତ ସଦସ୍ୟ ଭାବେ ଦଳର ସଂଗଠନକୁ ସୁଦୃଢ଼ କରିବା ସହ ବାଲେଶ୍ୱରବାସୀଙ୍କ ସେବା କରିଆସିଛି । ବ୍ୟକ୍ତିଗତ କାରଣ ଓ ପରିସ୍ଥିତି ନିମନ୍ତେ ମୁଁ ଦଳରୁ ଅଲଗା ହେବାକୁ କଠିନ ନିଷ୍ପତ୍ତି ନେଉଛି । ଦଳ ସହ ମୋର ଦୀର୍ଘ ଦିନର ସମ୍ପର୍କ ଏକ ସ୍ମରଣୀୟ ଯାତ୍ରା ହୋଇ ରହିବ । ଏହି ସମୟ ମଧ୍ୟରେ ମୋତେ ମିଳିଥିବା ସମସ୍ତ ସହଯୋଗ, ସମ୍ମାନ ଏବଂ ସୁଯୋଗ ପାଇଁ ମୁଁ ରାଜ୍ୟ ନେତୃବୃନ୍ଦ, ମୋର ସହକର୍ମୀ ଏବଂ ବାଲେଶ୍ୱର ଜିଲ୍ଲାର ସମସ୍ତ ଦଳୀୟ କର୍ମକର୍ତ୍ତାଙ୍କ ନିକଟରେ ଗଭୀର କୃତଜ୍ଞତା ପ୍ରକାଶ କରୁଛି । (୯ ପୃଷ୍ଠାରେ)



- ରାଜ୍ୟସଭା ନିର୍ବାଚନ ପୂର୍ବରୁ ଇସ୍ତଫା
- ବିଧାୟିକା ପତ୍ନୀ ଶୁଭାସିନୀ ଜେନାଙ୍କ ଭୋଟ ଉପରେ ନଜର
- ଆଜି ବିଜେପିରେ ମିଶିବା ନେଇ ଚର୍ଚ୍ଚା

## ତାପମାତ୍ରା ସହିତ ନିଦର ସମ୍ପର୍କ

ବଢୁଥିବା ତାପମାତ୍ରା ଏବେ ମଣିଷର ଦୈନନ୍ଦିନ ଜୀବନ ସହିତ ଶୋଇବା ସମୟ ଉପରେ ମଧ୍ୟ ଗୁରୁତର ପ୍ରଭାବ ପକାଉଛି । ୟୁନିଭର୍ସିଟି ଅଫ୍ ସଦର୍ଣ୍ଣ କାଲିଫର୍ଣ୍ଣିଆର ଏକ ବୃହତ ଅଧ୍ୟୟନ ଅନୁଯାୟୀ, ଉଷ୍ମ ପାଣିପାଗ ଏବଂ ନିଦ୍ରା ହ୍ରାସ ମଧ୍ୟରେ ଏକ ସ୍ପଷ୍ଟ ସମ୍ପର୍କ ରହିଛି । ଆମେରିକାର ପ୍ରାୟ ୧୪,୨୩୨ ଜଣ ବୟସ୍କ ବ୍ୟକ୍ତିଙ୍କ ୧୨ ନିୟୁତରୁ ଅଧିକ ରାତିର ନିଦ୍ରା ତଥ୍ୟକୁ ପରୀକ୍ଷଣ କରି ଗବେଷକମାନେ ଏହି ତଥ୍ୟ ଜାଣିବାକୁ ପାଇଛନ୍ତି । ଯେ, ଦିନ ତାପମାତ୍ରାରେ ପ୍ରତି ୧୦ ଡିଗ୍ରୀ ବୃଦ୍ଧି ଘଟିଲେ ହାରାହାରି ୨.୧୯ ମିନିଟ୍‌ର ନିଦ୍ରା ହ୍ରାସ ପାଉଥିବାବେଳେ ରାତିର ତାପମାତ୍ରାରେ ସମାନ ବୃଦ୍ଧି ଘଟିଲେ ଏହା ୨.୬୩ ମିନିଟ୍ ପର୍ଯ୍ୟନ୍ତ ନିଦ୍ରା କମିଥାଏ । କ୍ରମାଗତ ଗ୍ରୀଷ୍ମ ପ୍ରବାହ ଏବଂ ଋତୁ ପରିବର୍ତ୍ତନ ମଧ୍ୟରେ ଲକ୍ଷ ଲକ୍ଷ ଲୋକଙ୍କ କ୍ଷେତ୍ରରେ ଏହାର ପରିଣାମ ଭୟଙ୍କର ଦେଖିବାକୁ ମିଳୁଥିବା ଏହି ରିପୋର୍ଟରେ ପ୍ରକାଶ କରାଯାଇଛି । ବିଶେଷ କରି ମହିଳା, ଦୀର୍ଘ ସମୟଧରି ରୋଗରେ ପୀଡ଼ିତ ବ୍ୟକ୍ତି ଏହା ଦ୍ୱାରା ଅଧିକ ପ୍ରଭାବିତ ହେଉଛନ୍ତି । ନିଦ୍ରାହୀନତା ଯୋଗୁଁ ହୃଦ୍‌ରୋଗ, ରୋଗ ପ୍ରତିରୋଧକ ଶକ୍ତି ହ୍ରାସ ଏବଂ ମାନସିକ ଚିନ୍ତା ବଢୁଥିବାରୁ ଏହା ଏକ ଗୁରୁତର ଜନସ୍ୱାସ୍ଥ୍ୟ ସମସ୍ୟା ଭାବେ ବର୍ତ୍ତମାନ ଉଭା ହୋଇଛି । ତେଣୁ ଖରାଦିନେ ଆମକୁ ଶରୀରକୁ ଥଣ୍ଡା ରଖିବାକୁ ଯଥେଷ୍ଟ ଧ୍ୟାନ ରଖିବାକୁ ହେବ ବୋଲି ବୈଜ୍ଞାନିକମାନେ ପ୍ରକାଶ କରିଛନ୍ତି ।



## ସୋସିଆଲ କୋଟ୍ସ



ମାଇକରେ କୌଣସି କଥା କହିଲେ ତାହା ସତ ହୋଇଯାଇନଥାଏ । ଏହା କେବଳ କଥା କହୁଥିବା ଲୋକର ମୂର୍ଖତାକୁ ବୁଝାଇଥାଏ । ଏହା ସାମନାଲୋକର କୌଣସି କ୍ଷତି କରିନଥାଏ ।

ତ୍ରିଶା କ୍ରିଷ୍ଣା, ଅଭିନେତ୍ରୀ



ଫିଲ୍ମ ଲାହୋର ୧୯୪୭ର ନାଁ ବଦଳିବ ନାହିଁ । ଏହା ଯାହା ଅଛି ସେଇଆ ହିଁ ରହିବ । ନାଁ ବଦଳିବାକୁ ନେଇ ଯେଉଁ ବି ଖବର ଚର୍ଚ୍ଚାରେ ରହୁଛି ସବୁ ମିଛ ।

ଆମିର ଖାନ, ଅଭିନେତା



ବଂଶିକା ସ୍କୁଲରେ ତାର ଅଭିଭାବକ ସ୍ଥାନରେ ବସି ତାର ଅଭିନୀତ ନାଟକ ଦେଖିବା ମୋ ପାଇଁ ଗୌରବ । ମୋ ଜୀବନର ସବୁଠାରୁ ଖୁସିର ଦିନ ଏହା ଥିଲା । ସେ ମୋ ପାଇଁ ମୋ ଝିଅ ।

ଅନୁପମ ଖେର, ଅଭିନେତା



## କାର୍‌ରେ ଝୁଲୁଛନ୍ତି ପୋଷା ଜୀବ

ଚୀନରେ ସବୁବେଳେ ଅଜବ ଅଜବ ଘଟଣା ସାମନାକୁ ଆସିଥାଏ । ଚୀନର ନିଜସ୍ୱ ନୂଆବର୍ଷ ସମୟର ଏକ ଭିଡିଓ ବର୍ତ୍ତମାନ ଭାଇରାଲ ହେବାରେ ଲାଗିଛି । ଏହି ଭିଡିଓରେ ଏକ ଅଜବ ଘଟଣା ଦେଖିବାକୁ ମିଳିଛି, ଯେଉଁଥିରେ କିଛି ଲୋକ ନିଜ ପୋଷା କୁକୁର ବିଲେଇଙ୍କୁ କାରରେ ନୁହେଁ କାର ବାହାରେ ଟାଙ୍ଗି ନେଉଛନ୍ତି । ସେମାନେ ଏହି ପଶୁଙ୍କୁ ଏକ ଥଳିରେ ବାନ୍ଧି ଡିକି ବାହାରେ ହେଉ କିମ୍ବା କାର ଝରକା ବାହାରେ ଟାଙ୍ଗି ନେଉଥିବାର ଦେଖିବାକୁ ମିଳିଛି । ଏନେଇ ଜଣେ ବ୍ଲଗର ଭିଡିଓ ସେୟାର କରିବାପରେ ଏହା ଚର୍ଚ୍ଚାକୁ ଆସିଛି । ଏପିରିକି ରାସ୍ତାରେ କିଛି ପଶୁଙ୍କର ଶବ ମଧ୍ୟ ଏହି ବ୍ଲଗରଙ୍କୁ ମିଳିଛି । ଲୋକମାନେ ଗାଡି ଭିତର ସଫା ରଖିବା କିମ୍ବା ଗାଡି ଭିତରେ ଯାଗାର ଅଭାବରୁ ଏପରି କରୁଥିବା ଜଣା ପଡିଛି । ସେହିଭଳି ଆନିମଲ ଏକ୍ସପର୍ଟମାନେ ଏହାକୁ ଅତି ଅମାନବୀୟ ବୋଲି ବିବେଚନା କରିଛନ୍ତି । ସେମାନଙ୍କୁ ଏଭଳି ଗାଡିରେ ନେବାରେ ସେମାନଙ୍କ ଜୀବନ ପ୍ରତି ବିପଦ ରହିଛି, ମାଲିକ ହୋଇ ଏଭଳି ନିଷ୍ପତ୍ତି ନେବା ଭୁଲ ବୋଲି ସେମାନେ ମତ ରଖିଛନ୍ତି । ସେହିଭଳି ସୋସିଆଲ ମିଡିଆରେ ମଧ୍ୟ ଏହାକୁ ନିନ୍ଦା କରାଯାଉଥିବା ଦେଖିବାକୁ ମିଳୁଛି ।



ପ୍ରଥମ ବନ୍ଧୁ: କିବେ, ତୁ ଶୁଣିଲୁଣି ? କାଲି ରାତିରେ ଜଣେ ଚୋର ରାମ ଘରକୁ ପଶିଥିଲା ।
ଦ୍ୱିତୀୟ ବନ୍ଧୁ: କିଛି ନେଇଗଲା କି ?
ପ୍ରଥମ ବନ୍ଧୁ: ନା ବେ ! ରାମ ଘରେ କିଛି ନପାଇ କାନ୍ଦିକି ଗଲା । ଯିବା ବେଳେ ରାମ ହାତରେ ୫୦୦ ଟଙ୍କା ଧରେଇ ଦେଇଗଲା ଆଉ କହିଲା - "ଭାଇ, ଏତେ କଷ୍ଟରେ କେମିତି ରହୁଛୁ ?"

ହାଃହାଃ

## ଇତିହାସ

୧୬୮୯ - ଶିବାଜୀଙ୍କ ପୁତ୍ର ସମ୍ଭାଜୀଙ୍କର ହତ୍ୟା ।
୧୮୮୧ - କୋଲକାତା ଟାଉନ ହଲ୍‌ରେ ରାମନାଥ ଟାଗୋରଙ୍କର ପ୍ରତିମା ସ୍ଥାପନା କରାଯାଇଥିଲା ।
୧୯୯୦ - ଲିଥୁଆନିଆରେ ପ୍ରଥମ ଥର ପାଇଁ ସଂସଦରେ ମତଦାନ ।
୧୯୯୬ - ଇରାନ୍ ଦ୍ୱାରା ପ୍ରସିଦ୍ଧ ଲେଖକ ସଲମାନ ରୁଶଦୀଙ୍କ ବିରୋଧରେ ଲାଗିଥିବା ଫତୱାକୁ ହଟାଇ ଦିଆଯାଇଥିଲା ।
୨୦୦୪ - ସ୍ପେନ୍‌ର ତିନୋଟି ରେଳ ଷ୍ଟେସନ ଉପରେ ହୋଇଥିବା ବିସ୍ଫୋରଣରେ ୧୯୦ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୧୨୦୦ ଜଣ ଆହତ ହୋଇଥିଲେ ।
୨୦୦୮ - ଆମେରିକା ଅନ୍ତରୀକ୍ଷ ଏଜେନ୍ସି ନାସା ନିଜ ଯାନ ଏଣ୍ଡଭରକୁ ଅନ୍ତରୀକ୍ଷକୁ ଛାଡିଥିଲା ।
୨୦୧୧ - ଭାରତରେ ଧନୁଷ ଓ ପୃଥ୍ୱୀ କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ ।

## କାଉ କରୁଛନ୍ତି ସହର ସଫା

କାଉମାନେ ପରିବେଶ ସଫା ରଖିବାରେ କାହିଁ କେଉଁ କାଳରୁ ସାହାଯ୍ୟ କରୁଛନ୍ତି । ତେବେ ନିକଟରେ ସ୍ୱିଡେନରେ ଏକ ଅଭିନବ ଘଟଣା ଦେଖିବାକୁ ମିଳିଛି । ଏଠିକାର ପ୍ରଶାସନ କାଉଙ୍କର ଏହି ପରିବେଶ ସଫା ରଖିବାର ପ୍ରାକୃତିକ ଉପାୟକୁ ବ୍ୟବହାର କରି ସହର ସଫା କାମରେ



ସେମାନଙ୍କୁ ଲଗାଇଛି । ଏଠାରେ ରାସ୍ତାରେ ପଡିରହୁଥିବା ସିଗାରେଟର ଅଂଶବିଶେଷ ଉଠାଇବା ପାଇଁ କାଉମାନଙ୍କୁ ବ୍ୟବହାର କରାଯାଉଛି । ଏଥିପାଇଁ ସେମାନେ କାଉଙ୍କୁ ଟ୍ରେନିଂ ପ୍ରଦାନ କରୁଥିବା ଜଣା ପଡିଛି । ଏହି ପ୍ରୋଜେକ୍ଟ ଏକ ଫାଉଣ୍ଡେସନର ସହାୟତାରେ ଆରମ୍ଭ କରାଯାଉଛି । ରାସ୍ତାରେ ଏକ ପ୍ରକାର ଖାସ ମେସିନ ଲଗାଯାଇଛି ଯାହା ସିଗାରେଟର ଅଂଶବିଶେଷକୁ ଚିହ୍ନଟ କରୁଛି । ଯେତେବେଳେ ଏହି କାଉମାନେ ସିଗାରେଟର ବଳକା ଖଣ୍ଡକୁ ମେସିନରେ ପକାନ୍ତି, ମେସିନରୁ ଖାଇବା ବାହାରିଥାଏ । ତେଣୁ ଖାଇବା ମିଳିବା କାରଣରୁ ସେମାନେ ଆହୁରି ଅଧିକ ସିରାଗେଟ ଅଂଶ ଖୋଜିଆଣି ଏଥିରେ ପକାନ୍ତି । ଏହି ଉପାୟଟି ବର୍ତ୍ତମାନ ସୋସିଆଲ ମିଡିଆରେ ଖୁବ ଭାଇରାଲ ହେବାରେ ଲାଗିଛି, ସମସ୍ତେ ଏହାକୁ ଖୁବ ପସନ୍ଦ କରୁଛନ୍ତି । କାଉମାନେ ଦୁନିଆର ବୁଦ୍ଧିମାନ ପକ୍ଷୀଙ୍କ ଭିତରେ ଗଣାଯାଇଥାଆନ୍ତି, ଏବଂ ଏମାନେ ଖୁବଶୀଘ୍ର କାମ ଶିଖିଥାଆନ୍ତି ତେଣୁ ସେମାନଙ୍କୁ ହିଁ ଏହି କାର୍ଯ୍ୟପାଇଁ ଚୟନ କରାଯାଇଛି । ଏହି ପ୍ରୋଜେକ୍ଟକୁ ୨୦୨୨ରୁ ଆରମ୍ଭ କରାଯାଇଥିବା ସୂଚନା ରହିଛି ।

## ଆଲିଆଙ୍କ ସ୍ପାଏ ଅବତାର



ଯଶରାଜ ଫିଲ୍ମସର ସ୍ପାଇ ୟୁନିଭର୍ସରେ ପ୍ରଥମ ଥର ପାଇଁ ମହିଳା ଗୁପ୍ତଚରଙ୍କ ଦମଦାର ଆକ୍ସନ ଦେଖିବାକୁ ମିଳିବ । ଫିଲ୍ମର ରିଲିଜ ତାରିକ ନିକଟରେ ଜଣା ପଡିଛି । ଆଲିଆ ଭଟ୍ଟ, ଶର୍ବରୀ ବାଗ, ଅନିଲ କପୁର ଏବଂ ବବି ଦେଓଲଙ୍କ ଅଭିନୀତ ବହୁ ପ୍ରତିକ୍ଷିତ ଚଳଚ୍ଚିତ୍ର 'ଅଲଫା' ଆସନ୍ତା ୧୦ ଜୁଲାଇ ୨୦୨୬ରେ ସିନେମା ହଲ୍‌ରେ ମୁକ୍ତିଲାଭ କରିବାକୁ ଯାଉଛି । ଶିବ ରୱୈଲଙ୍କ ନିର୍ଦ୍ଦେଶିତ ଏହି ଚଳଚ୍ଚିତ୍ରକୁ ଦେଖିବାକୁ ଦର୍ଶକ ଅନେକ ଦିନରୁ ଅପେକ୍ଷା କରିଛନ୍ତି । ଚର୍ଚ୍ଚା ଥିଲା ଯେ ଏହା ସିଧାସଳଖ ଓଟିଟିରେ ଆସିପାରେ ଏବଂ ନେଟଫ୍ଲିକ୍ସ ପକ୍ଷରୁ ଏଥିପାଇଁ ୨୧୫ କୋଟି ଟଙ୍କାର ଏକ ବଡ଼ ଅଫର ମଧ୍ୟ ମିଳିଥିଲା । କିନ୍ତୁ ପ୍ରଯୋଜକ ଆଦିତ୍ୟ ଚୋପ୍ରା ବଡ଼ ପରଦାରେ ଏହାକୁ ରିଲିଜ କରିବାପାଇଁ ଏହି ଡିଲ୍‌କୁ ନା କହିଥିଲେ । ପୂର୍ବରୁ ଏହି ଫିଲ୍ମର ରିଲିଜ ଡେଟ ଅନେକଥର ଘୁଞ୍ଚିଛି, ଯାହାକୁ ନେଇ ଦର୍ଶକଙ୍କ ମଧ୍ୟରେ ଅନେକ ଦ୍ୱନ୍ଦ୍ୱ ରହିଛି । ହିନ୍ଦୀ ସହିତ ତାମିଲ ଏବଂ ତେଲୁଗୁ ଭାଷାରେ ମୁକ୍ତିଲାଭ କରିବାକୁ ଥିବା ଏହି ଫିଲ୍ମରେ ଆଲିଆ ଓ ଶର୍ବରୀଙ୍କ ଆକସନ ଦେଖିବାକୁ ମିଳିବ । ନାୟିକାମାନଙ୍କର ଏହି ଆକସନ ଦର୍ଶକଙ୍କୁ ଖୁବ ପସନ୍ଦ ଆସିବ ବୋଲି ମେକର୍ସ ଆଶା କରିଛନ୍ତି ।

## ଘଡଘଡିରେ ଝଡତୋଫାନରେ ଗାଧୁଆ !!

ସାଧାରଣତଃ ବିଜୁଳି ଘଡଘଡି ମାରିଲେ ଲୋକମାନେ ସୁରକ୍ଷିତ ରହିବାପାଇଁ ଘରେ ପଶିଯାଆନ୍ତି । ହେଲେ ଚୀନରେ ଏକ ବିରଳ ସ୍ପା ବର୍ତ୍ତମାନ ଚର୍ଚ୍ଚାରେ ରହିଛି । ଏହି ସ୍ପାର ନାମ ରହିଛି ଷ୍ଟର୍ମ ବାଥ । ଏଠାକୁ ଲୋକମାନେ ବିଜୁଳିର ଝଟକାରେ ଗାଧୋଇବାକୁ ଆସିଥାଆନ୍ତି । ଏହି ସ୍ପାରେ ପୁଲ ଉପରେ ପାଣିର ଜେଟ ଲଗାଯାଇଥାଏ, ଯାହା ବର୍ଷାର ଅନୁଭବ ଦେଇଥାଏ । ଏହାସହ ପୁଲର ଆଖପାଖରେ ଲାଗିଥିବା ସ୍କ୍ରିନରେ ବର୍ଷା ତୋଫାନର ଝଲକ ଦେଖାଯାଇଥାଏ । ଶବ୍ଦରେ ମଧ୍ୟ ମୂଷଳଧାରାର ବର୍ଷା ଓ ଘଡଘଡି ଶୁଣିବାକୁ ମିଳିଥାଏ, ଯାହା ଗ୍ରାହକଙ୍କୁ ଖୁବଜୋର ଝଡତୋଫାନର ଅନୁଭବ ଦେଇଥାଏ । ତେଣୁ ଏଠାରେ ଗାଧୋଇବା ସମୟରେ ବର୍ଷାତୋଫାନରେ ଗାଧୋଇବା ଭଳି ଅନୁଭବ ହୋଇଥାଏ । ଏହି ଷ୍ଟର୍ମ ବାଥ ଏଠାର ଯୁବପିଢିଙ୍କ ଭିତରେ ଖୁବ ଲୋକପ୍ରିୟ । ଏଠାକୁ ପ୍ରତିଦିନ ଅନେକ ଯୁବକ ଯୁବତୀ ଏହି ଗାଧୁଆର ମଜା ନେବାକୁ ଆସିଥାଆନ୍ତି । ସୋସିଆଲ ମିଡିଆରେ ମଧ୍ୟ ଏହି ଟ୍ରେଣ୍ଡର ଖୁବ ଆଲୋଚନା ଜାରି ରହିଛି ।





**ମେଷ-** ଅର୍ଥସମସ୍ୟା, ମାନସିକ କଷ୍ଟ, କର୍ମକ୍ଷେତ୍ରରେ ପରିଶ୍ରମ, ଲୋକସମ୍ପର୍କ ବୃଦ୍ଧି, ଦୂରଯାତ୍ରାରେ ସମସ୍ୟା, ଅନୁଷ୍ଠାନରୁ ଲାଭ, ଯାତ୍ରାରେ ସମସ୍ୟା, ଶତ୍ରୁ ସମସ୍ୟା, ଶରୀର ସୁସ୍ଥ, ଅଶ୍ୱିନୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ନାଲି, ସଂଖ୍ୟା-୮, ଆରାଧନା- ମା ଭଗବତୀ ।

**ବୃଷ-** କାର୍ଯ୍ୟରେ ସଫଳ, ଶରୀର ସୁସ୍ଥ, ଅର୍ଥଲାଭ, ବନ୍ଧୁଲାଭ, ଶୁଭସମାଚାର, ଅଯଥା ଖର୍ଚ୍ଚାନ୍ତ, ଭ୍ରମଣଯୋଗ, ନୂତନ ଆୟ, ଦ୍ରବ୍ୟଲାଭ, ସମ୍ପତ୍ତିଲାଭ, କୃତ୍ତିକା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ସବୁଜ, ସଂଖ୍ୟା-୧୨, ଆରାଧନା- ମହାଲକ୍ଷ୍ମୀ ।

**ମିଥୁନ-** ମାନସିକ ଅଶାନ୍ତି, ଅଯଥା ଚିନ୍ତା, କାର୍ଯ୍ୟରେ ଅସନ୍ତୋଷ, ଆଶାରେ ବାଧା, ଶୁଭଖବର, ଯାତ୍ରାରେ ସାବଧାନ, ଶରୀର ସୁସ୍ଥ, ବିଦ୍ୟାରେ ସଫଳ, ମୃଗଶିରା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୭, ଆରାଧନା- ଶଙ୍କର ଭଗବାନ ।

**କର୍କଟ-** ଭ୍ରମଣଯୋଗ, ସମ୍ମାନବୃଦ୍ଧି, ଆର୍ଥିକଖୁସି, ସମ୍ପତ୍ତିଲାଭ, ଉଚ୍ଚଆଶାରେ ବିଳମ୍ବ, ଲୋକସମ୍ପର୍କରେ ଉନ୍ନତି, ଯାତ୍ରାରେ ସଫଳତା, ଶତ୍ରୁ ପରାଜିତ, ଦେବକାର୍ଯ୍ୟ ପ୍ରତି ଆଶକ୍ତ, ପୁଷ୍ୟା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ନାଲି, ସଂଖ୍ୟା-୯, ଆରାଧନା- ପ୍ରଭୁ ହନୁମାନ ।

**ସିଂହ-** ସମ୍ମାନପ୍ରାପ୍ତି, ସମ୍ପର୍କରେ ଲାଭ, ଦୂରଯାତ୍ରା, ଅତିଥି ଚର୍ଚ୍ଚା, ନୂତନ ଦ୍ରବ୍ୟ ଲାଭ, ବ୍ୟବସାୟରେ ଉନ୍ନତି, ଶୁଭସମାଚାର, କର୍ମକ୍ଷେତ୍ରରେ ସମସ୍ୟା, ଶରୀର ସୁସ୍ଥ, ସ୍ୱାଦିଷ୍ଟ ଭୋଜନେ ଆନନ୍ଦ, ମଘା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-କମଳା, ସଂଖ୍ୟା-୮, ଆରାଧନା- ପ୍ରଭୁ ରାଧାବଲ୍ଲଭ ।

**କନ୍ୟା-** ଅଯଥା ଖର୍ଚ୍ଚ, ଶରୀର ଅସୁସ୍ଥ, ଶୁଭଖବର, ପାରିବାରିକ କଳହ, ସମ୍ପତ୍ତି ବିବାଦ, ବିଶିଷ୍ଟ ବ୍ୟକ୍ତିଙ୍କ ସହାୟତା, ଭ୍ରମଣଯୋଗ, ବ୍ୟବସାୟରେ ଶତ୍ରୁତା, ଅର୍ଥ ସମସ୍ୟା, ବନ୍ଧୁଲାଭ, ଉତ୍ତରା ଫାଲଗୁନି ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ସବୁଜ, ସଂଖ୍ୟା-୭, ଆରାଧନା- ପ୍ରଭୁ ଜଗନ୍ନାଥ ।

**ତୁଳା-** ଚୋରି ଭୟ, ମାନସିକ ଅବସାଦ, ଦୂରଯାତ୍ରା, ବୟୋଜ୍ୟେଷ୍ଠ ବ୍ୟକ୍ତିଙ୍କ ସମସ୍ୟା, ଅର୍ଥଖର୍ଚ୍ଚ, ବ୍ୟବସାୟରେ ସ୍ୱଳ୍ପ ଲାଭ, ଯାତ୍ରାରେ ସତର୍କ, ସନ୍ତାନ ସମସ୍ୟା, ବନ୍ଧୁ ଦର୍ଶନ, ଚିତ୍ରା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୪, ଆରାଧନା-ମା ବଗଳାମୁଖୀ ।

**ବିଛା-** ଦ୍ରବ୍ୟଲାଭ, ଶୁଭଖବର, ବ୍ୟବସାୟରେ ଲାଭ, ଭୂସମ୍ପତ୍ତି ଲାଭ, ଉଚ୍ଚଆଶାରେ ବିଳମ୍ବ, ବିବାଦିତ କାର୍ଯ୍ୟରେ ବିଜୟ, ଶରୀର ସୁସ୍ଥ, ମାନସିକ ଶାନ୍ତି, ନୂତନ କାର୍ଯ୍ୟ ଆରମ୍ଭ ଦାମ୍ପତ୍ୟ ସୁଖ, ଅନୁରାଧା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଗୋଲଡେନ, ସଂଖ୍ୟା-୯, ଆରାଧନା-ଭଗବାନ ବିଷ୍ଣୁ ।

**ଧନୁ-** ବନ୍ଧୁ ସହଯୋଗ, ଦୂରଯାତ୍ରା, ବ୍ୟବସାୟରେ ସ୍ୱଳ୍ପ ଲାଭ, ଅଯଥା ଚିନ୍ତା, ଅର୍ଥ ସମସ୍ୟା, ଭ୍ରାତୃଭଗ୍ନୀଙ୍କ ସ୍ନେହ, ଦୂରଯାତ୍ରାରେ ସଫଳ, ସମ୍ମାନ ପ୍ରାପ୍ତି, ଦାମ୍ପତ୍ୟ ଖୁସି, ବିଦ୍ୟାରେ ଅସଫଳ, ମୂଳା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୭, ଆରାଧନା-ପିତାମାତାଙ୍କ ସେବା ।

**ମକର-** ପିଲାଙ୍କ କଷ୍ଟ, ଅର୍ଥ ସମସ୍ୟା, ଶରୀର କଷ୍ଟ, ମାନସିକ ଅଶାନ୍ତି, ବିଶିଷ୍ଟ କାର୍ଯ୍ୟରେ ସନ୍ତୋଷ, ଯାତ୍ରାରେ ସତର୍କ, ସମ୍ପତ୍ତି ବିବାଦ, ଦ୍ରବ୍ୟ ଲାଭ, ବ୍ୟକ୍ତି ସହାୟତା, ଉତ୍ତରାଷାଢ଼ା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ସବୁଜ, ସଂଖ୍ୟା- ୩, ଆରାଧନା-ଲକ୍ଷ୍ମୀନୃସିଂହ ।

**କୁମ୍ଭ-** କଳହ ଯୋଗ, ଦୂରଯାତ୍ରା, ଅର୍ଥଖର୍ଚ୍ଚ, ଶରୀର ଅସୁସ୍ଥ, ବନ୍ଧୁଲାଭ, ବ୍ୟବସାୟରେ ସ୍ୱଳ୍ପ ଲାଭ, ଅଯଥା ଖର୍ଚ୍ଚାନ୍ତ, ଶୁଭ ସମ୍ବାଦ, ଉଚ୍ଚଆଶାରେ ବାଧା, ଲୋକସମ୍ପର୍କ ବୃଦ୍ଧି, ମାନସିକ ଆଘାତ, ଧନିଷ୍ଠା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ବାଇଗଣୀ, ସଂଖ୍ୟା-୮, ପ୍ରତିକାର- ମା ଭୁବନେଶ୍ୱରୀ ।

**ମୀନ-** ଆଶା ସଫଳ, ବନ୍ଧୁଲାଭ, ଦ୍ରବ୍ୟ ପ୍ରାପ୍ତି, ଦୂରଯାତ୍ରା, ସନ୍ତାନ ଖୁସି, ନୂତନ ନିଯୁକ୍ତି, ପାରିବାରିକ ସମସ୍ୟା, ଦାମ୍ପତ୍ୟ ଖୁସି, ବିଦ୍ୟାରେ ସଫଳ, ମାନଗଣ୍ୟ ବ୍ୟକ୍ତିଙ୍କ ସହଯୋଗ, ଉତ୍ତରାଭାଦ୍ର ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ନାଲି, ସଂଖ୍ୟା-୭, ଆରାଧନା-ମା ଭଗବତୀ ।

**ଚୈତ୍ର କୃଷ୍ଣପକ୍ଷ, ଅଷ୍ଟମୀ**
**୧୧.୩.୨୦୨୬ ବୁଧବାର**



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮

### ଅଦାଲତ ଆଦେଶକୁ ଭୁବନେଶ୍ୱର ତହସିଲଦାରଙ୍କ ଫୁ

# ହାଇକୋର୍ଟଙ୍କ ତୀବ୍ର ସମାଲୋଚନା, ମାସକ ମଧ୍ୟରେ ଆବେଦନକାରୀଙ୍କ ନାଁ ରେ ଜମି ରେକର୍ଡ କରିବାକୁ ନିର୍ଦ୍ଦେଶ

କଟକ,(ସବ୍ୟୁ): ଅଦାଲତରୁ ବାରମ୍ବାର ପାଉଛନ୍ତି ନ୍ୟାୟ। ସରକାରୀ କଳ କିନ୍ତୁ ଅଦାଲତଙ୍କ ଆଦେଶକୁ ଫୁ କରିଦେଉଛି। ଭୁବନେଶ୍ୱର ତହସିଲଦାର କିନ୍ତୁ ବିଭିନ୍ନ ବାହାନାରେ ଆବେଦନକାରୀଙ୍କୁ ନ୍ୟାୟ ଦେଇନାହାନ୍ତି କିମ୍ବା ତାଙ୍କ ନାମରେ ଜମିକୁ କରାଇ ଦିଅଯାଇ ନାହିଁ । ଜଣେ ଦେଶର ନାଗରିକ ଏତେ ଥର ଅଦାଲତକୁ ଆସିବା ପରେ ମଧ୍ୟ ପ୍ରଶାସନିକ ଚକ୍ରାନ୍ତରେ ନ୍ୟାୟ ନ ପାଇବାକୁ ନେଇ ହାଇକୋର୍ଟ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି । ଏହି ପରିପେକ୍ଷୀରେ ହାଇକୋର୍ଟ ଭୁବନେଶ୍ୱର ତହସିଲ୍ଦାରଙ୍କ କାର୍ଯ୍ୟ ତଥା ଭୂମିକାକୁ ନେଇ ତୀବ୍ର ସମାଲୋଚନା କରିଛନ୍ତି । ଆବେଦନକାରୀଙ୍କ ନାମରେ ମାସକ ମଧ୍ୟରେ ଧାର୍ଯ୍ୟ ଜମିକୁ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ବିଭୁତି ଭୂଷଣ ରାୟଙ୍କ ପକ୍ଷରୁ ଆଗତ ମାମଲାର ଶୁଣାଣି କରି ହାଇକୋର୍ଟର ବିଚାରପତି ଜଷ୍ଟିସ୍ ଶଶିକାନ୍ତ ମିଶ୍ର ଏହି ଆଦେଶ ଦେଇଛନ୍ତି । ଭାସ୍କର ସେଠୀ ନାମକ ବ୍ୟକ୍ତିଙ୍କୁ ଭୁବନେଶ୍ୱରରେ ଏକ ପ୍ଲଟ୍ ଲିଜ୍ ସୂତ୍ରରେ ମିଳିଥିଲା । ସେହି ଜମିକୁ ଶ୍ରୀ ସେଠୀ ଆବେଦନକାରୀ ବିଭୂତି ଭୂଷଣ ରାୟଙ୍କୁ ବିକ୍ରି କରି ଦେଇଥିଲେ । କିନ୍ତୁ ୨୦୦୨ ମସିହାରେ ଏହି ପ୍ଲଟକୁ ସରକାର ପୁନର୍ବାର ନିଜ ଖାତାକୁ ଫେରାଇ ଆଣିଥିଲେ । ଏହି ପ୍ଲଟକୁ ନିଜ ଖାତାକୁ ଆଣିବା ପୂର୍ବରୁ ଆବେଦନକାରୀଙ୍କୁ ନୋଟିସ୍ ମଧ୍ୟ କରାଯାଇନଥିଲା । ୨୦୦୯ ମସିହାରେ ଆବେଦନକାରୀ ଏହି ମାମଲାକୁ ନେଇ ହାଇକୋର୍ଟକୁ ଆସିଥିଲେ । ୨୦୧୧ ମସିହାରେ ହାଇକୋର୍ଟ ସରକାରଙ୍କ ଜମି ଫେରସ୍ତ ଆଦେଶକୁ ରଦ୍ଦ କରି ଦେଇଥିଲେ । ହାଇକୋର୍ଟଙ୍କ ଏହି ଆଦେଶ ପରେ ଆବେଦନକାରୀ ଏହି ପ୍ଲଟ୍‌କୁ ନିଜ ନାମରେ କରିବା ପାଇଁ ପୁନର୍ବାର ଆବେଦନ କରିଥିଲେ । କିନ୍ତୁ ଏହା ଉପରେ ବର୍ଷବର୍ଷ ଧରି କୌଣସି ପଦକ୍ଷେପ ନିଆଗଲା ନାହିଁ । ପୁନର୍ବାର ଆବେଦନକାରୀ ୨୦୧୪ ମସିହାରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ହାଇକୋର୍ଟ ତହସିଲ୍ଦାରଙ୍କୁ ୪ମାସ ମଧ୍ୟରେ ଏହା ଉପରେ ନିଷ୍ପତ୍ତି ନେବାକୁ ନିର୍ଦ୍ଦେଶ ଦେଇଥିଲେ । ଏହି ସମୟରେ ବନ୍ଦୋବସ୍ତ ଆରମ୍ଭ ହେଲା । ଆବେଦନକାରୀ ଏହି ଜମିକୁ ତାଙ୍କ ନାମରେ ବନ୍ଦୋବସ୍ତରେ କରିଦେବା ଲାଗି ତହସିଲ୍ ଦାରଙ୍କୁ ଅନୁରୋଧ କରିଥିଲେ । କିନ୍ତୁ ରାଜ୍ୟ ସରକାର ଏହି ଜମିକୁ ଆବାଦି ଯୋଗ୍ୟ ଅନାବାଦି କରିଦେଲେ । ଏହାପରେ ପୁନର୍ବାର ଆବେଦନକାରୀ ରାଜସ୍ୱ ପରିଷଦରେ ରିଭିଜନ୍ ପିଟିସନ କରିଥିଲେ । ଏଥିରେ ରାଜସ୍ୱ ପର୍ଷଦ ପକ୍ଷରୁ ଆବେଦନକାରୀଙ୍କ ନାମରେ ଜମି କରିବା ଲାଗି ତହସିଲ୍ଦାରଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହାପରେ ମଧ୍ୟ ଆବେଦନକାରୀଙ୍କ ନାମରେ ଏହି ଜମି ହେଲା ନାହିଁ । ଆବେଦନକାରୀ ପୁନର୍ବାର ୨୦୨୩ ମସିହାରେ ହାଇକୋର୍ଟକୁ ଆସିଲେ । ୨୦୨୩ ଅଗଷ୍ଟରେ ହାଇକୋର୍ଟ ତହସିଲ୍ଦାରଙ୍କୁ ଦୁଇ ମାସ ମଧ୍ୟରେ ଏହି ମାମଲାର ସମାଧାନ ପାଇଁ ନିର୍ଦ୍ଦେଶ ଦେଇଥିଲେ । ତଥାପି ଆବେଦନକାରୀଙ୍କ ଅଭିଯୋଗ ଉପରେ କୌଣସି ପଦକ୍ଷେପ ନିଆନଯିବାରୁ ସେ ଅଦାଲତ ଅବମାନନା ମାମଲା ରୁଜୁ କରିଥିଲେ । ଏହି ମାମଲାରେ ନୋଟିସ୍ ପରେ ଆବେଦନକାରୀଙ୍କ ଅଭିଯୋଗକୁ ତହସିଲ୍‌ଦାରଙ୍କ ପକ୍ଷରୁ ଖାରଜ କରି ଦିଆଯାଇଥିଲା ।

### ମୁଖ୍ୟମନ୍ତ୍ରୀଙ୍କୁ ରେଳ ମନ୍ତ୍ରୀଙ୍କ ଚିଠି

# ପୋଦନୁର (କୋଏମ୍ବାଟୁର) ଠାରୁ ଧାନବାଦ୍‌କୁ ନୂଆ ଅମୃତ ଭାରତ ଟ୍ରେନ୍ ମଞ୍ଜୁର

ଭୁବନେଶ୍ୱର, (ସବ୍ୟୁ): ଓଡିଶାରେ ରେଳ ସଂଯୋଗୀକରଣକୁ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରୋତ୍ସାହନ ଦେଇ କେନ୍ଦ୍ର ସରକାର, ପୋଦନୁର ଜଙ୍କସନ୍ କୋଏମ୍ବାଟୁର ଏବଂ ଧାନବାଦକୁ ସଂଯୋଗ କରିବା ପାଇଁ ଏକ ନୂତନ ଅମୃତ ଭାରତ ଟ୍ରେନ୍ ସେବା ଆରମ୍ଭ କରିବାକୁ ଅନୁମୋଦନ କରିଛନ୍ତି। କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏକ ପତ୍ର ମାଧ୍ୟମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଏହି ସୂଚନା ଦେଇଛନ୍ତି । କେନ୍ଦ୍ର ରେଳ ମନ୍ତ୍ରୀ ଶ୍ରୀ ବୈଷ୍ଣବ, ଓଡ଼ିଶା-ତାମିଲନାଡୁ-ଝାଡ଼ଖଣ୍ଡ ମଧ୍ୟରେ ରେଳ ସେବାକୁ ସୁଦୃଢ଼ କରିବ ବୋଲି ଏହି ପତ୍ର ମାଧ୍ୟମରେ ଜଣାଇଛନ୍ତି । ରାଜ୍ୟରେ ରେଳ ସଂଯୋଗକୁ ଉଲ୍ଲେଖନୀୟ ଭାବରେ ବୃଦ୍ଧି କରିବା ପାଇଁ ଏହି ନୂତନ ଅମୃତ ଭାରତ ଟ୍ରେନ ସେବାକୁ ଅନୁମୋଦନ କରିବା ପାଇଁ ଓଡିଶା ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ କେନ୍ଦ୍ର ରେଳ ମନ୍ତ୍ରୀ ଶ୍ରୀ ବୈଷ୍ଣବଙ୍କୁ ନିଜ ହ୍ୟାଣ୍ଡେଲ ମାଧ୍ୟମରେ ଧନ୍ୟବାଦ ଜଣାଇଛନ୍ତି । ଝାଡ଼ଖଣ୍ଡ ପହଞ୍ଚିବା ପୂର୍ବରୁ ଏହି ଟ୍ରେନ୍ ରାୟଗଡା, ମୁନିଗୁଡ଼ା, କେସିଙ୍ଗା, ଟିଟଲାଗଡ଼, ବଲାଙ୍ଗୀର,

**ଓଡିଶାର ୯ଟି ଷ୍ଟେସନ ଦେଇ ଚାଲିବ ଏହି ଟ୍ରେନ୍**

ବରଗଡ ରୋଡ୍, ସମ୍ବଲପୁର, ଝାରସୁଗୁଡା ଏବଂ ରାଉରକେଲା ସମେତ ଓଡ଼ିଶାର ଅନେକ ଗୁରୁତ୍ୱପୂର୍ଣ୍ଣ ଷ୍ଟେସନ ଦେଇ ଯିବ। ଏହି ଟ୍ରେନ୍ ସେବା ଆରମ୍ଭ ହେବା ଦ୍ୱାରା ପଶ୍ଚିମ ଏବଂ ଦକ୍ଷିଣ ଓଡ଼ିଶାର ଯାତ୍ରୀମାନେ ଯଥେଷ୍ଟ ଲାଭ ପାଇବେ ତତସହିତ ଦକ୍ଷିଣ ଭାରତ ଏବଂ ଦେଶର ଅନ୍ୟାନ୍ୟ ସ୍ଥାନକୁ ସହଜ ଯାତ୍ରାର ବିକଳ୍ପ ପ୍ରଦାନ କରିବ। ଏହା ଏହି ଅଞ୍ଚଳଗୁଡ଼ିକ ମଧ୍ୟରେ ପ୍ରାୟତଃ ଯାତାୟାତ କରୁଥିବା ଛାତ୍ର, ଶ୍ରମିକ, ବ୍ୟବସାୟୀ ଏବଂ ଯାତ୍ରୀମାନଙ୍କୁ ମଧ୍ୟ ସାହାଯ୍ୟ କରିବ। ଏହି ମଞ୍ଜୁରୀକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ଓଡ଼ିଶାରେ ରେଳ ସଂଯୋଗୀକରଣକୁ ଉନ୍ନତ କରିବା ଏବଂ ରାଜ୍ୟବାସୀଙ୍କ ପାଇଁ ଉତ୍ତମ ପରିବହନ ସୁବିଧା ସୁନିଶ୍ଚିତ କରିବା ପାଇଁ ନିରନ୍ତର ପ୍ରୟାସର ଏକ ଗୁରୁତ୍ୱପୂର୍ଣ୍ଣ ଫଳାଫଳ ଭାବରେ ଦେଖାଯାଉଛି । ନୂତନ ଅମୃତ ଭାରତ ଟ୍ରେନ୍ ଆଞ୍ଚଳିକ ସଂଯୋଗୀକରଣକୁ ସୁଦୃଢ଼ କରିବ ଏବଂ ଓଡ଼ିଶାର ସାମଗ୍ରିକ ବିକାଶରେ ଯୋଗଦାନ ଦେବ ବୋଲି ଆଶା କରାଯାଉଛି ।

## ଚାକିରି କରାଇ ଦେବାକୁ କହି ୧୪ଲକ୍ଷ ଠକେଇ, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ସରକାରୀ ଚାକିରି କରାଇ ଦେବାକୁ କହି ୧୪ଲକ୍ଷ ଟଙ୍କା ଠକି ନେଇଥିବା ଜଣେ ଠକକୁ ଖଣ୍ଡଗିରି ପାତ୍ରପଡା ଅଞ୍ଚଳରୁ ଗିରଫ କରିଛି କ୍ୟାପିଟାଲ ଥାନା ପୋଲିସ । ଅଭିଯୋଗକାରୀ ସୁଶାନ୍ତ କୁମାର ପାଢୀଙ୍କ ସହ ୨୦୨୪ ମସିହାରେ ଗଞ୍ଜାମ ଜିଲ୍ଲା ଖଲ୍ଲିକୋଟ ଥାନା ଅଧୀନ ଚିକିଲି, ଗୋପପୁର ଗ୍ରାମର ବୁଲୁ ଗୌଡଙ୍କ ସହ ଚିହ୍ନା ପରିଚୟ ହୋଇଥିଲା । କିଛିଦିନ ଉଭୟଙ୍କ ମଧ୍ୟରେ ସମ୍ପର୍କ ସୂଚାରୁରୂପେ କିଛିଦିନ ବିତିଯିବା ପରେ ଅଭିଯୋଗକାରୀଙ୍କ ସ୍ତ୍ରୀ ସୁନୀତା କୁମାରୀ ସାମନ୍ତରାୟ ଓ ଭଉଣୀ ସାଗରିକା ପାତ୍ରଙ୍କୁ ସରକାରୀ ଚାକିରି କରାଇ ଦେବାକୁ କହିଥିଲା । ଅଭିଯୁକ୍ତ ବୁଲୁ ଗୌଡ ସେମାନଙ୍କୁ କହିଥିଲା ଯେ, ସରକାରୀସ୍ତରରେ ତା'ର ବିଭିନ୍ନ ଲୋକଙ୍କ ସହ ସମ୍ପର୍କ ଅଛି । ବୁଲୁ କଥାକୁ ବିଶ୍ୱାସ କରି ଅଭିଯୋଗକାରୀ ୨୦୨୪ ମସିହା ନଭେମ୍ବର ୧୪ ତାରିଖରେ କକା ସୁବାସ ଚନ୍ଦ୍ର ତ୍ରିପାଠୀଙ୍କ ବ୍ୟାଙ୍କ ଆକାଉଣ୍ଟରୁ ୩ଲକ୍ଷ ଟଙ୍କା ଅଭିଯୁକ୍ତର ବ୍ୟାଙ୍କ ଆକାଉଣ୍ଟକୁ ପଠାଇଥିଲେ । ଏହା ସହିତ ୟୁପିଆଇ ମାଧ୍ୟମରେ ୨ଲକ୍ଷ ଟଙ୍କା ଏବଂ ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ ଅଞ୍ଚଳରେ ଦେଖା ସାକ୍ଷାତ ହେବାବେଳେ ନଗଦ ୯ଲକ୍ଷ ଟଙ୍କା ଦେଇଥିଲେ ଅଭିଯୋଗକାରୀ । ଟଙ୍କା ଓ ସାର୍ଟିଫିକେଟ୍ ନେବା ପରେ ବୁଲୁ କୌଣସି ଚାକିରି ବ୍ୟବସ୍ଥା କରାଇ ପାରିନଥିଲା । ବାରମ୍ବାର ଟଙ୍କା ଓ ସାର୍ଟିଫିକେଟ୍ ଫେରାଇ ଦେବାକୁ ସୁଶାନ୍ତ ମାଗି ବିଫଳ ହେବା ପରେ କ୍ୟାପିଟାଲ ଥାନାରେ ଏତଲା କରିଥିଲେ । ଏତଲା ଆଧାରରେ ପୋଲିସ ବୁଲୁ ଗୌଡକୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରାଯାଇଥିଲା । ଜାମିନ ନାମଞ୍ଜୁର ହୋଇଯିବାରୁ ତାକୁ ଜେଲ୍ ହାଜତ ପଠାଇ ଦିଆଯାଇଛି । ବୁଲୁ ନାଁରେ ପୂର୍ବରୁ ୬ଟି ବିଭିନ୍ନ ଅପରାଧିକ ମାମଲା ଥିବା ପୋଲିସ କହିଛି ।

## ଅପରେସନ ସାଇବର କବଚ : ୩୪,୧୦୧ ବେନାମୀ ଆକାଉଣ୍ଟ ଯାଞ୍ଚ : ୩୩୬ ଗିରଫ, ୬୮୯୩ଜଣଙ୍କୁ ନୋଟିସ୍

ଭୁବନେଶ୍ୱର, (ସବ୍ୟୁ) : ସାଇବର ଅପରାଧ ଉପରେ ଲଗାମ ଲଗାଇବା ପାଇଁ ଡିଜିପି ଯୋଗେଶ ବାହାଦୂର ଖୁରାନିଆଙ୍କ ନିର୍ଦ୍ଦେଶରେ ଦୀର୍ଘ କିଛିଦିନ ହେବ ଅପରେସନ ସାଇବର କବଚ ରାଜ୍ୟବ୍ୟାପୀ ଜାରି ରହିଛି । ଏସ୍‌ପି ଓ ଡିସିପିମାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜିଲ୍ଲା ସାଇବର କ୍ରାଇମ୍ୟୁନିଟ୍ ଦ୍ୱାରା ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି । ବେନାମୀ ବ୍ୟାଙ୍କ ଆକାଉଣ୍ଟ ଏବଂ ଏଥିରେ ସମ୍ପୃକ୍ତ ସହାୟିକାମାନଙ୍କୁ ଚିହ୍ନଟ କରାଯାଇ ତାଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି । ଭୁବନେଶ୍ୱରରେ ମଧ୍ୟ ପୋଲିସ ବିଭିନ୍ନ ବ୍ୟାଙ୍କକୁ ଯାଇ ବେନାମୀ ବ୍ୟାଙ୍କ ଆକାଉଣ୍ଟ ଚିହ୍ନଟ ପାଇଁ ଯାଞ୍ଚ କରୁଛି । ଅପରେସନ ସାଇବର କବଚ ମାଧ୍ୟମରେ ସମଗ୍ର ରାଜ୍ୟରେ ମୋଟ ୩୪ ହଜାର ୧୦୧ ବେନାମୀ ବ୍ୟାଙ୍କ ଆକାଉଣ୍ଟ ଯାଞ୍ଚ ସରିଲାଣି । ଏହା ସହ ମ୍ୟୁଲ୍ ବ୍ୟାଙ୍କ ସମ୍ପର୍କିତ ୧୧୧୧ଟି ସାଇବର ମାମଲା, ଏଟିଏମ୍ ମାଧ୍ୟମରେ ଟଙ୍କା ଉଠାଣ ସମ୍ପର୍କରେ ୩୪ଟି ମାମଲା, ଚେକ୍ ମାଧ୍ୟମରେ ଟଙ୍କା ଉଠାଣ ସମ୍ପର୍କିତ ୩୬ଟି ମାମଲା ଏବଂ ନକଲି ସିମ୍/ପିଓଏସ୍ ସମ୍ପର୍କିତ ୨୩ଟି ମାମଲା ରୁଜୁ ହୋଇଛି । ଏପର୍ଯ୍ୟନ୍ତ ୩୩୬ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ବେଳେ ୧୮୬ଟି ପୁରୁଣା ଏଫ୍‌ଆଇଆର୍ ସହ ସମ୍ପୃକ୍ତ ୬୮୯୩ଜଣ ଆକାଉଣ୍ଟଧାରୀ/ସହାୟିକାଙ୍କୁ ନୋଟିସ୍ କରାଯାଇଛି । ବଲାଙ୍ଗୀର ଜିଲ୍ଲା ପୋଲିସ ୨୪୯ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରି ୨ଟି ମାମଲା ରୁଜୁ କରିବା ସହ ୨୭ଜଣଙ୍କୁ ନୋଟିସ୍ କରିଛି । କେନ୍ଦୁଝର ପୋଲିସ ୬ଟି ଆକାଉଣ୍ଟ ଯାଞ୍ଚ କରି ୬ ମାମଲା ରୁଜୁ କରି ୨ଜଣଙ୍କୁ ଗିରଫ କରିବା ସହ ୪ଜଣଙ୍କୁ ନୋଟିସ୍ କରିଛି । ରାଉରକେଲା ପୋଲିସ ୨୬ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରି ୭ ମାମଲା ରୁଜୁ କରିବା ସହ ୪ଜଣଙ୍କୁ ନୋଟିସ୍ କରିଛି ।

ସେହିପରି କଟକ ଜିଲ୍ଲା ପୋଲିସ ୮ଟି ବେନାମୀ ଆକାଉଣ୍ଟ, ନୟାଗଡ ପୋଲିସ ୨୭୩ ବେନାମୀ ଆକାଉଣ୍ଟ ଯାଞ୍ଚ କରି ୩୦ଜଣଙ୍କୁ ନୋଟିସ କରିଛି । ସେହିପରି ସୁବର୍ଣ୍ଣପୁର ଜିଲ୍ଲା ପୋଲିସ ୬୦ଟି, ଭଦ୍ରକ ପୋଲିସ ୫୨ଟି ଏବଂ ମୟୂରଭଞ୍ଜ ପୋଲିସ ୩ଟି ଆକାଉଣ୍ଟ ଯାଞ୍ଚ କରି ୩ଜଣଙ୍କୁ ନୋଟିସ୍ କରିଛି । ଭୁବନେଶ୍ୱର ସହରାଞ୍ଚଳ ପୋଲିସ ୧୭୭ଟି ଏବଂ କଟକ ସହରାଞ୍ଚଳ ପୋଲିସ ୧୦ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରି ୮ଜଣଙ୍କୁ ଗିରଫ ନୋଟିସ୍ କରିଛନ୍ତି । ବ୍ରହ୍ମପୁର ପୋଲିସ ଗୋଟିଏ ପୁରୁଣା ଏଫ୍‌ଆଇଆର୍ ସହ ସମ୍ପୃକ୍ତ ୮ଜଣଙ୍କୁ ନୋଟିସ୍ ଜାରି କରିଛି । ବୌଦ୍ଧ ଜିଲ୍ଲା ପୋଲିସ ୧୦ଟି ଆକାଉଣ୍ଟ ଯାଞ୍ଚ କରି ୧୦ଜଣଙ୍କୁ ନୋଟିସ କରିଛି । ଗଜପତି ପୋଲିସ ୧୯ଟି, ଗଞ୍ଜାମ ପୋଲିସ ୬୮ଟି, କନ୍ଧମାଳ ପୋଲିସ ଗୋଟିଏ ଆକାଉଣ୍ଟ ଯାଞ୍ଚ କରି ଜଣଙ୍କୁ ନୋଟିସ୍ କରିଛି । ଢେଙ୍କାନାଳ ପୋଲିସ ୧୨ଟି, କଳାହାଣ୍ଡି ଜିଲ୍ଲା ପୋଲିସ ୬୩ଟି ଆକାଉଣ୍ଟ ଯାଞ୍ଚ କରି ଜଣଙ୍କୁ ଗିରଫ କରିବା ସହ ୧୪ଜଣଙ୍କୁ ନୋଟିସ କରିଛି । ସେହିପରି କୋରାପୁଟ ପୋଲିସ ୫ଟି, ମାଲକାନଗିରି ଜିଲ୍ଲା ପୋଲିସ ୩ଟି, ନୂଆପଡା ଜିଲ୍ଲା ପୋଲିସ ୧୬ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରିଛନ୍ତି । ରାୟଗଡା ଜିଲ୍ଲା ପୋଲିସ ୧୦୮ଟି ଆକାଉଣ୍ଟ ଯାଞ୍ଚ କରି ୨ଜଣଙ୍କୁ ଗିରଫ କରିବା ସହ ୬୧ଜଣଙ୍କୁ ନୋଟିସ୍ କରିଛି । ରାଜ୍ୟବାସୀଙ୍କ ଡିଜିଟାଲ କାରବାର ସୁରକ୍ଷା ପାଇଁ ଓଡ଼ିଶା ପୋଲିସ ସର୍ବଦା ପ୍ରତିଶ୍ରୁତିବଦ୍ଧ । ଏହି ଅଭିଯାନ ଆଗାମୀ ଦିନରେ ଆହୁରି କଡାକଡି ହେବ ବୋଲି ଡିଜିପି ଶ୍ରୀ ଖୁରାନିଆ ସୂଚନା ଦେଇଛନ୍ତି ।

# ବିଧାନସଭା



## ସରକାର ୨୭୯୮ ଏସ୍‌ସି/ଏସ୍‌ଟି ପଦବୀ ପୂରଣ କରନ୍ତୁ

ଭୁବନେଶ୍ୱର, (ସବ୍ୟୁ) : ରାଜ୍ୟରେ ୨୭୯୮ ଏସ୍‌ସି/ଏସ୍‌ଟି ପଦବୀ ଖାଲି ପଡ଼ିଛି। ଫଳରେ ତିନିଦିନ ଧରି ଏସ୍‌ସି/ଏସ୍‌ଟି ଶିକ୍ଷା ସଂଘ ଅନଶନରେ ବସିଛନ୍ତି। ୨୦୧୯ରୁ ଅର୍ଥାତ ୭ ବର୍ଷ ହେଲାଣି ଟିଜିଟି ଶିକ୍ଷକ ପଦବୀ ଖାଲି ପଡ଼ିଛି। ସରକାର ତୁରନ୍ତ ଏସ୍‌ସି/ଏସ୍‌ଟି ଶିକ୍ଷକ ପଦବୀ ପୂରଣ କରନ୍ତୁ ବୋଲି କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ ଦାବି କରିଛନ୍ତି।

ଶୂନ୍ୟକାଳରେ ଶ୍ରୀ କାଡ଼ାମ କହିଥିଲେ, ଓଡ଼ିଶାରେ ଏସ୍‌ସି/ଏସ୍‌ଟି ୫୦ ହଜାରରୁ ଊର୍ଦ୍ଧ୍ୱ ଟ୍ରେଣ୍ଡ ଗ୍ରାଜୁଏଟ୍ ବେକାର ବସିଛନ୍ତି। ସେହିଭଳି ସବୁ ବିଭାଗରେ ମଧ୍ୟ ଏସ୍‌ସି/ଏସ୍‌ଟିଙ୍କ ପାଇଁ ଥିବା ପଦବୀ ପୂରଣ ହେଉନି। ଜାଣିଶୁଣି ତାଙ୍କୁ ଅଧିକାର ଦିଆଯାଉନି। ଗତ ସରକାର ସେମାନଙ୍କୁ ଚାକିରୀ ଦେଲେନି, ଏ ସରକାର ବି ପଦବୀ ପୂରଣ କରୁନାହାନ୍ତି। ଆଦିବାସୀ ସବୁବେଳେ ନିଷ୍ପେସିତ ହେଉଛନ୍ତି। ଆଗାମୀ ଦିନରେ ସେମାନେ ଆନ୍ଦୋଳନକୁ ଓହ୍ଲାଇବେ। ସରକାର ତୁରନ୍ତ ବିଜ୍ଞପ୍ତି ପ୍ରକାଶ କରନ୍ତୁ ବୋଲି ଶ୍ରୀ କାଡ଼ାମ କହିଛନ୍ତି।

## ଶୈଳବାଳା ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟର ମାନ୍ୟତା ମିଳୁ

ଭୁବନେଶ୍ୱର, (ସବ୍ୟୁ) : ଶୈଳବାଳା ମହିଳା ମହାବିଦ୍ୟାଳୟ ହେଉଛି ଭାରତର ୫ ମହିଳା ମହାବିଦ୍ୟାଳୟ ମଧ୍ୟରୁ ଅନ୍ୟତମ। ପଶ୍ଚିମବଙ୍ଗ ସରକାର ନିକଟ ଅତୀତରେ ଏକ ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟରେ ପରିବର୍ତ୍ତନ କରିଛନ୍ତି। ତେବେ ଶୈଳବାଳା ମହାବିଦ୍ୟାଳୟରେ ମଧୁ ବାବୁଙ୍କ ସ୍ମୃତି ରହିଛି। ଏହି କଲେଜ ପାଇଁ ମଧୁସୂଦନ ଦାସଙ୍କ କନ୍ୟା ଶୈଳବାଳା ଦାନ କରିଛନ୍ତି। ଏହି ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟର ମାନ୍ୟତା ପାଇଁ ରାଜରାସ୍ତାରେ ଛାତ୍ରୀମାନେ ଆନ୍ଦୋଳନ କରୁଛନ୍ତି। ସେମାନେ ନାରୀ ବୋଲି ତାଙ୍କୁ ସମ୍ମାନ ଦିଆଯାଉ ନାହିଁ। ଏହି ମହାବିଦ୍ୟାଳୟର ଭିତ୍ତିଭୂମି ବିକାଶ ସହିତ ବିଶ୍ୱବିଦ୍ୟାଳୟର ମାନ୍ୟତା ଦିଆଯାଉ। ବିଭାଗୀୟ ମନ୍ତ୍ରୀ ଏ ଦିଗରେ ପଦକ୍ଷେପ ନିଅନ୍ତୁ ବୋଲି ବିଧାୟିକା ସୋଫିଆ ଫିର୍ଦ୍ଦୋସ ଶୂନ୍ୟକାଳରେ ଏହି ପ୍ରସଙ୍ଗ ଉଠାଇଛନ୍ତି।

## ରାସ୍ତା ମଝିରୁ ହଟୁନି ବିଜୁଳି ଖୁଣ୍ଟ

ଭୁବନେଶ୍ୱର, (ସବ୍ୟୁ) : ରାସ୍ତା କାମ ସରିଯାଉଛି, ହେଲେ ହଟୁନି ବିଜୁଳି ଖୁଣ୍ଟ। ଫଳରେ ଦୁର୍ଘଟଣା ଘଟୁଛି। ପୂର୍ତ୍ତ ରାସ୍ତା କାମ ପାଇଁ ଟେଣ୍ଡର କରୁଛି। ବିଜୁଳି ଖୁଣ୍ଟ ହଟାଇବାକୁ ମଧ୍ୟ ଅର୍ଥ ପୈଠ କରାଯାଉଛି। ପୂର୍ତ୍ତ ବିଭାଗର ବିଦ୍ୟୁତ୍ ୱିଙ୍ଗରେ ଅର୍ଥ ପୈଠ କରିବା ସତ୍ତ୍ୱେ ମଧ୍ୟ ବିଦ୍ୟୁତ୍ ବିଭାଗ ରାସ୍ତା ମଝିରୁ ଖୁଣ୍ଟ ହଟାଉ ନାହିଁ। ବିଦ୍ୟୁତ୍ ବିଭାଗ ଓ ପୂର୍ତ୍ତ ବିଭାଗ ସମନ୍ୱୟ ରଖି ତୁରନ୍ତ ରାସ୍ତା ମଝିରୁ ବିଦ୍ୟୁତ୍ ଖୁଣ୍ଟ ହଟାଇବାକୁ ବିଧାୟକ ପଦ୍ମଲୋଚନ ପଣ୍ଡା ଶୂନ୍ୟକାଳରେ ଏହି ପ୍ରସଙ୍ଗ ଉଠାଇ ଗୃହରେ ଉଦ୍‌ବେଗ ପ୍ରକାଶ କରିଥିଲେ।

## ସରକାର ଦିଅନ୍ତୁ ୩ହଜାର ଭତ୍ତା

ଭୁବନେଶ୍ୱର, (ସବ୍ୟୁ) : ରାଜ୍ୟ ସରକାର ବୃଦ୍ଧ ଓ ବୃଦ୍ଧାମାନଙ୍କ ଭତ୍ତା ୩ହଜାରକୁ ବୃଦ୍ଧି କରିବାକୁ ପ୍ରତିଶ୍ରୁତି ଦେଇ ସରକାରକୁ ଆସିଥିଲେ। ଏପର୍ଯ୍ୟନ୍ତ ସମସ୍ତଙ୍କୁ ୩ ହଜାର ଟଙ୍କା ଭତ୍ତା ଦିଆଗଲାନି। ବିଭିନ୍ନ ଅଞ୍ଚଳରେ ବୃଦ୍ଧ-ବୃଦ୍ଧାମାନେ ଠିକ୍ ଭାବେ ଭତ୍ତା ପାଉନାହାନ୍ତି। ସରକାର ଦେଇଥିବା ପ୍ରତିଶ୍ରୁତି ତୁରନ୍ତ ପୂରଣ କରନ୍ତୁ ବୋଲି ଶୂନ୍ୟ କାଳରେ ବିଧାୟକ ସାରଦା ପ୍ରସନ୍ନ ଜେନା ଗୃହରେ ଉଦ୍‌ବେଗ ପ୍ରକାଶ କରିଛନ୍ତି।

## ରାଜ୍ୟରେ ଏବେ ୨୧୯୩ କୁମ୍ଭୀର

ଭୁବନେଶ୍ୱର(ସବ୍ୟୁ) : ରାଜ୍ୟରେ କୁମ୍ଭୀର ସଂଖ୍ୟା ବୃଦ୍ଧି ପାଇଛି । ରାଜ୍ୟରେ କୁମ୍ଭୀର ସଂଖ୍ୟା ବୃଦ୍ଧି ସୂଚନା ଦେଲେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆ । ଗତବର୍ଷ ତୁଳନାରେ ୪.୫୪% ବୃଦ୍ଧି ପାଇ ବର୍ତ୍ତମାନ ୨୧୯୩ କୁମ୍ଭୀର ରହିଛନ୍ତି । ସାତକୋଶିଆ ଓ ଟିକରପଡ଼ାରେ ୬୫ କୁମ୍ଭୀର ଓ ୨୨ଟି ଶାବକ ଅଛନ୍ତି । ସେହିପରି ଚଳିତ ବର୍ଷ ୨୪ ଲକ୍ଷ ୯୦ ହଜାର ୯୮୬ ସଂଖ୍ୟକ ପକ୍ଷୀ ଚିହ୍ନଟ ହୋଇଛନ୍ତି । ମାତ୍ର ଚଳିତ ବର୍ଷ କୌଣସି ବିରଳ ପକ୍ଷୀ ଚିହ୍ନଟ ହୋଇନାହାନ୍ତି ବୋଲି କହିଛନ୍ତି ମନ୍ତ୍ରୀ । ଚିଲିକାରେ ୨ଟି ଓ ହୀରାକୁଦ ଜଳଭଣ୍ଡାରରେ ୫ଟି ନୂତନ ପକ୍ଷୀ ଚିହ୍ନଟ ହୋଇଥିବାର ସେ ସୂଚନା ଦେଇଛନ୍ତି ।

### ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ରାଜ୍ୟର ଶ୍ରେଷ୍ଠ ଡିଏସଡବ୍ଲ୍ୟୁ ଭାବେ

# ପୁରୀ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ସମ୍ବର୍ଦ୍ଧିତ



ପୁରୀ, (ସବ୍ୟୁ) : ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ତାଳବଣିଆ ଠାରେ ଅନୁଷ୍ଠିତ ହୋଇଥିଲା ସୁଭଦ୍ରା ୪ ର୍ଥ କିସ୍ତି ପ୍ରଦାନ ଉତ୍ସବ। ଏହାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦଘାଟନ କରିବା ସହ ୧କୋଟି ରୁ ଉର୍ଦ୍ଧ୍ୱ ସୁଭଦ୍ରା ମା ମାନଙ୍କ ଆକାଉଣ୍ଟକୁ ୫ ହଜାର ଟଙ୍କା ଲେଖାଏଁ ଅନଲାଇନ ମାଧ୍ୟମରେ ପ୍ରଦାନ କରିଥିଲେ। ଏହି ଅବସରରେ ମୁଖ୍ୟ ମନ୍ତ୍ରୀ ମୋହନ ଚରଣ ମାଝି ପୁରୀ ସମାଜ କଲ୍ୟାଣ ଅଧିକାରୀ ତନୁପ୍ରଭା ବେଉରାଙ୍କୁ ସମଗ୍ର ରାଜ୍ୟର ଶ୍ରେଷ୍ଠ ଡିଏସଡବ୍ଲୁ ଭାବେ ମୁଖ୍ୟମନ୍ତ୍ରୀ ସମ୍ବର୍ଦ୍ଧିତ କରିଛନ୍ତି। ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଉତ୍କର୍ଷତା ଲାଭ କରିଥିବା ମହିଳା ମାନଙ୍କୁ ମୁଖ୍ୟମନ୍ତ୍ରୀ ସମ୍ବର୍ଦ୍ଧିତ କରିଥିଲେ। ଏହି ଉତ୍ସବରେ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ପୁରୀ ଲୋକସଭା ସାଂସଦ ଡା ସମ୍ବିତ ପାତ୍ର, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ସତ୍ୟବାଦୀ ବିଧାୟକ ଓମ ପ୍ରକାଶ ମିଶ୍ର, ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର, ମହିଳା ଶିଶୁ ବିକାଶ କମିଶନର ସେକ୍ରେଟାରୀ ମୃଣାଳିନୀ ଦରଶ୍ୱାଲ, ନିର୍ଦ୍ଦେଶିକା ମନିଷା ବାନାର୍ଜୀ, ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ପ୍ରମୁଖ ଉପସ୍ଥିତ ଥିଲେ।

## ଟ୍ରକ ଧକ୍କାରେ ଚାଲିଗଲା ଶଶୁରଙ୍କ ଜୀବନ, ଜ୍ୱାଇଁ ଗୁରୁତର

ଜଟଣୀ, (ସବ୍ୟୁ) : ସ୍ଥାନୀୟ ହରିଭାଇନା ଛକ ଠାରୁ ତଳକ୍ଷେତା ପର୍ଯ୍ୟନ୍ତ ଯାଇଥିବା ସଡ଼କର ଲୁହାଶଙ୍ଖ ନିକଟରେ ମଙ୍ଗଳବାର ଏକ ଟ୍ରକ ଧକ୍କାରେ ମୋଟରସାଇକେଲରେ ଯାଉଥିବା ଛଣଘର ଗ୍ରାମର ଦିବାକର ପଣ୍ଡା (୭୦) ନାମକ ଜଣେ ବୃଦ୍ଧଙ୍କର ମୃତ୍ୟୁ ହୋଇଥିବା ବେଳେ ଗୁରୁତର ଅବସ୍ଥାରେ ଟୁଟୁ ମିଶ୍ର ନାମକ ଯୁବକଙ୍କୁ ଆମ୍ବୁଲାନ୍ସ ଯୋଗେ ଡାକ୍ତରଖାନା ପଠାଯାଇଥିବା ଜଣାଯାଇଛି । ପୁଲିସ ଠାରୁ ମିଳିଥିବା ସୂଚନା ଅନୁଯାଇ ମଙ୍ଗଳବାର ପୂର୍ବାହ୍ନ ପ୍ରାୟ ୧୨. ୩୦ ମିନିଟ ସମୟ ପାଖାପାଖି ଏକ ମୋଟରସାଇକେଲରେ ଜଟଣୀ ସହର ଦିଗରୁ ତଳକ୍ଷେତା ଛକ ଆଡକୁ ଯାଉଥିବା ଓଡ଼ି ୦୨ ସିକେ ୬୧୧୮ ନମ୍ବର ବିଶିଷ୍ଟ ଏକ ଟ୍ରକ ସହିତ ତଳକ୍ଷେତା ଛକ ପଟୁ କୁସୁମାଟି ଯାଉଥିବା ଓଡ଼ି ୦୨ ଏଏଫ ୪୮୦୩ ନମ୍ବର ବିଶିଷ୍ଟ ମୋଟର ସାଇକେଲ ଆରୋହୀଙ୍କ ମୁହାଁମୁହିଁ ଧକ୍କା ହୋଇଥିଲେ । ଯାହାଫଳରେ ଘଟଣା ସ୍ଥଳରେ ଗାଡ଼ିରୁ ଛିଟିକି ପଡ଼ି ବୃଦ୍ଧଙ୍କର ମୃତ୍ୟୁ ଘଟିଥିବା ବେଳେ ଯୁବକ ଜଣଙ୍କ ଗୁରୁତର ହୋଇପଡ଼ିଥିଲେ । ଖବର ପାଇ ପୁଲିସ ପହଞ୍ଚିବା ପରେ ଆମ୍ବୁଲାନ୍ସ ସାହାଯ୍ୟରେ ଏମ୍ସ ଡାକ୍ତରଖାନାକୁ ପଠାଯାଇଥିଲା । ସମ୍ପର୍କରେ ଦୁଇଜଣ ଶଶୁର ଓ ଜ୍ୱାଇଁ ହେବେ । ପୁଲିସ ଉଭୟ ଗାଡିକୁ ଜବତ କରି ଥାନାକୁ ଆଣିଥିଲେ । ଏ ନେଇ ଥାନା ରେ ଏକ ମାମଲା ରୁଜୁ ହୋଇଥିବା ଜାଣିବାକୁ ମିଳିଛି । ଉଲ୍ଲେଖ ଯୋଗ୍ୟ ଲୁହାଶଙ୍ଖ ପୂର୍ବରୁ ବିଲଡର ସଂସ୍ଥା ମେଟ୍ରୋ କିଙ୍ଗ କୋର୍ଟ ରାସ୍ତା ଉପରେ ବେଆଇନ ଭାବେ ଥୋଇଥିବା ଲୁହା ବ୍ୟାରିକେଡ଼ ଯୋଗୁଁ ରାସ୍ତା ରେ ଟ୍ରାଫିକ ସମସ୍ୟା ଦୁଇଗୁଣିତ ହେଉଥିବା ବେଳେ ଦୁର୍ଘଟଣାର ସମ୍ଭାବନା ଘନାଉଛି ।

# ରଥଯାତ୍ରା ପାଇଁ ପ୍ରସ୍ତୁତି ସମୀକ୍ଷା ବୈଠକ

ପୁରୀ, (ସବ୍ୟୁ) : ଆଗାମୀ ରଥଯାତ୍ରା ସମୟରେ ପୁରୀକୁ ସ୍ୱଛ ଓ ସୁନ୍ଦର ରଖିବା ପାଇଁ ନଗର ଉନ୍ନୟନ ବିଭାଗ ସର୍ବଦା ସତର୍କ ରହିଛି। ଏହା ଏକ ସାମୁହିକ ଦାୟିତ୍ୱ। ମହାପ୍ରଭୁଙ୍କ ପ୍ରତି ଏହି ସ୍ୱଛତା ହିଁ ଏକ ବଡ ସେବା ବୋଲି ବିବେଚନା କରିବାକୁ ଆହ୍ୱାନ ଦେଇଛନ୍ତି ଅତିରିକ୍ତ ମୁଖ୍ୟ ଶାସନ ସଚିବ, ରାଜ୍ୟ ଗୃହ ଓ ନଗର ଉନ୍ନୟନ ବିଭାଗ, ଶ୍ରୀମତୀ ଉଷା ପାଢୀ। ମଙ୍ଗଳବାର ଅପରାହ୍ନରେ ସର୍କିଟ ହାଉସ ଠାରେ ଆଗାମୀ ରଥଯାତ୍ରା ୨୦୨୬ ପାଇଁ ନଗର ଉନ୍ନୟନ ବିଭାଗର ପ୍ରସ୍ତୁତି , ଦାୟିତ୍ୱ ଓ କର୍ତ୍ତବ୍ୟ ସମ୍ପର୍କରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଧକ୍ଷତା କରି ଶ୍ରୀମତୀ ପାଢ଼ୀ ସହରର ବିଭିନ୍ନ ଗଳି ରାସ୍ତା, ବଡଦାଣ୍ଡ, ବେଳାଭୂମିକୁ ସ୍ୱଚ୍ଛ ରଖିବା ସହ ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ବୈଜ୍ଞାନିକ ପଦ୍ଧତି ଓ ଅତ୍ୟାଧୁନିକ ପ୍ରକ୍ରିୟାରେ ବ୍ୟବସ୍ଥା ପାଇଁ ପରାମର୍ଶ ଦେଇଥିଲେ। ରଥଯାତ୍ରା ସମୟରେ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମଧ୍ୟ ସଫେଇ ପାଇଁ ଆଗେଇ ଆସିଥାନ୍ତି। ସେମାନେ ପୌରାଞ୍ଚଳ ସହ ଯୋଗାଯୋଗ କରି ଅନୁମତି ନେବେ। ସେମାନଙ୍କ ପାଇଁ ଏକ ମାର୍ଗଦର୍ଶିକା ପ୍ରସ୍ତୁତ ସହ ସୁପରଭିଜନ କରିବା, କାର୍ଯ୍ୟ ର ସମୀକ୍ଷା କରିବା, ସଚେତନ କରାଇବା ପାଇଁ ଶ୍ରୀମତୀ ପାଢ଼ୀ ପରାମର୍ଶ ଦେଇଥିଲେ। ରଥଯାତ୍ରା, ବାହୁଡା ଯାତ୍ରା ଦିନ ବଡଦାଣ୍ଡ କୁ ପବିତ୍ର ରଖିବା ପାଇଁ ବଡଦାଣ୍ଡରେ ରନ୍ଧା ଖାଦ୍ୟ ନ ବାଣ୍ଟିବା ବ୍ୟବସ୍ଥା କରାଯିବ। ଖାଦ୍ୟ ବାଣ୍ଟିବା ଅନୁଷ୍ଠାନ ଗୁଡିକ ପାଇଁ ବଡଦାଣ୍ଡ କୁ ସଂଯୋଗ କରୁଥିବା ଗଳି ରାସ୍ତା ରେ ଉପଯୁକ୍ତ ସ୍ଥାନ ଚିହ୍ନଟ କରିବାକୁ ସେ ପରାମର୍ଶ ଦେଇଥିଲେ।



ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ସହରରେ ସ୍ୱଛତା ର ସ୍ଥିତି, ବିଭିନ୍ନ ଆବଶ୍ୟକତା, ରଥଯାତ୍ରା ସମୟର ଆବଶ୍ୟକତା ସମ୍ପର୍କରେ ଆଲୋଚନା କରିଥିଲେ।ଚଳିତ ବର୍ଷ ରଥଯାତ୍ରା ରେ ପୌରାଞ୍ଚଳ ପକ୍ଷରୁ ଏକ ହଜାର ରୁ ଉର୍ଦ୍ଧ୍ୱ ଶୌଚାଳୟ ର ବ୍ୟବସ୍ଥା କରାଯିବ ବୋଲି ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା ସୂଚନା ଦେଇଥିଲେ। ଏହି ଶୌଚାଳୟ ଗୁଡିକ ପୁରୁଷ, ମହିଳା ଅଲଗା ବ୍ୟବସ୍ଥା, ପର୍ଯ୍ୟାପ୍ତ ପାଣି ବ୍ୟବସ୍ଥା ଓ ପରିଷ୍କାର ପରିଚ୍ଛନ୍ନତା ରଖିବା ପାଇଁ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଥିଲେ। ସମସ୍ତ ବିଭାଗ ସମନ୍ୱୟ ରେ ଏକ ପ୍ଲାନ ପ୍ରସ୍ତୁତ କରିବାକୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ନଗର ଉନ୍ନୟନ ବିଭାଗ ର ଅତିରିକ୍ତ ସଚିବ ବିନୟ କୁମାର ଦାଶ, ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ, ପିକେଡିଏ ସେକ୍ରେଟାରୀ ଦିଲ୍ଲୀପ କୁମାର ମହାରଣା, ଉପ ଜିଲ୍ଲାପାଳ ରାଜ କିଶୋର ଜେନା, ଡେପୁଟି କଲେକ୍ଟର ପ୍ରିୟଦର୍ଶିନୀ ମଲ୍ଲିକ ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ ମାନେ ଯୋଗ ଦେଇ ଆଲୋଚନା ରେ ଅଂଶଗ୍ରହଣ କରିଥିଲେ।ପରେ ପ୍ରମୁଖ ସଚିବ କ୍ଷେତ୍ର ପରିଦର୍ଶନ କରି ବିଭିନ୍ନ ପରାମର୍ଶ ଦେଇଥିଲେ।

### ସାଇବର ଠକେଇ ଅଭିଯୋଗରେ ସଂପୂର୍ଣ୍ଣ ବ୍ୟାଙ୍କ ଆକାଉଣ୍ଟ ଅଚଳ ମାମଲା

# କେନ୍ଦ୍ର ସରକାର ଆଣନ୍ତୁ ୟୁନିଫର୍ମ ପଲିସି: ହାଇକୋର୍ଟ

କଟକ,(ସବ୍ୟୁ): ସାଇବର ଠକେଇ ଅଭିଯୋଗରେ ଅନେକ ସମୟରେ ସମ୍ପୂର୍ଣ ବ୍ୟାଙ୍କ ଆକାଉଣ୍ଟକୁ ଅନିର୍ଦ୍ଦିଷ୍ଟ କାଳ ଅଚଳ କରି ଦିଆଯାଉଛି। ଏହାଦ୍ୱାରା ଆକାଉଣ୍ଟଧାରୀଙ୍କ ଜୀବିକା ଏବଂ ବ୍ୟାବସାୟୀକ ଅଧିକାର କ୍ଷୁର୍ଣ୍ଣ ହେଉଛି। ଏଭଳି କ୍ଷେତ୍ରରେ କେନ୍ଦ୍ର ସରକାର ଏକ 'ୟୁନିଫର୍ମ ପଲିସି ବା ଏକକ ନୀତି' ଆଣିବା ଦରକାର । କେନ୍ଦ୍ର ସରକାର ସମସ୍ତ ରାଜ୍ୟ ସରକାର, କେନ୍ଦ୍ର ଶାସିତ ଅଞ୍ଚଳ ସରକାରଙ୍କ ସହ ଆଲୋଚନା କରି ଏହି ନୀତି ପ୍ରଣୟନ କରିବା ଲାଗି ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ ରାୟରେ କେନ୍ଦ୍ର ସରକାରଙ୍କୁ ପରାମର୍ଶ ଦେଇଛନ୍ତି। ଗଜପତି ଜିଲ୍ଲାର ସାଇରାମ୍ ଭାରତ ଗ୍ୟାସ୍ ନାମକ ଏକ ଏଲପିଜି ବିତରକ ସଂସ୍ଥା ପକ୍ଷରୁ ଦାଖଲ ହୋଇଥିବା ରିଟ୍ ପିଟିସନ୍‌ର ଶୁଣାଣି ପରିପ୍ରେକ୍ଷୀରେ ହାଇକୋର୍ଟର ବିଚାରପତି ଜଷ୍ଟିସ ଏସ୍.କେ. ପାଣିଗ୍ରାହୀ ଏହା କହିଛନ୍ତି। ଆବେଦନକାରୀ ପିଟିସନ୍‌ରେ ଦର୍ଶାଇଥିଲେ ଯେ, ପାରଳାଖେମୁଣ୍ଡିସ୍ଥିତ ଏକ ବ୍ୟାଙ୍କରେ ଥିବା ତାଙ୍କର କରେଣ୍ଟ ଆକାଉନ୍ଟକୁ କୌଣସି ପୂର୍ବ ସୂଚନା ନ ଦେଇ ଅଚଳ କରାଯାଇଥିଲା। ଏହାଦ୍ୱାରା ତାଙ୍କ ବ୍ୟାବସାୟୀକ କାର୍ଯ୍ୟ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଥିଲା। ବ୍ୟାଙ୍କ ପକ୍ଷରୁ ଦର୍ଶାଯାଇଥିଲା ଯେ କେରଳର ତିରୁଅନନ୍ତପୁରମ୍ ସାଇବର କ୍ରାଇମ୍ ପୁଲିସ୍ ଷ୍ଟେସନ୍‌ରେ ରୁଜୁ ହୋଇଥିବା ସାଇବର୍ ଠକେଇ ମାମଲାର ତଦନ୍ତକୁ ନେଇ ପୁଲିସ୍ ନିର୍ଦ୍ଦେଶ ଦେଇଥିବାରୁ ଆବେଦନକାରୀଙ୍କ ବ୍ୟାଙ୍କ ଖାତାକୁ ଫ୍ରିଜ୍ କରାଯାଇଥିଲା। ହାଇକୋର୍ଟ ବିଭିନ୍ନ ପକ୍ଷଙ୍କୁ ଶୁଣିବା ପରେ କହିଛନ୍ତି ଯେ, ଭାରତୀୟ ନାଗରିକ ସୁରକ୍ଷା ସଂହିତା (ବିଏନଏସଏସ) ର ଧାରା ୧୦୬ ଅନୁଯାୟୀ ପୁଲିସ ଆକାଉଣ୍ଟ ଅଚଳ କରିବାର କ୍ଷମତା ଅବୈଧ ନୁହେଁ । କିନ୍ତୁ କୌଣସି ନିର୍ଦ୍ଦିଷ୍ଟ ଟଙ୍କାର ପରିମାଣ ଚିହ୍ନଟ ନ କରି ଏକ ଚାଲୁଥିବା ବ୍ୟବସାୟର ସମ୍ପୂର୍ଣ୍ଣ ଆକାଉଣ୍ଟକୁ ଅଚଳ କରିବା ଅଯୌକ୍ତିକ। ତଦନ୍ତ ପାଇଁ କେବଳ ସନ୍ଦେହଜନକ ଟଙ୍କା ଉପରେ ପ୍ରତିବନ୍ଧକ ଲଗାଇବା ଯଥେଷ୍ଟ । କିନ୍ତୁ ସମ୍ପୂର୍ଣ୍ଣ ଆକାଉଣ୍ଟକୁ ଅଚଳ କରିଦେବା ଦ୍ୱାରା ଦୈନନ୍ଦିନ କାରବାର ବାଧାପ୍ରାପ୍ତ ହେଉଛି। ଏହି ପରିପ୍ରେକ୍ଷୀରେ ହାଇକୋର୍ଟ କେରଳ ସାଇବର ପୁଲିସକୁ ଦୁଇ ସପ୍ତାହ ମଧ୍ୟରେ ସେହି ନିର୍ଦ୍ଦିଷ୍ଟ ଟଙ୍କାର ପରିମାଣ ଜଣାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ବ୍ୟାଙ୍କ କେବଳ ସେହି ଚିହ୍ନଟ ହୋଇଥିବା ଟଙ୍କା ଉପରେ ପ୍ରତିବନ୍ଧକ ଲାଗାଇବେ । ଥରେ ସେହି ନିର୍ଦ୍ଦିଷ୍ଟ ଟଙ୍କାକୁ ଅଲଗା କରି ରଖିବା ପରେ, ଆବେଦନକାରୀ ନିଜ ଆକାଉଣ୍ଟରେ ଥିବା ବାକି ଟଙ୍କାକୁ ବ୍ୟାବସାୟିକ କାର୍ଯ୍ୟ ପାଇଁ ବ୍ୟବହାର କରିପାରିବେ। ଏହାଛଡ଼ା ଆବେଦନକାରୀଙ୍କୁ ନିଜର ଆୟ-ବ୍ୟୟର ଉଚିତ୍ ହିସାବ ରଖିବାକୁ ପଡ଼ିବ । କୋର୍ଟଙ୍କ ଅନୁମତି ବିନା ସେହି ପ୍ରତିବନ୍ଧକ ଲାଗିଥିବା ଟଙ୍କାକୁ ବାହାର କରଯାଇ ପାରିବ ନାହିଁ ବୋଲି ଅଦାଲତ ସ୍ପଷ୍ଟ କରିଛନ୍ତି।

### ଅଜଣା ଗାଡ଼ି ଧକ୍କାରେ ବାଇକ ଆରୋହୀଙ୍କ ମୃତ୍ୟୁ

ଖୋର୍ଦ୍ଧା, (ସବ୍ୟୁ): ଆଦର୍ଶ ଥାନା ଅନ୍ତର୍ଗତ ୫୭ନଂ ଜାତୀୟ ରାଜପଥ ର ଚିଙ୍ଗୁଡିଝର ଢାବା ନିକଟରେ ଅଜଣା ଗାଡି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଜାଗୁଲିପାଟଣା ଆଦିବାସୀ ସାହି ର ବିଭୁତି ନାୟକ। ମଙ୍ଗଳବାର ପୂର୍ବାହ୍ନରେ ବିଭୁତି କୌଣସି କାମରେ ଗାଁରୁ ଖୋର୍ଦ୍ଧା ସହର ଅଭିମୁଖେ ସ୍କୁଟି (ନଂ-ଓଡ଼ି.୦୨ସିଜେଡ୍- ୬୧୯୦) ଯୋଗେ ଆସୁଥିଲା। ଚିଙ୍ଗୁଡିଝର ଢାବା ନିକଟରେ ଏକ ଅଜଣା ଗାଡି ଧକ୍କାଦେବା ଫଳରେ ସେ ଛିଟିକ ପଡିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଖୋର୍ଦ୍ଧା ମେଡିକାଲ କୁ ଅଣାଯାଇଥିଲା। ମାତ୍ର ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରୀ ରଖିଛି।

### ପିଆଇବି ଏଡିଜିଙ୍କ ଆକାଶବାଣୀ ପୁରୀ କେନ୍ଦ୍ର ଗସ୍ତ

# ରେଡିଓର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କଲେ ଏଡିଜି ଅଖିଳ ମିଶ୍ର

ଭୁବନେଶ୍ୱର (ସବ୍ୟୁ): କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାର ପ୍ରଚାରପ୍ରସାର ତଥା ଜନସମ୍ପର୍କ ଅଭିଯାନକୁ ଅଧିକ ବ୍ୟାପକ କରିବା ଲକ୍ଷ୍ୟରେ ମଙ୍ଗଳବାର ପୁରୀ ଆକାଶବାଣୀ କେନ୍ଦ୍ର ପରିସରରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ଓଡ଼ିଶା ଏବଂ ଝାଡ଼ଖଣ୍ଡ ପ୍ରାନ୍ତ ଅତିରିକ୍ତ ମହାନିର୍ଦ୍ଦେଶକ (ଏଡିଜି) ଅଖିଳ କୁମାର ମିଶ୍ର ଏହି କାର୍ଯ୍ୟକ୍ରମରେ ଯୋଗଦେଇ 'ବିକଶିତ ଭାରତ ୨୦୪୭' ସଂକଳ୍ପକୁ ସାକାର କରିବା ଦିଗରେ ଗଣମାଧ୍ୟମର ଭୂମିକା ସମ୍ପର୍କରେ ଆଲୋକପାତ କରିଛନ୍ତି। ଏହି ଗସ୍ତ ସମୟରେ ଶ୍ରୀ ମିଶ୍ର ପୁରୀ ଆକାଶବାଣୀ କେନ୍ଦ୍ରର ଭିତ୍ତିଭୂମି, ସୁବିଧା ସୁଯୋଗ ଏବଂ କର୍ମଚାରୀଙ୍କ ସ୍ଥିତି ପରଖିବା ସହ ବର୍ତ୍ତମାନର ପ୍ରସାରଣ କ୍ଷେତ୍ରରେ ଥିବା ବିଭିନ୍ନ ଆହ୍ୱାନ ସମ୍ପର୍କରେ ଆଲୋଚନା କରିଥିଲେ। ଆଧୁନିକ ବୈଷୟିକ



ଜ୍ଞାନକୌଶଳର ଅଗ୍ରଗତି ସହ ପ୍ରସାରଣ କ୍ଷେତ୍ରରେ ଉପୁଜିଥିବା ସମସ୍ୟା ଉପରେ ଗୁରୁତ୍ୱାରୋପ କରି ଶ୍ରୀ ମିଶ୍ର କହିଥିଲେ, ନୂତନ ପ୍ରଯୁକ୍ତିବିଦ୍ୟାର ଉପଲବ୍ଧତା ଯୋଗୁଁ ଆଜିର ଶ୍ରୋତା ବର୍ଗ ବିଭିନ୍ନ ଭାଗରେ ବିଭକ୍ତ ହୋଇଯାଇଛନ୍ତି। ବିଭ୍ରାନ୍ତିକର ତଥ୍ୟ ଏବଂ ଗୁଜବ ବା ମିଥ୍ୟା ଖବରର ଏହି ଯୁଗରେ ସରକାରୀ ଗଣମାଧ୍ୟମର ଦାୟିତ୍ୱ ଆହୁରି ବଢ଼ିଯାଇଛି। ସଠିକ୍, ସତ୍ୟ ଏବଂ ବିଶ୍ୱସନୀୟ ସୂଚନା ଲୋକଙ୍କ ପାଖରେ ପହଞ୍ଚାଇବା ଆଜିର ସମୟରେ ସାମ୍ବାଦିକମାନଙ୍କ ପାଇଁ ଏକ ବଡ଼ ଆହ୍ୱାନ। ଭାରତୀୟ ପ୍ରସାରଣ ବ୍ୟବସ୍ଥାର ବିବିଧତା ସମ୍ପର୍କରେ ସୂଚନା ଦେଇ ସେ କହିଥିଲେ ଯେ, ବିପର୍ଯ୍ୟୟ ସମୟରେ ରେଡିଓର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହା ତୃଣମୂଳ ସ୍ତରରେ ସାଧାରଣ ଜନତାଙ୍କ ସହ ସିଧାସଳଖ ଯୋଡ଼ି ହୋଇଥାଏ, ଯାହା ସୂଚନା ଆଦାନପ୍ରଦାନ କ୍ଷେତ୍ରରେ ଏକ ଅନନ୍ୟ ମାଧ୍ୟମ। ଏହି ବୈଠକରେ କେନ୍ଦ୍ରୀୟ ସଞ୍ଚାର ବ୍ୟୁରୋର ସହକାରୀ ନିର୍ଦ୍ଦେଶକ ପ୍ରଦୀପ କୁମାର ଚୌଧୁରୀ, ପତ୍ର ସୂଚନା କାର୍ଯ୍ୟାଳୟ(ପିଆଇବି) ର ଗଣମାଧ୍ୟମ ଓ ଯୋଗାଯୋଗ ଅଧିକାରୀ ସ୍ୱାଧୀନ ଶକ୍ତି ପ୍ରସାଦଙ୍କ ସମେତ ପୁରୀ ଆକାଶବାଣୀ କେନ୍ଦ୍ରର ମୁଖ୍ୟ ଶିଲେନ ପଟ୍ଟନାୟକ, କାର୍ଯ୍ୟକ୍ରମ ନିର୍ବାହୀ ଦିଲ୍ଲୀପ ନାୟକ ପ୍ରମୁଖ ଉପସ୍ଥିତ ରହି ପ୍ରଚାର କାର୍ଯ୍ୟକ୍ରମର ରୂପରେଖ ସମ୍ପର୍କରେ ମତ ରଖିଥିଲେ। ଏହି ଅବସରରେ ପୁରୀର ଅନେକ ବରିଷ୍ଠ ସାମ୍ବାଦିକ ମଧ୍ୟ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

### କାଠଯୋଡି ପଠାରେ ଭୟଙ୍କର ବାଣ ବିସ୍ଫୋରଣ

# ଜନବସତି ଅଞ୍ଚଳରେ ବାଣ ନିଷ୍କ୍ରିୟ କରିବାକୁ ନେଇ ଉତ୍ତେଜନା

କଟକ,(ସବ୍ୟୁ): ସଦର ଥାନା ଅନ୍ତର୍ଗତ ବଢ଼େଇ ସାହି ନିକଟସ୍ଥ କାଠଯୋଡ଼ି ନଦୀ ପଠାରେ ଜବତ ବାଣ ନିଷ୍କ୍ରିୟ କଲା ବେଳେ ହୋଇଥିବା ପ୍ରଚଣ୍ଡ ବିସ୍ଫୋରଣକୁ ନେଇ ବିବାଦ ଦେଖା ଦେଇଛି । ସ୍ଥାନୀୟ ଜନସାଧାରଣ କମିଶନରେଟ୍ ପୁଲିସ ବିରୋଧରେ ମୁହଁ ଖୋଲିଛନ୍ତି । ବିସ୍ଫୋରଣରେ ହୋଇଥିବା ପ୍ରଚଣ୍ଡ ଶବ୍ଦକୁ ନେଇ ସଦର ଥାନା ପୁଲିସ ଓ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା । ଜନବସତି ଅଞ୍ଚଳରେ ପୁଲିସ ଜବତ ବାଣ ନିଷ୍କ୍ରିୟ କରିବାର ନିୟମ ନାହିଁ । କମିଶନରେଟ୍ ପୁଲିସର ନିର୍ଦ୍ଦିଷ୍ଟ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜ୍ୟୁର(ଏସ୍‌ଓପି) ଅନୁଯାୟୀ, ଜନବସତି ଠାରୁ ଦୂରରେ ଜବତ ବାଣ ବିସ୍ଫୋରଣ କରିବାର ନିୟମ ରହିଥିବା ବେଳେ କେଉଁଭଳି ସଦର ଥାନା ପୁଲିସ ଏଭଳି ବେନିୟମ କାର୍ଯ୍ୟ କରିଛି, ତାହାକୁ ନେଇ ବିଭିନ୍ନ ମହଲରେ ଉଦବେଗ ପ୍ରକାଶ ପାଇଛି । ଗତବର୍ଷ ଜୁନ୍ ୧୪ ତାରିଖରେ ଘଟଣାସ୍ଥଳରେ ଜବତ ବାଣ ନିଷ୍କ୍ରିୟ କଲା ବେଳେ ବିସ୍ଫୋରଣ ଘଟି ହାବିଲଦାର ପ୍ରଦୀପ ମଲ୍ଲିକଙ୍କ ମୃତ୍ୟୁ ଘଟିଥିଲା । ୨ଜଣ ପୁଲିସ କର୍ମଚାରୀ ଗୁରୁତର ଆହତ ହୋଇଥିଲେ । ତେବେ ସମାନ ଜାଗାରେ ଏଭଳି ଅଘଟଣ ଘଟିଥିବା ବେଳେ ପୁଣି ଥରେ ପୁଲିସ ଜବତ ବାଣକୁ ସେଠାରେ ନିଷ୍କ୍ରିୟ କରିବାକୁ ନେଇ ପ୍ରଶ୍ନ ଉଠିଛି ।

### ନାରାୟଣା ବିଦ୍ୟାଳୟର ସମାବର୍ତ୍ତନ ଉତ୍ସବ

# ଛାତ୍ରଛାତ୍ରୀମାନେ ବିନୟୀ, ପରିଶ୍ରମୀ, ସତ୍ୟବାଦୀ ହେବାକୁ ଉପଦେଶ

କଟକ, (ସ୍ୱପ୍ର): ସ୍ଥାନୀୟ ନୂଆପଡା ପୁଷ୍ପି ବଗିଚା ସ୍ଥିତ ନାରାୟଣା ବିଦ୍ୟାଳୟର ସମାବର୍ତ୍ତନ ଉତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ଅଧ୍ୟକ୍ଷା ଡ଼. ନିକୋଲା ବାର୍ଲୋଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥିଭାବେ ମେୟର ସୁବାଷ ଚନ୍ଦ୍ର ସିଂହ, ସମ୍ମାନିତ ଅତିଥିଭାବେ ବିଶିଷ୍ଟ ଶଲ୍ୟ ଚିକିତ୍ସକ ଡ଼ା. ଉମେଶ ରାୟ, ସାମ୍ବାଦିକ ସମୀର କର ପ୍ରମୁଖ ଯୋଗ ଦେଇ ଛାତ୍ର ଛାତ୍ରୀ ମାନଙ୍କୁ ସତ୍ୟବାଦୀ, ପରିଶ୍ରମୀ, ବିନୟୀ ହେବାକୁ ଉପଦେଶ ଦେବା ସହିତ ବିଦ୍ୟାଳୟର ଶିକ୍ଷାଦାନ ବ୍ୟବସ୍ଥା ଓ ଗ୍ରାଜୁଏଟ ଡେ ପାଳନ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ଏହି ଅବସରରେ ଶତାଧିକ ଇ-କିଡ଼ସ ଓ ଇ-ଚାମ୍ପସର ଛାତ୍ରଛାତ୍ରୀଙ୍କୁ



ଅତିଥିମାନେ ମେଡାଲ ଓ ପ୍ରମାଣପତ୍ର ଦେଇ ପୁରସ୍କୃତ କରିଥିଲେ । ପରେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ କର୍ପୋରେଟର ଅରବିନ୍ଦ ଜେନା, ବିଦ୍ୟାଳୟର ରାଜେଶ୍ୱରୀ ମହାନ୍ତି, ଉପାଧକ୍ଷା କୌଶଳ ବୁଧଦେବ, ଡିନ ସଂଯୁକ୍ତା ପଣ୍ଡା ପ୍ରମୁଖ ସହାୟତା କରିଥିଲେ । ଏଥିରେ ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ, ଅଭିଭାବକ, ଅଭିଭାବିକା ମାନେ ଯୋଗ ଦେଇଥିଲେ ।

# ଡିଏସ୍‌ପି ଓ୍ୱିନ୍‌ଭେଷ୍ଟର ପଲ୍ସ୍ ୨୦୨୫-୨୬

ଭୁବନେଶ୍ୱର (ସବ୍ୟୁ): ଡିଏସ୍‌ପି ମ୍ୟୁଚୁଆଲ ଫଣ୍ଡ, ୟୁଗଭ୍ ସହିତ ସହଭାଗୀତାରେ ୧୩ଟି ସହରରେ ୫,୦୫୦ ସହରାଞ୍ଚଳ ପୁଞ୍ଜିନିବେଶକାରୀଙ୍କ ସମ୍ପର୍କରେ ରାଷ୍ଟ୍ରବ୍ୟାପୀ ଅଧ୍ୟୟନ କରିବାକୁ ଡିଏସ୍‌ପି ଓ୍ୱିନ୍‌ଭେଷ୍ଟର ପଲ୍ସ୍ ୨୦୨୫-୨୬ ଉନ୍ମୋଚନ କରିଛି, ଯେଉଁଥିରେ ଭାରତର ପୁଞ୍ଜିନିବେଶ ଦୃଶ୍ୟପଟ୍ଟରେ ନିର୍ଣ୍ଣାୟକ ସ୍ଥାନାନ୍ତରଣ ସମ୍ପର୍କରେ ପ୍ରକାଶ କରାଯାଇଛି। ପୁଞ୍ଜିନିବେଶକଙ୍କ ଆତ୍ମବିଶ୍ୱାସ ଏବଂ ସୁସଂହତ ଆର୍ଥିକ ଯୋଜନା ମଧ୍ୟରେ ପ୍ରଶସ୍ତ ତାରତମ୍ୟ ସର୍ବସମ୍ମୁଖକୁ ଆସିଥିଲେ ମଧ୍ୟ ମହିଳାମାନେ ଅଧିକରୁ ଅଧିକ ସେମାନଙ୍କର ଆର୍ଥିକ ନିଷ୍ପତ୍ତିଗୁଡ଼ିକର ଦାୟିତ୍ୱ ନିଜେ ନେଉଥିବା ପରିଲକ୍ଷିତ ହୋଇଛି। ସଂଖ୍ୟାଗରିଷ୍ଠ ମହିଳା (୫୬%) ସମ୍ପ୍ରତି କହିଛନ୍ତି ଯେ ସେମାନେ ସ୍ୱାଧୀନ ଭାବରେ ପୁଞ୍ଜିନିବେଶ ନିଷ୍ପତ୍ତି ନେଉଛନ୍ତି, ଯାହା ୨୦୨୨ରେ ଥିବା ୪୪% ତୁଳନାରେ ତୀକ୍ଷ୍ଣ ବୃଦ୍ଧିଘଟିଛି, ଏବଂ ଅଧ୍ୟୟନରେ ଏହା ସବୁଠାରୁ ଉଲ୍ଲେଖଯୋଗ୍ୟ ଗତିଶୀଳତା ଭାବରେ ଲିପିବଦ୍ଧ କରାଯାଇଛି। ପୁରୁଷମାନେ ୬୮% ସହିତ ଅଗ୍ରଣୀ ସ୍ଥାନ ବଜାୟ ରଖିଛନ୍ତି, ତେବେ ମହିଳାମାନଙ୍କ କ୍ଷେତ୍ରରେ ଏହି ତ୍ୱରାନ୍ୱିତ ସ୍ଥିତି କେବଳ ବର୍ଦ୍ଧିତ ଅଂଶଗ୍ରହଣ ଅପେକ୍ଷା ସୁସଂହତ ପରିବର୍ତ୍ତନର ସୂଚନା ଦେଉଛି। ତେବେ ସ୍ୱାଧୀନତା ଅର୍ଥ ପରାମର୍ଶକୁ ଦୂରରେ ରହିବା ନୁହେଁ।

### ଅନ୍ତର୍ଜାତୀୟ ମହିଳା ଦିବସରେ ଆର୍ଟସ୍ ଅଫ୍ ଉଇଭିଂର ପ୍ରଥମ ସ୍ଥାପନା ଦିବସ

# ନୂଆପାଟଣାର ମହିଳା ବୁଣାକାରଙ୍କୁ ଆର୍ଥିକ ସହାୟତା ଏବଂ ସମ୍ବର୍ଦ୍ଧନା ପ୍ରଦାନ

ଭୁବନେଶ୍ୱର, (ସବ୍ୟୁ) : ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ଓଡ଼ିଶା ହସ୍ତତନ୍ତର ବାଣିଜ୍ୟିକ କାରବାର ପାଇଁ ଉତ୍ସର୍ଗୀକୃତ ଡିଜିଟାଲ ୱେବ୍‌ସାଇଟ୍ 'ଆର୍ଟସ୍ ଅଫ୍ ଉଇଭିଂ'ର ପ୍ରଥମ ସ୍ଥାପନା ଦିବସ ଭୁବନେଶ୍ୱରର ଏକ ସ୍ଥାନୀୟ ହୋଟେଲ୍‌ରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଇକ୍କତ ଡିଜିଟାଲ୍ ପ୍ଲାଟ୍‌ଫର୍ମର ପ୍ରଥମ ବ୍ୟବସାୟିକ ସହଭାଗୀ ନୂଆପାଟଣାର ମାଣିଆବନ୍ଧ ଶାଢ଼ିର ବୁଣାକାର ରେଖା ପ୍ରଧାନଙ୍କୁ ୧୦ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ ସହ ସମ୍ବର୍ଦ୍ଧିତ କରାଯାଇଥିଲା । ନୂଆପାଟଣାରୁ ଅନ୍‌ଲାଇନ୍‌ରେ ଯୋଡ଼ି ହୋଇଥିବା ରେଖାଙ୍କୁ ସୂଚନା ଓ ଲୋକସମ୍ପର୍କ ବିଭାଗର ଉପନିର୍ଦ୍ଦେଶିକା ସୁଚେତା ପ୍ରିୟଦର୍ଶିନୀ ଏହି ଅର୍ଥରାଶି ବଢ଼ାଇ ନରସିଂହପୁରର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମେଡ଼ିକାଲ ଅଫିସର ଡ. ସୌଭାଗ୍ୟ ମଞ୍ଜରୀଙ୍କ ମାର୍ଫତ୍‌ରେ ପ୍ରଦାନ କରି ମହିଳାମାନଙ୍କ ଆର୍ଥିକ ସଶକ୍ତିକରଣ ପାଇଁ ଏଓଡବ୍ଲ୍ୟୁ ର ଏହା ଏକ ଅଭିନବ ତଥା ପ୍ରଶଂସନୀୟ ପଦକ୍ଷେପ ବୋଲି କହିଥିଲେ ଡକ୍ଟର ସୁଜାତା ଦାସ ମତବ୍ୟକ୍ତ କରିଥିଲେ । ଏଓଡବ୍ଲ୍ୟୁର ଅଧକ୍ଷା ଦିଶା ଦାସ ୱେବସାଇଟ୍‌ର ବ୍ୟବସାୟିକ ଦିଗ ଉପରେ ଆଲୋକପାତ



। ଡିଜିଟାଲ୍ ଜ୍ଞାନକୌଶଳ ଏବଂ ଏଆଇର ପ୍ରୟୋଗରେ ହସ୍ତତନ୍ତର ବ୍ୟବସାୟ, ବୁଣାକାରମାନଙ୍କ ଆର୍ଥିକ ସ୍ୱଚ୍ଛଳତା, ଡିଜାଇନ୍, ଗୁଣବତ୍ତା ଏବଂ ଆଧୁନିକତାର ସମାହାରରେ ଏଓଡବ୍ଲ୍ୟୁକୁ ଏକ ଅନନ୍ୟ ବ୍ରାଣ୍ଡ ଭାବରେ ପରିଚିତ କରାଇବା ପାଇଁ ପ୍ରୟାସ ଜାରି ରହିଛି ବୋଲି ପ୍ରତିଷ୍ଠାତା କରିଥିଲେ। ଭକ୍ତିସଂଗୀତ, ଓଡ଼ିଶୀ ନୃତ୍ୟ, ହାସ୍ୟାଭିନୟ ଏବଂ ଫେସନ୍ ସୋର ଆୟୋଜନ ମାଧ୍ୟମରେ କାର୍ଯ୍ୟକ୍ରମ ବେଶ୍ ଆକର୍ଷଣୀୟ ଏବଂ ମନୋରଞ୍ଜନରେ ପରିପୂର୍ଣ୍ଣ ହୋଇଥିଲା । ଲେଖିକା ସୁଜାତା ଆଚାର୍ଯ୍ୟଙ୍କୁ ମଧ୍ୟ ଏହି ଅବସରରେ ଏଓଡବ୍ଲ୍ୟୁ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା ।

# ଆସସ ପକ୍ଷରୁ ଭୁବନେଶ୍ୱରରେ ଏକ୍ସକ୍ଲୁସିଭ ଷ୍ଟୋର୍‌ର ଶୁଭାରମ୍ଭ

ଭୁବନେଶ୍ୱର, (ସବ୍ୟୁ) : ସାରା ଦେଶରେ ବ୍ରାଣ୍ଡର ରିଟେଲ ଉପସ୍ଥିତିକୁ ସୁଦୃଢ଼ କରିବା ଦିଗରେ ଏକ ପଦକ୍ଷେପ ସ୍ୱରୂପ, ତାଇୱାନର ବୈଷୟିକ କମ୍ପାନୀ , ଆସସ ଇଣ୍ଡିଆ ଭୁବନେଶ୍ୱରରେ ଏହାର ନୂତନ ଏକ୍ସକ୍ଲୁସିଭ ଷ୍ଟୋରର ଶୁଭାରମ୍ଭ ଘୋଷଣା କରିଛି। ଏହି ନୂତନ ଏକ୍ସକ୍ଲୁସିଭ୍ ଷ୍ଟୋରଟି ୩୦୦ ବର୍ଗଫୁଟ ଅଂଚଳରେ ବ୍ୟାପିଛି ଏବଂ ଏଠାରେ ବହୁ ପ୍ରକାରର ଇଲେକ୍ଟ୍ରୋନିକ୍ସ ଏବଂ କମ୍ପ୍ୟୁଟର ହାର୍ଡୱେର୍ ଉପଲବ୍ଧ ହେବ, ଯେଉଁଥିରେ ଆସସର ପ୍ରମୁଖ ଉତ୍ପାଦ ଯଥା ଭିଭୋବୁକ, ଜେନବୁକ, ରପବ୍ଲିକ ଅଫ ଗେମର୍ସ(ଆରଓଜି) ଲାପଟପ୍, ଗେମିଂ ଡେସ୍କଟପ୍, ଅଲ୍-ଇନ୍-ୱାନ୍ ଡେସ୍କଟପ୍ ଏବଂ ଆସେସୋରିଜ୍ ସାମିଲ ରହିଛି। ଓଡ଼ିଶାରେ ଅବସ୍ଥିତ ଏହା ବ୍ରାଣ୍ଡର ସପ୍ତମ ଏକ୍ସକ୍ଲୁସିଭ ଷ୍ଟୋର ଅଟେ। ଏହି ସମ୍ପ୍ରସାରଣ ବିଷୟରେ ମତବ୍ୟକ୍ତ କରି ଆସସ ଇଣ୍ଡିଆର ପିସି ଏବଂ ଗେମିଂ ବିଜନେସ୍‌ର ନ୍ୟାସନାଲ ସେଲ୍ସ ମ୍ୟାନେଜର ଜିଗେନେଶ ଭାଉସାର କହିଛନ୍ତି ଯେ, "ଭାରତରେ ଆମର ରିଟେଲ୍ ନେଟୱାର୍କର ସମ୍ପ୍ରସାରଣ ବିଷୟରେ ଘୋଷଣା କରି ଆମେ ଅତ୍ୟନ୍ତ ଆନନ୍ଦିତ। ଓଡ଼ିଶା ଆମ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ବଜାର ହୋଇଥିବାରୁ, ଭୁବନେଶ୍ୱର ସହରରେ ଏହି ନୂତନ ବ୍ରାଣ୍ଡ ଷ୍ଟୋରର ଉଦଘାଟନ ଦେଶର ବିଭିନ୍ନ ଅଂଚଳର ଗ୍ରାହକମାନଙ୍କୁ ଆମର ଅତ୍ୟାଧୁନିକ ନବସୃଜନର ଏକ ଅନନ୍ୟ ଅନୁଭୂତି ସହିତ ସଶକ୍ତ କରିବା ଦିଗରେ ଏକ ପ୍ରମୁଖ ପଦକ୍ଷେପ ହେବ। ଏକ ରଣନୈତିକ ରିଟେଲ୍ ସମ୍ପ୍ରସାରଣ ଆଭିମୁଖ୍ୟ ସହିତ, ଆମେ ଆମର ବ୍ୟବହାରକାରୀଙ୍କ ପାଇଁ ଅଧିକ ସମ୍ପର୍କ ଏବଂ ନୂତନ ସୁବିଧା କେନ୍ଦ୍ର ସୃଷ୍ଟି କରିବା ଜାରି ରଖିବୁ।"

# ରାଜ୍ୟର ୫୬ଟି ରକ୍ତଭଣ୍ଡାର କର୍ମଚାରୀଙ୍କୁ ନିୟମିତ କରିବା ପାଇଁ ଦାବି

ଭୁବନେଶ୍ୱର, (ସବ୍ୟୁ) : ରାଜ୍ୟର ୫୬ଟି ରକ୍ତଭଣ୍ଡାରରେ ଗତ ୩୦ବର୍ଷ ହେଲା ଠିକାରେ କାର୍ଯ୍ୟରତ କର୍ମଚାରୀମାନଙ୍କୁ ନିୟମିତ କରିବା ପାଇଁ ଓଡ଼ିଶା ରାଜ୍ୟ ରକ୍ତ ଭଣ୍ଡାର କର୍ମଚାରୀ ସଂଘ ପକ୍ଷରୁ ଦାବି କରାଯାଇଛି। ସଂଘ ପକ୍ଷରୁ କୁହାଯାଇଛି ଯେ, ଏହି ଉପରୋକ୍ତ ୫୬ଟି ସରକାରୀ ରକ୍ତ ଭଣ୍ଡାରରେ ପ୍ରାୟ ୨୦୦ ଠିକା କର୍ମଚାରୀ କାର୍ଯ୍ୟ କରୁଛନ୍ତି। ଏମାନେ ରକ୍ତଭଣ୍ଡାର ୟୁଜର ଫିସ୍‌ରୁ ବେତନ ନେଉଥିଲେ ମଧ୍ୟ ଏମାନଙ୍କୁ ଅନ୍ୟ କୌଣସି ଭତ୍ତା, ଇପିଏଫ୍, ଇଏସ୍‌ଆଇ, ପେନ୍‌ସନ୍ ମିଳୁନାହିଁ। ଏମାନେ ଲାବ୍ ଟେକ୍‌ନିସିଆନ୍, ଅଫିସ ଆସିଷ୍ଟାଣ୍ଟ, ପିଆରଓ, ଆକାଉଟାଣ୍ଟ, କିରାଣୀ, ଡିଇଓ, ସୁଇପର ଓ ଡ୍ରାଇଭର ଆଦି ବିଭିନ୍ନ ପଦବୀରେ କାର୍ଯ୍ୟରତ ଅଛନ୍ତି। ପରବର୍ତ୍ତି ସମୟରେ ରାଜ୍ୟ ସରକାରଙ୍କ ଗେଜେଟ୍ ନୋଟିଫିକେସନ୍ ତା ୨/୦୪/୨୦୧୯ ଅନୁସାରେ ୫୬ଟି ରକ୍ତଭଣ୍ଡାରକୁ ରାଜ୍ୟ ସରକାର ନିଜ ଅଧିନକୁ ନେଇଛନ୍ତି। ପୂର୍ବରୁ ରକ୍ତ ଭଣ୍ଡାରରେ କାର୍ଯ୍ୟରତ ଅସ୍ଥାୟୀ କର୍ମଚାରୀମାନେ ସିଧାସଳଖ ୟୁଜର ଫି କଲେକ୍ସନ୍‌ରୁ ଦରମା ପାଉଥିଲେ। ପରେ ସେମାନଙ୍କୁ ଦରମା ଓ ସେଟଲମେଣ୍ଟ ଛାଡି ସରକାର ଅନ୍ୟ ସୁବିଧା ମଧ୍ୟ ଯୋଗାଇ ଦେଲେ। ଏବେ ଚୁକ୍ତିଭିତ୍ତିକ କର୍ମଚାରୀ ଭାବେ ୧୫/୦୪/୨୦୨୩ ପତ୍ର ସଂଖ୍ୟା ଆଧାରରେ ନଭେମ୍ବର ୨୨ରୁ କାର୍ଯ୍ୟରତ ଚୁକ୍ତି ଭିତ୍ତିକ କର୍ମଚାରୀମାନେ ମାସିକ ୨୬ଦିନ ଦରମା ନେବାପାଇଁ କୁହାଗଲା। ସେମାନଙ୍କୁ ନିୟମିତ କରିବା ବଦଳରେ ଦିନ ମଜୁରିଆ କରିଦିଆଯାଇଛି। କେତେକ କମୋଚାରୀମାନେ ମୃତ୍ୟୁବରଣ କରିଥିଲେ ମଧ୍ୟ ସେମାନଙ୍କ ପାଇଁ କୌଣସି ସୁବିଧା ନଥିବାରୁ ସେମାନଙ୍କ ପରିବାର ବେସାହାରା ଜୀବନଜାପନ କରୁଛନ୍ତି। ୧୨/୦୬/୨୦୨୪ ଅନୁଯାୟର ରକ୍ତ ଭଣ୍ଡାରରେ କାର୍ଯ୍ୟରତ କିଛି ଅନ୍ୟବର୍ଗର ଚୁକ୍ତିଭିତ୍ତିକ କର୍ମଚାରୀଙ୍କ ଦରମା ନିର୍ଦ୍ଧାରଣ କରାଯାଇଛି। ଯାହା ସେମାନେ ଏପ୍ରିଲ ୨୦୨୪ରୁ ପାଇବେ। ତେବେ ଏହି ଦରମା ରକ୍ତଭଣ୍ଡାରର ଅସ୍ଥାୟୀ ଚୁକ୍ତିଭିତ୍ତିକ କର୍ମଚାରୀଙ୍କ କ୍ଷେତ୍ରରେ ଲାଗୁ ହୋଇନାହିଁ। ଯେଉଁମାନେ ସିଧାସଳଖ ରକ୍ତଭଣ୍ଡାର ଫଣ୍ଡରୁ ଦରମା ନେଉଛନ୍ତି। ତେଣୁ ରାଜ୍ୟ ସରକାର ସମସ୍ତ ଅସ୍ଥାୟୀ ରକ୍ତଭଣ୍ଡାର କର୍ମଚାରୀଙ୍କ ଚାକିରୀ ନିୟମିତ କରିବା ପାଇଁ ସଂଘ ପକ୍ଷରୁ ଦାବି କରାଯାଇଛି ।

### କମାଣ୍ଡ କଂଟ୍ରୋଲ ରୁମ୍ ପରିଚାଳନା ପାଇଁ

# ସମସ୍ତ ମହିଳା ଟିମ୍‌କୁ ନିୟୋଜନ କରିଛି ବେଦାନ୍ତ ଆଲୁମିନିୟମ

ଭୁବନେଶ୍ୱର, (ସବ୍ୟୁ) : ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ, ଓଡ଼ିଶାର ଲାଞ୍ଜିଗଡ଼ରେ ଥିବା ଏହାର ଆଲୁମିନା ରିଫାଇନାରୀରେ ବିତରିତ ନିୟନ୍ତ୍ରଣ ପ୍ରଣାଳୀର ନେତୃତ୍ୱ ନେବା ପାଇଁ ଏକ ସମସ୍ତ ମହିଳା ଦଳ ନିୟୋଜନ ବିଷୟରେ ଘୋଷଣା କରିଛି। ୪୦ ଜଣ ପ୍ରଶିକ୍ଷିତ ମହିଳା ବୃତିଗତଙ୍କ ଏକ ଦଳ ଏବେ ରିଫାଇନାରୀରକୁ ପରିଚାଳନା କରିବେ, ଯାହାକି ପ୍ଲାଣ୍ଟ ପରିଚାଳନାର ସବୁଠାରୁ ଜଟିଳ ଏବଂ ସୁରକ୍ଷା ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର ମଧ୍ୟରୁ ଅନ୍ୟତମ ଅଟେ। ଆନ୍ତର୍ଜାତୀୟ ମହିଳା ଦିବସ ଅବସରରେ ପ୍ରଚଳିତ ଏହି ପଦକ୍ଷେପ ସାରା ଭାରତରେ ମୁଖ୍ୟ ଶିଳ୍ପ ଏବଂ ପ୍ରକ୍ରିୟା ନିୟନ୍ତ୍ରଣ ଭୂମିକାରେ ମହିଳା ପ୍ରତିନିଧିତ୍ୱ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷପ ଅଟେ। ଉତ୍ପାଦନ କାର୍ଯ୍ୟପ୍ରବାହ ଉପରେ ନିର୍ବିଘ୍ନ ନିୟନ୍ତ୍ରଣ ସୁନିଶ୍ଚିତ କରିବା ପାଇଁ ଶହ ଶହ ଡାଟା ଷ୍ଟ୍ରିମକୁ ଏକୀକୃତ କରିବା ପାଇଁ ଡିସିଏସ ରିଫାଇନାରୀର କେନ୍ଦ୍ରସ୍ଥଳ। ଏହି ଡିଜିଟାଲ୍ କାର୍ଯ୍ୟରେ ମହିଳାମାନଙ୍କୁ ସ୍ଥାନିତ କରି, ବେଦାନ୍ତ ଆଲୁମିନିୟମ୍ ଏକ ଅନ୍ତର୍ଭୁକ୍ତ ଶିଳ୍ପ କର୍ମଶକ୍ତି ଗଠନ ପ୍ରତି ଏହାର ପ୍ରତିବଦ୍ଧତାକୁ ସୁଦୃଢ଼ କରେ। ସେମାନଙ୍କର ଭୂମିକାରେ



ପ୍ରକ୍ରିୟା ପାରାମିଟରଗୁଡ଼ିକର ବାସ୍ତବ-ସମୟ ତଦାରଖ, କାର୍ଯ୍ୟକ୍ଷମ ଧାରା ବିଶ୍ଳେଷଣ, ସୁରକ୍ଷା ଆଲାର୍ମ ମୂଲ୍ୟାଙ୍କନ ତଥା ସ୍ଥିର, ଦକ୍ଷ ଏବଂ ସୁରକ୍ଷିତ ରିଫାଇନାରୀ କାର୍ଯ୍ୟ ବଜାୟ ରଖିବା ପାଇଁ ଶୀଘ୍ର ନିଷ୍ପତି ନେବା ଏଥିରେ ଅନ୍ତର୍ଭୁକ୍ତ। ଏହି ମାଇଲଖୁଣ୍ଟ ଉପରେ ମନ୍ତବ୍ୟ ଦେଇ, ବେଦାନ୍ତ ଆଲୁମିନିୟମ୍‌ର ସିଇଓ ରାଜୀବ କୁମାର କହିଛନ୍ତି: "ବେଦାନ୍ତ ଆଲୁମିନିୟମ୍‌ରେ, ଉଚ୍ଚ-ଦକ୍ଷ ଶିଳ୍ପ ଭୂମିକାର ନେତୃତ୍ୱ ନେବା ପାଇଁ ମହିଳାଙ୍କୁ ସଶକ୍ତ କରିବା ଏକ ପଦକ୍ଷେପ। ଅଧିକ ମହିଳା କମାଣ୍ଡ ସେଂଟର, ସ୍ମେଲଟର, ଲୋକୋମୋଟିଭ୍ ଏବଂ ସୁରକ୍ଷା ବ୍ୟବସ୍ଥା ପରିଚାଳନା କରୁଥିବାରୁ, ଆମେ ଏକ ଉତ୍ପାଦନ ଇକୋସିଷ୍ଟମ ଗଠନ କରୁଛୁ ଯେଉଁଠାରେ ଲିଙ୍ଗ ଉତ୍କର୍ଷତା ପାଇଁ କୌଣସି ପ୍ରତିବନ୍ଧକ ନୁହେଁ। ମହିଳାଙ୍କ ଅଂଶଗ୍ରହଣକୁ ଉଲ୍ଲେଖନୀୟ ଭାବରେ ବୃଦ୍ଧି କରିବାର ଆମର ଦୀର୍ଘକାଳୀନ ମହତ୍ୱାକାଂକ୍ଷା ଆମର ବିଶ୍ୱାସକୁ ପ୍ରତିଫଳିତ କରେ ଯେ ମହିଳାମାନେ ଶିଳ୍ପ ଅଭିବୃଦ୍ଧିର ପରବର୍ତ୍ତୀ ପର୍ଯ୍ୟାୟକୁ ଶକ୍ତିଶାଳୀ କରିବେ। ଏହି ବିକାଶ ଉଚ୍ଚ-ଦକ୍ଷ ଶିଳ୍ପ ଭୂମିକାରେ ମହିଳାମାନଙ୍କ ପାଇଁ ସୁଯୋଗ ବିସ୍ତାର କରିବା ପାଇଁ ବେଦାନ୍ତ ଆଲୁମିନିୟମ୍ ନେତୃତ୍ୱରେ ଏକ ବ୍ୟାପକ ପରିବର୍ତ୍ତନର ଅଂଶ। ଡିସିଏସ୍ ଦଳର ଅନ୍ୟତମ ସଦସ୍ୟ ଅଞ୍ଜନୀ କୁମାରୀ କହିଛନ୍ତି, "କମାଣ୍ଡ ସେଂଟରରେ କାମ କରିବା ମୋତେ ଆତ୍ମବିଶ୍ୱାସ ଦିଏ ଯେ ମହିଳାମାନେ ଉତ୍ପାଦନରେ ଏକ କେନ୍ଦ୍ରୀୟ ଭୂମିକା ଗ୍ରହଣ କରିପାରିବେ। ମୁଁ ଆଶା କରୁଛି ଯେ ଆମର ଦଳ ଇଞ୍ଜିନିୟରିଂ ଏବଂ ପରିଚାଳନା କ୍ଷେତ୍ରରେ କ୍ୟାରିଅର ଗଢିବାକୁ ଆହୁରି ଅନେକ ଯୁବତୀଙ୍କୁ ପ୍ରେରଣା ଦେବ।

### ଅଭିଭାବକଙ୍କ କୃତଜ୍ଞତା ଅର୍ପଣ ଉତ୍ସବ

କଟକ, (ସବ୍ୟୁ) : ତୁଳସୀପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଠାରେ ଚଳିତ ବର୍ଷ ୧୦ମ ଶ୍ରେଣୀ ବୋର୍ଡ ପରୀକ୍ଷା ଦେଇଥିବା ବିଦ୍ୟାର୍ଥୀ ମାନଙ୍କ ଅଭିଭାବକଙ୍କ ଦ୍ୱାରା ଏକ କୃତଜ୍ଞତା ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି।ଉକ୍ତ ବିଦ୍ୟାଳୟର ଗୁରୁମା ,ଗୁରୁଜୀ , ସେବିକା, ସେବକଙ୍କୁ ସେମାନଙ୍କର ଦୀର୍ଘ ଏକ ଦଶନ୍ଧିରୁ ଉର୍ଦ୍ଧ୍ୱ ସମୟ ଧରି ପିଲାମାନଙ୍କର ଅଧ୍ୟୟନ ଯାତ୍ରାରେ ଅବଦାନ ନିମନ୍ତେ ଅଭିଭାବକ ମାନେ କୃତଜ୍ଞତା ଅର୍ପଣ ସ୍ୱରୂପ ସମସ୍ତ ଶିକ୍ଷକ ଏବଂ ଅଣଶିକ୍ଷକ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ଏକ ସ୍ମୃତି ଫଳକ ପ୍ରଦାନ କରାଯାଇଥିଲା। ବିଦ୍ୟାଳୟର ପରିଚାଳନା ସମିତିର ଶରଦ ଦାସ ଏବଂ ସଂଜୟ ପଟ୍ଟନାୟକ ଏହି ଉତ୍ସବରେ ସମ୍ବର୍ଦ୍ଧିତ ହୋଇଥିଲେ।

# କୃତ୍ରିମ ବୁଦ୍ଧିମତାର ଉପଯୋଗ ଉପରେ ସୋଆରେ ଆନ୍ତର୍ଜାତିକ ସମ୍ମିଳନୀ

ଭୁବନେଶ୍ୱର, (ସବ୍ୟୁ): କୃଷି କ୍ଷେତ୍ରରେ ଉନ୍ନତ ଜ୍ଞାନ କୌଶଳ ଓ କୃତ୍ରିମ ବୁଦ୍ଧିମତାର ଉପଯୋଗ ହିଁ ଭବିଷ୍ୟତର ଖାଦ୍ୟ ସୁରକ୍ଷା କ୍ଷେତ୍ରରେ ସ୍ଥାୟିତ୍ୱ ଆଣିପାରିବ। ଜଳ, ଖାଦ୍ୟ ଓ ପରିବେଶ ସମ୍ପର୍କିତ ସମସ୍ୟାକୁ ମୁକାବିଲା କରିବାରେ ଏଆଇ ଆଧାରିତ ପ୍ରଯୁକ୍ତି ଏକ ନୂତନ ଦିଗ ଉନ୍ମୁକ୍ତ କରିଛି ବୋଲି କହିଛନ୍ତି ୟୁଏସଏ ସ୍ଥିତ ନେବ୍ରାସ୍କା ବିଶ୍ୱବିଦ୍ୟାଳୟର ନେବ୍ରାସ୍କା ୱାଟର ସେଣ୍ଟରର ନିର୍ଦ୍ଦେଶକ ପ୍ରଫେସର ଚିତରଞ୍ଜନ ରାୟ। ଶିକ୍ଷା 'ଓ' ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ପରିଚାଳିତ କୃଷି ମହାବିଦ୍ୟାଳୟ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏଗ୍ରିକଲ୍‌ଚରାଲ ସାଇନ୍‌ସେସ୍ (ଆଇଏଏସ୍), ଏହାର ଅନ୍ତର୍ଗତ ସେଂଟର ଫର କ୍ଲାଇମେଟ୍ ସ୍ମାର୍ଟ ଏଗ୍ରିକଲଚର (ସିସିଏସ୍‌ଏ) ଓ ଏଆଇସି–ସୋଆ ଫାଉଣ୍ଡେସନ୍ ର ମିଳିତ ଆନୁକୂଲ୍ୟରେ "ଆର୍ଟିଫିସିଆଲ୍ ଇନ୍‌ଟେଲିଜେନ୍ସ ଇନ୍ ସେଫି ଏଗ୍ରିକଲ୍‌ଚର ଆଣ୍ଡ ଆଲାଏଡ ସେକ୍ଟର୍ସ ଫର୍ ସଷ୍ଟେନେବଲ୍ ଫୁଡ୍ ସିକ୍ୟୁରିଟି" ଶୀର୍ଷକ ଦୁଇ ଦିନିଆ ଆନ୍ତର୍ଜାତିକ ସମ୍ମିଳନୀର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମଙ୍ଗଳବାର ଏହା କହିଛନ୍ତି ପ୍ରଫେସର ରାୟ। ସ୍ଥାୟୀ ଖାଦ୍ୟ ସୁରକ୍ଷା ନିମନ୍ତେ କୃଷି ଓ ସହଯୋଗୀ କ୍ଷେତ୍ରରେ କୃତ୍ରିମ ବୁଦ୍ଧିମତାର ଉପଯୋଗ ସମ୍ପର୍କରେ ବିଚାରବିମର୍ଷ ଓ ଆଲୋଚନା କରିବା ନେଇ ଆୟୋଜିତ ଏହି ସମ୍ମିଳନୀରେ କରିଥିଲେ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଅଧକ୍ଷତା କରିଥିଲେ। ସମ୍ମିଳନୀର ଆୟୋଜନ କମିଟିର ଅଧକ୍ଷ ତଥା ସିସିଏସ୍‌ଏର ନିର୍ଦ୍ଦେଶକ ପ୍ରଫେସର ରବୀନ୍ଦ୍ର କୁମାର ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ କୃଷି



ୟୁଏସଏ ସ୍ଥିତ ନେବ୍ରାସ୍କା-ଲିଙ୍କନ୍ ବିଶ୍ୱବିଦ୍ୟାଳୟର ସିନିୟର ପ୍ରୋଗ୍ରାମ ମ୍ୟାନେଜର ଡକ୍ଟର ଜୁଡ୍ କୋବିଙ୍ଗ୍ ଓ ଟେକ୍ସାସ ଏ ଆଣ୍ଡ ଏମ୍ ର ରିଜେଂଟସ୍ ପ୍ରଫେସର ଓ କୋଲ୍‌ସ ଚେୟାର ପ୍ରଫେସର ବିନାୟକ ପି. ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗ ଦେଇ କୃଷି କ୍ଷେତ୍ରରେ ଏଆଇ ଭିତିକ ନିଷ୍ପତି ନେବା ପ୍ରଣାଳୀ, ଜଳ ପରିଚାଳନା ଓ ଆନ୍ତର୍ଜାତୀୟ ସହଯୋଗର ଆବଶ୍ୟକତା ଉପରେ ଆଲୋଚନା ମହାବିଦ୍ୟାଳୟର ଡିନ୍ ପ୍ରଫେସର ସନ୍ତୋଷ କୁମାର ରାଉତ୍ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ସମ୍ମିଳନୀର ଆବାହକ ଡ଼କ୍ଟର ଅଂଶୁମାନ ଜେନା ଏବଂ ଡକ୍ଟର ସୁଭପ୍ରଦା ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ଶେଷରେ ପ୍ଲାଂଟ ଫିଜିଓଲୋଜି ବିଭାଗର ମୁଖ୍ୟ ପ୍ରଫେସର ସରୋଜ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ବ୍ଲକ ପରିସରରେ ଅଧକ୍ଷଙ୍କୁ ସଂଘବଦ୍ଧ ଆକ୍ରମଣ



ବ୍ରହ୍ମପୁର, (ସବ୍ୟୁ): ଶେରଗଡ ବ୍ଲକ ପରିସରରେ ବ୍ଲକ ଅଧକ୍ଷ କୃଷ୍ଣ ଚନ୍ଦ୍ର ନାୟକଙ୍କୁ ବ୍ଲକ ପରିସରରେ ଠିକା କାମ ନେଇ ସଂଘବଦ୍ଧ ଭାବେ ଗୋଟିଏ ଗୋଷ୍ଠୀ ପକ୍ଷରୁ ମରଣାନ୍ତକ ଆକ୍ରମଣ କରିଥିବା ବେଳେ ଗୁରୁତର ଆହତ ହୋଇ ଥିବା ଜଣାପଡିଛି ।

ତାଙ୍କ ମୁଣ୍ଡକୁ ମାଡ ହୋଇଥିବା ବେଳେ ସେ ଗୁରୁତର ଅବସ୍ଥାରେ ସ୍ଥାନୀୟ ମେଡିକାଲ ପରେ ଏବେ ବ୍ରହ୍ମପୁର ଏମେକେସିଜି ମେଡିକାଲ କଲେଜ ଓ ହସପିଟାଲକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡିଛି । ସେରଗଡ ବ୍ଲକ ଠିକା କାମକୁ ନେଇ ସଂଘବଦ୍ଧ ଆକ୍ରମଣ ଆକ୍ରମଣ ହୋଇଥିବା ସୁଚନା ମିଳିଛି ।

# ଆଇନଜୀବୀଙ୍କ ଘରକୁ ବୋମାମାଡ଼ ଘଟଣା, ୫ ଗିରଫ

ବ୍ରହ୍ମପୁର, (ସବ୍ୟୁ): ବଡ଼ବଜାର ଥାନା ଅନ୍ତର୍ଗତ ଶ୍ରୀରାମନଗର ଅଞ୍ଚଳରେ ଆଇନଜୀବୀଙ୍କ ଘରକୁ ବୋମାମାଡ଼ ଓ ଖଣ୍ଡା ବୁଲାଇ ଆତଙ୍କ ସୃଷ୍ଟି କରିବା ଅଭିଯୋଗରେ ପୋଲିସ ୫ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ଲାଞ୍ଜିପଲ୍ଲୀ ଅଞ୍ଚଳର ରୁଦ୍ର ଡାକୁଆ(୨୨), ଶ୍ରୀରାମ ନଗରର କାଳୀ ପ୍ରସାଦ ମହାରଣା(୧୯), ପାଣିଗ୍ରାହୀ ନଗରର ମଣିକାନ୍ତ ରଥ(୨୨), ସୋମନାଥ ନଗରର ସନ୍ତୋଷ ଗୌଡ଼(୧୯) ଏବଂ ଶିଶିର କୁମାର ବେହେରା(୧୯) । ପୁଲିସ ସେମାନଙ୍କ ନିକଟରୁ ଏକ କଳା ରଙ୍ଗର ପଲସର ମୋଟରସାଇକେଲ ଏବଂ ଦୁଇଟି



ଲୁହା ଖଣ୍ଡା ଜବତ କରିଛି ।

ଘଟଣାରୁ ପ୍ରକାଶ ଯେ, ଗତ ଦୁଇବର୍ଷ ତଳେ ଶ୍ରୀରାମ ନଗରରେ ଗଣେଶ ପୂଜା ସମୟରେ ରୁଦ୍ର ଡାକୁଆ ଏବଂ ଆଇନଜୀବୀ ମହେଶ ତ୍ରିପାଠୀ ଓରଫ ଜାକିଙ୍କ ମଧ୍ୟରେ ବିବାଦ ସୃଷ୍ଟି ହୋଇଥିଲା । ଏହି ପୁରୁଣା ଶତ୍ରୁତାକୁ କେନ୍ଦ୍ର କରି ଗତ ୮ ତାରିଖ ରାତିରେ ଉଭୟଙ୍କ ମଧ୍ୟରେ ଗାଳିଗୁଲଜ ଓ ଧସ୍ତାଧସ୍ତି ହୋଇଥିଲା । ଏହାର ପ୍ରତିଶୋଧ ନେବା ପାଇଁ ରୁଦ୍ର ଓ ତାଙ୍କ ସହଯୋଗୀମାନେ ୯ ତାରିଖ ବିଳମ୍ବିତ ରାତିରେ ମହେଶଙ୍କ ଘର ଉପରକୁ ପଥର ମାଡ଼ କରିବା ସହ ବୋମାମାଡ଼ କରିଥିଲେ ଏବଂ ଖଣ୍ଡା ଦେଖାଇ ପରିବାର ଲୋକଙ୍କୁ ଭୟଭୀତ କରିଥିଲେ ।

ମହେଶଙ୍କ ପତ୍ନୀ କମଳ କୁମାରୀ ନାୟକଙ୍କ ଅଭିଯୋଗ କ୍ରମେ ବଡ଼ବଜାର ଥାନା କେସ୍ ନମ୍ବର ୧୬୨/୨୦୨୬ରେ ଏକ ମାମଲା ରୁଜୁ ହୋଇଥିଲା । ବ୍ରହ୍ମପୁର ଏସଡିପିଓ ଏବଂ ବଡ଼ବଜାର ଥାନା ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ । ଅନ୍ୟପକ୍ଷରେ ଏହି ଘଟଣାକୁ ନେଇ ଆଇନଜୀବୀ ମହେଶ ତ୍ରିପାଠୀଙ୍କ ବିରୋଧରେ ମଧ ଏକ ମାମଲା ରୁଜୁ ହୋଇ ତଦନ୍ତ ଚାଲିଥିବା ପୁଲିସ ସୂଚନା ଦେଇଛି ।

# ଗେରେଡା ସେକସନରେ ବୁଲୁଛି କଲରାପତରିଆ

ଭଞ୍ଜନଗର, (ସବ୍ୟୁ): ଗଞ୍ଜାମ ଜିଲ୍ଲା ଉତ୍ତର ଘୁମୁସର ବନଖଣ୍ଡ ଜଗନ୍ନାଥପ୍ରସାଦ ବନାଞ୍ଚଳ ଗେରେଡା ସେକେସନରେ ଏକ କଲରାପତରିଆ ବାଘ ବୁଲୁଥିବାର ଲୋକେ ଦେଖିଥିବା ଖବର ସ୍ଥାନୀୟ ଅଞ୍ଚଳରେ ଆତଙ୍କ ସୃଷ୍ଟି କରିଛି । ଖବର ନେବାରେ ସୋମବାର ସନ୍ଧ୍ୟାବେଳେ ଗେରେଡା ସେକେସନର ଟିକିଲୁଡ଼ା ଗ୍ରାମର ଜୈନିକ ପଶୁପାଳକ ଦୟାନିଧି ପ୍ରଧାନଙ୍କ ବାଡିପଟେ ବନ୍ଧାହୋଇଥିବା ଛେଳିମାନଙ୍କ ମଧ୍ୟରୁ ଗୋଟିଏ ଛେଳିକୁ କଲରାପତରିଆ ବାଘ ଝାମ୍ପି ନେଇ ନିକଟସ୍ଥ ଏକ ଲଟା ବୁଦା ପାଖରେ ମାରି ଖାଇଥିବାର ଜଣା ପଡିଛି । ସେହି ସମୟରେ ଅନ୍ୟ ଛେଳି ଗୁଡାକ ରଡି ପକାଇବାରୁ ପଶୁପାଳକ ଦୟାନିଧି ଆସି ଦେଖିଥିଲେ । ଗୋଟିଏ ଛେଳି ନାହିଁ । ହେଲେ ଭୟରେ ଦୟାନିଧି ରାତିରେ ଖୋଜାଖୋଜି କରିନଥିଲେ । ମଙ୍ଗଳବାର ସକାଳୁ ଖୋଜିବାକୁ ଗଲାବେଳେ ଗାଁ ନିକଟସ୍ଥ ଏକ ଲଟାବୁଦାରେ ଛେଳିଟିର କିଛି ଅଂଶ ପଡିଥିବାର ଦେଖି ବନ ବିଭାଗକୁ ଖବର ଦେଇଥିଲେ । ଘଟଣାସ୍ଥଳରେ ବନବିଭାଗ କର୍ମଚାରୀ ପହଞ୍ଚି ମୃତ ଛେଳିର କିଛି ଅଂଶ ଦେଖି ଫେରିଥିବା ବେଳେ ସେପଟେ ଏହା କଲରାପତରିଆ ବାଘ ବୋଲି ପାଦ ଚିହ୍ନଟରୁ ଜଣା ପଡିଥିବା ସହକାରୀ ବନଖଣ୍ଡ ଅଧିକାରୀ ବିମଳ କୁମାର ପ୍ରଧାନ କହିଛନ୍ତି । ସେପଟେ ସନ୍ଧ୍ୟାହେଲେ ସ୍ଥାନୀୟ ଅଞ୍ଚଳବାସି ଭୟଭୀତ ଅବସ୍ଥାରେ ଥିବା ଜଣେ ସ୍ଥାନୀୟବାସୀ ସୁଚନା ଦେଇଛନ୍ତି । ଏଣୁ ସ୍ଥାନୀୟ ଅଞ୍ଚଳରେ ଯୋରଦାର ପେଟ୍ରୋଲିଙ୍ଗ କରିବା ଜରୁରୀ ଆବଶ୍ୟକତା ରହିଛି ।

# ରାସ୍ତାକଡ ପୋଲକୁ ପିଟିହେଲା ବାଇକ୍, ଜଣେ ମୃତ

ଭଞ୍ଜନଗର, (ସବ୍ୟୁ): ଭଞ୍ଜନଗର ଥାନା ଅନ୍ତର୍ଗତ ଗୋଲାପଡା ନିକଟରେ ରାସ୍ତା କଡ଼ରେ ଥିବା ଏକ ପୋଲକୁ ପିଟିହେଲା ବାଇକ୍ ।

ଏଥିରେ ଜଣକର ମୃତ୍ୟୁ ହୋଇଥିବା ବେଳେ ଜଣେ ସହଯୋଗୀ ଗୁରୁତର ଆହତ ହୋଇଛନ୍ତି । ମୃତକ ଜଣକ ତାରାସିଙ୍ଗି ଥାନା ଅନ୍ତର୍ଗତ ରାଇପଲ୍ଲୀ ଗ୍ରାମର ସାଗର ଗୌଡ । ଆହତ ଜଣକ ସେହି ଗ୍ରାମର ସନ୍ତୋଷ ଦଳବେହେରା ।

ଘଟଣା ସ୍ଥଳରୁ ଉଭୟଙ୍କୁ ଉଦ୍ଧାର କରି ଭଞ୍ଜନଗର ମେଡିକାଲରେ ଭର୍ତ୍ତି କରାଯାଇଥିବା ବେଳେ, ସେଠାରେ ସାଗରଙ୍କୁ ମୃତ ଘୋଷଣା କରିଥିଲେ ଡାକ୍ତର ।

ଅନ୍ୟ ଜଣେ ଆହତାଙ୍କ ଅବସ୍ଥା ଗୁରୁତର ହେବାରୁ ପ୍ରାଥମିକ ଚିକିତ୍ସା ପରେ ବ୍ରହ୍ମପୁର ମେଡ଼ିକାଲକୁ ପଠାଯାଇଛି । ସୂଚନା ପ୍ରକାରେ ଦୁହେଁ ବାଇକ୍ ଯୋଗେ କୌଣସି ଏକ କାମରେ ଭଞ୍ଜନଗର ଆସିଥିଲେ ।

କାମ ସାରି ନିଜ ଗାଁ ରାଇପଲ୍ଲୀକୁ ଫେରୁଥିବା ବେଳେ ସାହାଣପଲ୍ଲି ନିକଟରେ ଗାଡ଼ିଟି ଭାରସାମ୍ୟ ହରାଇ ପୋଲ ଦେହରେ ପିଟି ହୋଇଯାଇଥିଲା । ସେଠାରେ ଦୁହେଁ ଗୁରୁତର ଅବସ୍ଥାରେ ପଡ଼ିଥିବା ବେଳେ ସ୍ଥାନୀୟ ଲୋକେ ଉଦ୍ଧାର କରି ଭଞ୍ଜନଗର ମେଡିକାଲରେ ଭର୍ତ୍ତି କରିଥିଲେ । ମୃତ ଦେହକୁ ଜବତ କରି ଘଟଣାର ତଦନ୍ତ କରୁଛି ପୋଲିସ ।

# ଅମିତାଭ ମହାପାତ୍ର ଜୋନ୍ ୪ ଏସିପି

କଟକ, (ସ୍ୱପ୍ର) : କଟକ ସହରରେ ଜଣାଶୁଣା ପୋଲିସ ଚେହେରା ଅମିତାଭ ମହାପାତ୍ର ମଙ୍ଗଳବାର ବିଧିବଦ୍ଧଭାବେ ଜୋନ୍ ୪ ଏସିପି ଭାବେ ଦାୟିତ୍ୱ ନେଇଛନ୍ତି । ଏବେ ଶ୍ରୀ ମହାପାତ୍ରଙ୍କ ଅଧିନରେ ବୟାଳିଶମୌଜା, ବାରଙ୍ଗ, କଟକସଦର ଆଦି ଥାନା ଗୁଡିକ ରହିବ । ସେ କଟକର ମଙ୍ଗଳାବାଗ ଥାନା ଆଇଆଇସି, ଜୋନ-୨ ଏସିପି, ଜୋନ-୪ ଏସିପି ଓ ଡିସିପିଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ କରି ବହୁ ସୁନାମ



କମେଇଛନ୍ତି । ଏବେ ପୁଣି ତାଙ୍କୁ ଜୋନ-୪ ଏସିପି ଭାବେ ଦାୟିତ୍ୱ ମିଳିଛି । ସେ ମଙ୍ଗଳାବାଗ ଥାନାରେ ଆଇଆଇସି ଭାବେ କାର୍ଯ୍ୟରତ ଥିବାବେଳେ କଟକ ବଡ ମେଡିକାଲକୁ ଦଲାଲ ମୁକ୍ତ କରିବାରେ ବିଶେଷ ସଫଳତା ହାସଲ କରିଥିଲେ । ସେ ଜୋନ-୪ ଏସିପି ଭାବେ ଦାୟିତ୍ୱ ନେବା ପରେ ଅଞ୍ଚଳରେ ଥିବା ଅପରାଧୀମାନଙ୍କ ମନରେ ଛନକା ପଶିଛି ।

# ୱାର୍କର୍ସ କ୍ଲବର ବାର୍ଷିକୋତ୍ସବ : ଯୋଗରେ ମମତା ରାଉତରାୟଙ୍କୁ ପ୍ରଥମ ପୁରସ୍କାର

କଟକ, (ସ୍ୱପ୍ର) : ୱାର୍କର୍ସ କ୍ଲବର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶୀତା ଲାଭ କରିଥିବା ମହିଳାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଯୋଗରେ ଶ୍ରେଷ୍ଠତା ପ୍ରତିପାଦନ କରିଥିବା ଶାନ୍ତି ମହିଳା ୱାର୍କର୍ସ କ୍ଲବର ପୂର୍ବତନ ସଭାନେତ୍ରୀ ମମତା ରାଉତରାୟଙ୍କୁ ପ୍ରଥମ ପୁରସ୍କାର ପ୍ରଦାନ କରାଯାଇଥିବାବେଳେ ଅଜନ୍ତା ମହାପାତ୍ରଙ୍କୁ ଯାଥାକ୍ରମେ ଦ୍ୱିତୀୟ ଓ ସ୍ମିତାରାଣୀ ପ୍ରଧାନଙ୍କୁ ତୃତୀୟ ପୁରସ୍କାର ମିଳିଥିଲା ।



ଏହି କାର୍ଯ୍ୟକ୍ରମରେ ଅତିଥିଭାବେ ଦୈନିକ ପ୍ରଗତିବାଦୀର କାର୍ଯ୍ୟନିର୍ବାହୀ ସମ୍ପାଦକ ବିରୁପାକ୍ଷ ତ୍ରିପାଠୀ, ଡା. ଜୟନ୍ତ ପଣ୍ଡା, ଆଡଭୋକେଟ ମନୋଜ ମିଶ୍ର, ରାଜକିଶୋର ସ୍ୱାଇଁ, ପ୍ରିୟ ରଞ୍ଜନ ମହାପାତ୍ର ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିବା ସହିତ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ମହିଳାମାନଙ୍କୁ ପୁରସ୍କୃତ କରିଥିଲେ ।

## ମାଙ୍କଡଙ୍କ ଉପଦ୍ରବ ଯୋଗୁଁ ବ୍ୟାପକ ଫସଲ ନଷ୍ଟ

ବୁଗୁଡ଼ା, (ସବ୍ୟୁ) : ସଂପ୍ରତି ବୁଗୁଡ଼ା ଅଞ୍ଚଳରେ ମାଙ୍କଡ଼ ପଲର ଉପଦ୍ରବ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ଗ୍ରାମାଞ୍ଚଳରେ ଚାଷୀମାନଙ୍କ ବିଲରେ ପଲପଲ ମାଙ୍କଡ଼ ପଶି ମୁଗ ଓ ବିରି ଖାଇବା ସହ ଫସଲ ଉଜାଡି ଦେଉଛନ୍ତି । ମାଙ୍କଡ଼ମାନଙ୍କ ଉପଦ୍ରବରେ ଚାଷୀମାନେ ଅତିଷ୍ଠ ହୋଇପଡିଥିଲେ ସୁଦ୍ଧା କୌଣସି ପ୍ରତିକାର ବ୍ୟବସ୍ଥା କରି ନପାରି କ୍ଷତି ସହିବାକୁ ବାଧ ହେଉଛନ୍ତି । ଯଦି କୌଣସି ଚାଷୀ ନିଜ ବିଲରୁ ମାଙ୍କଡ଼ ପଲକୁ ଘଉଡାଇବାରେ ସକ୍ଷମ ହେଉଛନ୍ତି ତେବେ ମାଙ୍କଡ଼ ପଲ ଅନ୍ୟ ଚାଷୀଙ୍କ ବିଲରେ ପଶି ପୁଣି ସେହି ହରକତ କରୁଛନ୍ତି । ଏନେଇ ବନ ବିଭାଗକୁ ଅବଗତ କରାଇଲେ ମଧ କୌଣସି ସୁଫଳ ମିଳୁନି । କ'ଣ କଲେ ମାଙ୍କଡ଼ମାନଙ୍କ ଉପଦ୍ରବରୁ ନିସ୍ତାର ମିଳିବ ସେଇ ଚିନ୍ତାରେ ଚାଷୀମାନେ ମୁଣ୍ଡରେ ହାତ ଦେଇ ବସିଛନ୍ତି । ମାଙ୍କଡ଼ମାନଙ୍କ ବିତ୍ପାତରୁ କିଭଳି ତ୍ରାହି ମିଳିବ ସେନେଇ ପ୍ରଶାସନିକ ସ୍ତରରେ କୌଣସି ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି ।

## ଏଚପିଭି ଟୀକାକରଣ କାର୍ଯ୍ୟକ୍ରମ

ଛତ୍ରପୁର, (ସବ୍ୟୁ): ଛତ୍ରପୁର ବ୍ଲକ ମୁନିସିପେଣ୍ଟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଠାରେ ଏଚପିଭି ଟୀକା କାରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ଅତିଥି ରୂପେ ବ୍ଲକ ଉପାଧ୍ୟକ୍ଷା ଏସ. ସାରଦା ରେଡୀ, ଜିଲ୍ଲା ପରିଷଦ ଜୋନ ନଂ ୨୧ ଛବିତା ବେହେରା, ସରପଞ୍ଚ ନିରଞ୍ଜନ ପ୍ରଧାନ, ସମିତି ସଭ୍ୟ ଶମ୍ଭୁନାଥ ସ୍ୱାଇଁ, ଛତ୍ରପୁର ଏବିଡ଼ିଓ ସୁଧାଂଶୁ ଶେଖର ତରାଇ, ଯୁବନେତା ବନୋଜ ନାହାକ, ବାପି ଦାସ ଏବଂ ଏନ.ଦୁର୍ଯ୍ୟୋଧନ ରେଡି ପ୍ରମୁଖ ଉପସ୍ଥିତ ଥିଲେ । ଏଥିରେ ସରକାରଙ୍କ ଦ୍ୱାରା ପଦ୍ଧତ ଏକ ନୂତନ ରୂପେ ରୋବୋଟିକ୍ ଆନାଲାଇଜାର ମେସିନ ଏବଂ ଆଇଆରଇଏଲ ଦ୍ୱାରା ପଦ୍ଧତ ହୋଇଥିବା ଆମ୍ବୁଲାନ୍ସ ଉଦଘାଟନ କାର୍ଯ୍ୟକ୍ରମର ଶୁଭାରମ୍ଭ ସହିତ ୧୪ ବର୍ଷରୁ ଉର୍ଦ୍ଧ ଶିଶୁ ବାଳିକା ମାନଙ୍କୁ କର୍କଟ ଜନିତ ରୋଗରୁ ମୁକ୍ତି ଲାଭ ପାଇଁ ଏଚପିଭି ଟୀକାକରଣ ପ୍ରକ୍ରିୟାର ପ୍ରଥମ ପର୍ଯ୍ୟାୟ ଶୁଭାରମ୍ଭ ହୋଇଥିଲା ।

# ବାରିପଦା ବ୍ୟାଙ୍କ ପେନ୍‌ସନ୍‌ଧାରୀଙ୍କ ଗଣଧାରଣା ଓ ପ୍ରଦର୍ଶନ




ବାରିପଦା, (ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅଖିଳ ଭାରତ ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀ ମହାସଂଘ ଓ ନିଖିଳ ଓଡିଶା ଅବସରରେ ପ୍ରାପ୍ତ ବ୍ୟାଙ୍କ କର୍ମଚାରୀ ମହାସଂଘର ଆହ୍ୱାନ କ୍ରମେ ଭାରତୀୟ ରିଜର୍ଭ ବ୍ୟାଙ୍କର ସୂତ୍ର ଅନୁଯାୟୀ ସମସ୍ତ ସରକାରୀ ଓ ବ୍ୟବସାୟିକ ବ୍ୟାଙ୍କର ପେନ୍‌ସରଧାରୀଙ୍କର ପେନ୍‌ସନ୍‌ର ପୁନଃନିର୍ଦ୍ଧାରଣ ନିମନ୍ତେ ଏକ ବିଶାଳ ଗଣଧାରଣା ଓ ପ୍ରଦର୍ଶନ ଅନୁଷ୍ଠିତ ହୋଇଯାଇଛି। ଏହି ଧାରଣାରେ ବାରିପଦା ତଥା ଆଖପାଖ ଶତାଧିକ ବ୍ୟାଙ୍କ ପେନ୍‌ସନ୍‌ଧାରୀ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୧ଟା ଯାଏଁ ଯୋଗଦାନ କରି ଧାରଣାରେ ବସିଥିଲେ। ଦାବୀ ସମୂହର ପ୍ରଦର୍ଶନ କରାଯାଇଥିଲା। ପେନ୍‌ସନ୍‌ର ପୁନଃନିର୍ଦ୍ଧାରଣ ଦାବୀ ସାଙ୍ଗକୁ ଅନ୍ୟ ଦାବୀ ଗୁଡିକ ମଧ୍ୟରେ ସର୍ବନିମ୍ନ ପେନ୍‌ସନର ପରିମାଣ ଦଶହଜାର ଟଙ୍କା ହେବା, ଘରୋଇ ବ୍ୟାଙ୍କ ପେନ୍‌ସନ୍‌ଧାରୀଙ୍କୁ ଏକ୍ସଗ୍ରାସିଆ ପ୍ରଦାନ, ଏକ୍ସଗ୍ରାସିଆ ରାଶିର ପୁନଃନିର୍ଦ୍ଧାରଣ, ସ୍ୱତନ୍ତ୍ର ଭତ୍ତାକୁ ମୂଳ ଦରମା ସହ ମିଶାଇ ପେନ୍‌ସନ୍ ନିର୍ଦ୍ଧାରଣ, କମ୍ୟୁଟେସନ୍ ରାଶିର ପରିଶୋଧ ସମୟ ୧୫ବର୍ଷ ସ୍ଥଳେ ୧୧ବର୍ଷ ହେବା, ପେନ୍‌ସନ୍ ପାଉନଥିବା କର୍ମଚାରୀଙ୍କୁ ପେନ୍‌ସନ୍ ପ୍ରଦାନ, ସୁଲଭ ସ୍ୱାସ୍ଥ୍ୟବୀମା ଯୋଜନାର ଉପଲବ୍ଧି, ସ୍ୱାସ୍ଥ୍ୟବୀମା ମୂଳ ପଲିସିର ଦେୟ ବ୍ୟାଙ୍କ ଦ୍ୱାରା ବହନ, ସ୍ୱାସ୍ଥ୍ୟବୀମା ଉପରୁ ସମ୍ପୂର୍ଣ୍ଣ ଜିଏସ୍‌ଟି ପ୍ରତ୍ୟାହାର, ବ୍ୟାଙ୍କ ଅଫ୍ ରାଜସ୍ଥାନର ଫେମିଲି ପେନ୍‌ଧାରୀଙ୍କୁ ପେନ୍‌ସନ୍ ପ୍ରଦାନ, ଅଖିଳ ଭାରତ ବ୍ୟାଙ୍କ କର୍ମଚାରୀ ମହାସଂଘ ସହ ଭାରତୀୟ ବ୍ୟାଙ୍କ ସଂଘର ସିଧାସଳଖ ଦ୍ୱିପାକ୍ଷିକ ଆଲୋଚନା ଆଦି ଅନ୍ତର୍ଭୁକ୍ତ। ଧାରଣାରତ ପେନ୍‌ସନ୍‌ଧାରୀଙ୍କୁ ପରେଶ ଚନ୍ଦ୍ର ପାତ୍ର, ରବିନ୍ଦ୍ର ସାହୁ, ଅସୀମ କୁମାର ସରକାର ଓ ପ୍ରଦୀପ କୁମାର ପାଣିଗ୍ରାହୀ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ଦାବୀ ପୂରଣ ନହେଲେ ଆଗାମୀ ଦିନରେ ଆନ୍ଦୋଳନ ଆହୁରି ତୀବ୍ର ହେବାର ମତପ୍ରକାଶ ହୋଇଥିଲା। ପରିଶେଷରେ ବିଭିନ୍ନ ଦାବୀ ସମ୍ବଳିତ ଏକ ସ୍ମାରକ ପତ୍ର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ଉଦ୍ଦେଶ୍ୟରେ ମୟୂରଭଞ୍ଜ ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଥିଲା।

# ଡ୍ରିମ୍‌ସରେ ଆମ୍ବିକନ୍‌ର ୧୫ତମ ରାଜ୍ୟ ସମ୍ମିଳନୀ

କଟକ, (ସ୍ୱପ୍ର): ଡ୍ରିମ୍‌ସ ଇନ୍‌ଷ୍ଟିଚ୍ୟୁଟ୍ ଅଫ ହେଲଥ୍ ସାଇନ୍ସ ଓ ହସ୍‌ପିଟାଲରେ ଭାରତର ମେଡିକାଲ ବାୟୋକେମିଷ୍ଟ ସଂଘ ଓଡିଶା ଶାଖାର ୧୫ତମ ବାର୍ଷିକ ସମ୍ମିଳନୀ (ଆମ୍ବିକନ୍) ଅନୁଷ୍ଠିତ ହୋଇଯାଇଛି । ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ସମ୍ମିଳନୀକୁ ଉଦଘାଟନ କରିବା ଅବସରରେ ସମସ୍ତଙ୍କୁ ସ୍ୱାଗତ କରିବା ସହ ସମ୍ମିଳନୀର ସଫଳତା କାମନା କରିଥିଲ । ସାଂଗଠନିକ କମିଟି ଅଧ୍ୟକ୍ଷ ତଥା ଡ୍ରିମ୍‌ସ ମେଡିକାଲ କଲେଜର ଡିନ୍ ପ୍ରଫେସର ଡା. ବିରଞ୍ଚି ନାରାୟଣ ମହାପାତ୍ର ଏଭଳି ସମ୍ମିଳନୀ ନିଷ୍କର୍ଷ ଯୁବ ଜୀବ ରସାୟନବିତ୍‌ଙ୍କୁ ମାର୍ଗଦର୍ଶନ କରିବବୋଲି କହିଥିଲେ । ସାଂଗଠନିକ ସଂପାଦକ ତଥା ଡ୍ରିମ୍‌ସ ମେଡିକାଲ କଲେଜର ଜୀବ ରସାୟନ ବିଭାଗୀୟ ମୁଖ୍ୟ ପ୍ରଫେସର ଡ. ମନ୍ମଥ କୁମାର ମଣ୍ଡଳ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ । ସଂଗଠନର ରାଜ୍ୟ ସଭାପତି ପ୍ରଫେସର ଡା. ପ୍ରତିମା କୁମାରୀ ସାହୁ, ସମ୍ପାଦିକା ପ୍ରଫେସର ଡା. ଶର୍ମିଷ୍ଠା ସ୍ୱାଇଁ , ପୂର୍ବାଞ୍ଚ ପ୍ରତିନିଧି ଡା. ନିରୂପମା ଦେବୀ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ । ପଦ୍ମିନୀ କେୟାରର ଅଧ୍ୟକ୍ଷ ଇଂ ଦୁର୍ଗା ପ୍ରସାଦ ରଥ, ନିର୍ଦ୍ଦେଶକ (କ୍ଲିନିକାଲ) ଡା. ପ୍ରମୋଦ କୁମାର ମିଶ୍ର, ଡିଜିଏମ୍ (ମାନବ ସମ୍ବଳ) ସତ୍ୟଜିତ୍ ସିଂ ପ୍ରମୁଖ ଉପସ୍ଥିତ ଥିଲେ । ତୁହିନା ବେହେରା, ଅନିରୁଦ୍ଧ ପଣ୍ଡା, ରୋହିତ କୁମାର ପୋଧ, ସିନୟ କରଣ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଯୁଗ୍ମ ସାଂଗଠନିକ ସମ୍ପାଦିକା ଡା. ପ୍ରଜ୍ଞାଦା ରିଚା ଯୋଶୀ ଡା. ପ୍ରିୟଙ୍କା ପ୍ରିୟଦର୍ଶିନୀ ଡା, ବୁଲୁ ମହାନ୍ତି, ଡା, ଶୁଭସୂର୍ଯ୍ୟ ପତି, ଡା. ଜ୍ୟୋତି ରଂଜନ ତ୍ରିପାଠୀ , ଡା. ମୀନାକ୍ଷୀ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏହି ଅବସରରେ ସଂଗଠନର ସ୍ମରଣିକା ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା । ଶିକ୍ଷାନୁଷ୍ଠାନର ବାୟୋକେମେଷ୍ଟ୍ରୀ ବିଭାଗ ଆନୁକୂଲ୍ୟରେ ଆୟୋଜିତ ଏହି ଦୁଇଦିନିଆ ରାଜ୍ୟସ୍ତରୀୟ ସମ୍ମିଳନୀରେ ବିଭିନ୍ନ ସରକାରୀ ଓ ଘରୋଇ ମେଡିକାଲ କଲେଜ ହସ୍‌ପିଟାଲର ଶତାଧିକ ଜୀବରସାୟନବିତ୍, ଡାକ୍ତରୀ ଛାତ୍ରଛାତ୍ରୀ ଯୋଗଦେଇ ରୋଗ ନିଦାନ, ଚିକିତ୍ସା କ୍ଷେତ୍ରରେ ଜୀବ ରସାୟନବିତମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋଚନା କରିଥିଲେ ।

# ଅଳଙ୍କାର ଚୋରି କରି ଚାକରାଣୀ ଗିରଫ



ଭଞ୍ଜନଗର, (ସବ୍ୟୁ): ଭଂଜନଗର ସହରର ଲଣ୍ଡେଇ ସାହିର ପ୍ରଭାସିନି ତ୍ରୀପାଠିଙ୍କ ଘରୁ କିଛି ସୁନା ଅଳଙ୍କାର ଚୋରି ହୋଇଯାଇଥିବାର ଥାନାରେ ଅଭିଯୋଗ ହୋଇଥିଲା । ଏନେଇ ଗତ ମାସରେ ଅଭିଯୋଗ ହୋଇଥିଲା । ନିଜେ ଘର ମାଲିକ ପ୍ରବାସିନି ତ୍ରୀପାଠି ଲିଖିତ ଅଭିଯୋଗ କରିଥିଲେ । ଘଟଣା ପ୍ରକାରେ ପ୍ରଭାସିନୀଙ୍କ ଘରକୁ କାମ କରିବାକୁ ଆସୁଥିଲା ନିକଟସ୍ଥ ଛେଦାଭୂମି ଗ୍ରାମର ଲିଲି ପ୍ରଧାନ । ପରବର୍ତ୍ତୀ ସମୟରେ ଲିଲି ଆଉ ଘରକାମ କରିବାକୁ ଆସିଲା ନାହିଁ । ନିଜର ମୋବାଇଲ୍ ସୁଇଚ୍ ଅଫ୍ କରିଦେଲା ।

ଏହି ସମୟରେ ପ୍ରଭାସିନୀଙ୍କ ଘରୁ ସମସ୍ତ ସୁନା ଅଳଙ୍କାର ଚୋରି ହୋଇଥିବା ସେ ଜାଣିବାକୁ ପାଇଲେ । ଏନେଇ କାମ କରିବାକୁ ଆସୁଥିବା ଲିଲି ପ୍ରଧାନଙ୍କ ଉପରେ ସନ୍ଦେହ ହୋଇଥିଲା । ଏ ସଂକ୍ରାନ୍ତରେ ଘରମାଲିକ ଭଂଜନଗର ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗ ପାଇବା ପରେ ଏକ ମାମଲା ରୁଜୁ କରି ଭଂଜନଗର ପୋଲିସ ଘଟଣାର ତଦନ୍ତ କରିଥିଲା । ତେବେ କୌଣସି ସୁତ୍ରରୁ ପୋଲିସ ଖବର ପାଇ, ଲିଲି ପ୍ରଧାନଙ୍କୁ ଥାନାକୁ ଆଣି ପଚରାଉଚରା ପରେ, ସେ ସବୁକଥା ମାନିଯାଇଥିଲା । ତାଠାରୁ ଚୋରି ହୋଇଥିବା ଗୋଟିଏ ସୁନା ଚେନ, ୮ ଟି କାନଫୁଲ ଓ ମୁଦିକୁ ଉଧାର କରି, ଘରମାଲିକ ପ୍ରଭାସିନି ତ୍ରୀପାଠିଙ୍କୁ ହସ୍ତାନ୍ତର କରିଥିଲା ପୋଲିସ । ଥାନା କେଶ୍ ନମ୍ବର ୧୨୨/୨୬ ମାମଲା ପ୍ରକାରେ ଅଭିଯୁକ୍ତ ଲିଲି ପ୍ରଧାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଥାନାଧିକାରୀ ଜୀବନାନନ୍ଦ ଜେନା ସୂଚନା ଦେଇଛନ୍ତି ।

# ବିଶ୍ୱ ମହିଳା ଦିବସରେ ଭାଗନେଲେ ୩୫୦ ଛାତ୍ରୀ

ବାରିପଦା, (ସବ୍ୟୁ) : ଜିଲ୍ଲା ପ୍ରଶାସନ ଓ ଜିଲ୍ଲା କ୍ରୀଡା ବିଭାଗର ଆନୁକୂଲ୍ୟରେ ଆୟୋଜିତ ବିଶ୍ୱ ମହିଳା ଦିବସ ବଡ଼ସାହି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଦିବସ ପାଳନ ଅବସରରେ ଚଳିତ ମାସ ୬ତାରିଖରୁ ୮ ତାରିଖ ମଧ୍ୟରେ ୩୫୦ଜଣ ଛାତ୍ରୀଙ୍କୁ ନେଇ ସମୂହ ଯୋଗାସନ, ମିନି ମାରାଥନ ଓ ଆତ୍ମ ସୁରକ୍ଷା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଯୋଗଦେଇ ସ୍ଥାନୀୟ ସରପଞ୍ଚ ବୁଧୁରାମ ସିଂହ ଏହି କାର୍ଯ୍ୟକ୍ରମକୁ ଉଦଘାଟନ କରିବା ସହ ଛାତ୍ରୀମାନଙ୍କୁ ଆତ୍ମନିର୍ଭରଶୀଳ ହେବା ସହ ନିଜର ସୁରକ୍ଷା ନିମନ୍ତେ ନିଜେ ସଜାଗ ରହିବାକୁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା କ୍ରୀଡା ଅଧିକାରୀ ଡଃ ସୁଭାଶିଷ ନାୟକ, ଗୋଷ୍ଠୀ ଶିକ୍ଷା ଅଧିକାରୀ ମନମୋହନ ହେମ୍ବ୍ରମ, ଓଡିଶା ଆଦର୍ଶ ବିଦ୍ୟାଳୟର ଅଧ୍ୟାପିକା ଶୁଭଶ୍ରୀ ବେହେରା, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁବର୍ଣ୍ଣ ଜେନା ଓ ସିଆରସିସି ସନକ କୁମାର ଘୋଷ ଉପସ୍ଥିତ ଥିଲେ। କ୍ରୀଡା ଶିକ୍ଷକ ଧର୍ମେନ୍ଦ୍ର ପଣ୍ଡା, ଖେଲ ଇଣ୍ଡିଆ ସେଣ୍ଟରର କୋଚ୍ ସୁରେଶ ସାହୁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଅଣସ୍ୱୀକୃତି ପ୍ରାପ୍ତ ଶିଳ୍ପ ଅନୁଷ୍ଠାନ ସହଯୋଗରେ ଗଣଦୌଡ ପ୍ରତିଯୋଗିତା

ବାରିପଦା, (ସବ୍ୟୁ) : ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦା ଜଗନ୍ନାଥ ମନ୍ଦିର ରଥ ପଡିଆ ଠାରୁ ବାରିପଦା ଖେଳ ପଡିଆ ପର୍ଯ୍ୟନ୍ତ ଏକ ଗଣଦୌଡ ପ୍ରତିଯୋଗିତା ମୟୂରଭଞ୍ଜ ଜିଲ୍ଲାର ସମସ୍ତ ଅଣସ୍ୱୀକୃତି ପ୍ରାପ୍ତ ଶିଳ୍ପ ଅନୁଷ୍ଠାନ ସହଯୋଗରେ ବାରିପଦା ଶିଳ୍ପ ତାଲିମ କେନ୍ଦ୍ର ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି।




ଏଥିରେ ୨୫୦ ପ୍ରତିଯୋଗୀ ଭାଗ ନେଇଥିଲେ। ଏହି ଗଣଦୌଡକୁ ସଡକ ପରିବହନ ବିଭଗର ଅଧିକାରୀ ପ୍ରସାନ୍ତ କୁମାର ପରିଡା ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ତାଙ୍କ ସହିତ ନିଯୁକ୍ତି ବିଭାଗର ଅଧିକାରୀ ଆଶିଶ ବସନ୍ତିଆ, ରାଜ୍ୟ ସଭାପତି ଅରୁଣ କୁମାର ନାଏକ, ଉପସଭାପତି ଦିଲ୍ଲିପ କୁମାର ମୋହାଭୋଇ, ଜିଲ୍ଲା ସମ୍ପାଦକ ରୁପେଶ କୁମାର ଗିରି ଓ ଜିଲ୍ଲା କୀଡା ସଂସଦର ସମ୍ପାଦକ ବିଜୟ କୁମାର ଦାସ ପ୍ରମୁଖ ଉପସ୍ଥିତ ରହି ପୁରସ୍କାର ବିତରଣ ଉତ୍ସବକୁ ସଫଳ କରାଇଥିଲେ। ଏହି ଗଣ ଦୌଡକୁ ବର୍ଷା ବୈଶାଳୀ, ସୁଶାନ୍ତ ମହାନ୍ତି, ସୁଭଦ୍ରା ବେହେରା ଓ ବିଶ୍ୱଜିତ୍ ପଟ୍ଟନାୟକ ପ୍ରମୁଖ ସଫଳ କରାଇବାରେ ସହଯୋଗ କରିଥିଲେ। ଏହି ଦୌଡରେ ସହ୍ନେଇ ଟୁଡୁ ଓ ଅନିଲ୍ କୁମାର ସିଂ ପ୍ରଥମ, ସରୋଜିନି ମହାନ୍ତ ଓ ସୁଦା ହେମ୍ବ୍ରମ ଦ୍ୱିତୀୟ ଏବଂ କବିତା ସିଂ ଓ ରାମଚନ୍ଦ୍ର ଟୁଡୁ ତୃତୀୟ ପ୍ରମୁଖ ସଫଳ ହୋଇଥିଲେ।

# ଦକ୍ଷିଣ ଓଡ଼ିଶାରେ ଟିପିଏସ୍‌ଓଡିଏଲ୍ ପକ୍ଷରୁ ଋତୁସ୍ରାବଜନିତ ସ୍ୱାସ୍ଥ୍ୟ ଅଭିଯାନ

ବ୍ରହ୍ମପୁର, (ସବ୍ୟୁ): ଗୋଷ୍ଠୀ ସ୍ୱାସ୍ଥ୍ୟ, ସମାଜ କଲ୍ୟାଣ ଓ ଲିଙ୍ଗଗତ ସମାନତା ଭଳି କ୍ଷେତ୍ରକୁ ଅଗ୍ରାଧିକାର ଦେଇ ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଏସ୍‌ଓଡିଏଲ) ପକ୍ଷରୁ ବ୍ୟାପକ ଋତୁସ୍ରାବ ସ୍ୱାସ୍ଥ୍ୟ ଓ ସ୍ୱଚ୍ଛତା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଛି । ୮ଟି ଜିଲ୍ଲାର ୧୦ ହଜାରରୁ ଅଧିକ କିଶୋରୀ ଓ ମହିଳମାନଙ୍କୁ ଏସମ୍ପର୍କରେ ସଚେତନ କରାଯାଇଛି । ଋତୁସ୍ରାବ ସମ୍ପର୍କିତ ସଠିକ ସୂଚନା ଦେବା ସହ ସ୍ୱଚ୍ଛତା ଅଭ୍ୟାସକୁ ପ୍ରୋତ୍ସାହିତ କରିବା, ଋତୁସ୍ରାବ ନେଇଥିବା ଭ୍ରାନ୍ତ ଧାରଣାକୁ ଦୂର କରିବା ଦିଗରେ କମ୍ପାନୀ ପକ୍ଷରୁ ମହିଳାମାନଙ୍କୁ ଅବଗତ କରାଯାଇଛି । ଋତୁସ୍ରାବ କିଶୋରୀଙ୍କ ସ୍ୱାସ୍ଥ୍ୟ ଓ ସାମାଜିକ ବିକାଶ କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ଉପାଦାନ ।



ବିଶେଷ କରି ଗ୍ରାମାଞ୍ଚଳ ତଥା ଛୋଟ ଛୋଟ ସହରଗୁଡ଼ିକରେ ଋତୁସ୍ରାବକୁ ନେଇ ଅନେକ ଭ୍ରାନ୍ତ ଧାରଣା ତଥା ସାମାଜିକ ଓ ପାରିବାରିକ କଟକଣା ରହିଛି । ଫଳସ୍ୱରୂପ କିଶୋରୀମାନଙ୍କର ବିଦ୍ୟାଳୟ ଉପସ୍ଥାନରେ ଏହାର ନକରାତ୍ମକ ପ୍ରଭାବ ଦେଖିବାକୁ ମିଳୁଛି । ଏଣୁ ବାଳିକାମାନଙ୍କୁ ଋତୁସ୍ରାବ ସମ୍ପର୍କରେ ସଠିକ ସୂଚନା ପ୍ରଦାନ କରିବା ସହ ପରିବାର ଓ ସମାଜ ମଧ୍ୟରେ ଏସମ୍ପର୍କିତ ଖୋଲା ବାର୍ତ୍ତାଳପକୁ ପ୍ରୋତ୍ସାହିତ କରିବା ଦିଗରେ କମ୍ପାନୀ ଉଦ୍ୟମ କରିଛି । ଏହା ଦ୍ୱାରା ଏକ ସଚେତନଶୀଳ ସମାଜ ଗଠନ ହୋଇପାରିବ ବୋଲି ଟିପିଏସ୍‌ଓଡିଏଲ ବିଶ୍ୱାସ କରୁଛି । ଦକ୍ଷିଣ ଓଡ଼ିଶାର ଘଞ୍ଚ ଜଙ୍ଗଲ ଓ ପାହାଡ଼ର ବଳୟ ଭିତରେ ରହୁଥିବା ଜନଜାତି ସଂପ୍ରଦାୟର ମହିଳା ଓ କିଶୋରୀମାନଙ୍କୁ କମ୍ପାନୀ ପକ୍ଷରୁ ସଚେତନ କରାଯାଇଛି । ବିକ୍ଷିପ୍ତ ଜନବସତି ଓ ଯୋଗାଯୋଗ ଆହ୍ୱାନକୁ ଦୃଷ୍ଟିରେ ରଖି ବ୍ୟାପକ ପ୍ରଚାର ପ୍ରସାର ସୁନିଶ୍ଚିତ କରିବା ନିମନ୍ତେ ସରକାରୀ ଓ ବେସରକାରୀ ବିଦ୍ୟାଳୟ, କମ୍ୟୁନିଟି ହଲ୍, ଅଙ୍ଗନୱାଡି କେନ୍ଦ୍ର, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ଗ୍ରାମ ଗୋଷ୍ଠୀ କେନ୍ଦ୍ରଗୁଡ଼ିକରେ ସଚେତନତା ଶିବିର ଓ ଅଧିବେଶନ ଆୟୋଜିତ ହୋଇଥିଲା । ଟିପିଏସ୍‌ଓଡିଏଲ୍ ପକ୍ଷରୁ ସମଗ୍ର ଦକ୍ଷିଣ ଓଡ଼ିଶାରେ ୭୭ଟି ଅଧିବେଶନ ଆୟୋଜିତ ହୋଇଥିବା ବେଳେ ଗଞ୍ଜାମରେ ସର୍ବାଧିକ ୧୨ଟି, କୋରାପୁଟରେ ୧୧ ଓ ମାଲକାନଗିରିରେ ୧୦ଟି ଅଧିବେଶନ ଅନୁଷ୍ଠିତ ହୋଇଥିଲା । ଗଜପତି, କନ୍ଧମାଳ, ନବରଙ୍ଗପୁର ଏବଂ ରାୟଗଡ଼ାଠାରେ ୯ଟି ଲେଖାଏ ଅଧିବେଶନ ଆୟୋଜନ କରିଥିବାବେଳେ ବୌଦ୍ଧ ୮ଟି ଅଧିବେଶନ ଆୟୋଜିତ ହୋଇଛି । ଡାକ୍ତର, ସହାୟକ ନର୍ସ (ଏଏନ୍‌ଏମ୍), ନର୍ସ, ଏନଜିଓ ପ୍ରତିନିଧି ଏବଂ ଗୋଷ୍ଠୀ ସ୍ୱାସ୍ଥ୍ୟ କର୍ମୀଙ୍କ ସମେତ ତାଲିମପ୍ରାପ୍ତ ବୃତ୍ତିଗତ କର୍ମଚାରୀମାନେ ଏହି ଅଧିବେଶନଗୁଡ଼ିକୁ ପରିଚାଳନା କରିଛନ୍ତି । ଗଞ୍ଜାମ, କୋରାପୁଟ, କନ୍ଧମାଳ, ମାଲକାନଗିରି, ବୌଦ୍ଧ ଓ ନବରଙ୍ଗପୁର ସମେତ ବିଭିନ୍ନ ଜିଲ୍ଲାର ମହିଳାମାନଙ୍କ ପାଇଁ ୧୨ଟି ସ୍ୱତନ୍ତ୍ର ଅଧିବେଶନ ଆୟୋଜନ କରାଯାଇଥିଲା । ସ୍ୱଚ୍ଛତା ଅଭ୍ୟାସକୁ ଦୃଢ଼ କରିବା ପାଇଁ ଅଧିବେଶନ ସମୟରେ ଋତୁସ୍ରାବ ସ୍ୱଚ୍ଛତା ସାମଗ୍ରୀ ବଣ୍ଟନ କରାଯାଇଥିଲା । କିଟ୍ ଗୁଡ଼ିକରେ କଭର ସହିତ ପୁନଃବ୍ୟବହାରଯୋଗ୍ୟ ସାନିଟାରୀ ପ୍ୟାଡ୍, ହ୍ୟାଣ୍ଡ ଟାଓ୍ୱେଲ, ତରଳ ସାବୁନ୍ କିମ୍ବା ସାନିଟାଇଜର ଏବଂ ସୂଚନାମୂଳକ ଲିଫଲେଟ୍ ରହିଥିଲା । ଏହି କାର୍ଯ୍ୟକ୍ରମରେ ୧୦,୧୧୦ ଜଣ ସାମିଲ ହୋଇଥିଲା ବେଳେ ତନ୍ମଧ୍ୟରେ ଗଞ୍ଜାମରୁ ସର୍ବାଧିକ ୧,୫୩୦ ଜଣ, ମାଲକାନଗିରିରୁ ୧,୪୨୯ ଏବଂ କୋରାପୁଟରୁ ୧,୩୯୮ ଜଣ ମହିଳା ଓ ବାଳିକା ରହିଛନ୍ତି ।

ସେହିପରି କନ୍ଧମାଳରେ ୧, ୨୫୯ ଜଣ, ରାୟଗଡ଼ା ଏବଂ ନବରଙ୍ଗପୁରରେ ଯଥାକ୍ରମେ ୧, ୨୨୦ ଏବଂ ୧, ୧୯୭ ଏବଂ ବୌଦ୍ଧ ଏବଂ ଗଜପତିରେ ୧,୦୪୯ ଏବଂ ୧,୦୨୮ ଜଣ କମ୍ପାନୀର ଏହି କାର୍ଯ୍ୟକ୍ରମଗୁଡ଼ିକରେ ସାମିଲ ହୋଇଥିଲେ । ଟିପିଏସ୍‌ଓଡିଏଲ୍ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ କହିଛନ୍ତି - ମହିଳାଙ୍କ ସ୍ୱାସ୍ଥ୍ୟ, ସମ୍ମାନ ଓ ଆତ୍ମବିଶ୍ୱାସ ସୁନିଶ୍ଚିତ କରିବା ନିମନ୍ତେ ଋତୁସ୍ରାବଜନିତ ସ୍ୱାସ୍ଥ୍ୟ ସଚେତନତା ଏକାନ୍ତ ଆବଶ୍ୟକ । ଏଭଳି ପଦକ୍ଷେପ ମାଧ୍ୟମରେ କମ୍ପାନୀ ସଂପ୍ରଦାୟ ମଧ୍ୟରେ ଋତୁସ୍ରାବ ସମ୍ପର୍କିତ ଏକ ସୂଚନାପୂର୍ଣ୍ଣ ଆଲୋଚନାକୁ ପ୍ରୋତ୍ସାହିତ କରିବାରେ ସଫଳ ହେଉଛି । ଦକ୍ଷିଣ ଓଡ଼ିଶାର ଅତି ଦୁର୍ଗମ ତଥା ଜନଜାତିବହୁଳ ଅଞ୍ଚଳରେ ପହଞ୍ଚି ଋତୁସ୍ରାବ ସମ୍ପର୍କିତ ସଚେତନତା ସୃଷ୍ଟି କରିବା ଦିଗରେ ଆମେ ଦୃଢ଼ ପରିକର ଅଟୁ ।

# କଚେରୀ ଛକରୁ ମହିଳାଙ୍କ ଠାରୁ ସୁନାଚେନ ଲୁଟ

ପଦ୍ମପୁର,(ସବ୍ୟୁ): ପଦ୍ମପୁର କଚେରୀ ଛକରେ ମହିଳାଙ୍କ ବେକରୁ ସୁନାଚେନ ଲୁଟ । ପଦ୍ମପୁର ସହରର ଜନଗହଳିପୂର୍ଣ୍ଣ ସ୍ଥାନ କଚେରୀ ଛକ ଠାରେ ମଙ୍ଗଳବାର ଅପରାହ୍ନ ପ୍ରାୟ ସାଢ଼େ୫ଟାରେ ରେ ପଦ୍ମପୁର ସହରର ବିଜୟନଗରର ସୁକାନ୍ତି ସାହୁ ତାଙ୍କ ପରିବାର ଲୋକଙ୍କ ସହ ଡାକ୍ତରଖାନା ସମ୍ମୁଖରେ ଥିବା କପଡା ଦୋକାନକୁ ଲୁଗା କିଣିବା ପାଇଁ ଯାଇଥିବା ସମୟରେ ଦୁଇ ଜଣ ଦୁର୍ବୃତ୍ତ ମୁହଁରେ କପଡା ବାନ୍ଧିହୋଇ ଆସି ଅତର୍କିତ ଭାବରେ ଆକ୍ରମଣ କରିବା ସହ ସେ ପିନ୍ଧିଥିବା ପ୍ରାୟ ୩୦ ଗ୍ରାମ ଓଜନର ସୁନା ଚେନକୁ ଲୁଟ କରିଥିଲେ । ଦୁର୍ବୃତ୍ତ



ମାନେ ମହିଳାଙ୍କ ସୁନାଚେନ ଟାଣିବା ଫଳରେ ମହିଳା ଜଣକ ତଳେ ପଡିଯାଇ କ୍ଷତାକ୍ତ ହୋଇଥିଲେ । ସେ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପଦ୍ମପୁର ପୋଲିସ ତଦନ୍ତ ଜାରିରଖିଥିବା ଜଣାପଡିଛି । ପଦ୍ମପୁର ସହରର ଜନଗହଳିପୂର୍ଣ୍ଣ ସ୍ଥାନ କଚେରୀ ଛକରୁ ଦିନଦ୍ୱିପହରରେ ଗହଳି ଭିତରେ ଲୁଟ କରି ପୁଣି ଫେରାର ମାରିବା ଲୁଟେରା ମାନେ ପୋଲିସକୁ ଚ୍ୟାଲେଞ୍ଜ କଲାଭଳି ମନେ ହେଉଛି । ପଦ୍ମପୁର ସହରକୁ ପଶିବା ରାସ୍ତାରେ ସିସିଟିଭି ରହିଛି ତା ସହିତ ପ୍ରାୟତଃ ଦୋକାନରେ ଏବେ ସିସିଟିଭି ଲାଗିଛି । ଏହି ଲୁଟେରା ମାନେ କିଭଳି ସାହସ କରି ଲୁଟ କରୁଛନ୍ତି । ଲୁଟ ପଛରେ ନିଶା ସେବନର କାରଣ ରହିଛି କି । ଲୁଟ କରିଥିବା ସୁନା ଗହଣାକୁ ଲୁଟେରା ମାନେ କରୁଛନ୍ତି କଣ ଏବେ ତାହା ପ୍ରଶ୍ନବାଚୀ ହୋଇଛି ।

# ଜିଲ୍ଲାପାଳ ଅଫିସ ଘେରିଲା ବିଜେଡି, ଚାଷୀଙ୍କୁ ଜଣାଇଲା ସମର୍ଥନ

ବରଗଡ଼ ,(ସବ୍ୟୁ): ନିଜକୁ ଲୋକଙ୍କ ସରକାର ବୋଲି ବାହାସ୍ଫୋଟ ମାରୁଥିବା ରାଜ୍ୟ ବିଜେପି ସରକାର ଲୋକଙ୍କ ପାଇଁ ଜିଲ୍ଲାପାଳ ଅଫିସ ରେ ତାଲା ପକାଇବା ଘଟଣା କୁ ବରଗଡ଼ ବିଜେଡି ଦୃଢ଼ ପ୍ରତିବାଦ କରିଛି । ଜିଲ୍ଲା ରେ ବହୁ ଚାଷୀ ଧାନ ବିକ୍ରି ପାଇଁ ପଞ୍ଜୀକରଣ ରୁ ବଞ୍ଚିତ ହୋଇ ଥିବା ,ଧାନ ବିକ୍ରି କରି ନ ପାରିବା କାରଣ ରୁ ଦୀର୍ଘ ଦିନ ହେଲା ବରଗଡ଼ ଜିଲ୍ଲାପାଳ କାର୍ଯ୍ୟାଳୟ ପରିସର ରେ ଧାରଣ କରି ଆସୁଥିବା ବେଳେ ସରକାରୀ ସ୍ତର ରେ ସଂପୃକ୍ତ ଚାଷୀ ମାନଙ୍କୁ ମିଥ୍ୟା ପ୍ରତିଶ୍ରୁତି ପ୍ରଦାନ କରି ମଧ ଚାଷୀ ଙ୍କ ସମସ୍ୟା ସମାଧାନ ରେ ବିଫଳ ହୋଇଥିବାରୁ ଚାଷୀ ମାନେ ବସ୍ତା ବସ୍ତା ଧାନ ଆଣି ଜିଲ୍ଲା ପାଳ ଅଫିସ ରେ ଗଦା କରି ଧାରଣ ପ୍ରଦାନ କରିଥିଲେ ।ତେବେ ଜିଲ୍ଲା ପାଳ ଅଫିସ ରୁ ଧାନ ଚୋରି ହୋଇ ଯାଇଥିବା ବେଳେ ଜୋର୍ ଜବରଦସ୍ତି ଚାଷୀଙ୍କୁ ପୋଲିସ ଉଠାଇ ନେବା ଘଟଣା କୁ ବିଜେଡି ଦୃଢ଼ ପ୍ରତିବାଦ ଜଣାଇ ଚାଷୀଙ୍କ ସମସ୍ୟା ଓ ଆନ୍ଦୋଳନରତ ଚାଷୀ ଙ୍କୁ ସମର୍ଥନ ଦେବା ପାଇଁ ଜିଲ୍ଲାପାଳଙ୍କୁ ଭେଟିବାକୁ ବରଗଡ଼ ଜିଲ୍ଲା ବିଜେଡି ସଭାପତି ସୁଶାନ୍ତ ମହାପାତ୍ର ,ପୂର୍ବତନ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ,ପୂର୍ବତନ ମନ୍ତ୍ରୀ ରୀତା ସାହୁ ,ପୂର୍ବତନ ବିଧାୟକ ଦେବେଶ ଆଚାର୍ଯ୍ୟ ,ବରିଷ୍ଠ ବିଜେଡି ନେତା ଗୌରହରି ମିଶ୍ର,ଜିଲ୍ଲା ପରିଷଦ ଅଧକ୍ଷା ମାନିନୀ ଭୋଇ,ପୌର ଅଧକ୍ଷା କଳ୍ପନା ମାଝୀ ବରଗଡ଼ ଟାଉନ ବିଜେଡି ସଭାପତି ଅନୁପ ଶତପଥୀ, ଯୁବନେତା କରନ ସିକନ୍ଦର ,ଭେଡେନ ବ୍ଲକ ସଭାପତି ହରିଶଙ୍କର ବେହେରା,ଜିଲ୍ଲା ବିଜେଡି ଉପସଭାପତି କିଶୋର ମିଶ୍ର ଯୁବ ସଂପାଦକ ଚନ୍ଦନ ଗୁପ୍ତା ଉମା ଚରଣ ରାଉତ ସତ୍ୟ ପଣ୍ଡା ସମୀର ବାରିକ ମଧୁ ସାହୁ ଙ୍କ ସମେତ ଶତାଧିକ ବିଜେଡି ନେତୃ ମଣ୍ଡଳୀ ଜିଲ୍ଲାପାଳ




କାର୍ଯ୍ୟାଳୟ ପହଞ୍ଚିଥିଲେ ।ତେବେ ଜିଲ୍ଲାପାଳ ଅନୁପସ୍ଥିତ ରହି ଅଫିସ ଆଗରେ ତାଲା ପକାଇ ପୋଲିସ ଜଗିଥିବା ରୁ ବିଜେଡି ନେତୃ ମଣ୍ଡଳୀ ଚାଷୀ ଙ୍କୁ ଭେଟିବାକୁ ଯିବା ପାଇଁ କିଛି ସମୟ ଧରି ବିଜେଡି ନେତୃ ମଣ୍ଡଳୀ ଓ ପୋଲିସ ମଧ୍ୟରେ ଯୁକ୍ତି ତର୍କ ହୋଇ ଥିଲା ପରେ ଡେପୁଟି କଲେକ୍ଟର ପହଞ୍ଚିବା ପରେ ବିଜେଡି ନେତୃ ମଣ୍ଡଳୀ ଧାରଣା ରତ ଚାଷୀ ଙ୍କୁ ଭେଟି ସମର୍ଥନ ଜଣାଇ ଥିଲେ ।ଏବେ ବି ବିଭିନ୍ନ ମଣ୍ଡି ରେ ହଜାର ହଜାର ବସ୍ତା ଧାନ ବିକ୍ରି ନ ହୋଇ ପଡ଼ି ରହିଥିବା ବେଳେ ସ୍ଥାନୀୟ ବିଧାୟକ ବୃନ୍ଦ ଓ ରାଜ୍ୟ ସରକାର ଚାଷୀ ଙ୍କ ଧାନ ସୁରୁଖୁରୁ ରେ କିଣା ଯାଇଛି ବୋଲି ମିଥ୍ୟା କହିବା ଘଟଣା କୁ ବିଜେଡି ତୀବ୍ର ସମାଲୋଚନା କରିଥିବା ବେଳେ ଡାଲୁଅ ଧାନ କିଣା ପଞ୍ଜିକରଣ ପାଇଁ ମାତ୍ର ୧୦ ଦିନ ସମୟ ଦିଆ ଯାଇଥିବାରୁ ବର୍ଷା ଋତୁ ଫସଲ ର ଧାନ ବର୍ତ୍ତମାନ ପର୍ଯ୍ୟନ୍ତ ଚାଷୀ ବିକ୍ରୟ କରି ପାରି ନ ଥିବା ବେଳେ ମାତ୍ର ୧୦ ଦିନ ରେ କିପରି ଚାଷୀ ପଞ୍ଜିକରଣ କରି ଧାନ ବିକିବେ ବୋଲି ଉଲ୍ଲେଖ କରି ତୁରନ୍ତ ଧାନ ବିକ୍ରି ପଞ୍ଜିକରଣ ପ୍ରକ୍ରିୟା ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ବୃଦ୍ଧି ପାଇଁ ଦାବି କରିଛି । ବରଗଡ଼ ରେ ଆଇନ ଶୃଙ୍ଖଳା ପରିସ୍ଥିତି ଜଟିଳ ହୋଇଥିବା ବେଳେ ଦିନ କୁ ଦିନ ଅପରାଧ ବଢ଼ି ଚାଲିଥିବା ବେଳେ ତାକୁ ନିୟନ୍ତ୍ରଣ କରିବାରେ ବରଗଡ଼ ଜିଲ୍ଲା ପ୍ରଶାସନ ଓ ପୋଲିସ ବିଫଳ ହୋଇ ଥିବା ବେଳେ ନିଜର ହକ ପାଇଁ ଲଢେଇ କରୁଥିବା ଚାଷୀ ଙ୍କୁ ଦମନ କରିବା ପାଇଁ ଜିଲ୍ଲା ପ୍ରଶାସନ ଓ ବରଗଡ଼ ପୋଲିସ ର ପାରିବା ପଣିଆ କୁ ବିଜେଡି ପକ୍ଷରୁ କଡ଼ା ସମାଲୋଚନା କରାଯାଇଛି ।ଆଗାମୀ ଦିନ ରେ ଯଦି ସରକାର ଚାଷୀ ମାନଙ୍କ ସମସ୍ୟା ସମାଧାନ ନ କରନ୍ତି ତାହେଲେ ବିଜେଡି ଆନ୍ଦୋଳନ କୁ ଆହୁରି ତୀବ୍ର କରିବ ବୋଲି ଚେତାବନୀ ପ୍ରଦାନ କରିଛି ।

# ୧୨ରୁ କେନଘାଟିରେ ଚବିଶି ପ୍ରହରୀ ନାମଯଜ୍ଞ

ସମ୍ବଲପୁର, (ସବ୍ୟୁ): ସମ୍ବଲପୁର ଜିଲ୍ଲା ସିନ୍ଦୁରପଙ୍କ କେନଘାଟି ସ୍ଥିତ ଶ୍ରୀରାମ ବାଟିକାରେ ଆସନ୍ତା ୧୨ ତାରିଖରୁ ଚବିଶି ପ୍ରହରୀ ନାମଯଜ୍ଞ ଅନୁଷ୍ଠିତ ହେବ। ଏହି ନାମ ଯଜ୍ଞରେ ଓଡିଶା ସମେତ ବାହାର ରାଜ୍ୟର ପ୍ରାୟ ୩୫ରୁ ଉର୍ଦ୍ଧ୍ୱ ସଙ୍କୀର୍ତ୍ତନ ମଣ୍ଡଳୀ ଅଂଶଗ୍ରହଣ କରିବାର କାର୍ଯକ୍ରମ ରହିଛି । ଏହି ଉପଲକ୍ଷେ ହୋଟେଲ ଡ଼ଲଫିନ ଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସମାଜସେବୀ ସିଦ୍ଧାର୍ଥ ସାହା ଏହା କହିଥିଲେ। ସେ ଆହୁରି କହିଥିଲେ ଯେ, ନାମଯଜ୍ଞରେ ସାରା ଭାରତ ବର୍ଷ ରୁ ପ୍ରାୟ ଦୁଇଶହ ସାଧୁସନ୍ଥ, ନାଗା ବାବା, ମହନ୍ତ, ପିଠାଧିପତି, ମହାମଣ୍ଡଳେଶ୍ୱର ଆଦି ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଏହି ସାଧୁସନ୍ଥ ମାନେ ଶ୍ରୀରାମ ବାଟିକାରେ ନିର୍ମିତ ନିଜ ନିଜ ଆଶ୍ରମରେ ଦୀର୍ଘ ଚାରି ଦିନ ଧରି ଅବସ୍ଥାନ କରିବେ । ସମସ୍ତ ସାଧୁସନ୍ଥ ଓ ମହନ୍ତ ମାନେ ୧୪ ତାରିଖରେ ସମଲେଶ୍ୱରୀ ଦର୍ଶନ କରିବା ସହ ଏକ ବିରାଟ ଶୋଭାଯାତ୍ରାରେ ସହର ପରିକ୍ରମା କରିବାର କାର୍ଯ୍ୟକ୍ରମ ରହିଛି । ଏହି ଶୋଭାଯାତ୍ରା ସମଲେଶ୍ୱରୀ ମନ୍ଦିରରୁ ବାହାରି କୁଞ୍ଜେଲପଡା, ଝାଡୁଆପଡା ଦେଇ ଦଳେଇପଡା ପଞ୍ଚମୁଖୀ ହନୁମାନ ମନ୍ଦିର ଠାରେ ସମାପନ ହେବ । ଏହି ସମୟରେ ଶ୍ରଦ୍ଧାଳୁ ମାନେ ଏକକାଳୀନ ଶହଶହ ସାଧୁସନ୍ଥଙ୍କ ଦର୍ଶନ କରିବାର ସୌଭାଗ୍ୟ ଅର୍ଜନ କରିପାରିବେ। ସେହିଦିନ ସନ୍ଧ୍ୟାରେ ଶ୍ରୀରାମ ବାଟିକାରେ ଅଂଶଗ୍ରହଣ କରିଥିବା ସାଧୁ ଓ ସନ୍ଥ ମାନଙ୍କ ବିଶେଷ ସେବା କରାଯିବ, ଶ୍ରଦ୍ଧାଳୁ ଭକ୍ତମାନେ ବ୍ୟକ୍ତିଗତ ଭାବେ ସାଧୁସନ୍ଥ ମାନଙ୍କ ସେବା କରିବାର ସୌଭାଗ୍ୟ ଅର୍ଜନ କରିପାରିବେ। ତେବେ ଆସନ୍ତା ୧୨ରେ ଅଧିବାସ, ୧୫ରେ ସାଧୁସନ୍ଥ ଓ ମହନ୍ତ ସେବା ଏବଂ ୧୬ ତାରିଖରେ ଯଜ୍ଞର ପୂର୍ଣ୍ଣାହୁତି ପ୍ରଦାନ ସହ ନଗର କୀର୍ତ୍ତନ ଅନୁଷ୍ଠିତ ହେବ। ଦିଲ୍ଲୀର ମହା ମଣ୍ଡଳେଶ୍ୱର ନୱଲ କିଶୋର ଦାସ ଜି ମହାରାଜ, ଅର୍ନ୍ତରାଷ୍ଟ୍ରୀୟ ରାମ କଥା ପ୍ରଚାର ଖାଲସା ଯୋଗ ଦେବା ସହ ପଶ୍ଚିମ ଓଡ଼ିଶା ବୈଷ୍ଣବ ମହାସଂଘ ଅଧକ୍ଷ ମହନ୍ତ ହୃଷୀକେଶ ଦାସ ଜି ମହାରାଜ, ମଠପାଲି ରାଣୀମଠ ମହନ୍ତ ବାସୁଦେବ ଜି ମହାରାଜ, ଶ୍ରୀକ୍ଷେତ୍ର ଚାନ୍ଦପୁର ମଠ ମହନ୍ତ ରାଧାଚରଣ ଜି ମହାରାଜ, ମହନ୍ତ ସେକ୍ରେଟାରୀ ନାଗା ବାବା ରଘୁବିର ଦାସ ମହାରାଜ, ମଧ୍ୟପ୍ରଦେଶ ଛତରପୁର ନାଗାବାବା ରାଜେଶ ପୁରୀ ଜି, ଚମ୍ବଲ ପିଠାଧିସ୍ୱର ସୁନ୍ଦର ଦାସ ଜି ମହାରାଜ ପ୍ରମୁଖ ଯୋଗ ଦେବେ। ବିଶ୍ୱ ଶାନ୍ତି ଓ ଜଗତ କଲ୍ୟାଣ ଉଦ୍ଦେଶ୍ୟରେ ଆୟୋଜିତ ଏହି ଅଖଣ୍ଡ ନାମଯଜ୍ଞରେ ନିଜକୁ ସାମିଲ କରାଇ ଭଗବତ ସାନ୍ନିଧ ଲାଭ କରିବାକୁ ଆୟୋଜକ ଶତ୍ରୁଘନ ଲାଲ ସାହା ନିବେଦନ କରିଥିଲେ। ଏହି ସାମ୍ବାଦିକ ସମ୍ମିଳନୀରେ ଆୟୋଜକ କମିଟି ସଦସ୍ୟ ଡ଼ ବିଶ୍ୱରଞ୍ଜନ ପୁଝାରୀ, ମଧୁସୂଦନ କେଡ଼ିଆ, ବବି ଆରୋରା ପ୍ରମୁଖ ଉପସ୍ଥିତ ଥିଲେ।

# ବନବାସୀ ରକ୍ଷା ପରିବାର ଗୁରୁତ୍ୱପୂର୍ଣ୍ଣ ବୈଠକ

ସମ୍ବଲପୁର, (ସବ୍ୟୁ): ସମ୍ବଲପୁର ଜିଲ୍ଲା ବାମରା ପୂର୍ତ୍ତ ବିଭାଗ ଡାକବଙ୍ଗଳା ଠାରେ ମଙ୍ଗଳବାର ବନବାସୀ ରକ୍ଷା ପରିବାର ଫାଉଣ୍ଡେସନର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱହିନ୍ଦୁ ପରିଷଦ କେନ୍ଦ୍ରୀୟ ସହ ମନ୍ତ୍ରୀ ତଥା ରାଷ୍ଟ୍ରୀୟ ସଂଯୋଜକ ବନବାସୀ ରକ୍ଷା ଫାଉଣ୍ଡେସନ ବିରେନ୍ଦ୍ର ଶର୍ମାଙ୍କ ମାର୍ଗଦର୍ଶନରେ ବୈଠକ ହୋଇଥିଲା ।ବୈଠକରେ ବନବାସୀ ରକ୍ଷା ପରିବାରର ଉଦ୍ଦେଶ୍ୟ, ଆବଶ୍ୟକତା ଓ କାର୍ଯ୍ୟ ପ୍ରଣାଳୀ ଉପରେ ଅତିଥି ମାନେ ମାର୍ଗ ଦର୍ଶନ କରିଥିଲେଛ ବାମରା ବନବାସୀ ରକ୍ଷା ପରିବାର ବ୍ଲକ କମିଟି ଗଠନ କରାଯାଇଥିଲା। ଏହି କମିଟିରେ ବଲ୍ଲଭି ପଟେଲଙ୍କୁ ବ୍ଲକ ସଂଯୋଜିକା ଏବଂ ସଦସ୍ୟ ଭାବେ ପରମେଶ୍ୱର ସାହୁ, ସୁବୋଧିନି ପଟେଲ, କୁମାର ଚନ୍ଦ୍ର ପଟେଲ, ଅନିଲ ପାଣ୍ଡେଙ୍କୁ ମନୋନୀତ କରାଯାଇଥିଲା। ପରବର୍ତ୍ତୀ ବୈଠକରେ ପୂର୍ଣ୍ଣାଙ୍ଗ ୨୧ ଜଣିଆ ବ୍ଲକ କମିଟି ଏବଂ ୧୧ ଜଣିଆ ଗ୍ରାମ୍ୟ କମିଟି ଗଠନ କରାଯିବା ପାଇଁ ନିଷ୍ପତ୍ତି ହୋଇଥିଲା। ଏଥିରେ ବିଶ୍ୱ ହିନ୍ଦୁ ପରିଷଦ କେନ୍ଦ୍ରୀୟ ସହ ମନ୍ତ୍ରୀ ଧର୍ମ ପ୍ରସାର ବିଭାଗ ଅଚ୍ୟୁତାନନ୍ଦ କର, କେନ୍ଦ୍ରୀୟ ସହ ସଂଯୋଜକ ବନବାସୀ ରକ୍ଷା ପରିବାର ଧନଞ୍ଜୟ ସିଂହ, ଓଡ଼ିଶା ପଶ୍ଚିମ ପ୍ରାନ୍ତ ଧର୍ମ ପ୍ରସାର ବିଭାଗ ପ୍ରମୁଖ ଦିଲୀପ ମେହେର, ବନବାସୀ ରକ୍ଷା ପରିବାର ପ୍ରାନ୍ତ ସଂଯୋଜକ ଇଞ୍ଜିନିୟର ବସନ୍ତ କୁମାର ଦାନୀ, ତୁଳା ବାବା, ସୁଦୀପ୍ତ ବାଘ୍, ସଞ୍ଜୀବ ସାହୁ, ଜ୍ୟୋତି କୁମାର ଲାଠ ଓ ସମସ୍ତ ସେବା ବ୍ରତୀ ଉପସ୍ଥିତ ଥିଲେ।

# ଜିଲ୍ଲାସ୍ତରୀୟ ଜଙ୍ଗଲ ଅଧିକାର କମିଟି ବୈଠକ

ଝାରସୁଗୁଡ଼ା, (ସବ୍ୟୁ): ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧକ୍ଷତାରେ ଜିଲ୍ଲା କାର୍ଯ୍ୟାଳୟର କନଫରେନ୍ସ ହଲ୍ଟାରେ ଜଙ୍ଗଲ ଅଧିକାର ଆଇନ-୨୦୦୬ (ଏଫଆ) ସମ୍ପର୍କିତ ଜିଲ୍ଲାସ୍ତରୀୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ ସଂଯୋଜନାରେ ଆୟୋଜିତ ଏହି ବୈଠକରେ ଜଙ୍ଗଲ ଜମିର ଅଣ-ଜଙ୍ଗଲ ବ୍ୟବହାର ଏବଂ ବ୍ୟକ୍ତିଗତ ଜଙ୍ଗଲ ଅଧିକାର ଦାବି ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରାଯାଇଥିଲା।

ବୈଠକର ନିଷ୍ପତ୍ତି ଅନୁଯାୟୀ, ବେଦାନ୍ତ କମ୍ପାନୀର କୁଦାଲୋଇ (ଏ) ନର୍ଥ କୋଇଲା ଖଣି ପ୍ରକଳ୍ପ ପାଇଁ ଜଙ୍ଗଲ ଜମି ବ୍ୟବହାର ପ୍ରସ୍ତାବକୁ କମିଟି ପକ୍ଷରୁ ଅନୁମୋଦନ ପ୍ରଦାନ କରାଯାଇଛି। ଅନ୍ୟପକ୍ଷରେ, ଓପିଟିସିଏଲ ପକ୍ଷରୁ ଟ୍ରାନ୍ସମିସନ ଲାଇନ ପାଇଁ ଦିଆଯାଇଥିବା ପ୍ରସ୍ତାବରେ ଆବଶ୍ୟକୀୟ ଦସ୍ତାବିଜର ଅଭାବ ଥିବାରୁ, ଏହାକୁ ପରବର୍ତ୍ତୀ ବୈଠକ ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଛି। ସେହିପରି କିର୍ମିରା ଓ ଲଖନପୁର ବ୍ଲକର ୬୪ଟି ବ୍ୟକ୍ତିଗତ ଜଙ୍ଗଲ ଅଧିକାର ଦାବି କ୍ଷେତ୍ରରେ ପୂର୍ବରୁ କିଛି ବୈଷୟିକ ତ୍ରୁଟି ପରିଲକ୍ଷିତ ହୋଇଥିଲା, ଯେଉଁଥିପାଇଁ ଜମି ସତ୍ତ୍ୱ ଲିପି (ଛିଞ୍ଚ) ସଂଶୋଧନରେ ସମସ୍ୟା ଉପୁଜୁଥିଲା। ଏହାକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି ଯେ, ଯେଉଁ ହିତାଧିକାରୀମାନେ ପ୍ରକୃତରେ ଜଙ୍ଗଲ ଜମି ଦଖଲରେ ନାହାନ୍ତି, ସେମାନଙ୍କ ଦାବିକୁ ନାକଚ କରାଯିବ। ଆଗାମୀ ଦିନରେ ଜଙ୍ଗଲ ଅଧିକାର ଆଇନ ଅନୁଯାୟୀ ସମସ୍ତ ଦାବିର ପୁଙ୍ଖାନୁପୁଙ୍ଖ ଯାଞ୍ଚ କରାଯାଇ ବିହିତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

# ପତ୍ରାପାଲି ସ୍କୁଲରେ ଶ୍ରେଣୀ ଗୃହ ଅଭାବ

# ଚାନ୍ଦୁଆ ତଳେ ପରୀକ୍ଷା ଦେଉଛନ୍ତି ଛାତ୍ରଛାତ୍ରୀ



ମୁରିବାହାଲ ,(ସବ୍ୟୁ): ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ ପତ୍ରାପାଲି(କ)ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷା ବିଭାଗର ଏକ ବିକଳ ଦୃଶ୍ୟ ଦେଖିବାକୁ ମିଳିଛି।ଆବଶ୍ୟକ ଶ୍ରେଣୀ ଗୃହ ଅଭାବରୁ ପ୍ରଚଣ୍ଡ ଖରାରେ ଚାନ୍ଦୁଆ ଟାଣି ଛାତ୍ରଛାତ୍ରୀଙ୍କୁ ତଳେ ବସାଇ ବାର୍ଷିକ ପରୀକ୍ଷା କରାଯାଉଛି।ବହୁ ଛାତ୍ରଛାତ୍ରୀ ବାହାରେ ଖରାରେ ବସି ପରୀକ୍ଷା ଦେଉଛନ୍ତି ।ଏହି ବିଦ୍ୟାଳୟରେ ପ୍ରଥମ ରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୧୭୭ ଜଣ ଛାତ୍ରଛାତ୍ରୀ ପାଠ ପଢୁଛନ୍ତି।ଏହି ଛାତ୍ରଛାତ୍ରୀଙ୍କୁ ପାଠ ପଢ଼ାଇବା ପାଇଁ ୭ ଜଣ ଶିକ୍ଷକଶିକ୍ଷୟିତ୍ରୀ ନିୟୋଜିତ ହୋଇଥିବା ବେଳେ ବିଦ୍ୟାଳୟରେ କେବଳ ମାତ୍ର ୨ଟି ଶ୍ରେଣୀ କୋଠରୀ ରହିଛି।ଶ୍ରେଣୀ କୋଠରୀ ଅଭାବ ଯୋଗୁଁ ନାହିଁନଥିବା ଅସୁବିଧା ସମ୍ପର୍କରେ ବିଦ୍ୟାଳୟ ପରିଚାଳନା କମିଟି ପକ୍ଷରୁ ବହୁବାର ବିଭାଗୀୟ ଉଚ୍ଚ ଅଧିକାରୀଙ୍କୁ ଅବଗତ କରାଯାଇଥିଲେ ମଧ କେହି ଦୃଷ୍ଟି ଦେଇନଥିବା ଅଭିଯୋଗ ହୋଇଛି। ଏଥିପାଇଁ ଗାଁର ଅନ୍ୟ ଏକ ସ୍ଥାନରେ ପଞ୍ଚାୟତ ପକ୍ଷରୁ ଲକ୍ଷାଧିକ ଟଙ୍କା ବ୍ୟୟରେବିଦ୍ୟାଳୟ ପାଇଁ ୩ଟି କୋଠରୀ ଏକ ବର୍ଷରୁ ଅଧିକ ଦିନ ହେବ ଠିକାଦାର ଦାରା ନିର୍ମାଣ ହୋଇସାରିଥିଲେ ମଧ ବର୍ତ୍ତମାନ ସୁଦ୍ଧା ହସ୍ତାନ୍ତର କରାଯାଇନଥିବାରୁ ୨ଟି ଶ୍ରେଣୀ ଗୃହରେ ଛାତ୍ରଛାତ୍ରୀଙ୍କୁ ପାଠ ପଢ଼ାଯାଉଛି । ଛାତ୍ରଛାତ୍ରୀଙ୍କ ବାର୍ଷିକ ପରୀକ୍ଷା ଯୋଗୁଁ ଅନ୍ୟ କୌଣସି ବିକଳ୍ପ ବ୍ୟବସ୍ଥା ନ ଥିବାରୁ ବାଧ ହୋଇ ବାହାରେ ଚାନ୍ଦୁଆ ଟାଣି ପରୀକ୍ଷା କରାଯାଉଥିବା ବିଦ୍ୟାଳୟ ପ୍ରଧାନଶିକ୍ଷକ ଜୟଦେବ ମାଝୀ ପ୍ରକାଶ କରିଛନ୍ତି। ଅସୁବିଧା ସମ୍ପର୍କରେ ଦୀର୍ଘବର୍ଷ ଧରି ବିଭାଗୀୟ ଶିକ୍ଷା ଓ ପ୍ରଶାସନିକ ଅଧିକାରୀମାନଙ୍କୁ ବାରମ୍ବାର ଅଭିଯୋଗ କରାଯାଇଥିଲେ ମଧ କୌଣସି ପଦକ୍ଷେପ ନିଆଯାଇନଥିବାରୁ ବାର୍ଷିକ ପରୀକ୍ଷା ପାଇଁ ଚାନ୍ଦୁଆ ଟାଣି ପରୀକ୍ଷା କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି ବୋଲି ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଯୋଗେଶ୍ୱର ପୁଟେଲ ପ୍ରକାଶ କରିଛନ୍ତି।ଏ ସମ୍ପର୍କରେ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶାନ୍ତନୁ କୁମାର ପଢିହାରୀଙ୍କୁ ପଚାରିବାରୁ ପଞ୍ଚାୟତ ପକ୍ଷରୁ ନବର୍ନିମିତ ଶ୍ରେଣୀ କୋଠରୀକୁ ମଙ୍ଗଳବାର ବିଦ୍ୟାଳୟକୁ ହସ୍ତାନ୍ତର କରାଯାଇଛି।ବୁଧବାରଠାରୁ ସେଠାରେ କେବଳ ଷଷ୍ଠ,ସପ୍ତମ ଓ ଅଷ୍ଟମ ଶ୍ରେଣୀର ଛାତ୍ରଛାତ୍ରୀମାନେ ବସି ପରୀକ୍ଷା ଦେବେ,ପୂର୍ବଭଳି ପ୍ରଥମ ରୁ ପଞ୍ଚମ ଶ୍ରେଣୀର ଛାତ୍ରଛାତ୍ରୀମାନେ ଏବେ ଥିବା ୨ଟି କୋଠରୀରେ ହିଁ ବସି ପାଠ ପଢିବା ସହ ବାର୍ଷିକ ପରୀକ୍ଷା ଦେବେ ବୋଲି ଶ୍ରୀ ପଢିହାରୀ ପ୍ରକାଶ କରିଛନ୍ତି।

# ପୃଥ୍ୱୀରାଜ ହାଇସ୍କୁଲ ୧୯୭୬ ମାଟ୍ରିକ ବ୍ୟାଚ ସୁବର୍ଣ୍ଣ ଜୟନ୍ତୀ ସମାରୋହ

ବଲାଙ୍ଗିର ,(ସବ୍ୟୁ): ୧୯୭୬ମାଟ୍ରି କ ବ୍ୟାଚ ପୃଥ୍ୱୀରାଜ ହାଇସ୍କୁଲ, ବଲାଙ୍ଗିର ସୁବର୍ଣ୍ଣ ଜୟନ୍ତି ସମାରୋହ ଅନୁଷ୍ଠିତ ହୋଇଯାଇଅଛି । ସ୍ଥାନୀୟ ପୃଥ୍ୱୀରାଜ ହାଇସ୍କୁଲ ସେଣ୍ଟିନେରୀ ହଲ ରେ ଉକ୍ତ ସମାରୋହଟି ପ୍ରାକ୍ତନ ଶିକ୍ଷକ, ପୂର୍ବତନ ଛାତ୍ର ଯେଉଁମାନେ ସମାଜର ବିଭିନ୍ନ ଦିଗରେ ଖ୍ୟାତି ଅର୍ଜନ କରିଚନ୍ତି ଓ ୧୯୭୬ ବ୍ୟାଚର ଛାତ୍ର ଓ ତାଙ୍କ ସହଧର୍ମୀଣିମାନଙ୍କ ସମାଗମରେ ସମ୍ପାଦିତ ହୋଇଛି । ପୃଥ୍ୱୀରାଜ ହାଇସ୍କୁଲ ର ୧୯୭୬ ମେଟ୍ରିକୁଲେସନ ବେଚ ଏମିତି ଏକ ବେଚ ଯହିଁ ରେ ଓଡିଶାରେ ଯେଉଁ ଦଶ ଜଣ ବେଷ୍ଟକ୍ଷେଣ୍ଡ ବଛା ହେଉଥିଲା, ସେତେବେଳେ ଅଜିତ କୁମାର ମିଶ୍ର ପ୍ରଥମ ସ୍ଥାନ ଓ ଶରତ କୁମାର ସାମନ୍ତରାୟ ସପ୍ତମ ସ୍ଥାନରେ ଅଳଙ୍କୃତ ହୋଇଥିଲେ । ସଭା ପ୍ରାରମ୍ଭରେ ନିମନ୍ତ୍ରିତ ପୂର୍ବତନ ଶିକ୍ଷକ, କୃତି ଛାତ୍ର, ସେବାବ୍ରତୀ ଓ ବର୍ତ୍ତମାନ ପ୍ରଧାନ ଶିକ୍ଷିକା ଓ ଗହଣରେ ବେଚର ସଭାପତି ଓମ୍ ପ୍ରକାଶ ଚାନ୍ଦ, ସେକ୍ରେଟେରୀ କମଲ ଚକ୍ରବର୍ତ୍ତି ସରସ୍ୱତୀ ପ୍ରତିମା ଙ୍କ ଠାରେ ପ୍ରଦୀପ ପ୍ରଜ୍ୱଳନ କରାହେଲା । ଅନୁଷ୍ଠାନର ସଭାପତି, ସେକ୍ରେଟରୀ ଓ ଛାତ୍ରଙ୍କ ଦ୍ୱାରା ଦିବଙ୍ଗତ ଶିକ୍ଷକ ଓ ସହପାଠି ଙ୍କ ନାମ ସ୍ମରଣ କରି ତାଙ୍କ ଚିତ୍ରମାନଙ୍କ ଠାରେ ଦୀପ ଦାନ କରି ତାଙ୍କ ଉଦ୍ଦେଶ୍ୟରେ ନୀରବ




ପ୍ରାର୍ଥନା କରାହେଲା । ଉପସ୍ଥିତ ପ୍ରାଣବନ୍ଧୁ ନାୟକ, ଘାସିରାମ ବିଶ୍ୱାଲ, ଶ୍ୟାମ ସୁନ୍ଦର ଉଦ୍‌ଗାତା,ଆଦିକନ୍ଦ ଷଡଙ୍ଗି ଓ ସେବାବ୍ରତୀ ଥବିର ଷାଣ୍ଢ ଙ୍କ ଉଦ୍ଦେଶ୍ୟରେ ମାନପତ୍ର ପଠନ ହୋଇ ସମ୍ମାନୀତ କରାହେଲା । ପୂର୍ବତନ ଛାତ୍ର ଖ୍ୟାତି ଅର୍ଜନ କରିଥିବା ଅନୁପ ସାହୁ ଙ୍କୁ ତାଙ୍କର ଓଡିଶା ଭଲିବଲ ଦଳର ଅନେକ ବର୍ଷ ଅଧିନାୟକ ରହିବା ନେଇ ସମ୍ମାନିତ କରାଯାଇଥିଲା । ପଦ୍ମଶ୍ରୀ ଶ୍ରୀନିବାସ ଉଦ୍‌ଗାତା ମଧ ପୃଥ୍ୱୀରାଜ ହାଇସ୍କୁଲରେ ଅନ୍ତେବାସୀ ଥିଲେ ଓ ତାଙ୍କ ବହୁମୁଲ୍ୟ ବକ୍ତବ୍ୟରଖିଲେ । ତାଙ୍କୁ ବେଚ ତରଫରୁ ଉପଢୌକନ ଦେଇ ସମ୍ମାନିତ କରାହେଲା । ସଭାରେ ବର୍ତ୍ତମାନର ପ୍ରଧାନ ଶିକ୍ଷିକା ସନ୍ତୋଷିନୀ ସେଠୀଙ୍କୁ ମେମେଣ୍ଟୋଦେଇ ସମ୍ମାନିତ କରାହେଲା । ବିଶେଷ ଅତିଥି ଭାବେ ପ୍ରଧାନ ଶିକ୍ଷକ ସ୍ୱର୍ଗତ ହରିହର ମିଶ୍ରଙ୍କ ଧର୍ମପତ୍ନୀ ରାସେଶ୍ୱରୀ ମିଶ୍ର ଯେ କି ୯୭ ବର୍ଷ ବୟସରେ ମଧ ଲେଖା ଲେଖିରେ ବ୍ୟସ୍ତ ଅଛନ୍ତି ଓ ଅନେକ ସାରସ୍ୱତ ସମ୍ମାନରେ ଭୂଷିତ । ସଭା ପ୍ରାରମ୍ଭରେ ସଭାପତିଙ୍କ ଭାଷଣରେ ସେ ଦିନ ବିଶ୍ୱ ମହିଳା ଦିବସ ଉପଲକ୍ଷେ ଉପସ୍ଥିତ ନାରୀ ଶକ୍ତିଙ୍କୁ ଶୁଭେଚ୍ଛା ଜଣାଇଥିଲେ । ଗୁରୁମା ଙ୍କୁ ସେଭଳି ଏକ ଦିବସରେ ସମ୍ମାନିତ କରି ଆମେ ଗର୍ବିତ ଓ ତାଙ୍କର ଶୁଭାଶିଷ ଓ ଆଶିର୍ବଚନ ଲାଭ କଲେ । ପରିବାର ସହିତ ଏଠିକାର ଓ ଅନେକ ଦୂରରୁ ଆସିଥିବା ସହପାଠୀମାଙ୍କୁ ଗୁରୁମାନଙ୍କ ହାତରୁ ମେମେଣ୍ଟୋ ବଣ୍ଟନ ଓ ତାଙ୍କର ପରିଚିତ ପର୍ବ ସମ୍ପନ୍ନ ହେଲା । ପଚାଶ ବର୍ଷର ସ୍ମୃତିକୁ ସାଇତି ରଖିବା ପାଇଁ ଏକ ସ୍ମରଣିକା ସ୍ମୃତି ଫର୍ଦ୍ଦର କଭର ଉନ୍ମୋଚନ ହୋଇଥିଲା । ।

# 'ଶ୍ରୀଜଗନ୍ନାଥ ଦର୍ଶନ' ଯୋଜନା

# ୬୬ ବରିଷ୍ଠ ନାଗରିକଙ୍କ ପୁରୀ ଯାତ୍ରା ଶୁଭାରମ୍ଭ

ଝାରସୁଗୁଡ଼ା,(ସବ୍ୟୁ): ଓଡ଼ିଶା ସରକାରଙ୍କ ଏକ ଅଭିନବ ପ୍ରୟାସ 'ଶ୍ରୀ ଜଗନ୍ନାଥ ଦର୍ଶନ' ଯୋଜନା ଅନ୍ତର୍ଗତ ଝାରସୁଗୁଡ଼ା ଜିଲ୍ଲାର ବରିଷ୍ଠ ନାଗରିକମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ଧର୍ମଯାତ୍ରାର ଶୁଭାରମ୍ଭ ହୋଇଯାଇଛି। ଆଜି ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ୬୬ ଜଣ ବରିଷ୍ଠ ନାଗରିକଙ୍କୁ ପୁରୀ ଶ୍ରୀକ୍ଷେତ୍ର ଅଭିମୁଖେ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି।ଏହି ଶୁଭାରମ୍ଭ ଅବସରରେ ମାନ୍ୟବର ମନ୍ତ୍ରୀଙ୍କ ପ୍ରତିନିଧି ସୁଧାଂଶୁ ବୋରା, ସାଂସଦଙ୍କ ପ୍ରତିନିଧି ସୁବ୍ରତ ତ୍ରିପାଠୀ ଏବଂ ବିଧାୟକଙ୍କ ପ୍ରତିନିଧି ବିମଳେନ୍ଦୁ ଭୋଳ ଉପସ୍ଥିତ ରହି ବରିଷ୍ଠ ନାଗରିକମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ସବୁଜ ପତାକା ଦେଖାଇ ଯାତ୍ରାର ଶୁଭାରମ୍ଭ କରିଥିଲେ।କାର୍ଯ୍ୟକ୍ରମଟିକୁ ସୂଚାରୁରୂପେ ପରିଚାଳନା କରିବା ପାଇଁ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବିଶ ରଞ୍ଜନ ନାୟକ, ଅତିରିକ୍ତ ଜିଲ୍ଲାପାଳ ବ୍ରଜ ବନ୍ଧୁ ଭୋଇ, ଶ୍ରୀ ଲଳିତ ସୋରେଙ୍ଗ ଏବଂ ସଞ୍ଜୀବ ପଟେଲଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହି ଯାତ୍ରୀମାନଙ୍କ ସୁବିଧା ଅସୁବିଧା ବିଷୟରେ ତଦାରଖ କରିଥିଲେ। ଓଡ଼ିଶା ସରକାରଙ୍କ 'ଶ୍ରୀ ଜଗନ୍ନାଥ ଦର୍ଶନ' ଯୋଜନା ମାଧ୍ୟମରେ ରାଜ୍ୟର ବରିଷ୍ଠ ନାଗରିକମାନଙ୍କୁ ମାଗଣାରେ ଶ୍ରୀକ୍ଷେତ୍ର ଦର୍ଶନ କରାଇବାର ବ୍ୟବସ୍ଥା କରାଯାଇଛି। ଏଥିରେ ଯାତ୍ରୀମାନଙ୍କ ପାଇଁ ଯାତାୟାତ, ରହିବା ଏବଂ ଖାଦ୍ୟପେୟର ସମସ୍ତ ଖର୍ଚ୍ଚ ସରକାର ବହନ କରୁଛନ୍ତି। ଏହି ପଦକ୍ଷେପ ଦ୍ୱାରା ଆର୍ଥିକ ଅନଗ୍ରସର ବରିଷ୍ଠ ନାଗରିକମାନେ ନିଜ ଜୀବନକାଳ ମଧ୍ୟରେ ମହାପ୍ରଭୁଙ୍କ ଦର୍ଶନ କରି ଆଧ୍ୟାତ୍ମିକ ଶାନ୍ତି ଲାଭ କରିପାରୁଛନ୍ତି

# କ୍ଷୁଦ୍ର ଜଳସେଚନ ବିଭାଗରେ ଟେଣ୍ଡର ଅନିୟମିତତା !

ରାୟଗଡା,(ସବ୍ୟୁ): ଜଣେ ନିର୍ଦ୍ଦିଷ୍ଟ ଠିକାଦାରଙ୍କୁ ଅନୁକମ୍ପା ଓ ଟେଣ୍ଡର ପ୍ରକ୍ରିୟାରେ ଅନିୟମିତତାକୁ ନେଇ କ୍ଷୁଦ୍ର ଜଳସେଚନ ବିଭାଗର ଅଧୀକ୍ଷଣ ଯନ୍ତ୍ରୀଙ୍କୁ ଘେରିବା ସହ ରାୟଗଡା ଥାନାରେ ଲିଖିତ ଅଭିଯୋଗ କରିଛି ଜିଲ୍ଲା ଠିକାଦାର ସଂଘ ।ଅନିୟମିତତାକୁ ନେଇ ଠିକାଦାର ସଂଘ ରାୟଗଡା କ୍ଷୁଦ୍ର ଜଳସେଚନ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଜଗନ୍ନାଥ ମଲ୍ଲିକଙ୍କୁ ସୋମବାର ଠିକାଦାରମାନେ ଦୀର୍ଘ ୨ ଘଣ୍ଟାକାଳ ଅଫିସ ଗୃହରେ ଘେରିଥିଲେ। ପରିସ୍ଥିତି ଏପରି ହୋଇଥିଲା ଯେ ଟାଉନ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଠିକାଦାରମାନଙ୍କୁ ବୁଝାସୁଝା କରିଥିଲେ। ତଥ୍ୟ ନେବାରେ ଜଣାପଡ଼ିଛି ଯେ କ୍ଷୁଦ୍ର ଜଳସେଚନ ବିଭାଗର ୧୫ଟି ଠିକା କାମକୁ ନେଇ ଲଟେରୀ ବ୍ୟବସ୍ଥା ଥିଲା। ହେଲେ ଅଧୀକ୍ଷଣ ଯନ୍ତ୍ରୀ ତାଙ୍କ ସଂପର୍କୀୟ ଠିକାଦାରଙ୍କୁ ଅହେତୁକ ଅନୁକମ୍ପା ଦେଖାଇ ୫ ଟି କାମର ଟେଣ୍ଡର ଯୋଗାଇଦେବାକୁ ଉଦ୍ୟମ କରୁଛନ୍ତି ବୋଲି ଅଭିଯୋଗ ହୋଇଥିଲା। ପୂର୍ବରୁ ଉକ୍ତ ଠିକାଦାର ଏକ କାମର ଏଗ୍ରିମେଣ୍ଟ ବାବଦକୁ ୧୫ ଲକ୍ଷ ଟଙ୍କା ୭ ଦିନ ମଧ୍ୟରେ ପୈଠ କରିବାକୁ ନିୟମ ଥିଲେ ସୁଦ୍ଧା ଏକ ମାସରୁ ଉର୍ଦ୍ଧ୍ୱ ସମୟ ହେଲା ସେ ଟଙ୍କା ପୈଠ କରିନାହାଁନ୍ତି। ତେବେ ବିଭାଗୀୟ ଅଧିକାରୀ ଜଗନ୍ନାଥ ମଲ୍ଲିକ ନିଜ ଜିଲ୍ଲାର ସଂପର୍କୀୟ ଠିକାଦରଙ୍କୁ କାହିଁକି ଏତେ ଅନୁକମ୍ପା ଦେଖାଉଛନ୍ତି ବୋଲି ସଂଘ ପକ୍ଷରୁ ଅଭିଯୋଗ ହୋଇଛି। ଏନେଇ ଅଧିକ୍ଷଣ ଯନ୍ତ୍ରୀ ଗଣମାଧ୍ୟମ ଆଗରେ ସ୍ପଷ୍ଟ ସୂଚନା ଦେଇନଥିବା ବେଳେ ଅଧୀକ୍ଷଣ ଯନ୍ତ୍ରୀଙ୍କ ବିରୋଧରେ ଥାନାରେ ଅଭିଯୋଗ କରାଯାଇଛି। ଏହାକୁ ନେଇ ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଉତ୍ତେଜନା ସୃଷ୍ଟି ହୋଇଥିଲା ।

# ଶ୍ରୀଜଗନ୍ନାଥ ଦର୍ଶନ ଯୋଜନାରେ ୭୪ ତୀର୍ଥଯାତ୍ରୀ ସାମିଲ

ସମ୍ବଲପୁର, (ସବ୍ୟୁ): ସ୍ଥାନୀୟ ପାନ୍ଥ ନିବାସ ସ୍ଥିତ ମହାନଦୀ କକ୍ଷ ଠାରେ ଜିଲ୍ଲାସ୍ତରୀୟ ଶ୍ରୀ ଜଗନ୍ନାଥ ଦର୍ଶନ ଯୋଜନାର ଦ୍ୱିତୀୟ ପର୍ଯ୍ୟାୟ ଯାତ୍ରାର ଶୁଭାରମ୍ଭ ହୋଇଯାଇଛି । ପଞ୍ଚାୟତରାଜ ମନ୍ତ୍ରୀ ରବିନାରାୟଣ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ।ସେ ଏହି ଅବସରରେ କହିଥିଲେ ଯେ, ଶ୍ରୀ ଜଗନ୍ନାଥଙ୍କ ଦର୍ଶନ ପାଇଁ ସୁଯୋଗ ପାଇପାରୁନଥିବା ବରିଷ୍ଠ ନାଗରିକ ମାନଙ୍କୁ ସରକାରଙ୍କ ପକ୍ଷରୁ ଦର୍ଶନ ଲାଭ କରିବାର ସୁଯୋଗ ଏହି ଯୋଜନା ମାଧ୍ୟମରେ ଯୋଗାଇ ଦିଆଯାଉଛି। ଏହା ମାଧ୍ୟମରେ ସମ୍ବଲପୁରରୁ ଶ୍ରୀକ୍ଷେତ୍ର ଅଭିମୁଖେ ୭୪ଜଣ ତୀର୍ଥଯାତ୍ରୀ ଭ୍ରମଣର ସୁଯୋଗ ପାଇଛନ୍ତି । ଯାତ୍ରୀ ମାନଙ୍କ



ପାଇଁ ଦୁଇଟି ବସ ବ୍ୟବସ୍ଥା କରାଯାଇଛି । ସେମାନଙ୍କ ଖାଦ୍ୟ, ପାନୀୟ, ରହଣି ସହ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ପାଇଁ ୨ଟି ଡାକ୍ତରୀ ଦଳ ଓ ୪ ଜଣ ଏସ୍କର୍ଟ୍ ଅଧିକାରୀ ମଧ ରହିଛନ୍ତି । ଏହି ଶୁଭାରମ୍ଭ କାର୍ଯ୍ୟକ୍ରମରେ ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଅତିରିକ୍ତ ଜିଲ୍ଲାପାଳ ଅଶୋକ କୁମାର ଭୋଇଙ୍କ ସମେତ ଅନ୍ୟ ବରିଷ୍ଠ ପ୍ରଶାସନିକ ଅଧିକାରୀ ମାନେ ଉପସ୍ଥିତ ଥିଲେ।

# ମାଲକାନଗିରିରେ ଲୋକ ଅଧିକାର ଯାତ୍ରାକୁ ସ୍ୱାଗତ

ମାଲକାନଗିରି ,(ସବ୍ୟୁ): ଫେବ୍ରୁଆରି ୨୫ ତାରିଖରୁ ୧୪ଟି ଜିଲ୍ଲା ଅତିକ୍ରମ କରି ପ୍ରାକୃତିକ ସମ୍ପଦର ସୁରକ୍ଷା ନିମନ୍ତେ ଆରମ୍ଭ ହୋଇଥିବା ଲୋକ ଅଧିକାର ଯାତ୍ରା ଆଜି ମାଲକାନଗିରି ବସଷ୍ଟାଣ୍ଡରେ ପହଞ୍ଚିଥିଲା। ମାଲକାଗିରି ଆଦିବାସୀ ସଂଘ, ସିଏସଡି ଓ ନାଗରିକ ସମାଜ ପକ୍ଷରୁ ଏହି ଯାତ୍ରାକୁ ସ୍ୱାଗତ କରାଯାଇଥିଲା। ତାରଲାକୋଟ ଠାରେ ଆୟୋଜିତ ସାଧାରଣ ସଭାରେ ବିଶିଷ୍ଟ ପରିବେଶବିତ୍ ତଥା ଗ୍ରୀନ ନୋବେଲ ବିଜେତା ପ୍ରଫୁଲ୍ଲ ସାମନ୍ତରା ଯୋଗଦେଇ କହିଲେ ଯେ ମାଲକାନଗିରି ଜିଲ୍ଲାର ଜଙ୍ଗଲ ଓ ନଦୀକୁ ଶେଷ କରିଦେବା ନିମନ୍ତେ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ଏଥିପାଇଁ ଆଦାନୀ ଓ ଡାଲମିଆ କମ୍ପାନୀମାନଙ୍କୁ ଆଣି ଓସ୍କାଲଭାଟ ଓ କତାମେଟା ଜଙ୍ଗଲରେ ଚୂନପଥର ଖଣି ଖନନ ପାଇଁ ଲିଜ ପ୍ରଦାନ କରାଯାଇଛି। ଏହାଦ୍ୱାରା ସାବେରୀ ନଦୀର ବ୍ୟାପକ କ୍ଷୟକ୍ଷତି ହେବା ସହ ଜିଲ୍ଲାର ହଜାର ହଜାର ଲୋକଙ୍କର ଜୀବିକା ଛଡାଇ ନେବା ସଭାର ସଞ୍ଚାଳକ ତଥା ଜନ ଆନ୍ଦୋଳନ ରାଷ୍ଟ୍ରୀୟ ସମନ୍ୱୟର ରାଜ୍ୟ ଆବାହକ ନରେନ୍ଦ୍ର ମହାନ୍ତି କହିଲେ ଯେ, ସ୍ୱାଧୀନତା ଆନ୍ଦୋଳନ କାଳରେ ଓଡ଼ିଶାରେ ଜନସଂଖ୍ୟାର ୨୫ ପ୍ରତିଶତ ଆଦିବାସୀ ଥିବା ବେଳେ ଏବେ ଏହା କ୍ରମଶଃ ହ୍ରାସ ପାଇ ୨୩ ପ୍ରତିଶତରେ ପହଞ୍ଚିଛି। ତେବେ ଆଦିବାସୀଙ୍କର ଅନେକ ବିକାଶ କରାଉଛି ବୋଲି କହି କେବଳ ଆଦିବାସୀମାନଙ୍କୁ ପ୍ରତାରଣା କରିଛନ୍ତି। ଏହି ସଭାରେ ବିଶିଷ୍ଟ ଗାନ୍ଧୀବାଦୀ ସର୍ବୋଦୟ ନେତା ଡାକ୍ତର ବିଶ୍ୱଜିତଙ୍କ କହିବା ଅନୁଯାୟୀ ମାଲକାନଗିରି ଜିଲ୍ଲାର ଲକ୍ଷ୍ମଣ ନାୟକଙ୍କର ତ୍ୟାଗ ଓ ବଳିଦାନ ଏ ଜାତି କେବେ ବି ଭୁଲି ପାରିବ ନାହିଁ। ଆଜି ଯେଉଁ ଭଳି ଭାବରେ ଏସବୁ ଅଞ୍ଚଳକୁ କମ୍ପାନୀମାନଙ୍କ ହାତକୁ ଟେକି ଦେବାକୁ ଯୋଜନା ପ୍ରସ୍ତୁତି ଚାଲିଛି, ସେଥିପାଇଁ ଲୋକ ଅଧିକାର ଯାତ୍ରା ପକ୍ଷରୁ ଶହୀଦ ଲକ୍ଷ୍ମଣ ନାୟକଙ୍କ ବଳିଦାନ ଦିବସରେ ଭୁବନେଶ୍ୱର ଠାରେ ଆୟୋଜିତ ଲୋକ ଅଧିକାର ସମାବେଶରେ ବହୁ ସଂଖ୍ୟାରେ ଯୋଗ ଦେବାକୁ ସେ ଆହ୍ୱାନ ଦେଇଥିଲେ। ଏହି ଲୋକ ଅଧିକାର ଯାତ୍ରାରେ ବିଶିଷ୍ଟ ସମାଜବାଦୀ ନେତା କଲ୍ୟାଣ ଆନନ୍ଦ, ଚାଷୀ ମୂଲିଆ ଆଦିବାସୀ ସଂଘର ନେତା ନାଚିକା ଲିଙ୍ଗା,ଗାନ୍ଧୀବାଦୀ ବିଜୟ ସିଙ୍ଗ୍, ସମଦୃଷ୍ଟି ମିଡ଼ିଆ ପ୍ରତିନିଧି ସୁକାନ୍ତ ପ୍ରଧାନ, ଯୁବ ନେତା ଲକ୍ଷ୍ମଣ ନାୟକ, ଜୟ କିଶାନ ଆନ୍ଦୋଳନର ନେତା କିଶୋର ସାହୁ, ସୁରେନ୍ଦ୍ର ଭୂୟେ, ବିରଞ୍ଚି ମହାକୁଡ, ସମାଜବାଦୀ ଜନ ପରିଷଦର ନେତା ରାଜକିଶୋର, ସୁରେଶ ସଂଗ୍ରାମ, ଉପେନ୍ଦ୍ର ଦ୍ରାବିଡ଼ ପ୍ରମୁଖ ସାମିଲ ହୋଇଛନ୍ତି।

## ଝାରସୁଗୁଡା ପୋଲିସକୁ ବଡ଼ ସଫଳତା
# ଧରାପଡ଼ିଲେ ୫ ଆନ୍ତଃଜିଲ୍ଲା ବନ୍ଧୁକ ବେପାରୀ




ଝାରସୁଗୁଡ଼ା, (ସବ୍ୟୁ): ଝାରସୁଗୁଡ଼ା ପୋଲିସକୁ ମିଳିଛି ଏକ ବଡ଼ ସଫଳତା। ଅପରେସନ ନେତ୍ର ଅଭିଯାନ ମାଧ୍ୟମରେ ପୋଲିସ ଏକ ବଡ଼ ଧରଣର ବନ୍ଧୁକ କାରବାରର ପର୍ଦ୍ଦାଫାଶ କରିବା ସହ ଏହି ମାମଲାରେ ୫ ଜଣ ଅଭିଯୁକ୍ତଙ୍କୁ ଗିରଫ କରି ସେମାନଙ୍କ ନିକଟରୁ ମାରଣାସ୍ତ୍ର ଦେଶୀ ବନ୍ଧୁକ ଜବତ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ସନ୍ତୋଷ ବିଶ୍ୱାଳ(୩୦), ସନ୍ଦୀପ ଦାସ(୨୮) କହ୍ନେଇ ସାହିସ(୩୩), ଦେବେନ୍ଦ୍ରପାଲ ସିଂ (୨୯) ଓ ମହମ୍ମଦ ମୁନ୍ନା(୨୫) । ଅଭିଯୁକ୍ତଙ୍କ ନିକଟରୁ ପୋଲିସ ୫ଟି ଦେଶୀ ପିସ୍ତଲ, ୪ ରାଉଣ୍ଡ ଜୀବନ୍ତ ଗୁଳି ଏକ ମୋଟର ସାଇକେଲ ପୋଲିସ ଜବତ କରିଛି । ଝାରସୁଗୁଡା ଏସପି ଗୁଣ୍ଡାଲା ରେଢ୍ଡୀ ରାଘବେନ୍ଦ୍ର ସାମ୍ବାଦିକ ସମ୍ମିଳନୀରେ ସୂଚନାଦେଇ କହିଛନ୍ତି ଅପରାଧ ନିୟନ୍ତ୍ରଣ ପାଇଁ ଚାଲିଥିବା 'ଅପରେସନ ନେତ୍ର' ଅନ୍ତର୍ଗତ ବ୍ରଜରାଜନଗର ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲା । ଏହି ଘଟଣାରେ ଅଧିକ ଖୋଳତାଡ଼ ଜାରି ରହିଥିବା ବେଳେ ବନ୍ଧୁକ ସବୁ କେଉଁଠାରୁ ଆସିଥିଲା ଏବଂ କେଉଁମାନଙ୍କୁ ବିକ୍ରି କରିବା ପାଇଁ ଯୋଜନା ଥିଲା, ସେ ନେଇ ପୋଲିସ ପକ୍ଷରୁ ତଦନ୍ତ କରାଯାଉ।

# ଚୈତ୍ର ମଙ୍ଗଳବାର ଅବସରରେ ମାଁ ସମଲେଇଙ୍କ ଶୀତଳ ଯାତ୍ରା

ବରଗଡ଼, (ସବ୍ୟୁ) : ଚୈତ୍ର ମଙ୍ଗଳବାର ଅବସରରେ ବରଗଡ଼ର ଅଧିଷ୍ଠାତ୍ରୀ ଦେବୀ ଗ୍ରାମ୍ୟଦେବୀ ମାଁ ସମଲେଇଙ୍କ ଶୀତଳ ଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଶୀତଳ ଯାତ୍ରା ଅବସରରେ ମାଁଙ୍କ ସ୍ୱରୂପ ଲିମ୍ବ ଡାଳକୁ ସହର ପରିକ୍ରମା କରାଯାଇଥିବା ବେଳେ ଘର ସମ୍ମୁଖରେ ଭକ୍ତ ତଥା ମହିଳାମାନେ ଅପେକ୍ଷା କରି ମାଁଙ୍କ ସ୍ୱରୂପ ଲିମ୍ବଡାଳକୁ ପୂଜାର୍ଚ୍ଚନା କରିବା ସହ ନିଜ ତଥା ସମଗ୍ର ଜୀବଜଗତର ମଙ୍ଗଳ କାମନା କରିଛନ୍ତି । ପ୍ରତିବର୍ଷ ଚୈତ୍ର ମାସର ପ୍ରତ୍ୟେକ ମଙ୍ଗଳବାର ମାଁଙ୍କ ଏହି ଶୀତଳ ଯାତ୍ରା ଅନୁଷ୍ଠିତ ହୋଇଥାଏ। ଗ୍ରୀଷ୍ମ ପ୍ରବାହର ଉତ୍ତାପରୁ ପୃଥିବୀ ପୃଷ୍ଠକୁ ଶୀତଳ କରିବା ପାଇଁ ମାଁ ସମଲେଇ ଦେବୀଙ୍କ ଅନୁଷ୍ଠିତ ହୋଇଥାଏ ଶୀତଳ ଯାତ୍ରା । ଆଜି ଚୈତ୍ର ମଙ୍ଗଳବାର ଅବସରରେ ବରଗଡ଼ର ସମଲେଇ ମନ୍ଦିରରେ ସ୍ୱତନ୍ତ୍ର ପୂଜା ପରେ ମାଁଙ୍କର ଶୀତଳ ଯାତ୍ରା ଅନୁଷ୍ଠିତ ହୋଇଥିଲା । ଅଧିଷ୍ଠାତ୍ରୀ ମାଁ ସମଲେଇ ଦେବୀଙ୍କ ସ୍ୱରୂପ ନିମ୍ବ ଗଛ ଡାଳରେ ପୂଜକ ଦ୍ୱାରା ପୂଜା କରାଯାଇଥାଏ । ପରେ ଏହି ନିମ୍ବ ଡାଳକୁ ଘଣ୍ଟ ଶଙ୍ଖ ବାଦ୍ୟର ତାଳେ ତାଳେ ନଗର ପରିକ୍ରମାରେ ନିଆଯାଇଥିଲା । ଏହି ସମୟରେ ଭକ୍ତମାନେ ନିଜ ଘର ସମ୍ମୁଖରେ ଗରିଆ, ବାଲଟିରେ କ୍ଷୀର, ପଣା, ଫୁଲ ଆଦି ରଖି ଅପେକ୍ଷା କରିଥିବା ସହ ଘଣ୍ଟ ବାଦ୍ୟର ତାଳେ ତାଳେ ଶୀତଳ ଯାତ୍ରା ଘର ସମ୍ମୁଖରେ ପହଂଚିବା ପରେ ଭକ୍ତମାନେ ଫୁଲ, ସିନ୍ଦୁର, ଭୋଗ ଅର୍ପଣ କରି ପୂଜା କରିଥିଲେ । ଏହା ସହ ଘର ସମ୍ମୁଖରେ ରଖାଯାଇଥିବା ପାଣି, କ୍ଷୀର ତଥା ପଣା ଦେବୀଙ୍କ ସ୍ୱରୂପ ନିମ୍ବ ଡାଳରେ ଢାଳିବା ସହ ଏ ଅବସରରେ ନିମ୍ବ ଡାଳକୁ ଛୁଇଁ ଏବଂ ଲାଯାଇଥିବା ପାଣିକୁ ମୁଣ୍ଡରେ ଦେଇ ଭକ୍ତମାନେ ମାଁଙ୍କ ଆର୍ଶୀବାଦ ଭିକ୍ଷା



କରିଥାନ୍ତି । ପ୍ରତିବର୍ଷ ଚୈତ୍ର ମାସର ପ୍ରତ୍ୟେକ ମଙ୍ଗଳବାର ଅପରାହ୍ନରୁ ବିଳମ୍ବିତ ରାତ୍ର ପର୍ଯ୍ୟନ୍ତ ମାଁଙ୍କ ଏହି ଶୀତଳ ଯାତ୍ରା ଚାଲୁଥିବା ବେଳେ ଭକ୍ତମାନେ ବହୁ ଶ୍ରଦ୍ଧାରେ ମାଁଙ୍କ ଏହି ଶୀତଳ ଯାତ୍ରାକୁ ଅପେକ୍ଷା କରିଥାନ୍ତି । ତେବେ ଚୈତ୍ର ମାସରେ ଗରମର ପ୍ରାଦୁର୍ଭାବ ଯୋଗୁଁ ବସନ୍ତ, ମିଳିମିଳା ପରି ଗରମ ଜନିତ ରୋଗ ବ୍ୟାପିଥାଏ । ବହୁ ବର୍ଷ ପୂର୍ବେ ଏହି ରୋଗରେ ଚାରି ଆଡେ ହଜାର ହଜାର ଲୋକ ଆକ୍ରାନ୍ତ ହେଉଥିଲେ। ସେ ସମୟରେ କୌଣସି ପ୍ରକାର ଚିକିତ୍ସା ବ୍ୟବସ୍ଥା ନଥିବା ବେଳେ ଲୋକଙ୍କ ଧାରଣା ଥିଲା ଯେ ଦେବୀଙ୍କ ପ୍ରକୋପରେ ଏହି ରୋଗ ଦେଖାଯାଏ । ସେଇଥିପାଇଁ ଲୋକମାନେ ମାଁଙ୍କ ଶରଣାଗତ ହୋଇ ଧରାପୃଷ୍ଠକୁ ଶୀତଳୀକରଣ କରିବା ସହ ରୋଗ ପ୍ରକୋପରୁ ମୁକ୍ତି ପାଇବା ପାଇଁ ଏହି ଶୀତଳ ଯାତ୍ରା କରୁଥିବାର ବିଶ୍ୱାସ ରହିଛି । ତେବେ ଚୈତ୍ର ମାସର ପ୍ରତ୍ୟେକ ମଙ୍ଗଳବାର ଏହି ଶୀତଳ ଯାତ୍ରା ଅନୁଷ୍ଠିତ ହେବା ସହ ସହରର ପ୍ରତ୍ୟେକ ପଡା ତଥା ରାସ୍ତା ଦେଇ ଏହି ଯାତ୍ରା ଯାଇଥାଏ ଏବଂ ରାସ୍ତାରେ ଥିବା ସମସ୍ତ ହନୁମାନ ମନ୍ଦିରରେ ଏହି ଯାତ୍ରା ଅଟକିବା ସହ ସେଠାରେ ପୂଜାର୍ଚ୍ଚନା କରାଯାଇଥାଏ । ତେବେ ବିଳମ୍ବିତ ରାତ୍ରରେ ଏହି ଶୀତଳଯାତ୍ରା ମନ୍ଦିରକୁ ଫେରିବା ସହ ଉକ୍ତ ନିମ୍ବ ଡାଳକୁ ଏକ ଦ୍ୱିବାଟରେ ଛାଡି ଦିଆଯାଇଥାଏ । କାରଣ ସହର ସାରା ପରିକ୍ରମା କରି ସମସ୍ତ ରୋଗ ବୈରାଗ୍ୟ ମାଁଙ୍କ ସ୍ୱରୂପ ଏହି ନିମ୍ବ ଡାଳ ଦ୍ୱାରା ଆସି ଏହି ଦ୍ୱିବାଟରେ ଆଉ ଆଗକୁ ଯାଇ ପାରି ନ ଥାଏ ବୋଲି ଭକ୍ତଙ୍କ ବିଶ୍ୱାସ ରହିଛି । ଏହି ବିଶ୍ୱାସକୁ ନେଇ ପ୍ରତବର୍ଷ ଚୈତ୍ର ମାସରେ ବରଗଡ଼ ସମଲେଇ ମନ୍ଦିରରେ ମାଁଙ୍କ ଏହି ଶୀତଳ ଯାତ୍ରା ଅନୁଷ୍ଠିତ ହୋଇଥାଏ।

# ହଟ୍ଟଗୋଳ ମଧ୍ୟରେ ସରିଲା ଜମନକିରା ଲ୍ୟାମ୍ପସର ସାଧାରଣ ବୈଠକ

ଜମନକିରା, (ସବ୍ୟୁ): ସମ୍ବଲପୁର ଜିଲ୍ଲା ଜମନକିରା ବ୍ଲକ ସଦର ମହକୁମା ସ୍ଥିତ ଲ୍ୟାମ୍ପସର ଆଜି ବାର୍ଷିକ ସାଧାରଣ ସଭା ସ୍ଥାନୀୟ ମାର୍କେଟ ୟାର୍ଡରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସ୍ଥାୟୀ ସଭାପତି ଓ ଉପ-ସଭାପତି ଅନୁପସ୍ଥିତି ଥିବାରୁ ବୋର୍ଡ ଡାଇରେକ୍ଟର ଆଦି ପ୍ରସାଦ ମହକୁଲ ଏଥିରେ ଅଧ୍ୟକ୍ଷତା କରିଥିଲେ। ଲ୍ୟାମ୍ପସ ର ପରିଚାଳନା ନିର୍ଦ୍ଦେଶକ ପଦାରବିନ୍ଦ ମହାପାତ୍ର ପୂର୍ବ ସାଧାରଣ ବୈଠକର ବିବରଣୀ ପଠନ କରିଥିବା ସହ ଆୟ ବ୍ୟୟ ପଠନ କରିଥିଲେ। ତେବେ ଏହି ଲ୍ୟାମ୍ପସରେ ପୂର୍ବରୁ ଦାୟିତ୍ୱରେ ଥିବା ପରିଚାଳନା ନିର୍ଦ୍ଦେଶକ ଓ କର୍ମଚାରୀ ମିଶି ୨ କୋଟି ୭୦ ଲକ୍ଷ ରୁ ଉର୍ଦ୍ଧ ଟଙ୍କା ଆତ୍ମସାତ କରିଥିବା କଥା ବୈଠକରେ ଅଡିଟ ରିପୋର୍ଟ ପଠନ ବେଳେ ଜଣା ପଡ଼ିବା ପରେ ଚାଷୀ ସଭ୍ୟ ମାନେ ଉତ୍ୟକ୍ତ ହୋଇ ସଂପୃକ୍ତ ଅଧିକାରୀ ଓ କର୍ମଚାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରିଥିଲେ। ଏହି ଦୁର୍ନୀତିରେ ପୂର୍ବ ୨ ଜଣ ପରିଚାଳନା ନିର୍ଦ୍ଦେଶକଙ୍କ ନାଁରେ ପ୍ରାୟ ଜଣକ ନାଁରେ ୧ କୋଟି ୬୧ ଲକ୍ଷ ଟଙ୍କା ଅଡିଟ ରିପୋର୍ଟରେ ପ୍ରକାଶ ପାଇଥିବା ବେଳେ ଅନ୍ୟ ଜଣଙ୍କ ନାଁରେ ୧ କୋଟି ୪ ଲକ୍ଷ ଟଙ୍କା ଦୁର୍ନୀତି କରିଥିବା ନେଇ ବୈଠକରେ ପଠନ କରିଥିଲେ। ଏଥି ସହ ସାର ବଣ୍ଟନରେ ଅନିୟମିତତା ଉପରେ ଚାଷୀ ସଭ୍ୟ ବିରକ୍ତି ପ୍ରକାଶ କରିଥିଲେ। ସେହିପରି ମଣ୍ଡି ହ୍ୟାଣ୍ଡଲିଂ ବାବଦ ଏବଂ ଅନ୍ୟାନ୍ୟ ଖର୍ଚ୍ଚ ରେ ମଧ୍ୟ ଅନୁରୂପ ଭାବେ ଅଧିକ ଖର୍ଚ୍ଚ ହୋଇଥିବା ଯୋଗୁଁ ବୈଠକରେ ଅସନ୍ତୋଷ ପ୍ରକାଶ ପାଇଥିଲା। ମଞ୍ଚରେ ଏଆରସିଏସ ମନୋଜ ମହାନ୍ତ, ସମବାୟ ସମିତି ଶାଖା ପରିଚାଳକ ସିନୁରାଜ ସାହୁ, ପ୍ରଶାନ୍ତ ପଣ୍ଡା, ପ୍ରକାଶ ମାଝୀ, ସରୋଜ ପ୍ରଧାନ, ସୁଜ୍ଞାନି ବେହେରା, ଧରଣୀଧର ମାଝୀ, ଗୟାଧର ଲୁହା, ଦେବାନନ୍ଦ ନାୟକ ଏବଂ କର୍ଣ୍ଣ କିଶୋର କୁଢୁର ପ୍ରମୁଖ ପରିଚାଳନା କମିଟିର ସଭ୍ୟ ପ୍ରମୁଖ ଉପସ୍ଥିତ ରହିଥିଲେଛ ଚାଷୀ ସଭ୍ୟଙ୍କ ମଧ୍ୟରୁ ରବୀନ୍ଦ୍ର ପ୍ରସାଦ ଦାନୀ, ଚୂଡାମଣି ପଟେଲ, ବିରେନ୍ଦ୍ର ଚୌଧୁରୀ, ଶିଶିର ପଟ୍ଟନାୟକ, ପିଛାଲୁ ଭୋଇ, ହେମନ୍ତ ମହାକୁଳ, ଭୁବନେଶ୍ୱର ପଟେଲ, ସୁନିଲ ପ୍ରଧାନ, ସୁନିଲ ମହାକୁଳଙ୍କ ସମେତ ଅନେକ ସଭ୍ୟ ଆଲୋଚନାରେ ଅଂଶ ଗ୍ରହଣ କରି ସମାଧାନ ଓ ପ୍ରତିକାର କରିବା ପାଇଁ ଦାବି କରିଥିଲେ। ଯେଉଁ କର୍ମଚାରୀ ଦୁର୍ନୀତିରେ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷରେ ଜଡ଼ିତ ଅଛନ୍ତି, ସେମାନଙ୍କୁ ପରବର୍ତ୍ତୀ ସମୟରେ ଦାୟୀତ୍ୱ ପ୍ରଦାନ ନକରିବା ପାଇଁ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ନିର୍ଦ୍ଦେଶକ ମହାକୁଲ ଧନ୍ୟବାଦ ଅର୍ପଣ କରି ସଭା ସାଙ୍ଗ କରିଥିଲେ ।

# ବାଇକ ଧକ୍କାରେ ୩ ମୃତ, ଜଣେ ଗୁରୁତର

ରାୟଗଡା, (ସବ୍ୟୁ): ବାଇକ ଧକ୍କାରେ ୩ ଜଣଙ୍କ ମୃତ୍ୟୁ ଘଟିଛି ଓ ଜଣେ ଗୁରୁତର ହୋଇଛନ୍ତି । ରାୟଗଡ଼ା ଜିଲ୍ଲା ବିଷମକଟକ ଥାନା ଅନ୍ତର୍ଗତ ଦୁର୍ଗୀ ଗ୍ରାମ ନିକଟସ୍ଥ ଏକ ଢ଼ାବା ନିକଟରେ ୨ ବାଇକ ମୁହାଁମୁହିଁ ଧକ୍କା ହେବା ଫଳରେ ୩ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଜଣ ଗୁରୁତର ହୋଇଥିଲେ। ସୋମବାର ବିଳମ୍ବିତ ରାତ୍ରିରେ ଏହି ଦୁର୍ଘଟଣା ହୋଇଥିବା ବେଳେ ଗ୍ରାମବାସୀମାନେ ଏନେଇ ପୁଲିସକୁ ସୂଚନା ଦେଇଥିଲେ। ଜଣେ ରାସ୍ତା ଠାରୁ ୧୫ ଫୁଟ ଦୂର ଜମି ପଡି ସେଠାରେ ହିଁ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ବିଷମକଟକ କ୍ରୀଷ୍ଟିୟାନ ମେଡିକାଲକୁ ନେବା ରାସ୍ତାରେ ଆମ୍ବୁଲାନ୍ସ ମୃତ୍ୟୁ ସୋଇଥିଲା। ଅନ୍ୟ ଦୁଇ ଗୁରୁବରଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିବା ପରେ ମୃତ୍ୟୁ ହୋଇଥିଲା। ଏହି ମୃତ ବ୍ୟକ୍ତିମାନେ ହେଲେ ରାମନାଗୁଡା ବ୍ଲକ ଶୁଣ୍ଡିଧାମୁଣି ପଂଚାୟତର ଆକାଶ ମଣ୍ଡାଙ୍ଗୀ ଓ କୋଲନରା ବ୍ଲକ ବୁରୁକୁଗୁଡା ଗାଁର ବିରିସିଙ୍ଗ ହିକକା ଏବଂ ରବି ପିରିପାକା ଅଟନ୍ତି। ଗୁରୁତର ହୋଇଥିବା ବୁରୁକୁଗୁଡାର ଭରତ ସିକକା ଜଣଙ୍କ ଚିକିତ୍ସା ପାଇଁ ରାୟଗଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ତାଙ୍କ ମୁହଁରେ ଅତ୍ୟଧିକ ଆଘାତ ଲାଗିଛି। ତାଙ୍କୁ ମୁଖ୍ୟ ଚିକିତ୍ସାଳୟରେ ସ୍କେନିଙ୍ଗ କରାଯାଇଛି ବର୍ତ୍ତମାନ ସ୍ଥିରତା ରହିଛି ବୋଲି ପରିବାର ଲୋକେ କରିଛନ୍ତି । ଅନ୍ୟ ତିନୋଟି ମୃତ୍ୟୁ ଦେହ ବ୍ୟବଚ୍ଛେଦ କରିବା ପରେ ପରିବାରକୁ ହସ୍ତାନ୍ତର କରାଯାଇଛି। ଏହି ଦୁର୍ଘଟଣା ବ୍ୟକ୍ତି ମାନେ ଦୁର୍ଗି ଠାରେ ଯାତ୍ରା ଦେଖି ଫେରୁଥିବା ସମୟରେ ଏପରି ଘଟିଛି । ଦୁଇଟି ବାଇକର ଚାରି ଜଣ ବ୍ୟକ୍ତି କେହି ହେଲେ ହେଲମେଟ ପିନ୍ଧି ନଥିବା ଘଟଣା ସ୍ଥାନରେ ଥିବା ପ୍ରତ୍ୟେକଦର୍ଶୀ କହିଛନ୍ତି ।

# ଆନ୍ତର୍ଜାତୀୟ ମହିଳା ଦିବସ ପାଳିତ



ବଲାଙ୍ଗିର,(ସବ୍ୟୁ): ବଲାଙ୍ଗିର ର ଅଗ୍ରଣୀ ସାମାଜିକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆଦ୍ୟାଶକ୍ତି ନାରୀ ସଂଗଠନ ତରଫରୁ ମହିଳା ଦିବସ ଗୋପାଳଜୀ ମନ୍ଦିର ପ୍ରାଙ୍ଗଣରେ ସଭାପତି ମାଳତି ଉଦ୍‌ଗାତାଙ୍କ ସଭାପତିତ୍ୱରେ ଆନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି । ପ୍ରଥମେ ଆଦ୍ୟାଶକ୍ତି ମାଁ ଦୁର୍ଗାଙ୍କ ଟାରେ ପୂଜା କରାଯାଇଥିଲା । ମନ୍ତ୍ରପାଠ କରି ଥିଲେ ସଂଯୁକ୍ତା ମିଶ୍ର । ଏହି ପାର୍ବଣରେ ପୂର୍ବତନ ମହିଳା କମିସନ ଅଧକ୍ଷା ଜେୟାତି ପାଣିଗ୍ରାହୀ ମୁଖ୍ୟଅତିଥି, ବଲାଙ୍ଗିର ସାଇବର ଥାନା ଅଧିକାରୀ ଭାରତୀ ନାୟକ ମୁଖ୍ୟବକ୍ତା ଏବଂ ଗାୟତ୍ରୀ ପରିବାର ର ବରିଷ୍ଠ ସଦସ୍ୟଭରତ କୁମାର ସାହୁ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ । ସଭା ଆରମ୍ଭରେ ଡ. ପ୍ରେମଚାନ୍ଦ ମହାନ୍ତି ଆଦ୍ୟାଶକ୍ତି ନାରୀ ସଂଗଠନର ଆଭିମୁଖ୍ୟ ପ୍ରଦାନ କରିଥିଲେ । ଆରମ୍ଭରେ ଅତିଥିମାନଙ୍କୁ ମଂଚକୁ ଆମନ୍ତ୍ରଣ କରିଥିଲେ ରାଜଶ୍ରୀ ତ୍ରିପାଠି ଓ ଅତିଥି ପରିଚୟ ପ୍ରଦାନ କରିଥିଲେ ଡା. ସନ୍ଧ୍ୟାରାଣୀ ପଣ୍ଡା । ନାରୀମାନଙ୍କ ଅନୁଭୂତିର କଥାକୁ ପରିଚାଳନା କରିଥିଲେ ଆରତି ଗୁରୁ । ସଭାକୁ ପରିଚାଳନା କରିଥିଲେ ସଂପାଦିକା କସ୍ତୁରୀ ରଥ । ଏହି କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ ନିରୁପମା ମିଶ୍ର, ଶୋଭିନୀ ମହାଲିଙ୍ଗ, ଦୀପ୍ତିମୟୀ ମିଶ୍ର, ଚନ୍ଦନ ପାଞ୍ଚାଲ, ବିଣାପାଣୀ ଆଚାର୍ଯ୍ୟ, କୁସୁମ ଶତପଥି, କୁମୁଦିନୀ ମିଶ୍ର, ମିନାକ୍ଷୀ ଗୁରୁ, ରୀନାରାଣୀ ଶତପଥି, ରଶ୍ମି ପାତ୍ର, ସଂଗୀତା ମିଶ୍ର, ସରୋଜା ମାଝି, ତପସ୍ୱିନୀ ପଶାୟତ, ସୁଷମା ଦାଶ, ମାଧୁରୀ କୁଅଁର, ଯଶୋବନ୍ତୀ ମିଶ୍ର, ସୌଦାମିନୀ ମିଶ୍ର, ଗିରିଜା ଶଙ୍କର ରଥ, ଧିରେନ୍ଦ୍ର ନାରାୟଣ ସିଂହଦେଓ, କେଶବ ଚନ୍ଦ୍ର ମିଶ୍ର ଓ ହୃଷିକେଶ ପୁରୋହିତ । ଶେଷରେ ନିହାରିକା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ଆତ୍ମ ସୁରକ୍ଷା ତାଲିମ ଶିବିର ଉଦ୍‌ଘାଟିତ

ବଙ୍ଗୋମୁଣ୍ଡା, (ସବ୍ୟୁ): ପଞ୍ଚାୟତ ସମିତି ସ୍ନାତକ ମହାବିଦ୍ୟାଳୟ ବଙ୍ଗୋମୁଣ୍ଡା ଠାରେ ଓଡିଶା ସରକାରଙ୍କ ଦ୍ୱାରା ପ୍ରଦତ୍ତ ଆତ୍ମ ସୁରକ୍ଷା ତାଲିମ ଶିବିର ଉଦଘାଟିତ ହୋଇଯାଇଛି । ଅଧକ୍ଷ ଡ. ଶୋଭେନ୍ଦ୍ର କୁମାର ମେହେରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦଘାଟନୀ ଏହି ସଭାରେ ଅଧାପିକା ଦମୟନ୍ତୀ ମେହେର, ଜୟନ୍ତୀ ଖୁଣ୍ଟିଆ, ପ୍ରଭାସିନୀ ମେହେର, ଅଧାପକ ଆଲୋକ କୁମାର ରଥ, ନଟବର ବେହେରା, ଖେଳ ଶିକ୍ଷକ ଜୟପ୍ରକାଶ ସାହୁ ଓ ପ୍ରଶିକ୍ଷିକା ଯାଜ୍ଞସିନୀ ସାହୁ ମଞ୍ଚାସିନ ଥିଲେ । ଏହି ଅବସରରେ ମହାବିଦ୍ୟାଳୟର ଅଧାପକ ଆଲୋକ କୁମାର ମୁଣ୍ଡ, ଡିଲେଶ୍ୱର ନିଆଲ, ଭାସ୍କର ମେହେର, ରାମକୃଷ୍ଣ ବାଗ, ରଞ୍ଜିତ କୁମାର ସଗରିଆ, ଗିରିଶ ଚନ୍ଦ୍ର ଧୁବଲ, ଲେଖୁପ୍ରସାଦ ବଛା, ଲୋକନାଥ ମେହେର, ଭୂଷଣ ଚନ୍ଦ୍ର ମେହେର, କ୍ଷୀରସିନ୍ଧୁ ରଣା, ଦେବରାଜ ମେହେର, ସୁବର୍ଣ୍ଣ ସେହ୍ରୀଆ ତଥା ସମସ୍ତ କର୍ମଚାରୀ ଉପସ୍ଥିତ ରହି କାର୍ଯ୍ୟକ୍ରମ କୁ ସଫଳିଭୁତ କରିଥିଲେ। ୧୫୫ ଜଣ ଛାତ୍ରୀମାନଙ୍କୁ ନେଇ ଏହି କାର୍ଯ୍ୟକ୍ରମ ଚଳିତ ମାସ ୧୦ ତାରିଖରୁ ଆରମ୍ଭ ହୋଇ ୧୮ ତାରିଖ ଦିନ ଉଦଯାପିତ ହେବ।

# ହିସାବ ରକ୍ଷକଙ୍କ ଟଙ୍କା ଲୁଟ ଘଟଣାର ପରଦା ହଟାଇଲା ପୋଲିସ

ରାୟଗଡା, (ସବ୍ୟୁ): ପାତ୍ର ଇଲେକ୍ଟ୍ରୋନିକସ ହିସାବ କକ୍ଷକଙ୍କ ଟଙ୍କା ଲୁଟ୍ ଘଟଣାର ପରଦା ହଟାଇଲା ପୋଲିସ। ଲୁଟ୍ ହେବା ନେଇ ଅଭିଯୋଗର ୧୨ ଘଣ୍ଟା ମଧ୍ୟରେ ଅଭିଯୁକ୍ତକୁ ଧରିଛି ପୁଲିସ । ଗତକାଲି ଅପରାହ୍ନରେ ପାତ୍ର ଇଲେକ୍ଟ୍ରୋନିକ୍ସର ମ୍ୟାନେଜର ଅକ୍ଷୟ ବିବାର ଫୋନକରି ରାୟଗଡ଼ା ଥାନାକୁ ଜଣାଇଥିଲେ ଯେ ତାଙ୍କର ହିସାବ ରକ୍ଷକ ରଞ୍ଜିତ କୁମାର ଦଳେଇ ୨ ଲକ୍ଷ ୩୨ହଜାର ଟଙ୍କା ଧରି ନିକଟସ୍ଥ ୨ଶହ ମିଟର ଦୂରରେ ଥିବା ଷ୍ଟେଟ ବ୍ୟାଙ୍କରେ ଡିପୋଜିଟ କରିବାକୁ ଯାଉଥିବା ବେଳେ ଜିଏମଡି ବେକେରି ସାମନାରେ ଦୁଇଜଣ ଲୁଟେରା ଗୋଟିଏ ପଲସର ବାଇକରେ ଆସି ଉକ୍ତ ଟଙ୍କାକୁ ଛଡାଇ ନେଇଗଲେ। କିନ୍ତୁ ସଙ୍ଗେ ସଙ୍ଗେ ରାୟଗଡ଼ା ଥାନା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରି ଜାଣିବାକୁ ପାଇଲା ଯେ ଏଭଳି କିଛି ଘଟଣା ଘଟି ନାହିଁ । ଉକ୍ତ ହିସାବ ରକ୍ଷକ ରଞ୍ଜିତ କୁମାର ଦଳେଇଙ୍କୁ ତଦନ୍ତ ପରିସର ଭୁକ୍ତ କରି ଜାଣିବାକୁ ପାଇଲା ଯେ ସେ ଉକ୍ତ ଟଙ୍କାକୁ ନିଜେ ବିଭିନ୍ନ ଦିନ ଚୋରି କରି ତାର ବ୍ୟକ୍ତିଗତ ଖର୍ଚ୍ଚ କରିଛି ଏବଂ ସମସ୍ତ ଟଙ୍କା ବ୍ୟାଙ୍କକୁ ଡିପୋଜିଟ କରିବାକୁ ନେଇଯାଉଥିବା ବେଳେ ଲୁଟେରାଙ୍କ ଦ୍ୱାରା ଚୋରି ହେବାର ଏକ ନାଟକୀୟ ରୂପ ଦେଇଛି। ହିସାବ ରକ୍ଷକ ରଞ୍ଜିତ କୁମାର ଦଳେଇଙ୍କ ଠାରୁ ୧ ଲକ୍ଷ ୨୦ ହଜାର ଟଙ୍କା ଜବତ ହୋଇଛି ଏବଂ ତାଙ୍କୁ ଗିରଫ କରି ଥାନାରେ ଅଧିକ ତଦନ୍ତ ଜାରି ରହିଛି। ଏନେଇ ରାୟଗଡ଼ା ଏସଡିପିଓ ଗୌରହରି ସାହୁ ପ୍ରେସ ବିଜ୍ଞପ୍ତି ମାଧ୍ୟମରେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ।

# ତାଲୁକ୍ ଆଇନ ସେବା ସମିତି ପକ୍ଷରୁ ମହିଳା ଦିବସ ପାଳିତ

ମ.ରାମପୁର, (ସବ୍ୟୁ) : ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ କୋର୍ଟ ଓ ତାଲୁକ ଆଇନ ସେବା ସମିତି ତରଫରୁ ଜାତୀୟ ଆଇନ ସେବା ପ୍ରାଧିକରଣ ସହାୟତାରେ ସ୍ଥାନୀୟ କୋର୍ଟ ସମ୍ମିଳନୀ ଗୃହ ରେ ତାଲୁକ ଆଇନ ସେବା ସମିତିର ଅଧକ୍ଷ ତଥା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଦୀପ୍ତି ରଞ୍ଜନ ଦାସଙ୍କ ଅଧକ୍ଷତାରେ ଆନ୍ତର୍ଜାତିକ ମହିଳା ଦିବସ ଓ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସମ୍ମାନିତ ଅତିଥି ଭାବେ ମ.ରାମପୁର ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶରତ ଚନ୍ଦ୍ର ସେଠୀ, ମ.ରାମପୁର ଥାନା ଅଧିକାରୀ (ଆଇଆଇସି) ଚିତ୍ତରଞ୍ଜନ ପ୍ରଧାନ, ବାର ଆସୋସିଏସନରୁ ବରିଷ୍ଠ ଆଇନଜୀବି ଓ ମହାଶକ୍ତି ଫାଉଣ୍ଡେସନର ପ୍ରତିଷ୍ଠାତା ସଦସ୍ୟ ତଥା ସମାଜସେବୀ ପ୍ରକାଶ ଚନ୍ଦ୍ର ସାହୁ ଯୋଗ ଦେଇଥିବା ବେଳେ ବରିଷ୍ଠ ଆଇନଜୀବୀ ଯତୀନ କୁମାର ସାହୁ ସଂଯୋଜନା କରିଥିଲେ । ଗୋଷ୍ଠୀ ଉନ୍ନୟନ ଅଧିକାରୀ ସେଠୀ ମହିଳା ଦିବସ ପାଳନର ତାତ୍ପର୍ଯ୍ୟ ଓ ମହିଳାମାନଙ୍କ ପାଇଁ ଉଦ୍ଦିଷ୍ଟ ବିଭିନ୍ନ ସରକାରୀ ଯୋଜନା ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ଥାନାଧିକାରୀ ପ୍ରଧାନ ମହିଳା ଓ ଶିଶୁମାନଙ୍କ ସୁରକ୍ଷା ପାଇଁ ପୋଲିସର ଦାୟିତ୍ୱ ଓ ଭୂମିକା ବିଷୟରେ ଅବଗତ କରିଥିଲେ । ବିଚାରପତି ଶ୍ରୀ ଦାସ ବିଶେଷ କରି ମହିଳାମାନଙ୍କ ସମ୍ପତ୍ତିଗତ ଅଧିକାର ଏବଂ ମହିଳା ସୁରକ୍ଷା ଆଇନ ବିଷୟରେ ଅବଗତ କରାଇବା ସହିତ ସଚେତନ କରେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଆଇନଜୀବୀ ଅଶ୍ୱିନୀ କୁମାର ପଣ୍ଡା, ସତ୍ୟଜିତ ଚାଟାର୍ଜୀ, ସତ୍ୟ ନାରାୟଣ ସାହୁ ଓ ଯତୀନ କୁମାର ସାହୁ ମହିଳା ଦିବସ ପାଳନର ଉଦ୍ଦେଶ୍ୟ ଓ ମହିଳାମାନଙ୍କ ପାଇଁ ବିଭିନ୍ନ ଆଇନ ବିଷୟରେ ଆଲୋକପାତ କରିଥିଲେ । ବୁରଛଟ, ତଳସାଗରପଡା ଏବଂ ରାମପୁର ରୁ ୫୦ ରୁ ଉର୍ଦ୍ଧ୍ୱ ସ୍ୱୟଂସହାୟକ ଗୋଷ୍ଠୀର କର୍ମକର୍ତ୍ତା ଓ ସଦସ୍ୟ ଯୋଗଦେଇ ନିଜ ନିଜ ସମସ୍ୟା ଓ ନିଜ ଅଞ୍ଚଳର ଅସୁବିଧା ଜଣେଇ ଥିଲେ । କୋର୍ଟର କର୍ମକର୍ତ୍ତା ଓ ପ୍ରକାଶ ଚନ୍ଦ୍ର ସାହୁ ସହଯୋଗ କରିଥିଲେ । ଶେଷରେ ତାଲୁକ ଆଇନ ସେବା ସମିତି ତରଫରୁ ତରୁଣ ମାଝୀ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

# ୫ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ଯୋଜନାରେ ଚେକ ପ୍ରଦାନ




ବଙ୍ଗୋମୁଣ୍ଡା, (ସବ୍ୟୁ): ବଲାଙ୍ଗୀର ଜିଲ୍ଲା ବଙ୍ଗୋମୁଣ୍ଡା ଭାରତୀୟ ଷ୍ଟେଟ ବ୍ୟାଙ୍କ ତରଫରୁ ଆୟୋଜିତ ଏହି କାର୍ଯ୍ୟକ୍ରମ ରେ ୦୫ ଜଣ ହିତାଧିକାରୀ ଙ୍କୁ ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ଯୋଜନାରେ ୨ ଲକ୍ଷ ଟଙ୍କା ଲେଖାଏଁ ଚେକ ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବଙ୍ଗୋମୁଣ୍ଡା ବଙ୍ଗୋମୁଣ୍ଡା ଗୋଷ୍ଠୀ ଉନ୍ନୟନ ଅଧିକାରୀ ନିତୁଶ୍ରୀ ମେହେର ଯୋଗ ଦେଇ ହିତାଧିକାରୀ ମାନଙ୍କୁ ପ୍ରଦାନ କରିଥିଲେ। ବଙ୍ଗୋମୁଣ୍ଡା ଷ୍ଟେଟ ବ୍ୟାଙ୍କ ଶାଖା ପରିଚାଳକ ରୁଦ୍ରନାରାୟଣ ସାହୁ , ଷ୍ଟେଟ ବ୍ୟାଙ୍କ ଏଲଡିଏମ ପ୍ରଶାନ୍ତ ବେହେରା , ଓଡିଶା ଜୀବିକା ମିଶନ ବିପିଏମ ସତ୍ୟପ୍ରିୟ ବେହେରା ପ୍ରମୁଖ ଉପସ୍ଥିତ ଥିଲେ । ଏଥିରେ ବ୍ୟାଙ୍କ ର କର୍ମଚାରୀ ମାନେ ଉପସ୍ଥିତ ଥିଲେ।

# ଡ଼ା. ନାରାୟଣୀ ପଣ୍ଡାଙ୍କ ଆତ୍ମାର ସଦଗତି ପାଇଁ ନୀରବ ପ୍ରାର୍ଥନା

ସମ୍ବଲପୁର, (ସବ୍ୟୁ) : ସମ୍ବଲପୁର ସରକାରୀ ମହିଳା ମହାବିଦ୍ୟାଳୟ ଠାରେ ବିଶିଷ୍ଟ ସମାଜସେବୀ ତଥା ଚିକିତ୍ସକ ଡ଼ା. ନାରାୟଣୀ ପଣ୍ଡାଙ୍କ ଅମର ଆତ୍ମାର ସଦଗତି କାମନା କରି ଶୋକସଭା ଅନୁଷ୍ଠିତ ହୋଇଯାଇଛି । କଲେଜ ଅଧକ୍ଷା ପ୍ରଫେସର କଳ୍ପନା ମେହେର ସ୍ୱର୍ଗତ ପଣ୍ଡାଙ୍କ ପ୍ରତିକୃତିରେ ପୁଷ୍ପମାଲ୍ୟ ଅର୍ପଣ କରିବା ପରେ ଗୁଣଗାନ କରିବା ସହ ମହାବିଦ୍ୟାଳୟ ପ୍ରତି ତାଙ୍କର ଅବଦାନ ଉପରେ ଆଲୋକପାତ କରିଥିଲେ । ପରବର୍ତ୍ତୀ ସମୟରେ ଡ଼ା. ପଣ୍ଡାଙ୍କ ସାମଗ୍ରିକ ଜୀବନ ଓ କୃତିକୁ ନେଇ ସ୍ୱତନ୍ତ୍ର ଭାବେ ଏକ ସଭା ହେବ ବୋଲି ସୂଚନା ପ୍ରଦାନ କରିଥିଲେ । ଏହାପରେ ଦୁଇ ମିନିଟ୍ ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା । ଏଥିରେ ଅଧାପିକା, ଅଧାପକ, କର୍ମଚାରୀ ଓ ଛାତ୍ରୀମାନେ ଯୋଗଦେଇ ତାଙ୍କ ସ୍ମୃତି ଚାରଣ କରିଥିଲେ ।

# ଗାଧୋଇବାକୁ ଯାଇ ଯୁବକ ନିଖୋଜ

ଅମ୍ବାଭୋନା, (ସବ୍ୟୁ):ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକ ଦ୍ୱାରୀ ପଞ୍ଚାୟତ ଅନ୍ତର୍ଗତ କୁସୁମଡ଼ିହି ଗ୍ରାମର ଜଣେ ଯୁବକ ଡ୍ୟାମରେ ଗାଧୋଇବାକୁ ଯାଇ ନିଖୋଜ ହୋଇଥିବା ଘଟଣା ନେଇ ଅମ୍ବାଭୋନା ଥାନାରେ ମଙ୍ଗଳବାର ଦିନ ଅଭିଯୋଗ ହୋଇଛି।ନିଖୋଜ ଯୁବକ ହେଲେ କୁସୁମଡ଼ିହି ଗ୍ରାମର ଭରତ ପଧାନଙ୍କ ବଡ଼ ପୁଅ ସୁଧୀର ପଧାନ (୨୭)।ସୂଚନା ଅନୁସାରେ, ସୁଧୀର ସୋମବାର ଦିନ ଅପରାହ୍ନ ପ୍ରାୟ ୪ଟାରେ ସାଙ୍ଗମାନଙ୍କ ସହ ଦ୍ୱାରୀ ସ୍ଥିତ ରାନି ସାଗର ଡ୍ୟାମକୁ ଗାଧୋଇବାକୁ ଯାଇଥିଲେ। କିନ୍ତୁ ସନ୍ଧ୍ୟା ସୁଦ୍ଧା ସେ ଘରକୁ ଫେରିନଥିବାରୁ ପରିବାର ଲୋକେ ଖୋଜାଖୋଜି ଆରମ୍ଭ କରିଥିଲେ।ପରେ ଡ୍ୟାମ ପାଖରେ ତାଙ୍କର ପେଣ୍ଟ, ସାର୍ଟ ଓ ଚପଲ ପଡ଼ିଥିବା ଦେଖିବାକୁ ମିଳିଥିଲା।ଏହା ପରେ ପରିବାର ଲୋକେ ସେ ପାଣିରେ ବୁଡ଼ିଯାଇଥିବା ସନ୍ଦେହ କରି ରାତିରେ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଖବର ପାଇ ଅମ୍ବାଭୋନା ଅଗ୍ନିଶମ ବାହିନୀର କର୍ମଚାରୀମାନେ ଘଟଣାସ୍ଥଳକୁ ପହଞ୍ଚି ଦୀର୍ଘ ସମୟ ଧରି ଖୋଜାଖୋଜି କରିଥିଲେ, କିନ୍ତୁ ଯୁବକଙ୍କର କୌଣସି ପତ୍ତା ମିଳିନଥିଲା।ଏନେଇ ନିଖୋଜ ଯୁବକଙ୍କ ସାନଭାଇ ସୁବୋଧ ପଧାନ ଅମ୍ବାଭୋନା ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ଖବର ଲେଖାହେବା ପର୍ଯ୍ୟନ୍ତ ଯୁବକଙ୍କ ସନ୍ଧାନ ମିଳିପାରିନଥିବା ଜଣାପଡ଼ିଛି।

# ଜାତୀୟ ଓ ଓଡିଶା ରାଜ୍ୟ ମହିଳା ଆୟୋଗଙ୍କ ମିଳିତ ଜନଶୁଣାଣି

ସମ୍ବଲପୁର, (ସବ୍ୟୁ): ସମ୍ବଲପୁର ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷ ଠାରେ ଜାତୀୟ ମହିଳା ଆୟୋଗ ଓ ଓଡିଶା ରାଜ୍ୟ ମହିଳା ଆୟୋଗଙ୍କ ମିଳିତ ଆନୁକୂଲ୍ୟରେ ସ୍ୱତନ୍ତ୍ର ଜନଶୁଣାଣୀ ଅନୁଷ୍ଠିତ ହୋଇଯାଇଛି। କମିଶନ ଅଧକ୍ଷା ଶୋଭନା ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ଶିବିରରେ ମହିଳାଙ୍କ ଘରୋଇ ହିଂସା, ନିର୍ଯାତନା, ଯୌତୁକ, ସମ୍ପତ୍ତି ବିବାଦ, କାର୍ଯ୍ୟସ୍ଥଳରେ ନିର୍ଯାତନା, ସାଇବର ଅପରାଧ, ପରିତ୍ୟାଗ, ବୈବାହିକ ବିବାଦ , ମହିଳା ଅଧିକାର ଉଲଂଘନ ଏବଂ ମହିଳା କଲ୍ୟାଣ ସମ୍ପର୍କିତ ଅନ୍ୟାନ୍ୟ ପ୍ରସଙ୍ଗ ସହ ଜଡିତ ଅଭିଯୋଗର ଶୁଣାଣି ହୋଇଥିଲା। ମୋଟ ୪୯ଟି ମାମଲାର ବିଚାର କରାଯାଇଥିଲା। ମହିଳାମାନଙ୍କୁ ସ୍ଥାନୀୟ ସ୍ତରରେ ତ୍ୱରିତ ନ୍ୟାୟ ପ୍ରଦାନ କରିବା ଲକ୍ଷ୍ୟରେ ଆୟୋଜିତ ଏହି ଶୁଣାଣୀରେ ମୋଟ ୬ଟି ମାମଲାର ସଫଳ ଆପୋଷ ସମାଧାନ କରାଯାଇଛି। ମୋଟ ୬ଟି ମାମଲାକୁ ଅଧିକ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ପାଇଁ ସମ୍ପୃକ୍ତ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କୁ ଆୟୋଗ ପକ୍ଷରୁ ସୁପାରିଶ କରାଯାଇଛ। ଗୋଟିଏ ମାମଲାକୁ ଜିଲ୍ଲା ଆଇନ ସେବା ପ୍ରାଧିକରଣକୁ ହସ୍ତାନ୍ତର କରାଯାଇଥିବା ବେଳେ ଅସହଯୋଗ କାରଣରୁ ୯ଟି ମାମଲାକୁ ବନ୍ଦ କରାଯାଇଛି । ତେବେ କମିଶନଙ୍କ ନିକଟରେ ୧୧ଟି ନୂତନ ମାମଲା ପଞ୍ଜିକୃତ ହୋଇଛି ଏବଂ ୦୮ ମାମଲାରେ ନୋଟିସ ଜାରି କରାଯାଇଛି। ମହିଳାମାନଙ୍କ ସୁରକ୍ଷା ଓ ସେମାନଙ୍କ ଅଧିକାର



ସୁନିଶ୍ଚିତ କରିବା ପାଇଁ କମିଶନ ଏଭଳି ଶୁଣାଣୀ ଜରିଆରେ ନ୍ୟାୟ ପ୍ରଦାନ ପ୍ରକ୍ରିୟାକୁ ଆହୁରି ସୁଦୃଢ଼ କରୁଛନ୍ତି ବୋଲି ଅଧକ୍ଷା ଶ୍ରୀମତୀ ଶୋଭନା ମହାନ୍ତି କହିଥିଲେ । ମାମଲା ଗୁଡିକର ଉପସ୍ଥାପନା ଓ ଶୁଣାଣି ପାଇଁ ମହିଳାମାନଙ୍କୁ ଏକ ନିଶୁଳ୍କ ପ୍ଲାଟଫର୍ମ ଯୋଗାଇବା ଲକ୍ଷ୍ୟରେ ଏହି ଶୁଣାଣୀ ଅନୁଷ୍ଠିତ ହୋଇଥିଲା ବୋଲି ସେ ସୂଚନା ଦେଇଥିଲେ। ମହିଳାମାନେ ମୋବାଇଲ ଆପ ମାଧ୍ୟମରେ ଅଭିଯୋଗ ପଞ୍ଜୀକୃତ କରିପାରିବେ ବୋଲି କହିଥିଲେ। ମହିଳା ଆୟୋଗର ପରାମର୍ଶଦାତାଙ୍କ ଦ୍ୱାରା ନିଶୁଳ୍କ କାଉନସିଲିଂ ମଧ୍ୟ ପ୍ରଦାନ କରାଯିବ ବୋଲି କହିଥିଲେ। ଏହି ଶୁଣାଣି ସମ୍ବଲପୁର, ବରଗଡ, ଝାରସୁଗୁଡା ଜିଲ୍ଲାକୁ ନେଇ ଆୟୋଜିତ ହୋଇଥିଲା। ଏହି ଶୁଣାଣି ସମୟରେ କମିଶନଙ୍କ ସଦସ୍ୟା ମୁକ୍ତା ସାହୁ, ଓଡିଶା ରାଜ୍ୟ ମହିଳା ଆୟୋଗର ଆଇନଗତ ସହାୟକ ଅରବିନ୍ଦ ପଟ୍ଟନାୟକ, ଓଡିଶା ରାଜ୍ୟ ମହିଳା ଆୟୋଗର ପରାମର୍ଶଦାତା ବନ୍ଦନା ପଟ୍ଟନାୟକ ଓ ପ୍ରିୟଦର୍ଶିନୀ ଆଚାର୍ଯ୍ୟ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସରୋଜା ବେହେରା, ଏବଂ ସମ୍ବଲପୁର, ବରଗଡ଼ ଓ ଝାରସୁଗୁଡ଼ା ଜିଲ୍ଲାର ବରିଷ୍ଠ ପୋଲିସ ଅଧିକାରୀ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଏବଂ ସୁରକ୍ଷା ଅଧିକାରୀ ମାନେ ଉପସ୍ଥିତ ରହି ସହଯୋଗ କରିଥିଲେ ।

# ଡ଼ା. ନାରାୟଣୀ ପଣ୍ଡାଙ୍କ ବିୟୋଗରେ ଶୋକସଭା



ସମ୍ବଲପୁର, (ସବ୍ୟୁ): ସ୍ଥାନୀୟ ଓଡ଼ିଶା ସାଂସ୍କୃତିକ ସମାଜର ସଭାପତି ଡ ପରେଶ ଚନ୍ଦ୍ର ଦାନୀଙ୍କ ସଭାପତିତ୍ୱରେ ଶୋକସଭା ଅନୁଷ୍ଠିତ ହୋଇଯାଇଛିଛ ଡ଼ା ନାରାୟଣୀ ପଣ୍ଡାଙ୍କ ବିୟୋଗରେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ସେ ଡାକ୍ତରୀ ସେବା ସହ ନିଜର ସର୍ବସ୍ୱ ସମାଜକୁ ଦାନ ଦେଇ ଅନ୍ୟମାନଙ୍କ ପାଇଁ ଉଦାହରଣ ହୋଇ ରହିବେ । ସମ୍ପାଦକ ଦୀନବନ୍ଧୁ ପଣ୍ଡା ସ୍ୱର୍ଗତ ଆତ୍ମାର ସଦଗତି ପାଇଁ ପରମେଶ୍ୱରଙ୍କ ଠାରେ ପ୍ରାର୍ଥନା କରି ସମାଜ ପ୍ରତି ତାଙ୍କ ସେବା ଓ ଦାନ ପାଇଁ ସେ ସମସ୍ତଙ୍କ ପାଖରେ ଅମର ହୋଇ ରହିବେ। ଏଥିରେ ବୋଧରାମ ଦାଶ, ସୁବାସ ପାଣିଗ୍ରାହୀ, ରାମାନୁଜ ପଣ୍ଡା, ଡ ସନ୍ତୋଷ ଦାସ, କଳ୍ପନା ମିଶ୍ର, ମୋତିଲାଲ ଦୋରା, ଡ. ନିରୁପମା ବଡ଼ପଣ୍ଡା, ଡ଼ ସଙ୍ଗୀତା ନାଏକ, ଅଶୋକ ମିଶ୍ର, ପ୍ରଶାନ୍ତ ପାଟଯୋଶୀ, ଅଖିଳ ପଟ୍ଟନାୟକ, ସଞ୍ଜୟ ବାବୁ, ଶିବ ଶଙ୍କର ଷଡ଼ଙ୍ଗୀ , ଯୋଗେଶ ହୋତା, ପ୍ରମୋଦ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

**(ଶ୍ରୀମଭଗବଦ୍ ଗୀତା ୨/୫୪)**
**ସାଂଖ୍ୟଯୋଗଃ**
**ଶ୍ରୀଭଗବାନୁବାଚ**

**ସ୍ଥିତପ୍ରଜ୍ୟସ୍ୟ କା ଭାଷା ସମାଧିସ୍ଥସ୍ୟ କେଶବା ।**
**ସ୍ଥିତଧୀଃ କିଂ ପ୍ରାଭାଷେତ କିମାସୀତ ବ୍ରଜେତ କିମ୍ ॥ ୫୪ ॥**

(ପୂର୍ବଶ୍ଳୋକ କଥିତ ସ୍ଥିତପ୍ରଜ୍ଞଙ୍କର ଲକ୍ଷଣ ଜାଣିବାକୁ ଇଚ୍ଛୁକ) ଅର୍ଜୁନ କହିଲେ– ହେ କେଶବ ! ସ୍ୱାଭାବିକ ସମାଧିରେ ଅବସ୍ଥିତ ସ୍ଥିତପ୍ରଜ୍ଞଙ୍କର ଲକ୍ଷଣ କଅଣ ? ସ୍ଥିତବୁଦ୍ଧି ବ୍ୟକ୍ତି କି ପ୍ରକାର କଥା କହନ୍ତି ? କିପରି କହନ୍ତି ଓ କିପରି ବିଷୟରେ ଲିପ୍ତ ଥାଆନ୍ତି ॥୫୪॥

# ବିଶ୍ୱ ତାପାୟନର ପରିଣାମ

ବିଶ୍ୱ ତାପାୟନ ବିଗତ ଦଶବର୍ଷ ମଧ୍ୟରେ ବୃଦ୍ଧି ପାଉଛି ଏବଂ ଏ ବିଷୟରେ ୯୮ ପ୍ରତିଶତ ନିଶ୍ଚିତତାରେ ଉପନୀତ ହୋଇଛନ୍ତି ଆମର ବୈଜ୍ଞାନିକମାନେ । ଏକ ନୂତନ ଅନୁଧ୍ୟାନରେ ବୈଜ୍ଞାନିକମାନେ ଏ ସମ୍ପର୍କରେ ପ୍ରଥମ ଥର ଲାଗି ସୂଚନା ଦେଇଥିବା ଜଣାଯାଇଛି । ଇଏଲ ନିନାର ପ୍ରଭାବ ପ୍ରାକୃତିକ ଭାବେ ପଡୁଛି । ଏହାକୁ ଅସ୍ୱୀକାର କରାଯାଇ ନପାରେ । ଏହା ବ୍ୟତୀତ ଆଗ୍ନେୟଗିରିର ବିସ୍ଫୋରକ ପ୍ରଭାବରୁ ଆମେମାନେ ମୁକ୍ତ ନୋହୁଁ । ବିଶ୍ୱ ତାପମାତ୍ରା ଉପରେ ସୂର୍ଯ୍ୟଙ୍କର ଭିନ୍ନ ଭିନ୍ନ ପ୍ରଭାବ ମଧ୍ୟ ବିଶ୍ୱ ତାପମାତ୍ରା ପାଇଁ ଦାୟୀ ବୋଲି କୁହାଯାଉଛି । ବିଗତ ଦଶ ବର୍ଷ ମଧ୍ୟରେ ବିଶ୍ୱରେ ଅଧିକ ତାପମାତ୍ରାର ପରିମାଣ ୦.୩୫ ଡିଗ୍ରୀ ସେଲସିଅସ ବୋଲି କୁହାଯାଇଛି । ୧୯୭୦ରୁ ୨୦୧୫ ମସିହା ମଧ୍ୟରେ ହାରାହାରି ହିସାବ କରାଗଲେ ଏହି ତାପମାତ୍ରା ପ୍ରତି ଦଶନ୍ଧିରେ ୦.୨ ଡିଗ୍ରୀ ସେଲସିୟସ ବୋଲି ପଟ୍ସଡ୍ୟାମ ପ୍ରତିଷ୍ଠାନ (କ୍ଲାଇମେଟ ଇମ୍ପାକ୍ଟ) ପକ୍ଷରୁ କୁହାଯାଇଛି ।

**ଫେବୃଆରୀ ୨୦୨୬ରେ ଅନ୍ୟ ଏକ ଅନୁଧ୍ୟାନରୁ ଜଣାପଡ଼ିଛି ଯେ ଆଣ୍ଟାର୍କଟିକାରେ ବରଫାବୃତ ନଦୀ ସବୁ ତରଳି ଯାଉଛି । ଭାରତରେ ତେଲେଙ୍ଗାନାର ୯୦ ପ୍ରତିଶତ କୃଷକ ଜଳ ସଙ୍କଟ ପାଇଁ ଉଦ୍‌ବେଗ ପ୍ରକାଶ କରିଥିବା ଏକ ଗବେଷଣାରୁ ଜଣାଯାଇଛି । ସରକାର ଏହିପରି ପାଣିପାଗ ପରସ୍ଥିତି ସମ୍ପର୍କରେ ମଧ ଅନୁଧ୍ୟାନ କରୁଛନ୍ତି । ବିଗତ ଦୁଇ ଦଶନ୍ଧି ମଧ୍ୟରେ ତାପମାତ୍ରା କାରଣରୁ ୬୫ ପ୍ରତିଶତରୁ ୭୦ ପ୍ରତିଶତ ଲୋକେ ଏବେ ପ୍ରାଣ ହରାଉଥିବା ମଧ ଜଣାଯାଇଛି ।**

ବିଶ୍ୱ ତାପାୟନ ଦ୍ରୁତ ଗତିରେ ବୃଦ୍ଧି ପାଉଥିବା ପରିଲକ୍ଷିତ ହେଉଛି । ଗତ ଦୁଇ ବର୍ଷ ତଳେ, ୨୦୨୪ ଥିଲା ବିଶ୍ୱରେ ସବୁଠାରୁ ଉତ୍ତପ୍ତ ବର୍ଷ ବୋଲି ଅନୁଧ୍ୟାନରୁ ଜଣା ପଡ଼ିଥିଲା । ସମୁଦ୍ର ଓ ମହାସମୁଦ୍ରମାନଙ୍କରେ ଉତ୍ତାପ କେବଳ ବୃଦ୍ଧି ପାଉ ନଥିଲା, ସେ ସବୁର ବକ୍ଷ ମଧ୍ୟ ଉଚ୍ଚକୁ ଫୁଲି ଉଠୁଥିଲା ।

ଫେବୃଆରୀ ୨୦୨୬ରେ ଅନ୍ୟ ଏକ ଅନୁଧ୍ୟାନରୁ ଜଣାପଡ଼ିଛି ଯେ ଆଣ୍ଟାର୍କଟିକାରେ ବରଫାବୃତ ନଦୀ ସବୁ ତରଳି ଯାଉଛି । ଭାରତରେ ତେଲେଙ୍ଗାନାର ୯୦ ପ୍ରତିଶତ କୃଷକ ଜଳ ସଙ୍କଟ ପାଇଁ ଉଦ୍‌ବେଗ ପ୍ରକାଶ କରିଥିବା ଏକ ଗବେଷଣାରୁ ଜଣାଯାଇଛି । ସରକାର ଏହିପରି ପାଣିପାଗ ପରସ୍ଥିତି ସମ୍ପର୍କରେ ମଧ ଅନୁଧ୍ୟାନ କରୁଛନ୍ତି । ବିଗତ ଦୁଇ ଦଶନ୍ଧି ମଧ୍ୟରେ ତାପମାତ୍ରା କାରଣରୁ ୬୫ ପ୍ରତିଶତରୁ ୭୦ ପ୍ରତିଶତ ଲୋକେ ଏବେ ପ୍ରାଣ ହରାଉଥିବା ମଧ ଜଣାଯାଇଛି । ଜଳବାୟୁ ପରିବର୍ତ୍ତନ ଯୋଗୁଁ ବିଭିନ୍ନ ଅଞ୍ଚଳରେ ସ୍ଥାନୀୟ ରୋଗର ପ୍ରାଦୁର୍ଭାବ ବଢ଼ି ଚାଲିଥିବା ଅନୁଧ୍ୟାନରେ ମଧ କୁହାଯାଇଛି ।

କରୋନା ମହାମାରୀ କେବଳ ଭାରତକୁ ଆତଙ୍କିତ କରିନାହିଁ, ସାରା ବିଶ୍ୱ ମଧ୍ୟ ଆତଙ୍କିତ ହୋଇ ପଡ଼ିଥିଲା । ଏବେ ମଧ୍ୟ ଲୋକେ କରୋନା ପରବର୍ତ୍ତୀ ଅବସ୍ଥାରେ ବିଭିନ୍ନ ଛୋଟ ବଡ଼ ସଂକ୍ରାମକ ରୋଗରେ ପୀଡ଼ିତ ହେଉଥିବା ପରିଲକ୍ଷିତ ହେଉଛି ।

ବିଶ୍ୱ ତାପାୟନର ଅନ୍ୟ ଏକ କାରଣ ହେଉଛି ଦ୍ରୁତ ଗତିରେ ବଢ଼ି ଚାଲିଥିବା ସହର । ଗାନ୍ଧିଜୀ ସ୍ୱାଧୀନତା ପରେ କହିଥିଲେ, ଗାଁ କୁ ଫେରିଚାଲ, ଗାଁ କୁ । କିନ୍ତୁ ଗାଁ କୁ ଆମେମାନେ ଫେରିବୁ କ'ଣ ? ଅଧିକାଂଶ ହେଲୁ ସହରମୁହାଁ । କଳ କାରଖାନା ଓ ଶିଳ୍ପକୁ ନେଇ ଭାରତରେ ସହର ଓ ନଗରଗୁଡ଼ିକ ସମୃଦ୍ଧ ହେବାକୁ ଲାଗିଲେ । ସହରରେ ତାପମାତ୍ରା ତ ବୃଦ୍ଧି ପାଇଲା, କଳ କାରଖାନାରୁ ନିର୍ଗତ ଧୂଆଁ ହିଁ ସହରର ବାତାବରଣକୁ ପ୍ରଦୂଷିତ କଲା । ଗାଁ ବହୁଳ ଭାରତରେ ଗାଁ ଗୁଡ଼ିକ ସହରର ସୁବିଧା ଲାଭ କରୁଛନ୍ତି, ଧୀରେ ଧୀରେ । ଗାଁ ଓ ସହର ଉଭୟର ବିକାଶ ପାଇଁ ଏବର ସରକାର ଉଦ୍ୟମ ଜାରି ରଖିଛନ୍ତି ବିଭିନ୍ନ ଯୋଜନା ମାଧ୍ୟମରେ ।

ଦ୍ରୁତ ଗତିରେ ଗଢ଼ି ଉଠୁଥିବା ସହରାଞ୍ଚଳରେ ଆସନ୍ତା ୨୦୩୬ ବେଳକୁ ଯେତେବେଳେ ଓଡ଼ିଶା ତାହାର ଜନ୍ମ ଶତବାର୍ଷିକ ପାଳନ କରିବ, ସେତେବେଳେ ତାହାର ଜନସଂଖ୍ୟା ବୃଦ୍ଧି ପାଇ ୬୦୦ ନିୟୁତ ହେବ ବୋଲି ଆକଳନ କରାଯାଇଛି । ସହରାଞ୍ଚଳରେ ଲୋକଙ୍କର ଘରେ ଘରେ ଫ୍ରିଜ, ଏସି, ଗାଡ଼ିରେ ଏସି ଏବଂ ଘରେ ଘରେ ଗିଜର ଓ ହିଟର ଚାଲିଛି । ବିଶ୍ୱ ତାପାୟନର ଶରବ୍ୟ ଆମେ ହେବା ନାହିଁ ତ ଆଉ କିଏ ହେବ ?

ବିଶ୍ୱ ତାପାୟନ ୩୫ ଡିଗ୍ରୀ ହାରରେ ପ୍ରତ୍ୟେକ ଦଶନ୍ଧିରେ ବୃଦ୍ଧି ପାଉଛି । ସବୁଜ ଗୃହରୁ ନିର୍ଗତ ଗ୍ୟାସ ଆମମାନଙ୍କ ପାଇଁ କ୍ଷତିକାରକ । ସେ ସବୁ ବିଷୟଗୁଡ଼ିକ ଉପରେ ଆମେମାନେ ଗଭୀର ଭାବେ ଚିନ୍ତା କରିବା ସହିତ ତା'ର ପ୍ରତିକାର କରିବା ଦିଗରେ ଆମେମାନେ ଏକାଠି ନ ହେଲେ ଆମର ଭବିଷ୍ୟତ ଯେ ଅନ୍ଧକାରପୂର୍ଣ୍ଣ ହେବ, ଏଥିରେ ସନ୍ଦେହ ନାହିଁ ।

**ଯେପରି କେତେଗୁଡ଼ିଏ ବିନ୍ଦୁର ସମଷ୍ଟିରେ ସମୁଦ୍ରର ସୃଷ୍ଟି ସେହିପରି ଆମ୍ଭେମାନେ ଜଣ ଜଣଙ୍କ ସହ ମିତ୍ରତା ସ୍ଥାପନ କରି ମିତ୍ରତାର ସାଗର ହୋଇ ପାରିବୁ । ଜଗତର ପ୍ରତ୍ୟେକ ବ୍ୟକ୍ତି ଅପର ପ୍ରତି ମିତ୍ରଭାବ ପୋଷଣ କରି ଜୀବନ ଯାପନ କଲେ ଜଗତର ରୂପ ବଦଳି ଯାଆନ୍ତା ।**

*(ମହାତ୍ମା ଗାନ୍ଧି)*

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ–ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

# ବାଚସ୍ପତିଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ



**ତେଜେଶ୍ୱର ପଟ୍ଟନାୟକ**

ଭାରତର ସଂସଦକୁ ଆମ ଗଣତାନ୍ତ୍ରିକ ବ୍ୟବସ୍ଥାର ପ୍ରାଣକେନ୍ଦ୍ର କୁହାଯାଏ । ବିତର୍କ, ଆଲୋଚନା ଓ ସମାଲୋଚନା ହିଁ ଦେଶର ଜାତୀୟ ନୀତିକୁ ଗଠନ କରିବାରେ ସାହାଯ୍ୟ କରିଥାଏ । ସଂସଦ ଓ ରାଜ୍ୟ ବିଧାନସଭାର ଅଧିବେଶନରେ, ଅଭିଯୋଗ ଓ ପ୍ରତ୍ୟାଭିଯୋଗ ଯୋଗୁଁ ସୁରୁଖୁରୁରେ ଚାଲିପାରୁନାହିଁ । ଏହା ସଂସଦର, ଗଣତାନ୍ତ୍ରିକ ପରମ୍ପରା ଓ ପ୍ରଭାବ ଉପରେ ଏକ ବିରାଟ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

ସାମ୍ପ୍ରତିକ ଅଧିବେଶନଗୁଡ଼ିକରେ କଥା କଟାକଟି ଓ ହଟ୍ଟଗୋଳ ବାରମ୍ବାର ବାଧା ବୃଦ୍ଧି ପାଇବା ଯୋଗୁଁ ସଂସଦର ବହୁମୂଲ୍ୟ ସମୟ ନଷ୍ଟ ହେଉଛି । ବିତର୍କ ବଦଳରେ, ଶାସକ ଓ ବିରୋଧୀ ଦଳ ଉଭୟ ପରସ୍ପରକୁ ବ୍ୟକ୍ତିଗତ ଆରୋପ ଲଗାଇବା ଦେଶର ସର୍ବୋଚ୍ଚ ଗଣତାନ୍ତ୍ରିକ ସଂସ୍ଥାର ମର୍ଯ୍ୟାଦାକୁ କ୍ଷୁର୍ଣ୍ଣ କରୁଛି । ଭାରତର ସଂସଦରେ ଆଲୋଚନା ଓ ବିତର୍କର ଗୁଣବତ୍ତାକୁ ନେଇ ଅନେକ ବୁଦ୍ଧିଜୀବୀ ଚିନ୍ତା ପ୍ରକଟ କଲେଣି ।

ଏହି ପରିପ୍ରେକ୍ଷୀରେ, କଂଗ୍ରେସ ନେତୃତ୍ୱାଧୀନ ବିରୋଧୀ ଦଳ ଦ୍ୱାରା ଲୋକସଭା ବାଚସ୍ପତି ଶ୍ରୀଯୁକ୍ତ ଓମ୍ ବିର୍ଲାଙ୍କ ବିରୁଦ୍ଧରେ ଅନାସ୍ଥା ପ୍ରସ୍ତାବ ନୋଟିସ ଜାରି କରିବା ଆଲୋଚନାର ବିଷୟ ଅଟେ । ଏହି ପ୍ରସ୍ତାବଟିକୁ ୧୧୯ ଜଣ ଲୋକସଭା ସଦସ୍ୟ ସମର୍ଥନ କରିଛନ୍ତି । ବିରୋଧୀ ଦଳର ଅଭିଯୋଗ ଯେ ବାଚସ୍ପତି ଶ୍ରୀ ବିର୍ଲା ଶାସକ ଦଳକୁ ସମର୍ଥନ କରି ଦଳୀୟ ନେତା ଭାବରେ କାର୍ଯ୍ୟ କରୁଛନ୍ତି ଏବଂ ସାମ୍ବିଧାନିକ ପଦବୀରେ ଥାଇ ସୁଦ୍ଧା ନିରପେକ୍ଷତା ବଜାୟ ରଖିବାରେ ବିଫଳ ହୋଇଛନ୍ତି । ସେମାନେ ଦାବି କରନ୍ତି ଯେ ବିରୋଧୀ ଦଳ ନେତାଙ୍କୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ କହିବା ପାଇଁ ପର୍ଯ୍ୟାପ୍ତ ସୁଯୋଗରୁ ବଞ୍ଚିତ କରାଯାଉଛି ।

ବିରୋଧୀ ଦଳ ଅନାସ୍ଥାପ୍ରସ୍ତାବ ଆଗତ କରିବା ପଛରେ ଅନେକ କାରଣ ଅଛି । ପୂର୍ବତନ ସେନା ମୁଖ୍ୟ ଏମ୍. ଏମ୍. ନରଭଣେଙ୍କ ଅପ୍ରକାଶିତ ପୁସ୍ତକରେ ଚୀନ ସୈନିକଙ୍କ ଭାରତ ସୀମାରେ ଅନୁପ୍ରବେଶ ଓ ସରକାରଙ୍କ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ସମ୍ବନ୍ଧୀୟ ସୂଚନା ଏବଂ ସାମ୍ପ୍ରତିକ ଭାରତ–ଆମେରିକା ବାଣିଜ୍ୟ ଚୁକ୍ତି ପ୍ରସଙ୍ଗ ଉପରେ ବିସ୍ତୃତ ଆଲୋଚନା ପାଇଁ ବିରୋଧୀ ଦଳ ନେତାଙ୍କୁ ବାଚସ୍ପତି ଅନୁମତି ନ ଦେବା ଅଭିଯୋଗ ବିରୋଧୀ ଦଳ ଉଲ୍ଲେଖ କରିଛନ୍ତି । ବିରୋଧୀ ଦଳ ସଦସ୍ୟମାନେ ଦେଶର ପୂର୍ବତନ ପ୍ରଧାନମନ୍ତ୍ରୀଙ୍କ ବିରୁଦ୍ଧରେ ଶାସକ ଦଳର ଜଣେ ସାଂସଦ ଅରୁଚିକର ମନ୍ତବ୍ୟ ଦେଇପାଇଁ ତାଙ୍କ ବିରୁଦ୍ଧରେ ବାଚସ୍ପତି ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାପାଇଁ ଦାବି କରିଛନ୍ତି । ଭାରତର ସମ୍ବିଧାନରେ ବାଚସ୍ପତିଙ୍କୁ ପଦଚ୍ୟୁତ କରିବା ପାଇଁ ଏକ ସ୍ପଷ୍ଟ ବିଧି ବଦ୍ଧ ବ୍ୟବସ୍ଥା ଉଲ୍ଲେଖ ଅଛି । ଧାରା ୯୪(ଗ) (Article ୯୪ (ଇ)ଅନୁଯାୟୀ, ଲୋକସଭାର ସମସ୍ତ ତତ୍କାଳୀନ ସଦସ୍ୟଙ୍କ ସଂଖ୍ୟାଗରିଷ୍ଠ ମତ ଦ୍ୱାରା ଗୃହୀତ ପ୍ରସ୍ତାବ ଦ୍ୱାରା ବାଚସ୍ପତିଙ୍କୁ ହଟାଇ ଦିଆଯାଇପାରିବ । ଏପରି ପ୍ରସ୍ତାବ ପାଇଁ ଗୃହର ମହାସଚିବ(Secretary General )ଙ୍କୁ ଅତି କମ୍‌ରେ ୧୪ ଦିନ ପୂର୍ବରୁ ଲିଖିତ ନୋଟିସ୍ ଦେବାକୁ ପଡିବ ।

ନୋଟିସ୍ ଗ୍ରହଣ କରିବା ପରେ, ଅଧ୍ୟକ୍ଷ ଏହାକୁ ଗୃହ ସମ୍ମୁଖରେ ପଢିବେ ଏବଂ ପ୍ରସ୍ତାବକୁ ଗ୍ରହଣ କରିବା ପାଇଁ ଲୋକସଭାର ସର୍ବନିମ୍ନ ୫୦ ଜଣ ସଦସ୍ୟଙ୍କ ସମର୍ଥନ ଆବଶ୍ୟକ । ଯଦି ଏହି ନିୟମ ପୂରଣ ନହୁଏ, ତେବେ ପ୍ରସ୍ତାବଟି ଆଗ୍ରାହ୍ୟ ହୋଇଯାଏ । ଅଭିଯୋଗଗୁଡ଼ିକୁ ସ୍ପଷ୍ଟ ରୂପେ ଉଲ୍ଲେଖ କରାଯିବା ଆବଶ୍ୟକ ଏବଂ ସଂସଦରେ ବିତର୍କ କେବଳ ସେହି ଅଭିଯୋଗଗୁଡ଼ିକ ମଧ୍ୟରେ ସୀମିତ ରହିବା ଉଚିତ । ଯଦି ଏହି ଅନାସ୍ଥା ପ୍ରସ୍ତାବ ସଂଖ୍ୟା ଗରିଷ୍ଠତା ଭିତ୍ତିରେ ଗୃହୀତ ହୁଏ, ତେବେ ବାଚସ୍ପତିଙ୍କୁ ତୁରନ୍ତ ତାଙ୍କ ଆସନରୁ ଇସ୍ତଫା ଦେବାକୁ ପଡିବ । ଉଲ୍ଲେଖଯୋଗ୍ୟ ଯେ ବାଚସ୍ପତିଙ୍କ ବିରୁଦ୍ଧରେ ଆଗତ ପ୍ରସ୍ତାବ ଉପରେ ଚଳିତ ମାସ ମାର୍ଚ୍ଚ ୯ ତାରିଖରେ ଲୋକସଭାରେ ଆଲୋଚନା ପାଇଁ ସ୍ଥିରୀକୃତ ହୋଇଥିଲା ।

ସମ୍ବିଧାନର ଅନୁଚ୍ଛେଦ ୯୬ ଅନୁଯାୟୀ ବାଚସ୍ପତିଙ୍କ ବହିଷ୍କାର ପ୍ରସ୍ତାବ ଉପରେ ବିତର୍କ ବେଳେ ସେ ଗୃହର ଅଧ୍ୟକ୍ଷତା କରିପାରିବେ ନାହିଁ । ତେବେ ସେ ଗୃହରେ ଆଲୋଚନାରେ ଅଂଶଗ୍ରହଣ କରିପାରିବେ ଏବଂ ସାଧାରଣ ସଦସ୍ୟ ଭାବରେ ଭୋଟ ଦେଇ ପାରିବେ ।

ସଂସଦ ଇତିହାସରେ ବାଚସ୍ପତିଙ୍କ ବିରୁଦ୍ଧରେ ପୂର୍ବରୁ ତିନୋଟି ଅନାସ୍ଥା ପ୍ରସ୍ତାବ ୧୯୫୪, ୧୯୬୬ ଓ ୧୯୮୭ ମସିହା ଲୋକସଭାରେ ଆଗତ ହୋଇଥିଲା ଏବଂ ଗୃହୀତ ହେଇନଥିଲା । ଆଲୋଚନାର ବିଷୟ ଯେ ବାଚସ୍ପତି ସଂସଦୀୟ ଗଣତନ୍ତ୍ରରେ ଅତି ଗୁରୁତ୍ୱପୂର୍ଣ୍ଣ ସାମ୍ବିଧାନିକ ପଦବୀରେ ଅଧିଷ୍ଠିତ । ଯଦିଓ ସେ ଏକ ରାଜନୈତିକ ଦଳର ସଦସ୍ୟ ଭାବରେ ନିର୍ବାଚିତ ହେଇ ଆସିଛନ୍ତି, ସେ ଗୃହକାର୍ଯ୍ୟକୁ ନିରପେକ୍ଷତାର ସହ ପରିଚାଳନା କରିବା ଉଚିତ । ଗୃହରେ ବିତର୍କକୁ ନିୟନ୍ତ୍ରଣ କରିବା, ଶୃଙ୍ଖଳା ଲାଗୁ କରିବା ଏବଂ ଆବଶ୍ୟକ ହେଲେ, ଅବାଧ ସଦସ୍ୟମାନଙ୍କୁ ନିଲମ୍ବିତ କରିବା କିମ୍ବା ବହିଷ୍କାର କରିବାର କ୍ଷମତା ତାଙ୍କର ଅଛି ।

ତଥାପି, ସଂସଦରେ ସାମ୍ପ୍ରତିକ ବିତର୍କ ଏକ ଅବନତିଶୀଳ ସଂସ୍କୃତିକୁ ଦର୍ଶାଉଛି ଓ ଆଦର୍ଶଗତ ମତ ପାର୍ଥକ୍ୟ କ୍ରମଶଃ ବ୍ୟକ୍ତିଗତ ସ୍ତରକୁ ଖସିବା ଲାଗିଲାଣି । ବିତର୍କରେ ବିରାଧୀ ଦଳର ସମାଲୋଚନାକୁ ସକାରାତ୍ମକ ଦୃଷ୍ଟିଭଙ୍ଗୀରେ ଦେଖିବା ଆବଶ୍ୟକ । ଶାସକ ଦଳର ନିରଙ୍କୁଶ ସଂଖ୍ୟା ଗରିଷ୍ଠତା ଥିଲେ ମଧ ବିରୋଧୀ ଦଳର ସରକାରଙ୍କ ସମାଲୋଚନାକୁ ସହ୍ୟ କରିବା ସମିଚୀନ ଅଟେ । ଗଣତନ୍ତ୍ରରେ ବିଭିନ୍ନ ବିଚାର ଧାରା ଓ ମତକୁ ସମସ୍ତ ରାଜନୈତିକ ଦଳ ସମ୍ମାନ ଜଣାଇବା ଉଚିତ ।

ଅନ୍ୟ ପକ୍ଷରେ ବିରୋଧୀ ଦଳ ନେତାଙ୍କ ଭୂମିକା ମଧ୍ୟ ଅତି ଗୁରୁତ୍ୱପୂର୍ଣ୍ଣ ଅଟେ । ଗୃହର ଅତି କମ୍‌ରେ ଦଶମାଂଶ ଆସନ ପାଇଥିବା ସର୍ବବୃହତ ବିରୋଧୀ ଦଳର ମୁଖ୍ୟଙ୍କୁ ବିରୋଧୀ ଦଳ ନେତା ଭାବେ ସ୍ୱୀକୃତି ଦିଆଯାଏ । ଇଂଲଣ୍ଡରେ, ବିରୋଧୀ ଦଳ ନେତାଙ୍କ ଭୂମିକାକୁ ପ୍ରତୀକାତ୍ମକ ଭାବରେ ଛାୟା ପ୍ରଧାନମନ୍ତ୍ରୀ (shadow prime minister )ବୋଲି କୁହାଯାଏ, ଯାହାକି ଶାସକ ଦଳର ଏକ ବିକଳ୍ପ ସ୍ୱର ଭାବରେ ପ୍ରତିଫଳିତ କରେ ।

ବିଶିଷ୍ଟ ରାଜନୈତିକ ଚିନ୍ତକ ୱାଲ୍ଟର ଲିପମ୍ୟାନ୍‌ଙ୍କ ମତ ଅନୁସାରେ ଗଣତନ୍ତ୍ରରେ, ବିରୋଧୀ ଦଳକୁ କେବଳ ସାମ୍ବିଧାନିକ ଭାବରେ ସହ୍ୟ କରାଯାଏ ନାହିଁ ବରଂ ଏହାକୁ ବଜାୟ ରଖିବାକୁ ପଡିବ କାରଣ ଏହା ଅପରିହାର୍ଯ୍ୟ । ବିରୋଧୀ ଦଳ ଶାସନ ପାଇଁ ପ୍ରତିବନ୍ଧକ ନୁହେଁ, ଏହା ଏକ ସୁରକ୍ଷା ବ୍ୟବସ୍ଥା ଯାହା ସ୍ୱଚ୍ଛତା, ଉତ୍ତରଦାୟିତ୍ୱ ଏବଂ ଜନସାଧାରଣଙ୍କ ମନରେ ସଚେତନତା ଓ ପ୍ରତିକ୍ରିୟାଶୀଳତା ସୃଷ୍ଟି କରେ ।

ଆମ ସଂସଦୀୟ କାର୍ଯ୍ୟଧାରା ସିଧାସଳଖ ପ୍ରସାରଣ ଟେଲିଭିଜନରେ ଲକ୍ଷ ଲକ୍ଷ ନାଗରିକ ଦେଖନ୍ତି । ତେଣୁ ଗଣତାନ୍ତ୍ରିକ ପ୍ରତିଷ୍ଠାନଗୁଡ଼ିକ ଉପରେ ଜନସାଧାରଣଙ୍କ ବିଶ୍ୱାସ ନିର୍ବାଚିତ ପ୍ରତିନିଧିଙ୍କ ଆଚରଣ ଉପରେ ନିର୍ଭରଶୀଳ । ଲୋକସଭାକୁ ଗଣତନ୍ତ୍ରର ମନ୍ଦିର କୁହାଯାଏ ।

ଦୁର୍ଭାଗ୍ୟର ବିଷୟ, ବାଚସ୍ପତିଙ୍କ ବିରୁଦ୍ଧରେ ଆଗତ ଅନାସ୍ଥା ପ୍ରସ୍ତାବର ଆବଶ୍ୟକତା ରାଜନୈତିକ ଅବିଶ୍ୱାସକୁ ପ୍ରତିଫଳିତ କରେ । ଉଭୟ ପକ୍ଷ ମଧ୍ୟରେ ଆଲୋଚନା ଓ ସହମତି ମାଧ୍ୟମରେ ଏହି ପ୍ରସ୍ତାବକୁ ଏଡାଯାଇ ପାରିଥାନ୍ତା । ଏହାର ସମାଧାନ ପାଇଁ ଶାସକ ଦଳର ନେତୃବୃନ୍ଦଙ୍କ ପ୍ରମୁଖ ଭୂମିକା ଗ୍ରହଣ କରିବା ଦରକାର ଥିଲା । ଶାସକ ଏନ.ଡି.ଏ ସାମୁଖ୍ୟର ସଂଖ୍ୟାଗରିଷ୍ଠତାକୁ ଦେଖିଲେ, ବାଚସ୍ପତିଙ୍କ ବିରୁଦ୍ଧରେ ଅନାସ୍ଥା ପ୍ରସ୍ତାବ ଗୃହୀତ ହେବାର ଆଶଙ୍କା ଆଦୌ ନାହିଁ ।

ତେବେ ସାଂସଦୀୟ ଗଣତନ୍ତ୍ର ଆଜି ବଡ ଆହ୍ୱାନର ସମ୍ମୁଖୀନ ହେଇଛି । ଭାରତର ସଂସଦୀୟ ବ୍ୟବସ୍ଥାରେ ଆମ ନିର୍ବାଚିତ ପ୍ରତିନିଧିମାନେ ମର୍ଯ୍ୟାଦା, ସଂଯମ ଆଚରଣ ଏବଂ ଗଠନମୂଳକ ବିତର୍କ ଉପରେ ଜୋର୍ ଦେବା ଉଚିତ । ଗଣତନ୍ତ୍ରର ଶକ୍ତି ଏବଂ ବିଶ୍ୱସନୀୟତା ପାଇଁ ଏହା ଅତ୍ୟନ୍ତ ଆବଶ୍ୟକ ଅଟେ ।

ତୀବ୍ର ରାଜନୈତିକ ମତଭେଦ ମଧ୍ୟରେ ମଧ ଯେତେବେଳେ ବିତର୍କ ଗଠନମୂଳକ ଏବଂ ସମ୍ମାନଜନକ ହୋଇଥାଏ, ସେତେବେଳେ ଗଣତନ୍ତ୍ର ଅଧିକ ସମୃଦ୍ଧ ଓ ସୁଦୃଢ଼ ହୁଏ । ସଂସଦୀୟ ପରମ୍ପରାକୁ ସୁରକ୍ଷା ଦେବାରେ ବାଚସ୍ପତିଙ୍କ ଭୂମିକା ସଂଦେହର ବଳୟରେ ରହିବା ଅନୁଚିତ ଏବଂ ଶାସକ ଓ ବିରୋଧୀ ଦଳ ଉଭୟଙ୍କର ମଧ୍ୟ ଗୁରୁଦାୟିତ୍ୱ ଅଛି ।

ଅନାସ୍ଥା ପ୍ରସ୍ତାବର ଫଳାଫଳ ଯାହା ହେଉନା କାହିଁକି, ସଂସଦ ଗୃହରେ ମର୍ଯ୍ୟାଦା ଏବଂ ପାରସ୍ପରିକ ସମ୍ମାନ ଫେରାଇ ଆଣିବା ଜରୁରୀ । ଗଣତନ୍ତ୍ରର ଶକ୍ତି କେବଳ ସଂଖ୍ୟାରେ ସୀମିତ ନୁହେଁ ବରଂ ଏହା ଆଲୋଚନାର ଗୁଣବତ୍ତା ଉପରେ ନିର୍ଭରଶୀଳ । ଭାରତ ସାରା ବିଶ୍ୱରେ ଗଣତନ୍ତ୍ରର ଜନନୀ Mother of democracy ରୂପେ ପରିଚିତ । ତେଣୁ ଆମ ସଂସଦୀୟ ଗଣତନ୍ତ୍ର ସୁଦୃଢ଼ ହେବା ଦରକାର ।

**(ଲେଖକ ପୂର୍ବତନ ଉପ ମହାପ୍ରବନ୍ଧକ,ବ୍ୟାଙ୍କ ଅଫ ଇଣ୍ଡିଆ ଓ ସ୍ତମ୍ଭକାର)**
**କେ ୫,କଳିଙ୍ଗ ବିହାର , ଭୁବନେଶ୍ୱର**

# ଲିଭର ଓ ଫାଇବ୍ରୋସ୍କାନ୍



**ଡାକ୍ତର ଉମେଶ ଚନ୍ଦ୍ର ପାତ୍ର**

ଶରୀରର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କୁହାଯାଉଥିବା ଫାଇବ୍ରୋସ୍କାନ ସମ୍ପର୍କରେ ଅନେକ ଜାଣି ନଥାନ୍ତି । ଲିଭରର ସ୍ଥିତି, ଏହାର ନିରାପଦତା ଓ କେତେଦୂର ଏହା କର୍ମକ୍ଷମ, କୌଣସି କ୍ଷତି ହୋଇଛି କି? ଲିଭରରେ ଯଦି କୌଣସି କ୍ଷତି ହୋଇଛି, ତେବେ ତାହା କେତେ ପରିମାଣର? ଏହି ପରୀକ୍ଷା ଜଣାପଡ଼ିଥାଏ ଫାଇବ୍ରୋସ୍କାନ ପରୀକ୍ଷାରୁ । ଆଜିକାଲି ଅନେକ ଲୋକ ଏହାକୁ ଅଣଦେଖା କରିବାରୁ ପ୍ରାଥମିକ ଭାବେ ଲିଭର ଖରାପ ହେଉଛି ପରବର୍ତ୍ତୀ ସମୟରେ ଲିଭର ସିରୋସିସ ଏବଂ ସ୍ଥଳବିଶେଷରେ ଲିଭର ନଷ୍ଟ ହୋଇଯାଉଛି । ସେତେବେଳକୁ ଜଣକ ପାଖରେ ଆଉ କୌଣସି ସାଧନ ମଧ୍ୟ ନଥାଏ ।

ଲିଭର ବା ଯକୃତ (କଳିଜା) ଶରୀରର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ । ଏହା ଶରୀରର ସବୁଠାରୁ ବଡ଼ଗ୍ରନ୍ଥି । ପେଟ ଭିତର ମଧ୍ୟ ଭାଗର ଡାହାଣ ପଟକୁ ମଧ୍ୟଚ୍ଛଦାର ଠିକ୍ ତଳକୁ ଯକୃତ ରହିଥାଏ । ପଞ୍ଜରାହାଡ଼ ଭିତରେ ଏହା ସୁରକ୍ଷିତ ଅବସ୍ଥାରେ ରହିଥାଏ । ଏହାର ଲମ୍ବ ୨୦ସେ.ମି. ଓସାର ୧୬ ସେ.ମି. ଓ ଉଚ୍ଚତା ପ୍ରାୟ ୧୨ ସେ.ମି., ଓଜନ ପ୍ରାୟ ଦେଢ଼ରୁ ଦୁଇ କି.ଗ୍ରା । କଳିଜା ହେଉଛି ଶରୀରର ଏକ ରାସାୟନିକ ବିଜ୍ଞାନାଗାର । ଏକ ସମୟରେ ଏହା ବହୁତ ପ୍ରକାରର ରାସାୟନିକ କାର୍ଯ୍ୟ କରିଥାଏ ।

ଶରୀରରେ ହିମୋଗ୍ଲୋବିନ ଯକୃତରେ କିପରି ତିଆରି ହୁଏ ? ଓ ଯକୃତର କାର୍ଯ୍ୟ ଦକ୍ଷତା କିପରି କ୍ଷତିଗ୍ରସ୍ତ ହୁଏ ଓ କମାଇ ଦିଏ?

ଶରୀରରେ ନଷ୍ଟ ହେଉଥିବା ଲୋହିତ ରକ୍ତକଣିକାରୁ ହିମୋଗ୍ଲୋବିନ (ଲୋହିତ ରକ୍ତ କଣିକା ମଧ୍ୟରେ ଥିବା ଲୌହ ଓ ପୁଷ୍ଟିସାର ଅଂଶ) ବାହାର କରି ତାକୁ ଭାଙ୍ଗି ପୁଣି ନୂଆ ହିମୋଗ୍ଲୋବିନ ହେବା ପାଇଁ ଉପାଦାନ ସୃଷ୍ଟି କରିଥାଏ । ରକ୍ତ ଜମାଟ ବାନ୍ଧିବା ପାଇଁ ଯେଉଁ ଉପାଦାନର ଆବଶ୍ୟକତା ରହିଛି ଯଥା ପ୍ରୋଥ୍ରୋମ୍ବିନ ଓ ଫିବ୍ରିନୋଜେନ୍ ତାହା ଯକୃତରେ ହିଁ ତିଆରି ହୁଏ ।

ପିତ୍ତକ୍ଷରଣ ହେଉଛି ଯକୃତର ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ । ଖାଦ୍ୟ ପାକସ୍ଥଳୀରୁ ଗ୍ରହଣୀ ମଧ୍ୟକୁ ପ୍ରବେଶ କରିବା ସମୟରେ ପିତ୍ତନଳୀ ଭିତରୁ ପିତ୍ତଆସି ଖାଦ୍ୟ ସହିତ ମିଶି ପାଚନ କ୍ରିୟାରେ ସାହାଯ୍ୟ କରେ । ରକ୍ତରେ ଗ୍ଲୁକୋଜର ପରିମାଣ ଅଧିକ ହେଲେ ଯକୃତ ଏହାକୁ ଗ୍ଲାଇକୋଜେନ୍‌ରେ ପରିଣତ କରି ନିଜ ଭିତରେ ସଞ୍ଚୟ କରି ରଖେ । ଉପବାସ ସମୟରେ ରକ୍ତରୁ ଗ୍ଲୁକୋଜର ପରିମାଣ କମିଗଲେ, ଯକୃତ ଗ୍ଲାଇକୋଜେନ୍‌କୁ ଗ୍ଲୁକୋଜରେ ପରିଣତ କରି ଶର୍କରାର ଭାରସାମ୍ୟ ରକ୍ଷା କରେ । ଯକୃତ ବା କଳିଜାରେ ତନ୍ତୁ ଜମିଗଲେ ପ୍ରଦାହ ବା କ୍ଷତ ହୋଇ ସଂଯୋଜକ ତନ୍ତୁରେ ମୋଟାଦାଗ ଜମିଗଲେ ଏହା ଯକୃତର କାର୍ଯ୍ୟକ୍ଷମତାକୁ କମାଇ ଦିଏ ।

ଅତ୍ୟଧିକ ମଦ୍ୟପାନ, ଚର୍ବି ଜାତୀୟ ଖାଦ୍ୟ, ହେପାଟାଇଟିସ୍ 'ବି', 'ସି' ଓ 'ଡି' ସଂକ୍ରମଣ, ମଧୁମେହ, ପିତ୍ତକୋଷ ରୋଗ କିମ୍ବା ଅତ୍ୟଧିକ ଲୌହକଣା ଜମିଗଲେ, ଲିଭରରେ ସୂତ୍ରତନ୍ତୁମୟତା ସୃଷ୍ଟି ହୁଏ ଓ ଯକୃତ ସଂକୁଚିତ ହୋଇ ଉପରିଭାଗରେ ଛୋଟ ଛୋଟ ଫୁଲା ବା ଗ୍ରନ୍ଥିକା ସୃଷ୍ଟି ହୋଇ ସିରୋସିସ୍ ରୋଗରେ ରୂପାନ୍ତରିତ ହୁଏ । ଏହି ସୂତ୍ର ତନ୍ତୁମୟତାକୁ ମାପିବା ପାଇଁ ଲିଭରରୁ ଜୀବନ୍ତତନ୍ତୁ ନେଇ ପରୀକ୍ଷା କରାଯାଏ । ଏକ ଛୁଞ୍ଚି ସାହାଯ୍ୟରେ ଯକୃତରୁ ଏକ ଛୋଟ ଅଂଶ କାଟିନେଇ ଅଣୁବୀକ୍ଷଣ ଯନ୍ତ୍ର ସାହାଯ୍ୟରେ ପରୀକ୍ଷା କରାଯାଏ । କିନ୍ତୁ ଏହା ଏକ କଷ୍ଟକର ପରୀକ୍ଷା ଓ ବେଳେବେଳେ ଆଭ୍ୟନ୍ତରୀଣ ରକ୍ତକ୍ଷରଣ ମାଧ୍ୟମରେ ରୋଗୀ ଅଧିକ କଷ୍ଟପାଏ । ତେଣୁ ଲିଭରକୁ କ୍ଷତି ନକରି ବା କୌଣସି ପ୍ରକାର ଛୁଞ୍ଚି ଦ୍ୱାରା ଜୀବନ୍ତ ତନ୍ତୁ ନ ନେଇ ଫାଇବ୍ରୋସ୍କାନ ମାଧ୍ୟମରେ ଏହି ସୂତ୍ରତନ୍ତୁମୟତାକୁ ମାପିହେବ । ଏହା ଏକ ଅତ୍ୟଧିକ ସୂକ୍ଷ୍ମମାନର ଯନ୍ତ୍ର । ଅଲଟ୍ରାସାଉଣ୍ଡର ଶଳାକା (ପ୍ରୋବ୍) ପରି ଏହାର ମଧ୍ୟ ଏକ ଶଳାକା ଥାଏ, ଯାହାକି ଡାହାଣ ଛାତିର ନିମ୍ନଭାଗରେ ରଖି ବୋତାମ ଚିପିଲେ କଳିଜାର କଠିନତା ସମ୍ବନ୍ଧରେ ମାପିହୁଏ ।

ଫାଇବ୍ରୋସ୍କାନ ପରୀକ୍ଷା କିପରି ହୁଏ ଓ ଏହା ସମସ୍ତେ କରିପାରିବେ କି?

କମ୍ପ୍ୟୁଟର ମାଧ୍ୟମରେ ଏହି ତଥ୍ୟକୁ ପର୍ଯ୍ୟବେକ୍ଷଣ କଲାପରେ ପରଦାରେ ଏହାର ମାନ ଲିଖିତ ଆକାରରେ ଦେଖାଯାଏ । ଦଶ ମିନିଟ ଭିତରେ ଏହି ପରୀକ୍ଷା ଶେଷ ହୁଏ । ଏଥିରେ କୌଣସି କଷ୍ଟ ହୁଏନାହିଁ ବା ରକ୍ତ ବାହାରେ ନାହିଁ । ଏହି ପରୀକ୍ଷା ପୂର୍ବରୁ ଖାଲି ପେଟ ରହିବା ଜରୁରୀ । ଅତ୍ୟଧିକ ମୋଟା ବ୍ୟକ୍ତି, ଯେଉଁମାନଙ୍କ ପେଟରେ ପାଣି ଜମିଯାଇଛି, ବୟସ୍କ ବ୍ୟକ୍ତିମାନଙ୍କର ଫାଇବ୍ରୋସ୍କାନ୍ ଠିକ୍ ଭାବରେ କରିହୁଏ ନାହିଁ, ଯେଉଁମାନଙ୍କର ହୃତ୍‌ପିଣ୍ଡରେ ପେସ୍‌ମେକର ବା ଗତିଚାଳକ ଲାଗିଛି ବା ଗର୍ଭବତୀ ମହିଳାମାନଙ୍କର ଫାଇବ୍ରୋସ୍କାନିଂ ପରୀକ୍ଷା ନିଷେଧ । ଫାଇବ୍ରୋସ୍କାନିଂ ମାଧ୍ୟମରେ ପେଟର ଅନ୍ୟାନ୍ୟ ଅଙ୍ଗ ଯଥା ଅଗ୍ନ୍ୟାଶୟ, ପ୍ଲୀହା, ଜରାୟୁ ଓ ଖାଦ୍ୟନଳୀ ପରୀକ୍ଷା ହୋଇପାରେ ନାହିଁ । ଜନସାଧାରଣଙ୍କର ସଚେତନତା ବୃଦ୍ଧି ହେଲେ ସେମାନେ ମଦ୍ୟପାନ, ଚର୍ବିଜାତୀୟ ଖାଦ୍ୟରୁ ବିରତ ଓ ହେପାଟାଇଟିସ୍ ସଂକ୍ରମଣ ସମ୍ବନ୍ଧର ଚିକିତ୍ସା କରିବାକୁ ଆଗେଇ ଆସନ୍ତି ।

ବିଶେଷକରି ବର୍ଷାଦିନେ ଏହି ପରୀକ୍ଷାଟି ଅତି ଜରୁରୀ। ଜଣେ ଖାଲିପେଟରେ ରୁହନ୍ତୁ କିମ୍ବା ନିରାମିଷ ଖାଦ୍ୟ ଖାଆନ୍ତୁ କୌଣସି ମାଦକ ଦ୍ରବ୍ୟ ସେବନ କରନ୍ତୁ ବା ଆଲକହଲ ଗ୍ରହଣ କରନ୍ତୁ, ଶରୀରର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ କୁହାଯାଉଥିବା ଏହି ପରୀକ୍ଷାଟି ଜଣେ ନିଶ୍ଚିନ୍ତ ଭାବେ କରିବା କଥା ।

**ଅବସରପ୍ରାପ୍ତ ପ୍ରଫେସର, ଲିଭର ବିଶେଷଜ୍ଞ,**
**କଟକ,ମୋ–୯୪୩୭୦୫୧୯୫୭**

# ବିଦ୍ୟା ଓ ବାଣୀର ଦେବୀ : ବାଗ୍‌ଦେବୀ

**ପୁଷ୍ପମିତ୍ର ମହାପାତ୍ର**

ଦେବୀ ସରସ୍ୱତୀ ମନୁଷ୍ୟକୁ ଜ୍ଞାନର ପ୍ରକାଶ ଦିଗରେ ନେଇ ଯାଆନ୍ତି । ସେ ବାଣୀର ଦେବୀ ହୋଇଥିବାରୁ ତାଙ୍କୁ ବାଗ୍‌ଦେବୀ କୁହାଯାଏ । ବାଣୀ ବା ଜିହ୍ୱାରୁ ବାହାରୁଥିବା ବାଣ, ଥରେ ବାହାରିଗଲେ ପୁଣି ଫେରି ଆସିନଥାଏ । ଏଣୁ ବାଣୀର ସଂଯମତା ଏବଂ ସଦୁପଯୋଗ ହେବା ଆବଶ୍ୟକ ।

ଏହା ହିଁ ବାଗ୍‌ଦେବୀଙ୍କୁ ପ୍ରସନ୍ନ କରିବାର ଅନ୍ୟତମ ମୂଳମନ୍ତ୍ର । ଯେତେବେଳେ ମନୁଷ୍ୟ ମୌନ ରହିଥାଏ, ସେ ସମୟରେ ବାଗ୍‌ଦେବୀ ଅନ୍ତରାତ୍ମାର ସ୍ୱର ହୋଇ ସତ୍‌ପ୍ରେରଣା ପ୍ରଦାନ କରିଥାନ୍ତି । ବାଗ୍‌ଦେବୀ ସରସ୍ୱତୀ ବାଣୀ, ବିଦ୍ୟା, ଜ୍ଞାନବିଜ୍ଞାନ ଏବଂ କଳାକୌଶଳର ଆଦିର ଅଧିଷ୍ଠାତ୍ରୀ ଦେବୀ । ସେ ମାନବ ଭିତରେ ଲୁଚି ରହିଥିବା ଚେତନା ଶକ୍ତିକୁ ଜାଗ୍ରତ କରି ଅଜ୍ଞାନର ଅନ୍ଧକାର ଦୂର କରିଥାନ୍ତି । ମନୁଷ୍ୟକୁ ଆଲୋକ ଆଡ଼କୁ ନେଇଯାଇଥାନ୍ତି ।

ବିଶ୍ୱର ସର୍ବାଧିକ ପ୍ରାଚୀନ ଗ୍ରନ୍ଥ ଋକ୍ ବେଦରେ ମାତା ସରସ୍ୱତୀଙ୍କ ଦୁଇଟି ରୂପ ବିଷୟରେ ବର୍ଣ୍ଣନା କରାଯାଇଛି । ପ୍ରଥମେ ବାଗ୍‌ଦେବୀ ଏବଂ ଦ୍ୱିତୀୟରେ ସରସ୍ୱତୀ । ତାଙ୍କୁ ବୁଦ୍ଧିସମ୍ପନ୍ନ, ପ୍ରେରଣାଦାୟିନୀ ଏବଂ ପ୍ରତିଭା ବିକାଶ ନିମନ୍ତେ ଶକ୍ତି ପ୍ରଦାନ କରୁଥିବା ଦେବୀଙ୍କ ରୂପରେ ବର୍ଣ୍ଣନା କରାଯାଇଛି ।

ଋକ୍ ବେଦର ସଂହିତା ସୁକ୍ତ ସଂଖ୍ୟା ୮/୧୦୦ରେ ବାଗ୍‌ଦେବୀଙ୍କ ମହିମା ବର୍ଣ୍ଣନା କରାଯାଇଛି । ବୃହଦାରଣ୍ୟକ ଉପନିଷଦରେ ରାଜା ଜନକ ମହର୍ଷି ଯାଜ୍ଞବଲକ୍ୟଙ୍କୁ ପଚାରୁଛନ୍ତି, ଯେତେବେଳେ ସୂର୍ଯ୍ୟ ଅସ୍ତ ହୋଇଯାଇଥାଏ, ଚନ୍ଦ୍ରମାର ଆଲୋକ ନଥାଏ ଏବଂ ଅଗ୍ନି ଲିଭିଯାଇଥାଏ, ସେତେବେଳେ କେଉଁ ବସ୍ତୁ ମନୁଷ୍ୟକୁ ଆଲୋକ ପ୍ରଦାନ କରିଥାଏ ? ଏହାର ଉତ୍ତରରେ ଋଷି କହୁଛନ୍ତି–ଏହି ସମୟରେ ବାକ୍ ଶକ୍ତି ହିଁ ମନୁଷ୍ୟକୁ ଆଲୋକ ପ୍ରଦାନ କରିଥାଏ । ମନୁଷ୍ୟ ପାଇଁ ପରମ ଉପଯୋଗୀ ମାର୍ଗ ଦେଖାଉଥିବା ଦେବୀ ହେଉଛନ୍ତି ବାକ୍‌ର ଅଧିଷ୍ଠାତ୍ରୀ ଦେବୀ ମାତା ସରସ୍ୱତୀ । ଛାନ୍ଦୋଗ୍ୟ ଉପନିଷଦରେ ଥିବା ବର୍ଣ୍ଣନା ଅନୁଯାୟୀ, ଯଦି ବାଣୀର ଅସ୍ତିତ୍ୱ ନଥାନ୍ତା, ତା ହେଲେ ଭଲ ଏବଂ ମନ୍ଦ, ସତ୍ୟ ଓ ମିଥ୍ୟା, ସହୃଦୟତା ଏବଂ ନିଷ୍ଠୁରତା ମଧ୍ୟରେ ପ୍ରଭେଦ ଜାଣି ହୁଅନ୍ତା ନାହିଁ। ଏଣୁ ବାଣୀର ଉପାସନା କରିବା ଉଚିତ । ଜ୍ଞାନର ଏକ ମାତ୍ର ଅଧିଷ୍ଠାନ ହେଉଛି ବାକ୍ । ପ୍ରାଚୀନ କାଳରେ ବେଦ ଆଦି ସମସ୍ତ ଶାସ୍ତ୍ର କଣ୍ଠସ୍ଥ କରାଯାଉଥିଲା । ଆଚାର୍ଯ୍ୟଙ୍କ ବାଣୀ ଦ୍ୱାରା ଶିଷ୍ୟମାନେ ଶାସ୍ତ୍ରର ଜ୍ଞାନ ଲାଭ କରୁଥିଲେ । ଗୁରୁମନ୍ତ୍ର ମଧ୍ୟ ବାଣୀ ଦ୍ୱାରା ପ୍ରାପ୍ତି ହେଉଥିଲା ।

ବାଗ୍‌ଦେବୀ ମାତା ସରସ୍ୱତୀଙ୍କ ଉପାସନାର ପ୍ରାସଙ୍ଗିକତା ଆଧୁନିକ ଯୁଗରେ ମଧ୍ୟ ରହିଛି । ଦେବୀ ଭାଗବତ ପୁରାଣରେ ଥିବା ବର୍ଣ୍ଣନା ଅନୁଯାୟୀ ବାଣୀର ଅଧିଷ୍ଠାତ୍ରୀ ଦେବୀ ମାତା ସରସ୍ୱତୀଙ୍କ ଆବିର୍ଭାବ ଶ୍ରୀକୃଷ୍ଣଙ୍କ ଜିହ୍ୱାରୁ ହୋଇଥିଲା । ପରମେଶ୍ୱରଙ୍କ ଜିହ୍ୱାରୁ ପ୍ରକଟ ହୋଇଥିବାରୁ ସେ ବାଗ୍‌ଦେବୀ ସରସ୍ୱତୀ ବୋଲାଇଲେ । ବୈଦିକ ଯୁଗର ବାଗ୍‌ଦେବୀ କାଳାନ୍ତରରେ ସରସ୍ୱତୀ ନାମରେ ପ୍ରସିଦ୍ଧ ହେଲେ । ଶାସ୍ତ୍ରରେ ମାଘ ଶୁକ୍ଳ ପକ୍ଷ ପଞ୍ଚମୀରେ ବାଗ୍‌ଦେବୀଙ୍କ ପ୍ରକଟ ହେବାର ଦିବସ ଭାବେ ବର୍ଣ୍ଣନା କରାଯାଇଛି । ବାଗ୍‌ଦେବୀଙ୍କ ଆରାଧନା ପଛରେ ଲୁଚି ରହିଥିବା ଆଧ୍ୟାତ୍ମିକ ବାର୍ତ୍ତା ହେଉଛି – ଆପଣ ଯାହାକିଛି କହୁଛନ୍ତି, ଭାବିଚିନ୍ତି କୁହନ୍ତୁ । କାରଣ ମଧୁର ବାଣୀ ମିତ୍ର ସୃଷ୍ଟି କରିଥାଏ ଏବଂ କଟୁ ବାଣୀ ଶତ୍ରୁ ସୃଷ୍ଟି କରେ ।

**ସେକ୍ଟର–୬, ସିଡିଏ, କଟକ,**
**ମୋ–୯୪୩୭୨୨୫୬୮୯**

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**



ଭୁବନେଶ୍ୱରରେ ଚାଲିଛି ପ୍ରଭୁ ଲିଙ୍ଗରାଜଙ୍କ ରୁକୁଣାରଥ ନିର୍ମାଣ କାର୍ଯ୍ୟ





ଚୈତ୍ରମାସ ପ୍ରଥମ ମଙ୍ଗଳବାର ଅବସରରେ ପଣ୍ଚେଇ ପୂଜା

### ଏଏମ୍/ଏନଏସ୍ ଇଣ୍ଡିଆ ପକ୍ଷରୁ

# ଓଡିଶାର ବିଭିନ୍ନ ସ୍ଥାନରେ ଆନ୍ତର୍ଜାତୀୟ ମହିଳା ଦିବସ

ଭୁବନେଶ୍ୱର (ସବ୍ୟୁ): ଆର୍ସେଲରମିତ୍ତଲ ନିପ୍ପନ୍ ଷ୍ଟିଲ୍ ଇଣ୍ଡିଆ (ଏଏମ୍/ଏନ୍ଏସ୍ ଇଣ୍ଡିଆ) ପକ୍ଷରୁ ଓଡ଼ିଶାରେ ଆନ୍ତର୍ଜାତୀୟ ମହିଳା ଦିବସ ଉତ୍ସାହର ସହିତ ପାଳିତ ହୋଇଯାଇଛି। ତୃଣମୂଳ ସ୍ତରରେ ମହିଳା ସଶକ୍ତିକରଣ ଉପରେ ଗୁରୁତ୍ୱ ଦେଇ ଚଳିତ ବର୍ଷର ବିଷୟବସ୍ତୁ ଗିଭ୍ ଟୁ ଗେନ୍‌କୁ ନେଇ ଏହି ଉତ୍ସବ ପାଳନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଏସଏଚଜି, ଛାତ୍ରୀ ଏବଂ ସ୍ଥାନୀୟ ଲୋକମାନଙ୍କ ସମେତ ୧,୦୦୦ରୁ ଅଧିକ ମହିଳା ସକ୍ରିୟତାର ସହିତ ଅଂଶଗ୍ରହଣ କରିଥିଲେ। ପାରାଦ୍ୱୀପର ନୂଆଗଡ଼ ଗ୍ରାମ ପଞ୍ଚାୟତରେ ଆୟୋଜିତ ଉତ୍ସବରେ ନିକଟସ୍ଥ ଗ୍ରାମର ମହିଳାମାନେ ବିତର୍କ, କୁଇଜ ଏବଂ ଗୀତ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ ଏବଂ ବିଜେତାମାନଙ୍କୁ ସେମାନଙ୍କ ପ୍ରତିଭା ପାଇଁ ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସ୍ୱୟଂ ସହାୟକ ଗୋଷ୍ଠୀର ପ୍ରତିନିଧି, ଗ୍ରାମ୍ୟ ସ୍ୱାସ୍ଥ୍ୟ କର୍ମୀ, ଅଙ୍ଗନୱାଡ଼ି ସୁପରଭାଇଜର ଏବଂ ସଫେଇ କର୍ମଚାରୀମାନେ ଯୋଗ ଦେଇଥିଲେ। ମହିଳା ବିକାଶରେ ଉଲ୍ଲେଖନୀୟ ଅବଦାନ ପାଇଁ ପାଞ୍ଚଟି ଏସଏଚଜି ଯଥା ଜାଗୃତି, କୋହିନୂର, ଜୟ ଶ୍ରୀରାମ, ନୀଳମାଧବ ଏବଂ ପଦ୍ମ ଭେରାଇଟି ଉତ୍ପାଦକ ଗ୍ରୁପ୍ କୁ ସମ୍ମାନିତ କରାଯାଇଥିଲା। ଏହି ଅବସରରେ





ନୂଆଗଡ଼ ସରପଞ୍ଚ ଦେବେନ୍ଦ୍ର ରାଉତ, ବିଶିଷ୍ଟ ଲେଖକ ତଥା ସମାଜସେବୀ ଗୋଲାପରାଣୀ ସାହୁ, ପାରାଦୀପ ବନ୍ଦର ପ୍ରାଧିକରଣର ପାଇଲଟ୍ କ୍ୟାପଟେନ୍ ଅମିତ କୁମାର, ନୂଆଗଡ଼ର ମାଷ୍ଟର ବୁକକିପର (ଏମବିକେ) ସରିତା ସାହୁଙ୍କ ସମେତ ବିଶିଷ୍ଟ ଅତିଥିମାନେ ଉପସ୍ଥିତ ରହି ମହିଳା ସଶକ୍ତିକରଣ ଉପରେ ସେମାନଙ୍କର ମତ ପ୍ରକାଶ କରିଥିଲେ। ଠାକୁରାଣୀ ଠାରେ ଏଏମ୍ / ଏନ୍ଏସ୍ ଇଣ୍ଡିଆ ଦ୍ୱାରା ବାଳିକାମାନଙ୍କ ମଧ୍ୟରେ କ୍ରୀଡା ଅଂଶଗ୍ରହଣକୁ ଉତ୍ସାହିତ କରିବା ପାଇଁ ବଡ଼ବିଲର ସହିଦ ରତନ ପ୍ରଧାନ ବିଦ୍ୟାଳୟ ଏବଂ ଡାଲକି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ମଧ୍ୟରେ ଏକ ଆନ୍ତଃବିଦ୍ୟାଳୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଥିଲା। ଏହି ମ୍ୟାଚ୍ ଅତ୍ୟନ୍ତ ଉତ୍ସାହର ସହିତ ଖେଳାଯାଇଥିଲା ଏବଂ ଡାଲକି ୟୁପି ସ୍କୁଲ୍ ୧-୦ ରେ ବିଜୟୀ ହୋଇଥିଲା। ଅଙ୍କିତା ପୁର୍ତି (ଶ୍ରେଷ୍ଠ ଖେଳାଳି), ହୀନା ଦାସ (ଶ୍ରେଷ୍ଠ ଗୋଲକିପର), ସୁର୍ଭି ମୁଣ୍ଡା (ଶ୍ରେଷ୍ଠ ଡିଫେଣ୍ଡର), ଆଲିଆ ପରଭିନ (ଶ୍ରେଷ୍ଠ ସ୍କୋରର) ଏବଂ ସନ୍ତୋଷୀ ଲୋହର (ଶ୍ରେଷ୍ଠ ମିଡଫିଲ୍ଡର) ଙ୍କୁ ବ୍ୟକ୍ତିଗତ ସଫଳତା ପାଇଁ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବଡ଼ବିଲ ସବ୍ ଡିଭିଜନାଲ ପୁଲିସ ଅଫିସର (ଏସଡିପିଓ) ଶ୍ରୀ ଦେବେନ୍ଦ୍ର ନାଥ ପିଙ୍ଗୁଆଙ୍କ ସମେତ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଯୋଗ ଦେଇ ଶିକ୍ଷା ଓ କ୍ରୀଡ଼ା ମାଧ୍ୟମରେ ଯୁବତୀମାନଙ୍କୁ ସଶକ୍ତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ।

ଡାବୁନାଠାରେ କାଟୁପାଲି, ପୁରୁଣାଡ଼ିହି ଏବଂ ଡାବୁନା ଗ୍ରାମର ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କ ପାଇଁ ଏକ ଉତ୍ସର୍ଗୀକୃତ ସିଏସଆର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସାଗାସାହିର ଭଞ୍ଜପାଲିରେ ଏହି ଉତ୍ସବ ପାଳନ କରିବା ସମୟରେ ସ୍ଥାନୀୟ ଗୋଷ୍ଠୀର ୧୦୦ରୁ ଅଧିକ ମହିଳା ଓ ବାଳିକା ଏକାଠି ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ଉତ୍ସାହଜନକ ଖେଳ ଏବଂ ଏକ ରଙ୍ଗୋଲି ପ୍ରତିଯୋଗିତା ପ୍ରଦର୍ଶିତ ହୋଇଥିଲା, ଯେଉଁଥିରେ ବିଜେତାମାନଙ୍କୁ ସେମାନଙ୍କର ସୃଜନଶୀଳତା ପାଇଁ ସମ୍ମାନିତ କରାଯାଇଥିଲା। କାସିରା ଗ୍ରାମ ପଞ୍ଚାୟତର ସରପଞ୍ଚ ଶ୍ରୀମତୀ ରାନୀ ଲୋହର ମହିଳା ନେତୃତ୍ୱ ଏବଂ ସକ୍ରିୟ ଗୋଷ୍ଠୀ ସମ୍ପୃକ୍ତି ଉପରେ ଏକ ପ୍ରେରଣାଦାୟକ ଅଭିଭାଷଣ ପ୍ରଦାନ କରିଥିଲେ। ଏଏମ୍ / ଏନ୍ଏସ୍ ଇଣ୍ଡିଆ ଓଡିଶାରେ ଏହାର କାର୍ଯ୍ୟକ୍ଷେତ୍ରଗୁଡିକରେ ବିବିଧ ପଦକ୍ଷେପ ମାଧ୍ୟମରେ ମହିଳା ସଶକ୍ତିକରଣକୁ ତ୍ୱରାନ୍ୱିତ କରିବା ଦିଗରେ ନିଜର ପ୍ରତିବଦ୍ଧତାକୁ ପୁନଃ ପ୍ରତିପାଦିତ କରିଛି।

# ଗିଫ୍ଟ ସ୍ୱୟଂଶାସିତ କଲେଜରେ ବିଫେଷ୍ଟ-ସ୍ପାର୍କସ

ଭୁବନେଶ୍ୱର, (ସବ୍ୟୁ): ଗିଫ୍ଟ ସ୍ୱୟଂଶାସିତ କଲେଜରେ ଏମ୍‌ବିଏ ବିଭାଗ ଆନୁକୁଲ୍ୟାରେ ବି.ଫେଷ୍ଟ - ସ୍ପାର୍କସ ୨କେ୨୬ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶାର ବିଭିନ୍ନ ବି.ସ୍କୁଲ ଓ ବିଶ୍ୱବିଦ୍ୟାଳୟରୁ ୪୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ଏହି ବି.ଫେଷ୍ଟରେ ୧୦ଟି ବିଭିନ୍ନ ବିଭାଗରେ ଛାତ୍ରଛାତ୍ରୀମାନେ ନାମ ପଞ୍ଜୀକରଣ କରିଥିଲେ। ଉଦଘାଟନ ଉତ୍ସବରେ ନାଲ୍‌କୋର ଡେପୁଟି ଏଚ୍ଆର୍ ମ୍ୟାନେଜର ମହେଶ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଏଥି ସହ ଅଧ୍ୟକ୍ଷ ଡଃ. ତ୍ରିଲୋଚନ ସାହୁ, ରେଜିଷ୍ଟ୍ରାର ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ, ଓଏସ୍‌ଡ଼ି ଇଂ ସମୀର ରଞ୍ଜନ ପଣ୍ଡା, ବିଭାଗୀୟ ମୁଖ୍ୟ ଡଃ ରତିକାନ୍ତ ଦାଶ ଓ ପ୍ରଫେସର ସୁମତୀ ମିଶ୍ର ପ୍ରମୁଖ



ଉପସ୍ଥିତ ରହି ସମସ୍ତଙ୍କୁ ଉତ୍ସାହିତ କରିଥିଲେ। ସେହିପରି ଉଦ୍‌ଯାପନୀ ସମାରୋହରେ ନାଲ୍‌କୋର ପରିଚାଳନା ମୁଖ୍ୟ ପ୍ରବିଣ ରାୟ ମୁଖ୍ୟ ଅତିଥୀ ଭାବେ ଯୋଗଦେଇ କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ବିତରଣ କରିଥିଲେ। ଏ ସମସ୍ତ କାର୍ଯ୍ୟକ୍ରମକୁ ପ୍ର. ସନ୍ତୋଷ କୁମାର ବେହେରାଙ୍କ ନେତୃତ୍ୱରେ ଛାତ୍ର ପ୍ରତିନିଧି ଏମ୍.ଡ଼ି. ଅସଦ୍ ଓ ଶ୍ରିୟାଞ୍ଜଳି ଦାସ ପ୍ରମୁଖ ସଫଳତାର ସହ ସଂପାଦନ କରିଥିଲେ। ପ୍ର. ଅବଦୁଲ୍ ଏମ୍ ଖାନ୍ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଝରକା ଭାଙ୍ଗି ଲକ୍ଷାଧିକ ଟଙ୍କା, ଅଳଙ୍କାର ଲୁଟ

ଖୋର୍ଦ୍ଧା, (ସବ୍ୟୁ): ଶିଳ୍ପାଂଚଳ ଥାନା ଅନ୍ତର୍ଗତ ଉଇଲକିଶନ ନଗର ର ମନୋରଞ୍ଜନ ପ୍ରଧାନ ଙ୍କ ଘରେ ଦୁର୍ବୃର୍ତମାନେ ଝରକା ଭାଙ୍ଗି ପଶି କଳାକନା ବୁଲାଇଛନ୍ତି। ଘର ଭିତରେ ଥିବା ଲକ୍ଷାଧିକ ଟଙ୍କା ସମେତ ସୁନା ଓ ରୂପା ଅଳଙ୍କାର କୁ ଚୋରି କରିନେଇଛନ୍ତି। ପ୍ରକାଶ ଥାଉକି, ଗତକାଲି ବିଳମ୍ବିତ ରାତିରେ ଶ୍ରୀ ପ୍ରଧାନଙ୍କ ଘରର ବିଲପଟ ଝରକା ଭାଙ୍ଗି ଦୁର୍ବୃର୍ତମାନେ ଘରେ ପଶିଥିଲେ। ଘରେ ଆଲମିରା ଓ ଟ୍ରଙ୍କ ରେ ରହିଥିବା ବାହାଘର ବନ୍ଧାଣ ଅଳଙ୍କାର ସମେତ ଭାଇ ଓ ଭଉଣୀଙ୍କ ର ମିଶାଇ ମୋଟ ୫୦ଗ୍ରାମ ରୁ ଉର୍ଦ୍ଧ୍ୱ ସୁନା ଏବଂ ରୂପା ଅଳଙ୍କାର, ନଗଦ ଅଢେଇ ଲକ୍ଷ ରୁ ଉର୍ଦ୍ଧ୍ୱ ଟଙ୍କା କୁ ଦୁର୍ବୃର୍ତମାନେ ଲୁଟି ନେଇଛନ୍ତି। ଆଜି ସକାଳୁ ଶ୍ରୀ ପ୍ରଧାନଙ୍କ ବାପା ବାଡିପଟକୁ ଯାଇଥିବାବେଳେ ଝରକା ଭଙ୍ଗା ହୋଇଥିବା ଦେଖିଥିଲେ।ଏ ନେଇ ଥାନା ରେ ଅଭିଯୋଗ ପରେ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରୀ ରହିଛି।

# ନାଇଜର ସମ୍ମୁଖରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା : କାର ଚାଳକକୁ କୋର୍ଟ ଚାଲାଣ

ଜଟଣୀ, (ସବ୍ୟୁ): ଗତକାଲି ନାଇଜର ସମ୍ମୁଖରେ ଘଟିଯାଇଥିବା ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟଣାରେ ପୁଲିସ ବେପରୁଆ କାର ଚାଳନା କରୁଥିବା ସ୍ଥାନୀୟ ବଡ଼ ନୂଆଗାଁର ଆଲୋକ ସିଂହଦେଓ (୩୧) ନାମକ ଜଣେ ଯୁବକଙ୍କୁ କେଶ ନମ୍ବର ୧୨୮/୨୬ ଆଧାରରେ ଅଭିଯୋଗକାରୀ ଜଟିଆ ସ୍ୱାଇଁଙ୍କ ଲିଖିତ ଅଭିଯୋଗ କ୍ରମେ କୋର୍ଟ ଚାଲାଣ କରିଥିବା ଜଣାପଡିଛି କ୍ଷ ସୂଚନାଯୋଗ୍ୟ ଯେ ମୃତ ସଞ୍ଜୁ ବେହେରା ହେଉଛନ୍ତି ଅଭିଯୋଗକାରୀଙ୍କ ଭଉଣୀ। ଗତ କାଲି ସେ ତାଙ୍କ ଭାଉଜ ମମତା ବେହେରା ଓ ଭଉଣୀ ସଞ୍ଜୁ ବେହେରା ଜଟଣୀ ମାର୍କେଟକୁ ଆସିଥିଲେ। ସେହି ଦିନ ଏକ ଗୁରୁତର ସଡ଼କ ଦୁର୍ଘଟଣା ଘଟିଥିବା ନେଇ ସୂଚନା ପାଇ ସେ ଅନ୍ୟମାନଙ୍କ ସହ ଜଟଣୀ ମେଡିକାଲକୁ ଯାଇଥିଲେ। ସେଠାରେ ସେ ଜାଣିବାକୁ ପାଇଥିଲେ ଯେ, ଭାଉଜ ମମତା ବେହେରା ଓ ଭଉଣୀ ସଞ୍ଜୁ ବେହେରା ଖୋର୍ଦ୍ଧାରୁ ଜଟଣୀ ଅଭିମୁଖେ ଏକ ଅଟୋରେ ଯାତ୍ରା କରୁଥିଲେ। ସେହି ଅଟୋରେ ଅନ୍ୟ ଜଣେ ସ୍ୱାମୀ-ସ୍ତ୍ରୀ ମଧ୍ୟ ଉପସ୍ଥିତ ଥିଲେ। ପ୍ରାୟ ୨.୧୦ ସମୟରେ ନାଇଜର ସମୁଖରେ ହୋଇଥିବା ବେଳେ ଓଡ଼ି ୦୨ ସିଏ ୮୨୯୫ ନମ୍ବର ବିଶିଷ୍ଟ ଏକ କାର ଅତି ଦ୍ରୁତ ଓ ବେପରୁଆ ଭାବରେ ପଛରୁ ଆସି ଉକ୍ତ ଅଟୋକୁ ଖୁବ ଜୋରସେ ଧକ୍କା ଦେଇଥିଲା। ଯାହାଫଳରେ ଅଟୋରେ ବସିଥିବା ଯାତ୍ରୀମାନେ ଅଟୋରୁ ଛିଟିକି ପଡ଼ିଥିଲେ ଏବଂ ଅଟୋଟି ନାଇଜର ଫାଟକ କଡରେ ଯାଇ ଧକ୍କା ଦେଇଥିଲା। ଦୁର୍ଘଟଣା ପରେ ସଞ୍ଜୁ ବେହେରା ଓ ଗୋପୀନାଥ ପରିଡାଙ୍କୁ ଆମ୍ବୁଲାନ୍ସ ଯୋଗେ ଖୋର୍ଦ୍ଧା ହସ୍ପିଟାଲକୁ ପଠାଯାଇଥିବା ବେଳେ, ମମତା ବେହେରା, କୁନି ପରିଡା ଓ ଅଟୋ ଡ୍ରାଇଭର ସନ୍ତୋଷ ସାହୁଙ୍କୁ ଜଟଣୀ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା।

# ମଣିଷ-ହାତୀ ସହବସ୍ଥାନ ପାଇଁ ସହଭାଗିତା ଜରୁରୀ

ଭୁବନେଶ୍ୱର (ସବ୍ୟୁ): ଭାରତର ଜଙ୍ଗଲଗୁଡ଼ିକରେ ମଣିଷ ଏବଂ ହାତୀଙ୍କ ମଧ୍ୟରେ ସଂଘର୍ଷ କ୍ରମାଗତ ଭାବେ ବଢିଚାଲିଥିବା ବେଳେ, ବୈଜ୍ଞାନିକ, ବନ ଅଧିକାରୀ ଏବଂ ସଂରକ୍ଷଣ ବିଶେଷଜ୍ଞମାନେ କେବଳ ସାମୟିକ ପ୍ରତିକାର ବଦଳରେ ବିଜ୍ଞାନ ଭିତ୍ତିକ ଭୂଭାଗ ଯୋଜନା ଏବଂ ସମୁଦାୟ-କେନ୍ଦ୍ରିତ ପ୍ରଶମନ ରଣନୀତି ଉପରେ ଅଧିକ ଗୁରୁତ୍ୱାରୋପ କରୁଛନ୍ତି। ମଣିଷ-ହାତୀ ସହବସ୍ଥାନ ଉପରେ ଆୟୋଜିତ "ଓଡ଼ିଶା ଲ୍ୟାଣ୍ଡସ୍କେପ୍ ସିମ୍ପୋଜିୟମ୍'ରେ ଏହି ବିଷୟଗୁଡ଼ିକ ଉପରେ ଆଲୋଚନା କରାଯାଇଛି, ଯେଉଁଠାରେ ବିଶେଷଜ୍ଞମାନେ ମଣିଷ ଏବଂ ହାତୀ କିଭଳି ନିରାପଦ ଭାବରେ ସହବସ୍ଥାନ କରିପାରିବେ, ସେଥିପାଇଁ ବ୍ୟବହାରିକ ମାର୍ଗ ପରୀକ୍ଷା କରିବାକୁ ଏକତ୍ରିତ ହୋଇଥିଲେ। ଏହି ସିମ୍ପୋଜିୟମରେ ଓଡ଼ିଶାର ବିଭିନ୍ନ ହାତୀ ସଂଘର୍ଷ ପ୍ରବଣ ଅଂଚଳର ବରିଷ୍ଠ ବନ ଅଧିକାରୀ ଏବଂ କ୍ଷେତ୍ର ବିଶେଷଜ୍ଞମାନେ ଯୋଗ ଦେଇଥିଲେ। ଏହି ଅବସରରେ ଢେଙ୍କାନାଳର ବିଭାଗୀୟ ବନ ଅଧିକାରୀ ସୁମିତ କୁମାର କର ଉପସ୍ଥିତ ବ୍ୟକ୍ତିଙ୍କୁ ସମ୍ବୋଧିତ କରି ସଂଘର୍ଷ ହ୍ରାସ କରିବା ପାଇଁ ସକ୍ରିୟ ଓ ବିଜ୍ଞାନ-ପରିଚାଳିତ ପଦ୍ଧତି, ଅନ୍ୟ ବନ ବିଭାଗଗୁଡ଼ିକରେ ଏଭଳି ଆଲୋଚନାଚକ୍ରଗୁଡ଼ିକ ମାଧ୍ୟମରେ ସ୍ଥାୟୀ ଆଲୋଚନା ଓ ବିତର୍କର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଛନ୍ତି। ସେ କହିଛନ୍ତିଯେ, ହାତୀ-ମଣିଷ ସଂଘର୍ଷ ଅନ୍ୟତମ ଜଟିଳ ସଂରକ୍ଷଣ ଓ ଗ୍ରାମାଞ୍ଚଳ ଜୀବିକା ଆହ୍ୱାନ ଭାବେ ଉଭା ହୋଇଛି। ଆମର ଚ୍ୟାଲେଞ୍ଜ ହେଉଛି ପ୍ରତିକ୍ରିୟାଶୀଳ ସଂଘର୍ଷ ପରିଚାଳନାରୁ ଆଗକୁ ବଢିବା ଓ ସକ୍ରିୟ, ବିଜ୍ଞାନ-ପରିଚାଳିତ ଓ ସାମାଜିକ ଭାବେ ସମାବେଶୀ ପଦ୍ଧତିଗୁଡ଼ିକୁ ଆପଣାଇବା। ମଣିଷ-ହାତୀ ସହାବସ୍ଥାନ ଦିଗରେ ବନ ବିଭାଗର ପଦକ୍ଷେପଗଡିକୁ ସମର୍ଥନ କରିବା ପାଇଁ ସମସ୍ତ ହିତାଧିକାରୀମାନେ ଏକାଠି ହେବା ଉଚିତ।

# ଓମ୍ ଏଣ୍ଟରପ୍ରାଇଜେସ୍ ର ନୂତନ ବ୍ରାଞ୍ଚ ଉଦଘାଟିତ

ଭୁବନେଶ୍ୱର (ସବ୍ୟୁ): କଲସାଇପାଲି ( ବଲାଙ୍ଗିର) ଠାରେ ଓମ୍ ଏଣ୍ଟରପ୍ରାଇଜେସ୍ ର ନୂତନ ବ୍ରାଞ୍ଚ ଉଦଘାଟିତ ହୋଇଯାଇଛି। ଉଦଘାଟନ କାର୍ଯ୍ୟକ୍ରମ ରେ ଓମ୍ ଏଣ୍ଟର ପ୍ରାଇଜେସ୍ ର ପରିଚାଳନା ନିର୍ଦ୍ଦେଶକ ସୌମ୍ୟ ରଞ୍ଜନ , ଉଦ୍ୟୋଗପତି ସୌରଭ ବଂଶଲ, ନିକୁଞ୍ଜ ବଂଶଲ, ଜାନକୀ ବଲ୍ଲଭ ଜେନା ( ଜେଇ), ହିମାଂଶୁ ମଲ୍ଲିକ୍, ମାନସ ଜେନା, ସନ୍ଧ୍ୟାରାଣୀ ବେହେରା ଓ ଅଶୋକ ଦେଓ ପ୍ରମୁଖ ଯୋଗ ଦେଇଥିଲେ। କେବଳ ବଲାଙ୍ଗିର ଜିଲ୍ଲା ନୁହଁ, ସମଗ୍ର ପଶ୍ଚିମ ଓଡ଼ିଶା ର ଆଶାୟୀ ଉଦ୍ୟୋଗୀ ମାନଙ୍କୁ ପେପର୍ ପ୍ଲେଟ୍ ମେସିନ୍ ଯୋଗାଇ ଦେଇ ସେମାନଙ୍କୁ କମ୍ ନିବେଶ ରେ ସ୍ୱାବଲମ୍ବୀ ଓ ରୋଜଗାରକ୍ଷମ କରିବାର ଲକ୍ଷ୍ୟ ରଖିଛି ଓମ୍ ଏଣ୍ଟରପ୍ରାଇଜେସ୍। ପୂର୍ବରୁ



ଯାଜପୁର ଓ ଭୁବନେଶ୍ୱରରେ ଗ୍ରାହକଙ୍କୁ ଉନ୍ନତ ସେବା ଯୋଗାଇ ଚର୍ଚ୍ଚା ରେ ରହି ଆସିଛି କମ୍ପାନୀ। କେବଳ ମେସିନ୍ ବିକ୍ରୟ ନୁହଁ, ବିକ୍ରି ପରେ ଉନ୍ନତ ଓ ତତକ୍ଷଣାତ ସର୍ଭିସ୍ ଏବଂ ଉଦ୍ୟୋଗୀ ଙ୍କୁ ଠିକ୍ ସମୟରେ କଞ୍ଚାମାଲ ଯୋଗାଇବା ଓମ୍ ଏଣ୍ଟରପ୍ରାଇଜେସ୍ ର ମୂଳ ଲକ୍ଷ୍ୟ। ପେପର୍ ପ୍ଲେଟ୍ ମେସିନ୍ ସହିତ ପାମ୍ପଡ଼ ପ୍ରସ୍ତୁତ ମେସିନ୍, ଗୁପଚୁପ ମେସିନ୍ ଓ ରୁଟି ତିଆରି ମେସିନ୍ ମଧ୍ୟ ଓମ୍ ଏଣ୍ଟରପ୍ରାଇଜେସ୍ ରେ ଉପଲବ୍ଧ ହେଉଛି।

# ୧୯୭୮ ବ୍ୟାଚ୍‌ର ପୁରାତନ ଛାତ୍ରଙ୍କ ବନ୍ଧୁମିଳନ

ଭୁବନେଶ୍ୱର, (ସବ୍ୟୁ): ଦୀର୍ଘ ୪୮ ବର୍ଷ ପରେ ଜୟଦେବ ବାଟିକାରେ ୮ ନମ୍ବର ସରକାରୀ ବାଳକ ବିଦ୍ୟାଳୟର ୧୯୭୮ ମସିହା ବ୍ୟାଚର ପୁରାତନ ଛାତ୍ରମାନେ ଏକାଠି ହୋଇଥିଲେ। ପରିଣତ ବୟସରେ ପଦାର୍ପଣ କରିଥିବା ୩୫ ଜଣ ପୁରାତନ ଛାତ୍ରମାନେ ଏକାଠି ହୋଇ ନିଜ ଭିତରେ ବାଣ୍ଟିଥିଲେ ସ୍ମୃତି ଓ ଅନୁଭୂତି। ସୁଦୂର ଆମେରିକାର ଟେକ୍ସାସ ଏ ଆଣ୍ଡ ଏମ୍ ବିଶ୍ୱବିଦ୍ୟାଳୟରୁ ଆସି ଯୋଗ ଦେଇଥିଲେ ପୁରାତନ ଛାତ୍ର ପ୍ରଫେସର ବିନାୟକ ପ୍ରସାଦ ମହାନ୍ତି। ତାଙ୍କର ଅନୁଭୂତିକୁ ସମସ୍ତଙ୍କ ନିକଟରେ ବର୍ଣ୍ଣନା କରିଥିଲେ। ସମୟ ଯେମିତି ଅଟକି ଯାଇଥିଲା। ସମସ୍ତେ ନିଜ ନିଜର ଅନୁଭୂତିକୁ ବର୍ଣ୍ଣନା କରିସାରିବା ପରେ ଭାବପ୍ରବଣତାର ସ୍ରୋତ ଭିତରେ ସମସ୍ତେ ହଜି ଯାଇଥିଲେ। ଜୟଦେବ ବାଟିକାରୁ ଘରକୁ ଫେରିବାକୁ ଯେମିତି କାହାରି ମନ ନଥିଲା। ସମସ୍ତେ ଚାହୁଁଥିଲେ ସମୟ ଅଟକିଯାଉ, ବସନ୍ତର ମଳୟ ପବନ ବୋହୁଥାଉ। ଏହି ପୁରାତନ ଛାତ୍ରମାନେ ଫେରି ଯାଆନ୍ତୁ ଅତୀତକୁ। ସେହି ପିଲାଦିନକୁ ବହିବସ୍ତାନି କାନ୍ଧରେ ପକାଇବା ଦିନକୁ। କିନ୍ତୁ ଏ ତ ସମ୍ଭବ ନଥିଲା, ଶାରୀରିକ ଅସୁସ୍ଥତା, ବୟସର ଭାରାକ୍ରାନ୍ତରେ ସମସ୍ତେ ନଇଁ ଆସିଥିଲେ। କିନ୍ତୁ ମନ ଭିତରେ ସେଇ ତାରୁଣ୍ୟର ଉଦାମତା ସେମିତି ରହି ଯାଇଥିଲା। ଆମ ଗହଣରୁ ହଜି ଯାଇଥିବା କିଛି



ପୁରାତନ ଛାତ୍ରମାନଙ୍କ ପାଇଁ ନୀରବ ପ୍ରାର୍ଥନା କରିସାରିବା ପରେ ଭଗବାନଙ୍କୁ ଡାକୁଥିଲୁ ହେ ପ୍ରଭୁ, ଏତିକି ଆଶୀର୍ବାଦ କରନ୍ତୁ, ଆଗାମୀ ବନ୍ଧୁମିଳନ ପର୍ଯ୍ୟନ୍ତ ସମସ୍ତେ ସୁସ୍ଥରେ ରୁହନ୍ତୁ। ସୂର୍ଯ୍ୟ ବୁଡ଼ି ଆସୁଥିଲେ ସୁନେଲି କିରଣରେ ସମସ୍ତଙ୍କ ମୁହଁ ଭାରି ଭାରି ଲାଗୁଥିଲା। ଆମେ ବିଦାୟ ନେଇଥିଲୁ ପୁଣି ମିଶିବାର ପ୍ରତିଶ୍ରୁତି ଦେଇ। ଏହି ବନ୍ଧୁମିଳନ କାର୍ଯ୍ୟକ୍ରମରେ ପୁରାତନ ଛାତ୍ର ତଥା ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ କୁମାର ମହାନ୍ତି, ଭାନୁପ୍ରକାଶ ଜେନା, ଅବନୀ କୁମାର ଦାସ, ଗୌରୀ ଶଙ୍କର ସାହୁ, ପ୍ରସନ୍ନ କୁମାର ରାଠୋର, ଦେବୀ ପ୍ରସାଦ ପ୍ରଧାନ, ବିନାୟକ ପ୍ରସାଦ ମହାନ୍ତି, ପ୍ରଫୁଲ୍ଲ କୁମାର ଦାସ, ମାନସ ରଞ୍ଜନ ସାହୁ, ପ୍ରାଣକୃଷ୍ଣ ପ୍ରସାଦ, ଦିଲ୍ଲୀପ ସାହୁ, ଏ. ଶ୍ରୀନିବାସ ଚନ୍ଦ୍ର, ସଞ୍ଜୀବ କିଶୋର କାନୁନଗୋ, କମଳାକାନ୍ତ ସାହୁ, ବିମ୍ବାଧର ସ୍ୱାଇଁ, ଅମୀୟ କୁମାର ମିଶ୍ର, ରଜନୀକାନ୍ତ ତ୍ରିପାଠୀ, ବିଭୂତି ଭୂଷଣ ମିଶ୍ର, କେଦାରନାଥ ରାଉତ, ତାପସ ରଞ୍ଜନ ରାୟ, ଚିର ରଞ୍ଜନ ମହାପାତ୍ର, ସମୀର କୁମାର ଭଦ୍ର, ଅସିତ୍ କୁମାର ସାହୁ, ବିଶ୍ୱନାଥ ସାମନ୍ତରାୟ, ଜ୍ୟୋତିରଞ୍ଜନ ଜେନାମଣି, ଶୁଭେନ୍ଦୁ ନାୟକ, ଜିତେନ୍ଦ୍ର ଦାସ, ପ୍ରଶାନ୍ତ କୁମାର ଦାସ, ଏ. ବିଜୟ କୁମାର, ଲିଙ୍ଗରାଜ ସାମନ୍ତରାୟ, ଦେବବ୍ରତ ମହାନ୍ତି, ଲୋକନାଥ ଦାଶ, ବିଭୂତି ଭୂଷଣ ଦଳବେହେରା, ସୁବାସ ସରାବ ଓ ବିଶ୍ୱନାଥ ପତି ପ୍ରମୁଖ ଯୋଗ ଦେଇଥିଲେ।

# ପଶ୍ଚିମ ଓଡ଼ିଶାରେ ବକ୍ସାଇଟ୍ ଖଣି ଖନନ ଦ୍ୱାରା ତୁରନ୍ତ ନିଯୁକ୍ତି ସୃଷ୍ଟି କରାଯାଇପାରିବ

ଭୁବନେଶ୍ୱର (ସବ୍ୟୁ): ଓଡ଼ିଶା ସରକାରଙ୍କ ବଜେଟ୍ ୨୦୨୬-୨୭ ରେ ୨୨୦ କୋଟି ଟଙ୍କାର ଡାଲଖାଇ ପଦକ୍ଷେପ (ଜୀବିକା, ଜ୍ଞାନ, ସ୍ୱାସ୍ଥ୍ୟ ଏବଂ ଆନୁସଙ୍ଗିକ ଭିତିଭୂମିରେ ମର୍ଯ୍ୟାଦା ଜନକ ପ୍ରବେଶ) ଉନ୍ମୋଚନ କରାଯାଇଛି, ଯାହା ପଶ୍ଚିମ ଓଡ଼ିଶାରେ ପ୍ରବାସକୁ ସମାଧାନ କରିବା ଏବଂ ଜୀବିକାକୁ ସୁଦୃଢ଼ କରିବା ପାଇଁ ଏକ ଲକ୍ଷ୍ୟଭେଦୀ ହସ୍ତକ୍ଷେପ ଅଟେ। ଏହି ପଦକ୍ଷେପ ଦକ୍ଷତା, ଗ୍ରାମୀଣ ଉଦ୍ୟୋଗ ଏବଂ ସାମାଜିକ ଭିତିଭୂମିରେ ଦୀର୍ଘକାଳୀନ ନିବେଶ ଉପରେ ଧ୍ୟାନ କେନ୍ଦ୍ରିତ କରୁଥିବା ବେଳେ, ନୀତି ବିଶେଷଜ୍ଞ ଏବଂ ଶିଳ୍ପ ପର୍ଯ୍ୟବେକ୍ଷକମାନେ କହିଛନ୍ତି ଯେ ଏହି ଅଂଚଳରେ ସ୍ଥାନୀୟ ବକ୍ସାଇଟ୍ ଖଣିର ତୁରନ୍ତ କାର୍ଯ୍ୟକ୍ଷମତା କଳାହାଣ୍ଡି ଅଂଚଳରେ ବିଦ୍ୟମାନ ଆଲୁମିନା ରିଫାଇନାରୀ ମାଧ୍ୟମରେ ବଡ଼ ଧରଣର ନିଯୁକ୍ତି ସୃଷ୍ଟି କରାଯାଇପାରିବ। ରାଜ୍ୟ ୭୨,୧୦୦ କୋଟି ଟଙ୍କାର ଏକ ରେକର୍ଡ ପୁଞ୍ଜି ବ୍ୟୟ ଘୋଷଣା କରିଛି ଯାହା ଓଡ଼ିଶାର ମୋଟ ରାଜ୍ୟ ଘରୋଇ ଉତ୍ପାଦର ୬.୫% ସମତୁଲ, ଯାହା ଶିଳ୍ପ ଏବଂ ଭିତିଭୂମି-ନିର୍ଭରଶୀଳ ଅଭିବୃଦ୍ଧି ଦିଗରେ ଏକ ମହତ୍ୱାକାଂକ୍ଷୀ ପଦକ୍ଷେପ। ଏହି ରଣନୀତି ମଧ୍ୟରେ, ଖଣିଜ ସମୃଦ୍ଧ କୋରାପୁଟ, କଳାହାଣ୍ଡି ଏବଂ ରାୟଗଡ଼ା ଜିଲ୍ଲା, ଯାହା ଭାରତର ବକ୍ସାଇଟ୍ ସଂରକ୍ଷଣର ୫୫% ରୁ ଅଧିକ ଧାରଣ କରେ, ପଶ୍ଚିମ ଓଡ଼ିଶାର ଅର୍ଥନୈତିକ ପୁନରୁଦ୍ଧାରର ମୂଳଦୁଆ ଭାବରେ କ୍ରମଶଃ ସ୍ଥାନିତ ହେଉଛି।

ଖଣି ରାଜ୍ୟଗୁଡ଼ିକ ପାଇଁ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ରାଜସ୍ୱ ସୃଷ୍ଟି କରେ। ଉଦାହରଣ ସ୍ୱରୂପ, ୨୦୨୧-୨୨ ରେ କୋଭିଡ୍ ସମୟ ମଧ୍ୟରେ, ଓଡ଼ିଶା ଅନେକ ଖଣି ନିଲାମ କରିଥିଲା ଏବଂ ଖଣି ରାଜସ୍ୱ ପ୍ରାୟ ୩୬୫% ବୃଦ୍ଧି କରିଥିଲା, ଯାହା ପ୍ରାୟ ଟ.୫୦,୦୦୦ କୋଟିରେ ପହଂଚିଥିଲା। ଏହି ରାଜସ୍ୱ ରାଜ୍ୟକୁ ମହାମାରୀ ପରିଚାଳନା ଏବଂ ଅନ୍ୟାନ୍ୟ ରାଜସ୍ୱ ଉତ୍ସ ସୀମିତ ଥିବା ବେଳେ ସ୍ୱାସ୍ଥ୍ୟ ଭିତିଭୂମି ନିର୍ମାଣ କରିବାରେ ସାହାଯ୍ୟ କରିଥିଲା। ଖଣି ରାଜସ୍ୱର ଏକ ଅଂଶ ଜିଲ୍ଲା ଖଣିଜ ଫାଉଣ୍ଡେସନ ଭଳି ଯନ୍ତ୍ରପାତି ମାଧ୍ୟମରେ ସ୍ଥାନୀୟ ସମ୍ପ୍ରଦାୟକୁ ମଧ୍ୟ ଫେରସ୍ତ କରିଥାଏ, ଯାହା ଖଣି ପ୍ରଭାବିତ ଅଂଚଳରେ ସାମାଜିକ-ଆର୍ଥିକ ବିକାଶକୁ ସମର୍ଥନ କରେ ବୋଲି ଦେବୀ ଦତ ବିଶ୍ୱାଳ, ଆଇଏଫଏସ ପୂର୍ବତନ ଖଣି ନିର୍ଦ୍ଦେଶକ ଏବଂ ପ୍ରମୁଖ ମୁଖ୍ୟ ବନ ସଂରକ୍ଷକ, ଓଡ଼ିଶାର କହିଛନ୍ତି। ସ୍ଥାନୀୟ ନିଯୁକ୍ତିର ଜରୁରୀତା କ୍ରମଶଃ ସ୍ପଷ୍ଟ ହୋଇଗଲାଣି। ଡିସେମ୍ବର ୨୦୨୫ ରେ ଓଡ଼ିଶା ବିଧାନସଭାରେ ଉପସ୍ଥାପିତ ତଥ୍ୟରୁ ଜଣାପଡିଛି ଯେ ଗତ ପାଂଚ ବର୍ଷ ମଧ୍ୟରେ ରାଜ୍ୟରୁ ୫୧୮ ଜଣ ପ୍ରବାସୀ ଶ୍ରମିକ ଓଡ଼ିଶା ବାହାରେ କାମ କରୁଥିବା ସମୟରେ ମୃତ୍ୟୁବରଣ କରିଛନ୍ତି। କଳାହାଣ୍ଡି ଏବଂ ରାୟଗଡ଼ା ଭଳି ଅଧିକ ପ୍ରବାସୀ ଜିଲ୍ଲାଗୁଡ଼ିକରେ ପ୍ରତିବର୍ଷ ହଜାର ହଜାର ଯୁବ ଶ୍ରମିକ ଇଟା ଭାଟି ଏବଂ ଅନ୍ୟାନ୍ୟ ରାଜ୍ୟର ନିର୍ମାଣ ସ୍ଥାନରେ କମ୍ ଦରମା ଏବଂ ପ୍ରାୟତଃ ବିପଜ୍ଜନକ କାମ ପାଇଁ ବାହାରକୁ ଯାଉଛନ୍ତି।

ଆଂଚଳିକ ଅର୍ଥନୀତିଜ୍ଞମାନେ ଏବେ ଯୁକ୍ତି ଦେଉଛନ୍ତି ଯେ "ଖଣି-ପ୍ରଥମେ" ସ୍ଥାନୀୟ ବିକାଶ ରଣନୀତି ତୁରନ୍ତ ଆୟ ସୁଯୋଗ ସୃଷ୍ଟି କରି ଡାଲଖାଇ ଭଳି କଲ୍ୟାଣକାରୀ ପଦକ୍ଷେପଗୁଡ଼ିକୁ ପରିପୂରକ କରିପାରିବ। ପ୍ରସ୍ତାବିତ କଳାହାଣ୍ଡି ବକ୍ସାଇଟ୍ ଖଣି ସମେତ ଦ୍ରୁତ-ଟ୍ରାକିଂ ପ୍ରକଳ୍ପଗୁଡ଼ିକ କେବଳ ସିଧାସଳଖ ଖଣି ନିଯୁକ୍ତି ସୃଷ୍ଟି କରିବ ନାହିଁ ବରଂ ଲଜିଷ୍ଟିକ୍ସ, ଭିତିଭୂମି ଏବଂ ସହାୟକ ଶିଳ୍ପଗୁଡ଼ିକୁ ମଧ୍ୟ ପ୍ରୋତ୍ସାହିତ କରିବ। ଏପରି ଶିଳ୍ପ ଗତି ନୂତନ ଭାବରେ ଘୋଷିତ ଜୟପୁର-କୋରାପୁଟ-ସୁନାବେଡା ଅର୍ଥନୈତିକ କ୍ଲଷ୍ଟରକୁ ମଧ୍ୟ ସମର୍ଥନ କରିପାରିବ, ଏକ ସ୍ଥାନୀୟ ଉତ୍ପାଦନ ଏବଂ ପ୍ରକ୍ରିୟାକରଣ କରିଡର ସୃଷ୍ଟି କରି ଯାହା ରାଜ୍ୟ ମଧ୍ୟରେ ଦକ୍ଷ ଏବଂ ଅର୍ଦ୍ଧ-କୁଶଳୀ ଶ୍ରମିକଙ୍କୁ ବଜାୟ ରଖିବ। ଯଦି ଦୃଢ଼ ପରିବେଶ ସୁରକ୍ଷା ଏବଂ ସାମୁଦାୟିକ ଅଂଶଗ୍ରହଣ ସହିତ କାର୍ଯ୍ୟକାରୀ କରାଯାଏ, ତେବେ ଶିଳ୍ପ ପର୍ଯ୍ୟବେକ୍ଷକମାନେ ବିଶ୍ୱାସ କରନ୍ତି ଯେ ବକ୍ସାଇଟ୍ ଖଣିର ସ୍ଥାନୀୟ ଉତ୍ପାଦନ ପଶ୍ଚିମ ଓଡ଼ିଶାକୁ ଏକ ରଣନୈତିକ ଆଲୁମିନିୟମ ଏବଂ ଶିଳ୍ପ କେନ୍ଦ୍ରରେ ପରିଣତ କରିପାରିବ - ଏବଂ ଏହା ସହିତ ସଙ୍କଟପୂର୍ଣ୍ଣ ପ୍ରବାସର ନିରନ୍ତର ଚ୍ୟାଲେଞ୍ଜକୁ ମୁକାବିଲା କରିପାରିବ।

## ଶାନ୍ତି ଦୂତ ପାଲଟିଲେ ପୁଟିନ୍

# ଯୁଦ୍ଧ ବନ୍ଦ ପାଇଁ ଟ୍ରମ୍ପଙ୍କ ସହ ଆଲୋଚନା

ମସ୍କୋ/ୱାସିଂଟନ: ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ଗତ ଚାରି ବର୍ଷ ଧରି ୟୁକ୍ରେନ ସହିତ ଯୁଦ୍ଧରେ ଫସି ରହିଛନ୍ତି। ଏବେ ସେ ପଶ୍ଚିମ ଏସିଆରେ ଶାନ୍ତି ସ୍ଥାପନକାରୀ ଭୂମିକା ଗ୍ରହଣ କରୁଥିବା ଦେଖାଯାଉଛି। ମଙ୍ଗଳବାର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହ ଏକ ଟେଲିଫୋନ୍ ଆଲୋଚନାରେ ପୁଟିନ ଇରାନ ଏବଂ ଆମେରିକା-ଇସ୍ରାଏଲ ମଧ୍ୟରେ ଚାଲିଥିବା ଭୟଙ୍କର ଯୁଦ୍ଧକୁ ବନ୍ଦ କରିବା ପାଇଁ ଏକ ଠୋସ୍ ପ୍ରସ୍ତାବ ଉପସ୍ଥାପନ କରିଛନ୍ତି । ମଧ୍ୟପ୍ରାଚ୍ୟ ପାଇଁ କୂଟନୈତିକ ସମାଧାନ ଉପରେ ଏହି ଆଲୋଚନା ସମଗ୍ର ବିଶ୍ୱର ଦୃଷ୍ଟି ଆକର୍ଷଣ କରିଛି କାରଣ ଇରାନକୁ ରୁଷର ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଏବଂ ପୁରୁଣା ସହଯୋଗୀ ଭାବରେ ବିବେଚନା କରାଯାଏ। ୧୧ ଦିନ ଧରି ଜାରି ରହିଥିବା ଏହି ମହାଯୁଦ୍ଧ ମଧ୍ୟରେ, ଦୁଇ ଶୀର୍ଷ ନେତାଙ୍କ ମଧ୍ୟରେ ଆଲୋଚନା ବିଶ୍ୱ ଶାନ୍ତି



ଓ ସ୍ଥିରତା ପାଇଁ ଏକ ନୂତନ ଆଶା ଭାବରେ ଉଭା ହୋଇଛି।

ପୁଟିନ ଓ ଟ୍ରମ୍ପଙ୍କ ମଧ୍ୟରେ ପ୍ରାୟ ଏକ ଘଣ୍ଟା ଧରି ଚାଲିଥିବା ଏହି ଆଲୋଚନା ଆମେରିକା ଦ୍ୱାରା ଆରମ୍ଭ ହୋଇଥିଲା। ଦୁଇ ନେତା ପଶ୍ଚିମ ଏସିଆର ଗମ୍ଭୀର ପରିସ୍ଥିତି ଏବଂ ଫେବ୍ରୁଆରି ୨୮ ରେ ଆରମ୍ଭ ହୋଇଥିବା ଯୁଦ୍ଧର ଅନ୍ତ କିପରି ହେବ ସେ ବିଷୟରେ ବିସ୍ତୃତ ଭାବରେ ଆଲୋଚନା କରିଥିଲେ। ସାମରିକ ଅଭିଯାନକୁ ଯଥାଶୀଘ୍ର ସମାପ୍ତ କରିବା ପାଇଁ ରାଜନୈତିକ ଏବଂ କୂଟନୈତିକ ଉପାୟ ଖୋଜିବା ହେଉଛି ସମୟର ଆବଶ୍ୟକତା ବୋଲି ପୁଟିନ କହିଛନ୍ତି। ପୁଟିନ ସ୍ପଷ୍ଟ କରିଛନ୍ତି ଯେ ଯୁଦ୍ଧ କୌଣସି ସମସ୍ୟାର ସମାଧାନ ନୁହେଁ ଏବଂ ଏହା କେବଳ ବିଶ୍ୱ ଅସ୍ଥିରତା ବୃଦ୍ଧି କରିବ, ତେଣୁ ଏହାର ତୁରନ୍ତ ସମାଧାନ ଜରୁରୀ। ଭବିଷ୍ୟତରେ ଆହୁରି କ୍ଷତି ଏଡାଇବା ପାଇଁ ଆଲୋଚନାର ଦ୍ୱାର ଖୋଲା ରଖିବା ଉଭୟ ଦେଶର ସ୍ୱାର୍ଥରେ ବୋଲି ଦୁଇ ନେତା ସହମତ ହୋଇଛନ୍ତି।

ଇରାନ ପ୍ରସଙ୍ଗ ବ୍ୟତୀତ, ରାଷ୍ଟ୍ରପତି ପୁଟିନ ଟ୍ରମ୍ପଙ୍କୁ ୟୁକ୍ରେନୀୟ ଯୁଦ୍ଧର ସ୍ଥିତି ଏବଂ ରୁଷୀୟ ସାମରିକ ବାହିନୀର ସାମ୍ପ୍ରତିକ ସଫଳତା ବିଷୟରେ ବିସ୍ତୃତ ଭାବରେ ଅବଗତ କରାଇଛନ୍ତି। ସେ କହିଛନ୍ତି, ଫ୍ରଣ୍ଟଲାଇନ୍ସରେ ରୁଷୀୟ ସୈନ୍ୟମାନେ ସ୍ଥିର ଭାବରେ ଆଗକୁ ବଢୁଛନ୍ତି ଏବଂ ଅନେକ ରଣନୈତିକ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ବଡ଼ ସଫଳତା ହାସଲ କରୁଛନ୍ତି। ଡିସେମ୍ବର ପରେ ଏହା ଦୁଇ ନେତାଙ୍କ ମଧ୍ୟରେ ପ୍ରଥମ ଆନୁଷ୍ଠାନିକ ଆଲୋଚନା ଏବଂ ଏହା ୟୁକ୍ରେନୀୟ ଏବଂ ଇରାନୀୟ ଉଭୟ ସମ୍ମୁଖର ଭବିଷ୍ୟତର ଗତିପଥ ନିର୍ଣ୍ଣୟ କରିପାରେ ବୋଲି ଚର୍ଚ୍ଚା ହେଉଛି। ୟୁକ୍ରେନରେ ସାମରିକ ଅଭିଯାନ ଚାରି ବର୍ଷ ପୂରଣ କରିବାକୁ ଯାଉଛି, ଏବଂ ପୁଟିନଙ୍କ ଶାନ୍ତି ସ୍ଥାପନକାରୀ ଭୂମିକା ଅନ୍ତର୍ଜାତୀୟ କୂଟନୀତିରେ ଏକ ପ୍ରମୁଖ ପରିବର୍ତ୍ତନ ଭାବରେ ଦେଖାଯାଉଛି। ସେ ଟ୍ରମ୍ପଙ୍କୁ ଆଶ୍ୱାସନା ଦେଇଛନ୍ତି, ରୁଷ ଏହି ଅଞ୍ଚଳରେ ଶାନ୍ତି ଚାହୁଁଛି କିନ୍ତୁ ନିଜର ସୁରକ୍ଷା ଏବଂ ସ୍ୱାର୍ଥ ସହିତ କୌଣସି ପ୍ରକାରର ସାଲିସ କରିବ ନାହିଁ। ଟ୍ରମ୍ପ ପୁଟିନଙ୍କ କଥା ଧ୍ୟାନର ସହିତ ଶୁଣିବା ସହ ୟୁକ୍ରେନ ସଙ୍କଟର

## ପେଟ୍ରୋଲିୟମ ମନ୍ତ୍ରୀ ଓ ବିଦେଶ ମନ୍ତ୍ରୀଙ୍କ ସହ ପ୍ରଧାନମନ୍ତ୍ରୀଙ୍କ ବୈଠକ

ନୂଆଦିଲ୍ଲୀ: ମଧ୍ୟପ୍ରାଚ୍ୟ ଯୁଦ୍ଧ ଫଳରେ ଭାରତରେ ଏଲ୍ପିଜି ଯୋଗାଣ ବ୍ୟାହତ ହୋଇଛି। ହୋଟେଲ୍ ଓ ରେସ୍ତୋରାଁଗୁଡ଼ିକୁ ବାଣିଜ୍ୟିକ ଏଲ୍ପିଜି ଯୋଗାଣ ବନ୍ଦ ଫଳରେ ସ୍ଥିତି ଗମ୍ଭୀର ରୂପ ନେଇଛି। ଦେଶରେ ଗ୍ୟାସ୍ ଯୋଗାଣର କଳାବଜାରୀକୁ ରୋକିବା ପାଇଁ ସରକାର ଅତ୍ୟାବଶ୍ୟକ ସାମଗ୍ରୀ ଆଇନ ମଧ୍ୟ ଲାଗୁ କରିଛନ୍ତି। ଏଭଳି ସ୍ଥିତିରେ ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରୀ ହରଦୀପ ସିଂହ ଏବଂ ବିଦେଶ ବ୍ୟାପାର ମନ୍ତ୍ରୀ ଏସ୍ ଜୟଶଙ୍କର ସହ ଆଜି ଏକ ଉଚ୍ଚସ୍ତରୀୟ ବୈଠକ କରି ଆଲୋଚନା କରିଛନ୍ତି।ଉଲ୍ଲେଖଯୋଗ୍ୟ, ସରକାର ଘରୋଇ ଏଲ୍ପିଜି ଯୋଗାଣକୁ ସ୍ୱାଭାବିକ ରଖିବା ପାଇଁ ପ୍ରାଥମିକତା ଦେଇଛନ୍ତି। ବାଣିଜ୍ୟିକ ଏବଂ ଶିଳ୍ପ ପ୍ରତିଷ୍ଠାନଗୁଡ଼ିକୁ ଏଲ୍ପିଜି ଯୋଗାଣ ଅନୁଧ୍ୟାନ ଓ ସମୀକ୍ଷା ପାଇଁ ଏକ ସ୍ୱତନ୍ତ୍ର କମିଟି ଗଠନ



କରିଛନ୍ତି। ତିନିଟି ସରକାରୀ ତେଲ କମ୍ପାନିର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଏହି କମିଟିରେ ରହିଛନ୍ତି।ଇଣ୍ଡିଆନ ଅଏଲ୍ରୁ କେ ଶୈଳେନ୍ଦ୍ର, ଭାରତ ପେଟ୍ରୋଲିୟମରୁ ଟିଭି ପାଣ୍ଡିଆନ ଏବଂ ହିନ୍ଦୁସ୍ତାନ ପେଟ୍ରୋଲିୟମରୁ ଧ୍ରୁବ କପିଲ ଏହି କମିଟିରେ ଅଛନ୍ତି। ଅତ୍ୟାବଶ୍ୟକ କାର୍ଯ୍ୟ ପାଇଁ ଏଲ୍ପିଜି ଆବଶ୍ୟକ କରୁଥିବା କ୍ଷେତ୍ରଗୁଡ଼ିକ ସେମାନଙ୍କ ଅନୁରୋଧ ନିର୍ଦ୍ଧାରିତ ଇ-ମେଲ୍ ଜରିଆରେ କମିଟିକୁ ପ୍ରଦାନ କରିବେ। ଆବଶ୍ୟକତା ଓ ଉପଲବ୍ଧତାକୁ ଦେଖି କମିଟି ଯୋଗାଣ ଉପରେ ନିଷ୍ପତ୍ତି ନେବ।

## ଏଲପିଜି ଅଭାବକୁ ସରକାରଙ୍କ ଅସ୍ୱୀକାର

ନୂଆଦିଲ୍ଲୀ: ସରକାର ନିର୍ଦ୍ଦେଶ ଦେବା ପରେ ଦେଶରେ ତୈଳ ବିଶୋଧନ କମ୍ପାନିଗୁଡ଼ିକ ଏଲ୍ପିଜି ଉତ୍ପାଦନ ପ୍ରାୟ ୧୦ ପ୍ରତିଶତ ବଢ଼ାଇଛନ୍ତି। ଏହାଦ୍ୱାରା ସମ୍ଭାବ୍ୟ ନିଅଣ୍ଟିଆ ପରିସ୍ଥିତିକୁ ଟାଳି ଦିଆଯାଇଛି। ଦେଶରେ ଏଲ୍ପିଜି ଅଭାବକୁ ଅସ୍ୱୀକାର କରିବା ସହ ସରକାର ଏହା କହିଛନ୍ତି। ମହଜୁଦ ଏବଂ କଳାବଜାରୀକୁ ରୋକିବା ପାଇଁ ଅତିରିକ୍ତ ପ୍ରଶାସନିକ ପଦକ୍ଷେପ ମଧ୍ୟ ନିଆଯାଇଛି। ସେହିଭଳି ବୁକିଂ ଅବଧିକୁ ୨୧ ଦିନରୁ ୨୫ ଦିନକୁ ବଢ଼ାଇ ଦେଇଛନ୍ତି। ସରକାରଙ୍କ ପକ୍ଷରୁ କୁହାଯାଇଛି ଯେ ସାମୟିକ ସମସ୍ୟା ଦେଖାଦେଇଥିଲା। ଅଧିକାରୀଙ୍କ କହିବାନୁଯାୟୀ, ଭୂରାଜନୈତିକ ଅସ୍ଥିରତା ଏବଂ ଯୋଗାଣ ଶୃଙ୍ଖଳ ଉପରେ ଚାପ ସତ୍ତ୍ୱେ ଶକ୍ତି ଯୋଗାଣ ପରିଚାଳନା କ୍ଷେତ୍ରରେ ଭାରତ ଅନ୍ୟ ଦେଶମାନଙ୍କ ତୁଳନାରେ ଭଲ ସ୍ଥିତିରେ ରହିଛି।

## ଚୀନ ପାଇଁ ଏଫ୍‌ଡିଆଇ ନିୟମ କୋହଳ ହେଲା

ନୂଆଦିଲ୍ଲୀ: ସ୍ଥଳଭାଗରେ ଭାରତର ସୀମା ଛୁଇଁଥିବା ଦେଶଗୁଡ଼ିକ ପାଇଁ ଭାରତ ସରକାର ଏଫ୍ଡିଆଇ (ପ୍ରତ୍ୟକ୍ଷ ବିଦେଶୀ ନିବେଶ) ନିୟମ କୋହଳ କରିଛନ୍ତି। ଏଥିରେ ଚୀନ ସମେତ ବାଂଲାଦେଶ, ପାକିସ୍ତାନ, ଭୁଟାନ, ନେପାଳ,ମ୍ୟାଁମାର ଓ ଆଫଗାନିସ୍ତାନ ରହିଛନ୍ତି। ଏସବୁ ଦେଶ ପାଇଁ ଏଫ୍ଡିଆଇ ନିୟମ କୋହଳ କରିବା ଲାଗି ୨୦୨୦ ସିରିଜ୍ର ପ୍ରେସ୍ ନୋଟ୍ ୩ରେ ସଂଶୋଧନ




ଅଣାଯାଇଛି ବୋଲି ଅଧିକାରୀଙ୍କ ସୂତ୍ରରୁ ଜଣାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି।୨୦୨୦ ଏପ୍ରିଲରୁ ୨୦୨୫ ଡିସେମ୍ବର ମଧ୍ୟରେ ଭାରତକୁ ଆସିଥିବା ମୋଟ ଏଫ୍ଡିଆଇରେ ଚୀନର ଅଂଶ ୦.୩୨ ପ୍ରତିଶତ ରହିଛି। ଭାରତରେ ଏଫ୍ଡିଆଇ ର୍ୟାଙ୍କେ ଚୀନ ୨୩ତମ ସ୍ଥାନରେ ଅଛି।୨୦୨୦ ଜୁନ ଗଲୱାନ ସଂଘର୍ଷ ପରେ ଦୁଇ ଦେଶ ମଧ୍ୟରେ ସଂପର୍କ ଅତ୍ୟନ୍ତ ଖରାପ ହୋଇଯାଇଥିଲା। ଏହା ପରେ ଭାରତ ଚୀନ କମ୍ପାନିଗୁଡ଼ିକ ଉପରେ ଏକାଧିକ କଟକଣା ଲଗାଇଥିଲା। ଭାରତକୁ ଚୀନରୁ ଏଫ୍ଡିଆଇ କମ୍ ଆସୁଥିଲେ ମଧ୍ୟ ଦ୍ୱିପାକ୍ଷିକ ବାଣିଜ୍ୟ ବହୁ ଅଧିକ ରହିଛି। ଚୀନ ଭାରତର ଦ୍ୱିତୀୟ ବୃହତ୍ ବାଣିଜ୍ୟ ସହଯୋଗୀ ପାଲଟିଛି। ୨୦୨୫-୨୬ ଆର୍ଥିକବର୍ଷର ପ୍ରଥମ ୧୦ ମାସରେ ଚୀନକୁ ଭାରତର ରପ୍ତାନି ୩୮.୩୭ ପ୍ରତିଶତ ବୃଦ୍ଧି ପାଇ ୧୫.୮୮ ବିଲିଅନ ଡଲାରରେ ଏବଂ ଆମଦାନୀ ୧୩.୮୨ ପ୍ରତିଶତ ବୃଦ୍ଧି ଘଟି ୧୦୮.୧୮ ବିଲିଅନ ଡଲାରରେ ପହଞ୍ଚିଛି।

# ଜଳ ଜୀବନ ମିଶନର ଅବଧି ବୃଦ୍ଧି ପ୍ରସ୍ତାବକୁ ମଞ୍ଜୁରୀ

ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ କେନ୍ଦ୍ର କ୍ୟାବିନେଟ ଆଜି ଜଳ ଜୀବନ ମିଶନ (ଜେଜେଏମ) ର ଅବଧିକୁ ୨୦୨୮ ଡିସେମ୍ବର ପର୍ଯ୍ୟନ୍ତ ସମ୍ପ୍ରସାରଣ କରିବା ପ୍ରସ୍ତାବକୁ ମଞ୍ଜୁର କରିଛି । କାର୍ଯ୍ୟକାରିତା ଭିତ୍ତିଭୂମି ସୃଷ୍ଟି ଠାରୁ ସେବା ପ୍ରଦାନ ପର୍ଯ୍ୟନ୍ତ ଏହି ଯୋଜନାର ପୁନର୍ଗଠନ କରିବା ଲାଗି ଜଳ ଶକ୍ତି ମନ୍ତ୍ରଣାଳୟର ପ୍ରସ୍ତାବକୁ କ୍ୟାବିନେଟ୍ ଅନୁମୋଦନ କରିଛି। ପାନୀୟ ଜଳ ପରିଚାଳନା ଏବଂ ପାଇପ ଯୋଗେ ଦୀର୍ଘସ୍ଥାୟୀ ଗ୍ରାମୀଣ ପାନୀୟ ଜଳ ଯୋଗାଣ ପାଇଁ ଏକ ସଂସ୍ଥା ଗତ ଇକୋସିଷ୍ଟମକୁ ସମର୍ଥନ କରାଯିବ।

ଢାଞ୍ଚାଗତ ସଂସ୍କାର ଉପରେ ଧ୍ୟାନ ଦେଇ ଜେଜେଏମର ପୁନର୍ଗଠନ ଲାଗିକ୍ୟାବିନେଟ ଏହି ଯୋଜନାରେ ମୋଟ ବ୍ୟୟ ଅଟକଳକୁ ୮.୬୯ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି କରିଛନ୍ତି। ଏଥିରେ ମୋଟ କେନ୍ଦ୍ରୀୟ ଅନୁଦାନ୩.୫୯ ଲକ୍ଷ କୋଟି ଟଙ୍କା ହେବ।ଏହା ୨୦୧୯-୨୦ରେ ଅନୁମୋଦିତ କେନ୍ଦ୍ରୀୟ ଅନୁଦାନ ୨.୦୮ଲକ୍ଷ କୋଟି ଟଙ୍କାରୁ ଅଧିକ ଅର୍ଥାତ୍ ୧.୫୧ ଲକ୍ଷ କୋଟି ଟଙ୍କାର ଅତିରିକ୍ତ କେନ୍ଦ୍ରୀୟ ଅଂଶ ରହିବ। ଏଥିପାଇଁ, ‘ସୁଜଳ ଭାରତ’ ନାମକ ଏକ ପ୍ରକାରର ଜାତୀୟ ଡିଜିଟାଲ୍ ଭିତ୍ତିଭୂମି ପ୍ରତିଷ୍ଠା ହେବ।ଏହା ଅଧୀନରେ ପ୍ରତ୍ୟେକ ଗ୍ରାମକୁ ଏକ ଅନନ୍ୟ ସୁଜଳ ଗ୍ରାମ/ସେବା କ୍ଷେତ୍ର ପରିଚୟପତ୍ର ପ୍ରଦାନ କରାଯିବ।ଏହାଜଳ ଉତ୍ସରୁ ଟ୍ୟାପ୍ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ପାନୀୟ ଜଳ ଯୋଗାଣ ବ୍ୟବସ୍ଥାକୁ ଡିଜିଟାଲ୍ ଭାବରେ ମ୍ୟାପ୍ କରିବ। ସ୍ୱଚ୍ଛତା ଏବଂ ଉତ୍ତରଦାୟିତ୍ୱ ସୁନିଶ୍ଚିତ କରିବା ପାଇଁ "ଜଳ ଅର୍ପଣ" ମାଧ୍ୟମରେ ଯୋଜନାର ଶୁଭାରମ୍ଭ ଏବଂ ଆନୁଷ୍ଠାନିକ ହସ୍ତାନ୍ତରରେ ଗ୍ରାମ ପଞ୍ଚାୟତ ଓ



ଗ୍ରାମ୍ୟଜଳ ଓ ପରିମଳ କମିଟି (ଭିଡବ୍ଲୁଏସସି)ର ଅଂଶଗ୍ରହଣ ସୁନିଶ୍ଚିତ କରାଯିବ।

ରାଜ୍ୟ ସରକାରଙ୍କ ଦ୍ୱାରା ପର୍ଯ୍ୟାପ୍ତ ଗ୍ରାମାଞ୍ଚଳ ପରିଚାଳନା ଏବଂ ରକ୍ଷଣାବେକ୍ଷଣ ବ୍ୟବସ୍ଥା ପ୍ରତିଷ୍ଠା ହେବା ପରେ ହିଁ କୌଣସି ଗ୍ରାମ ପଞ୍ଚାୟତ କାର୍ଯ୍ୟ ସମାପ୍ତିର ପ୍ରମାଣିତ କରିବା ସହିତ ନିଜକୁ "ହର ଘର ଜଳ" (ପ୍ରତିଘରକୁ ଜଳଯୋଗାଣ) ଘୋଷଣା କରିବ।ଏହି କାର୍ଯ୍ୟକ୍ରମ ପରିଚାଳନା ଗତ ଦକ୍ଷତା ଏବଂ ଉତ୍ସ ସ୍ଥାୟୀତ୍ୱ ପାଇଁ ଜନସାଧାରଣଙ୍କ ସମ୍ପୃକ୍ତି ଏବଂ ମାଲିକାନା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ସ୍ୱୀକାର କରିଥାଏ। ଏଥିପାଇଁ ଏକବାର୍ଷିକ କାର୍ଯ୍ୟକ୍ରମ ରୂପେ "ଜଳଉତ୍ସବ" ଆୟୋଜନ କରାଯିବ। ଏଥିରେ ଲୋକଙ୍କ ନେତୃତ୍ୱରେ ରକ୍ଷଣାବେକ୍ଷଣ ଏବଂ ସମୀକ୍ଷାକୁ ପ୍ରୋତ୍ସାହନ କରାଯିବ। ଫଳରେ ସୁରକ୍ଷିତ ପାନୀୟଜଳ ଯୋଗାଣ ପାଇଁ ସାମୂହିକ ଦାୟିତ୍ୱ ସୁଦୃଢ଼ ହେବା ସହିତ ସ୍ଥାନୀୟ ସାଂସ୍କୃତିକ ଲୋକାଚାରକୁ ଏଥିରେ ସମନ୍ୱିତ କରାଯାଇ ପାରିବ।

୨୦୧୯ରେ ୩.୨୩ କୋଟି (୧୭%) ଗ୍ରାମୀଣ ପରିବାର ପାଖର. ଟ୍ୟାପ୍ ପାଣି ସଂଯୋଗ ଥିଲା।ବର୍ତ୍ତମାନ ସୁଦ୍ଧା ୧୨.୫୬ କୋଟିରୁ ଅଧିକ ଅତିରିକ୍ତ ଗ୍ରାମୀଣ ପରିବାରକୁ ଜେଜେଏମ ଅଧୀନରେ ଟ୍ୟାପ୍ ପାଣି ସଂଯୋଗ ଯୋଗାଇ ଦିଆଯାଇଛି। ବର୍ତ୍ତମାନ, ଦେଶର ରାଜ୍ୟ/କେନ୍ଦ୍ରଶାସିତ ପ୍ରଦେଶ ଦ୍ୱାରା ଚିହ୍ନଟ ହୋଇଥିବା ୧୯.୩୬ କୋଟି ଗ୍ରାମୀଣ ପରିବାର ମଧ୍ୟରୁ ପ୍ରାୟ ୧୫.୮୦ କୋଟି (୮୧.୬୧%) ପରିବାର ନିକଟରେ ଟ୍ୟାପ୍ ପାଣି ସଂଯୋଗ ଥିବା ସୂଚନା ମିଳିଛି ।

## ମଦୁରାଇ ବିମାନ ବନ୍ଦରକୁ ଅନ୍ତର୍ଜାତୀୟ ମାନ୍ୟତା

ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ କେନ୍ଦ୍ର କ୍ୟାବିନେଟ ଆଜି ତାମିଲନାଡୁର ମଦୁରାଇ ବିମାନବନ୍ଦରକୁ ଆନ୍ତର୍ଜାତୀୟ ବିମାନବନ୍ଦର ଭାବରେ ଘୋଷଣାକୁ ଅନୁମୋଦନ କରିଛି। ତାମିଲନାଡୁର ମାଦୁରାଇ ମନ୍ଦିର ନଗରୀରେ ଅବସ୍ଥିତ ମଦୁରାଇ ବିମାନବନ୍ଦର ରାଜ୍ୟର ସବୁଠାରୁ ପୁରୁଣା ବିମାନବନ୍ଦର ମଧ୍ୟରୁ ଗୋଟିଏ। ଏହା ଦକ୍ଷିଣ ତାମିଲନାଡୁର ଏକ ଗୁରୁତ୍ୱପୂର୍ଣ୍ଣ ପ୍ରବେଶପଥ ଭାବରେ କାର୍ଯ୍ୟ କରେ ଏବଂ ପର୍ଯ୍ୟଟନ ଏବଂ ତୀର୍ଥଯାତ୍ରାକୁ ପ୍ରୋତ୍ସାହିତ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ, ଯାହାଦ୍ୱାରା ଏହି ଅଞ୍ଚଳର ସାମଗ୍ରିକ ଅଭିବୃଦ୍ଧିରେ ଯୋଗଦାନ କରେ। ମାଦୁରାଇ ବିମାନବନ୍ଦରକୁ ଆନ୍ତର୍ଜାତୀୟ ମାନ୍ୟତା ପ୍ରଦାନ କରିବା ଦ୍ୱାରା ଆଞ୍ଚଳିକ ସଂଯୋଗୀକରଣ ବୃଦ୍ଧି ପାଇବ, ବାଣିଜ୍ୟକୁ ପ୍ରୋତ୍ସାହିତ କରାଯିବ ଏବଂ ଏହି ଅଞ୍ଚଳରେ ଆର୍ଥିକ ବିକାଶକୁ ଗତି ମିଳିବ। ଆନ୍ତର୍ଜାତୀୟ ତୀର୍ଥଯାତ୍ରୀ ଏବଂ ବ୍ୟବସାୟକୁ ଆକର୍ଷିତ କରିବାର ବିମାନବନ୍ଦରର ସମ୍ଭାବନା ସହରର ଐତିହାସିକ ପ୍ରମୁଖତା ସହିତ ସମାନ।

## ଇଣ୍ଡିଗୋ ସିଇଓଙ୍କ ଅଚାନକ ଇସ୍ତଫା

ମୁମ୍ବାଇ: ଦେଶର ସର୍ବବୃହତ୍ ଏୟାରଲାଇନ୍ ଇଣ୍ଡିଗୋର ସିଇଓ ପିଟର ଏଲବର୍ସ ଇସ୍ତଫା ଦେଇଛନ୍ତି। ଗତବର୍ଷ ଡିସେମ୍ବରରେ କମ୍ପାନି ସାମ୍ନା କରିଥିବା ବୃହତ୍ ପରିଚାଳନା ସଙ୍କଟର କିଛି ମାସ ପରେ ସେ ନିଜ ପଦ ଛାଡ଼ିଛନ୍ତି। ତାଙ୍କ ସ୍ଥାନରେ କମ୍ପାନିର ପରିଚାଳନା ନିର୍ଦ୍ଦେଶକ ରାହୁଲ ଭାଟିଆ ଅନ୍ତରୀଣ ସିଇଓ ଭାବେ କାର୍ଯ୍ୟ କରିବେ। ଗତବର୍ଷ ଡିସେମ୍ବରରେ କମ୍ପାନି ଅଭାବନୀୟ ପରିଚାଳନା ସଙ୍କଟର ସମ୍ମୁଖୀନ ହୋଇଥିଲା। ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ) ପାଇଲଟ୍ଙ୍କୁ ନେଇ ଲାଗୁ କରିଥିବା ଏକ ନିୟମ ପ୍ରଭାବରେ କମ୍ପାନି ଶହ ଶହ ବିମାନର ଉଡ଼ାଣ ବାତିଲ କରିଥିଲା।ଏକ ସପ୍ତାହରୁ ଅଧିକ ସମୟ ଧରି ସେହି ସଙ୍କଟ ଲାଗି ରହିଥିଲା। ସାରା ଦେଶରେ ୩ ଲକ୍ଷରୁ ଅଧିକ ଯାତ୍ରୀ ନାହିଁ ନଥିବା ଅସୁବିଧା ଭୋଗିଥିଲେ। କମ୍ପାନି ୪୫୦୦ରୁ ଅଧିକ ବିମାନ ଉଡ଼ାଣ ବାତିଲ କରିଥିଲା।

## ବାଂଲାଦେଶକୁ ୫୦୦୦ ଟନ୍ ଡିଜେଲ୍ ପଠାଇବ ଭାରତ

ନୂଆଦିଲ୍ଲୀ: ମଧ୍ୟପ୍ରାଚ୍ୟ ଯୁଦ୍ଧ ପ୍ରଭାବରେ ବିଶ୍ୱବ୍ୟାପୀ ଶକ୍ତି ସଙ୍କଟ ଦେଖାଦେଇଛି। ଏଭଳି ଏକ ଗମ୍ଭୀର ମୁହୂର୍ତ୍ତରେ ଶତ୍ରୁ ଭଳି ଆଚରଣ କରୁଥିବା ବାଂଲାଦେଶକୁ ଭାରତ ୫୦୦୦ ଟନ୍ ଡିଜେଲ ପଠାଇବାକୁ ଯାଉଛି। ଦୁଇ ଦେଶ ମଧ୍ୟରେ ସ୍ଥାପନ କରାଯାଇଥିବା ବନ୍ଧୁତା ପାଇପ୍ଲାଇନ୍ ଜରିଆରେ ଆସାମର ନୁମାଲିଗଡ଼ ବିଶୋଧନାଗାରରୁ ସେହି ଡିଜେଲ୍ ପଠାଯିବ। ପାଇପ୍ଲାଇନ୍ ସ୍ଥାପନ ପୂର୍ବରୁ ରେଳ ଜରିଆରେ ବାଂଲାଦେଶକୁ ଡିଜେଲ୍ ପଠାଯାଉଥିଲା। ବାଂଲାଦେଶକୁ ବର୍ଷକୁ ୧,୮୦,୦୦୦ ଟନ୍ ଡିଜେଲ୍ ଦେବାକୁ ଭାରତ ପ୍ରତିଶ୍ରୁତି ଦେଇଛି। ଏଥିପାଇଁ ପାଞ୍ଚବର୍ଷିଆ ଯୋଗାଣ ସହଯୋଗିତା ରହିଛି। ବାଂଲାଦେଶରେ ତେଲର ଘୋର ଅଭାବ ଦେଖାଦେଇଛି। ବାଂଲାଦେଶ ପେଟ୍ରୋଲିୟମ କର୍ପୋରେସନର ଅଧ୍ୟକ୍ଷ ମହମ୍ମଦ ରେଜାନୁର ରେହମାନ କହିଛନ୍ତି ଯେ ଭାରତରୁ ୫୦୦୦ ଟନ୍ ଡିଜେଲ ଆସି ପହଞ୍ଚିବ। ଏହି ଘଟଣା ଦୁଇଦେଶ ମଧ୍ୟରେ ସମ୍ପର୍କ ସ୍ୱାଭାବିକ ହେଉଥିବା ଆଡ଼କୁ ଇଙ୍ଗିତ କରୁଛି। ଏକ ବିଦ୍ରୋହ ପରେ ବାଂଲାଦେଶ ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହାସିନା ଦେଶ ଛାଡ଼ି ପଳାୟନ କରିବା ପରେ ସେଠାରେ ମହମ୍ମଦ ୟୁନୁସଙ୍କ ନେତୃତ୍ୱରେ ଅନ୍ତରୀଣ ସରକାର ଗଠନ ହୋଇଥିଲା। ୟୁନୁସ ସରକାର ଭାରତ ପ୍ରତି କଠୋର ଆଭିମୁଖ୍ୟ ଗ୍ରହଣ କରିବା ସହ ଭାରତ ବିରୋଧୀ କାର୍ଯ୍ୟରେ ଲିପ୍ତ ଥିଲେ। ସେଥିପାଇଁ ଦୁଇ ଦେଶ ମଧ୍ୟରେ ସମ୍ପର୍କରେ ତିକ୍ତତା ଆସିଥିଲା। ଏହାପରେ ବାଂଲାଦେଶକୁ ଝାଡ଼ଖଣ୍ଡ କାରଖାନାରୁ ଆଦାନୀ ପଠାଉଥିବା ବିଦ୍ୟୁତ୍ ଯୋଗାଣ କମ୍ ହୋଇଥିଲା। କୋଇଲା ଯୋଗାଣ ବାଧାପ୍ରାପ୍ତ ହେବା ସହ ଗ୍ୟାସ୍ ଓ ଏଲ୍ଏନ୍ଜି ଯୋଗାଣକୁ ମଧ୍ୟ ଅଟକାଇ ଦିଆଯାଇଥିଲା।ଭାରତ-ବାଂଲାଦେଶ ବନ୍ଧୁତା ପାଇପଲାଇନ୍କୁ ୨୦୨୩ ମାର୍ଚ୍ଚରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ବାଂଲାଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହାସିନା ଉଦ୍ଘାଟନ କରିଥିଲେ। ଏହି ପାଇପ୍ଲାଇନ୍ ଦେଇ ଭାରତରୁ ଡିଜେଲ ଆସିବା ପରେ ବାଂଲାଦେଶର ବିଦ୍ୟୁତ୍ ଉତ୍ପାଦନ ଓ ପରିବହନ କ୍ଷେତ୍ର ଉପରୁ ଚାପ ହଟିବ ବୋଲି ଆଶା କରାଯାଉଛି। ଆସନ୍ତା ୬ ମାସରେ ବାଂଲାଦେଶକୁ ଭାରତ ୯୦ହଜାର ଟନ୍ ଡିଜେଲ୍ ପଠାଇବ।

## ଏଲପିଜି ଅଭାବ : ହୋଟେଲ-ରେଷ୍ଟୁରାଣ୍ଟ ବନ୍ଦ ହେବା ଆଶଙ୍କା

ନୂଆଦିଲ୍ଲୀ: ମଧ୍ୟପ୍ରାଚ୍ୟରେ ଉତ୍ତେଜନା ମଧ୍ୟରେ, ଏହାର ପ୍ରଭାବ ସାରା ବିଶ୍ୱରେ ଅନୁଭୂତ ହେଉଛି। ଭାରତରେ ଏଲ୍ପିଜି ସିଲିଣ୍ଡର ସଙ୍କଟର ରିପୋର୍ଟ ଆସିଛି। ଏହି ସମୟରେ, କେନ୍ଦ୍ର ସରକାର ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି। ସାରା ଦେଶରେ ଅତ୍ୟାବଶ୍ୟକୀୟ ସାମଗ୍ରୀ ଏସମା ଲାଗୁ କରାଯାଇଛି। ଘରୋଇ ରନ୍ଧନ ଗ୍ୟାସର ନିରବଚ୍ଛିନ୍ନ ଯୋଗାଣ ସୁନିଶ୍ଚିତ କରିବା ପାଇଁ, ସରକାର ଅତ୍ୟାବଶ୍ୟକୀୟ ସାମଗ୍ରୀ ଆଇନ ଲାଗୁ କରିଛନ୍ତି। ଏହା ରିଫାଇନାରୀ ଏବଂ ପେଟ୍ରୋକେମିକାଲ୍ ୟୁନିଟଗୁଡ଼ିକୁ ଏଲ୍ପିଜି ଉତ୍ପାଦନକୁ ସର୍ବାଧିକ କରିବା ଏବଂ ପ୍ରମୁଖ ହାଇଡ୍ରୋକାର୍ବନ ଉତ୍ସଗୁଡ଼ିକୁ ଏଲ୍ପିଜି ପୁଲ୍କୁ ପଠାଇବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ତୈଳ ମନ୍ତ୍ରଣାଳୟ ପେଟ୍ରୋକେମିକାଲ ଉତ୍ପାଦନ ହ୍ରାସ କରି ଏଲପିଜି ଉତ୍ପାଦନ ବୃଦ୍ଧି କରିବାକୁ ରିଫାଇନାରୀଗୁଡ଼ିକୁ ନିର୍ଦ୍ଦେଶ ଦେଇଛି। ଗଚ୍ଛିତ ଏବଂ କଳାବଜାରୀ ରୋକିବା ପାଇଁ ଘରୋଇ ଗ୍ୟାସ ସିଲିଣ୍ଡର ପାଇଁ ବୁକିଂ ଅବଧି ୨୧ ଦିନରୁ ୨୫ ଦିନକୁ ବୃଦ୍ଧି କରାଯାଇଛି। ଆମଦାନୀ କରାଯାଇଥିବା ଏଲପିଜି ହସ୍ପିଟାଲ ଏବଂ ଶିକ୍ଷାନୁଷ୍ଠାନ ଭଳି ଅତ୍ୟାବଶ୍ୟକୀୟ ଅଣ-ଘରୋଇ କ୍ଷେତ୍ରଗୁଡ଼ିକୁ ପ୍ରାଥମିକତା ଭିତ୍ତିରେ ଯୋଗାଇ ଦିଆଯାଉଛି।ବାଣିଜ୍ୟିକ ଏଲ୍ପିଜି ଗ୍ୟାସର ହଠାତ୍ ଅଭାବକୁ ଦୂର କରିବା ପାଇଁ ତୈଳ ମନ୍ତ୍ରଣାଳୟ ଏକ ସ୍ୱତନ୍ତ୍ର କମିଟି ଗଠନ କରିଛି। ଏହି ଅଭାବ ହୋଟେଲ ଏବଂ ରେଷ୍ଟୁରାଣ୍ଟ ଶିଳ୍ପରେ ଏକ ଗମ୍ଭୀର ସଙ୍କଟ ସୃଷ୍ଟି କରୁଛି। ଶିଳ୍ପ ସଂଗଠନଗୁଡ଼ିକ ଚେତାବନୀ ଦେଇଛନ୍ତି ଯେ, ଯଦି ଶୀଘ୍ର ଯୋଗାଣ ପୁନଃସ୍ଥାପିତ ନହୁଏ, ତେବେ କିଛି ଦିନ ମଧ୍ୟରେ ଖାଦ୍ୟପେୟ ଏବଂ ରେଷ୍ଟୁରାଣ୍ଟ ବନ୍ଦ ହୋଇପାରେ। ତୈଳ ମନ୍ତ୍ରଣାଳୟ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଏକ ବିବୃତିରେ କହିଛି, ରେଷ୍ଟୁରାଣ୍ଟ, ହୋଟେଲ ଏବଂ ଅନ୍ୟାନ୍ୟ ବାଣିଜ୍ୟିକ ପ୍ରତିଷ୍ଠାନକୁ ଏଲ୍ପିଜି ଯୋଗାଣ ସମ୍ପର୍କିତ ବିଷୟଗୁଡ଼ିକର ସମୀକ୍ଷା କରିବା ପାଇଁ ତୈଳ ବିପଣନ କମ୍ପାନିଗୁଡ଼ିକର ତିନି ଜଣ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକଙ୍କ ଏକ କମିଟି ଗଠନ କରାଯାଇଛି।

## ନିର୍ବାଚନରେ ମହିଳାଙ୍କୁ ମିଳିବ ୩୩% ସଂରକ୍ଷଣ

ନୂଆଦିଲ୍ଲୀ: ଭାରତୀୟ ସଂସଦୀୟ ଇତିହାସରେ ଏକ ନୂତନ ଅଧ୍ୟାୟ ସୃଷ୍ଟି ହେବାକୁ ଯାଉଛି। କେନ୍ଦ୍ର ସରକାର ମହିଳା ଆରକ୍ଷଣ ବିଲ୍ (ନାରୀ ଶକ୍ତି ବନ୍ଦନ ଅଧିନିୟମ) କୁ ନେଇ ନିଜର ପ୍ରତିବଦ୍ଧତା ଦୋହରାଇଛନ୍ତି। ଆସନ୍ତା ୨୦୨୯ ଲୋକସଭା ନିର୍ବାଚନ ବେଳକୁ ଦେଶର ମହିଳାମାନଙ୍କୁ ସଂସଦ ଓ ରାଜ୍ୟ ବିଧାନସଭାଗୁଡ଼ିକରେ ୩୩ ପ୍ରତିଶତ ସଂରକ୍ଷଣ ମିଳିବା ଏକ ପ୍ରକାର ନିଶ୍ଚିତ ହୋଇଛି।ଏକ ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, କେନ୍ଦ୍ର ସରକାର ଚାହାଁନ୍ତି ଯେ ଆଗାମୀ ଲୋକସଭା ନିର୍ବାଚନରେ ମହିଳାମାନେ ୩୩% ସଂରକ୍ଷଣର ଲାଭ ପାଆନ୍ତୁ। କିନ୍ତୁ, ସହଯୋଗୀ ଓ ବିରୋଧୀ ଦଳ ସହିତ ଆଲୋଚନା ପରେ ହିଁ ସରକାର ଏହି ପ୍ରସଙ୍ଗରେ ଆଗକୁ ବଢ଼ିବେ। ଏହି ସମୟରେ, ଏଡିଆର୍ ଓ ନ୍ୟାସନାଲ ଇଲେକ୍ସନ ୱାଚ୍ ର ଏକ ରିପୋର୍ଟ ଅନୁଯାୟୀ, ସାରା ଦେଶରେ ମୋଟ ୪,୬୬୬ ସାଂସଦ ଏବଂ ବିଧାୟକଙ୍କ ମଧ୍ୟରୁ କେବଳ ୪୬୪, ଅର୍ଥାତ୍ ୧୦% ମହିଳା ଅଛନ୍ତି। ବର୍ତ୍ତମାନ ଲୋକସଭାରେ ମହିଳା ସାଂସଦଙ୍କ ସଂଖ୍ୟା ମୋଟ ସଦସ୍ୟଙ୍କ ପ୍ରାୟ ୧୫% ରୁ କମ୍ ଅଛି। ୧୭ତମ ଲୋକସଭାରେ (୨୦୧୯-୨୦୨୪) ୭୮ ଜଣ ମହିଳା ସାଂସଦ ଅଛନ୍ତି, ଯାହା ମୋଟ ୫୪୩ ସଦସ୍ୟଙ୍କ ମଧ୍ୟରୁ ପ୍ରାୟ ୧୪.୩୬% ଅଟେ। ତେଣୁ, ଏହା ୧୫% ରୁ କମ୍ ରହିଛି। ତଥାପି, ଏହା ଭାରତୀୟ ସଂସଦର ଇତିହାସରେ ସର୍ବାଧିକ। ଆଗାମୀ ଦିନରେ ମହିଳା ସଂରକ୍ଷଣ ବିଲ୍ ଲାଗୁ ହେଲେ ଏହି ସଂଖ୍ୟା ଆହୁରି ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି।




୩୩% ସଂରକ୍ଷଣ ଲାଗୁ ହେବା ପରେ ଲୋକସଭାରେ ମହିଳା ସାଂସଦଙ୍କ ସଂଖ୍ୟା ୧୮୧ କୁ ବୃଦ୍ଧି ପାଇବ। ନୀତି ନିର୍ଦ୍ଧାରଣ ଓ ଦେଶର ବିକାଶ ପ୍ରକ୍ରିୟାରେ ମହିଳାଙ୍କ ସ୍ୱର ଆହୁରି ଶାଣିତ ହେବ। ତୃଣମୂଳ ସ୍ତରର ମହିଳା ନେତ୍ରୀମାନେ ଜାତୀୟ ରାଜନୀତିରେ ନିଜର ପରିଚୟ ସୃଷ୍ଟି କରିପାରିବେ।

## ୧୧ ଦିନରେ ୧୧ ଦେଶକୁ ଟାର୍ଗେଟ୍ କଲା ଇରାନ

ତେହେରାନ୍: ଇରାନ ଓ ଆମେରିକା-ଇସ୍ରାଏଲ୍ ମଧ୍ୟରେ ଯୁଦ୍ଧ ଏବେ ଏକ ବିନାଶକାରୀ ମୋଡ଼ ନେଇଛି। ବିଶେଷ କରି ସର୍ବୋଚ୍ଚ ନେତା ଆୟତୋଲ୍ଲା ଅଲି ଖେମିନିଙ୍କ ମୃତ୍ୟୁ ପରେ ଏହି ସଂଘର୍ଷ ଆହୁରି ତୀବ୍ର ହୋଇଛି, ଯାହା ଆଜି ୧୧ତମ ଦିନରେ ପହଞ୍ଚିଛି। ଇରାନ ବର୍ତ୍ତମାନ କେବଳ ଇସ୍ରାଏଲ୍ ନୁହେଁ, ବରଂ ମଧ୍ୟପ୍ରାଚ୍ୟର ପ୍ରାୟ ୧୧ଟି ଦେଶ ଇସ୍ରାଏଲ, ସାଉଦି ଆରବ, ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ), ବାହାରିନ, କାତାର, କୁଏତ, ଇରାକ, ଓମାନ, ଆଜରବାଇଜାନ, ସାଇପ୍ରସ ଓ ତୁର୍କୀ ଉପରେ କ୍ଷେପଣାସ୍ତ୍ର ଓ ଡ୍ରୋନ୍ ସାହାଯ୍ୟରେ କ୍ରମାଗତ ଆକ୍ରମଣ କରୁଛି। ଶତ୍ରୁପକ୍ଷର ସାମରିକ ଘାଟି ଓ ଗୁରୁତ୍ୱପୂର୍ଣ୍ଣ ସ୍ଥାନଗୁଡ଼ିକୁ ଟାର୍ଗେଟ୍ କରୁଛି। ଯଦିଓ ଇସ୍ରାଏଲ୍ ମୁଖ୍ୟ ଟାର୍ଗେଟ୍ରେ ଅଛି, ତଥାପି ଆଖପାଖର ଅନେକ ଦେଶ ଯେଉଁଠାରେ ଆମେରିକାର ସାମରିକ ବେସ୍ ରହିଛି କିମ୍ବା ଯେଉଁମାନେ ଇରାନର ବିରୋଧୀ, ସେମାନେ ମଧ୍ୟ ଏହି ଆକ୍ରମଣର ଶିକାର ହେଉଛନ୍ତି। ଇରାନର ଏହି ଆଭିମୁଖ୍ୟ ସମ୍ପୂର୍ଣ୍ଣ ଅଞ୍ଚଳରେ ଏକ ଅସ୍ଥିରତା ସୃଷ୍ଟି କରିଛି। ମଧ୍ୟପ୍ରାଚ୍ୟରେ ଇରାନ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)କୁ ସବୁଠାରୁ ଅଧିକ କ୍ଷତି ପହଞ୍ଚାଇଛି। ଏପର୍ଯ୍ୟନ୍ତ ୟୁଏଇ ବିରୁଦ୍ଧରେ ୧୪୦୦ ରୁ ଅଧିକ ବାଲିଷ୍ଟିକ୍ ମିସାଇଲ୍ ଓ ଡ୍ରୋନ୍ ନିକ୍ଷେପ କରିଥିବା ଦାବି କରିଛି। ରବିବାର, ଇରାନ ୧୬ଟି ବାଲିଷ୍ଟିକ୍ ମିସାଇଲ୍ ଓ ୨୦୦ଟି ଡ୍ରୋନ୍ ସହିତ ୟୁଏଇ ଉପରେ ଆକ୍ରମଣ କରିଥିଲା। ସେହିପରି ଇରାନ ମଧ୍ୟ ଲଗାତାର ବାହାରିନ ଉପରେ ଆକ୍ରମଣ କରୁଛି। ବାହାରିନରେ ଏକ ଡ୍ରୋନ ଆକ୍ରମଣରେ ୩୨ ଜଣ ଆହତ ହୋଇଛନ୍ତି। ଗୋଟିଏ ଆକ୍ରମଣରେ ଦେଶର



ସର୍ବବୃହତ ତୈଳ ବିଶୋଧନାଗାରରେ ମଧ୍ୟ ନିଆଁ ଲାଗିଥିଲା। ବର୍ଦ୍ଧିତ ଇରାନୀ ଆକ୍ରମଣର ଜବାବରେ ବାହାରିନ ନିଜକୁ ରକ୍ଷା କରିବା ଆରମ୍ଭ କରିଛି। ତଥାପି, ଇରାନୀ ଆକ୍ରମଣକୁ ରୋକିବାରେ ବାହାରିନ ବର୍ତ୍ତମାନ ଅକ୍ଷମ ପ୍ରମାଣିତ ହେଉଛି।ଅନ୍ୟପଟେ, ଆମେରିକା ଓ ଇସ୍ରାଏଲ୍ ମଧ୍ୟ ଚୁପ୍ ବସିନାହାନ୍ତି। ସେମାନେ ଇରାନର ପ୍ରତିଟି ଆକ୍ରମଣର କଡ଼ା ଜବାବ ଦେଉଛନ୍ତି।

# ସକ୍ରିୟ ହେଉଛି ସ୍ଲିପର ସେଲ : ବିଶ୍ୱବ୍ୟାପୀ ରେଡ୍ ଆଲର୍ଟ

ତେହେରାନ୍/ୱାଶିଂଟନ୍: ଇରାନର ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲି ଖେମିନିଙ୍କ ମୃତ୍ୟୁ ପରେ ମଧ୍ୟପ୍ରାଚ୍ୟ ସମେତ ସମଗ୍ର ବିଶ୍ୱରେ ଉତ୍ତେଜନା ହ୍ରାସ ପାଇବା ପରିବର୍ତ୍ତେ ଏକ ଭୟଙ୍କର ମୋଡ଼ ନେଇଛି। ଗୁଇନ୍ଦା ରିପୋର୍ଟ ଅନୁଯାୟୀ, ଖାମିନିଙ୍କ ବିଦାୟ ପରେ ଇରାନ ନିଜର ବିଶ୍ୱବ୍ୟାପୀ ଗୁପ୍ତ ନେଟୱାର୍କ ବା "ସ୍ଲିପର୍ ସେଲ୍ସ"କୁ ସକ୍ରିୟ କରିବା ପାଇଁ ଏକ ରହସ୍ୟମୟ ସଙ୍କେତ ପଠାଇଛି। ଏହି ଘଟଣା ଆମେରିକା ଓ ଇସ୍ରାଏଲ୍ ଭଳି ଦେଶଗୁଡ଼ିକର ଚିନ୍ତା ବଢ଼ାଇ ଦେଇଛି।

ଜାତୀୟ ଗଣମାଧ୍ୟମର ଏକ ଗୁରୁତ୍ୱପୂର୍ଣ୍ଣ ରିପୋର୍ଟ ଅନୁଯାୟୀ, ଆମେରିକୀୟ ଗୁଇନ୍ଦା ସଂସ୍ଥାଗୁଡ଼ିକ ଏକ ଏନକ୍ରିପ୍ଟେଡ୍ ବାର୍ତ୍ତାକୁ ଧରିବାରେ ସଫଳ ହୋଇଛନ୍ତି। ଦାବି କରାଯାଇଛି ଯେ, ଫେବୃଆରୀ ୨୮ ତାରିଖରେ ଖେମିନିଙ୍କ ମୃତ୍ୟୁର କିଛି ସମୟ ପରେ ଏହି ସଙ୍କେତ ଇରାନରୁ



ପଠାଯାଇଥିଲା। ଏହି ବାର୍ତ୍ତାଟି ଏପରି ଏକ ଜଟିଳ କୋଡ୍ରେ ଥିଲା, ଯାହାକୁ କେବଳ ନିର୍ଦ୍ଦିଷ୍ଟ "ଡିକ୍ରିପ୍ସନ୍ କୀ" ଥିବା ବ୍ୟକ୍ତି ବା ଏଜେଣ୍ଟମାନେ ହିଁ ପଢ଼ିପାରିବେ।ବିଶେଷଜ୍ଞମାନଙ୍କ ମତରେ, ଏହି ସଙ୍କେତ କୌଣସି ସାଧାରଣ ସୂଚନା ନୁହେଁ, ବରଂ ଏହା ଏକ "ସକ୍ରିୟକରଣ କୋଡ୍"। ସାଧାରଣତଃ ସ୍ଲିପର୍ ସେଲ୍ସଗୁଡ଼ିକ ବିଭିନ୍ନ ଦେଶରେ ସାଧାରଣ ନାଗରିକଙ୍କ ଭଳି ରୁହନ୍ତି ଏବଂ ଏଭଳି କୌଣସି ବିଶେଷ ସଙ୍କେତ ପାଇବା ପରେ ହିଁ ସେମାନେ ନିଜର ଆକ୍ରମଣାତ୍ମକ ଅଭିଯାନ ଆରମ୍ଭ କରନ୍ତି। ଗୁଇନ୍ଦା ବିଭାଗ ଭୟ କରୁଛି ଯେ ଇରାନ ନିଜର ଶୀର୍ଷ ନେତୃତ୍ୱଙ୍କ ହତ୍ୟାର ପ୍ରତିଶୋଧ ନେବା ପାଇଁ ଏହି "ଡେଥ୍ ୱାରେଣ୍ଟ" ଜାରି କରିଥାଇପାରେ।

ଆମେରିକାର ଫେଡେରାଲ୍ ଆଲର୍ଟ ଅନୁଯାୟୀ, ଏହି ସଙ୍କେତକୁ ଅତି ଅସାଧାରଣ ଭାବେ ଅନେକ ଦେଶରେ ପୁନଃ-ପ୍ରସାରଣ କରାଯାଇଛି। ଏହାର ଅର୍ଥ ହେଉଛି, ଇରାନୀ ଏଜେଣ୍ଟମାନେ ବିଶ୍ୱର କୋଣ ଅନୁକୋଣରେ ବିଛାଇ ହୋଇ ରହିଛନ୍ତି। ଗୁଇନ୍ଦା ସଂସ୍ଥାଗୁଡ଼ିକର ଆଶଙ୍କା ଯେ ଇସ୍ରାଏଲୀ ଓ ଆମେରିକୀୟ ପ୍ରତିଷ୍ଠାନଗୁଡ଼ିକ ଉପରେ ବଡ଼ ଧରଣର ବୋମା ବିସ୍ଫୋରଣ ହୋଇପାରେ। ବିଦେଶରେ ଥିବା ପ୍ରମୁଖ ବ୍ୟକ୍ତିବିଶେଷଙ୍କୁ ଟାର୍ଗେଟ୍ କରାଯାଇପାରେ। ‘ଲୋନ୍ ଓ୍ୱଲ୍ଫ ଆଟାକ୍’ କରାଯାଇପାରେ। ଯଦିଓ ଇରାନ ବାହାରକୁ ଶାନ୍ତ ଦେଖାଯାଉଛି, କିନ୍ତୁ ଏହି ଗୁପ୍ତ ସଙ୍କେତରୁ ସ୍ପଷ୍ଟ ଜଣାପଡୁଛି ଯେ ପରଦା ପଛରେ ଏକ ବଡ଼ ଧରଣର ପ୍ରତିଶୋଧମୂଳକ ଯୋଜନା ପ୍ରସ୍ତୁତ ହେଉଛି। ବର୍ତ୍ତମାନ ସମଗ୍ର ବିଶ୍ୱର ସୁରକ୍ଷା ସଂସ୍ଥାଗୁଡ଼ିକ ଏହି ଏନକ୍ରିପ୍ଟେଡ୍ ବାର୍ତ୍ତାକୁ ଡିକୋଡ୍ କରିବାକୁ ଚେଷ୍ଟା କରୁଛନ୍ତି, ଯାହାଦ୍ୱାରା ସମ୍ଭାବ୍ୟ ଆକ୍ରମଣକୁ ରୋକାଯାଇପାରିବ। କିନ୍ତୁ କୋଡ୍ଟି ଅତ୍ୟନ୍ତ ଜଟିଳ ହୋଇଥିବାରୁ, ଆଗାମୀ ଦିନଗୁଡ଼ିକ ସାରା ବିଶ୍ୱ ପାଇଁ ଅତ୍ୟନ୍ତ ସମ୍ବେଦନଶୀଳ ରହିବ।

# ବିଶ୍ୱ ବିଜେତାଙ୍କୁ ବିସିସିଆଇ ଦେବ ୧୩୧ କୋଟି

ନୂଆଦିଲ୍ଲୀ, ୧୦।୩ (ଏଜେନ୍ସି) : ଟି -୨୦ ବିଶ୍ୱକପରେ ଉଚ୍ଚକୋଟିର ପ୍ରଦର୍ଶନ ଦେଖାଇ କ୍ରମାଗତ ଦ୍ୱିତୀୟ ଥର ପାଇଁ ଟାଇଟଲ୍ ହାତେଇଥିବା ଭାରତୀୟ ଖେଳାଳିଙ୍କ ଉପରେ ଟଙ୍କା ବର୍ଷା ହୋଇଛି। ପୁରସ୍କାର ସ୍ୱରୂପ କୋଟି କୋଟି ଟଙ୍କା ପାଇବେ ଖେଳାଳି। ବିଜୟ ପରେ ବିସିସିଆଇ ଟିମକୁ ଗୁରୁତ୍ୱପୂର୍ଣ୍ଣ ସମ୍ମାନ ପ୍ରଦାନ କରିଛି। ଟିମ୍ ଇଣ୍ଡିଆର ସମସ୍ତ ଖେଳାଳି ସପୋର୍ଟିଂ ଷ୍ଟାଫଙ୍କ ପାଇଁ ବୋର୍ଡ ପକ୍ଷରୁ ନଗଦ ପୁରସ୍କାର ଘୋଷଣା କରାଯାଇଛି। ବିସିସିଆଇ ଟିମ୍ ଇଣ୍ଡିଆ ପାଇଁ ୧୩୧ କୋଟି ଟଙ୍କା ପୁରସ୍କାର ରାଶି ଘୋଷଣା କରିଛି। ଏହି ରାଶି ଖେଳାଳି, ପ୍ରଶିକ୍ଷକ, କର୍ମଚାରୀ, ସହାୟକ କର୍ମଚାରୀ ଓ ଅନ୍ୟାନ୍ୟ ସଦସ୍ୟଙ୍କ ମଧ୍ୟରେ ବଣ୍ଟାଯିବ। ଯାହା ଏପର୍ଯ୍ୟନ୍ତ ସବୁଠୁ ଅଧିକ ପୁରସ୍କାର ରାଶି ଭାବେ ବିବେଚନା କରାଯାଉଛି। ପୂର୍ବରୁ ବିସିସିଆଇ ୨୦୨୪ ସଂସ୍କରଣ ପାଇଁ ୧୨୫ କୋଟି ଟଙ୍କା ପୁରସ୍କାର ରାଶି ଘୋଷଣା କରିଥିଲା। କିନ୍ତୁ ଏଥର ପୁରସ୍କାର ରାଶି ୬ କୋଟି ବୃଦ୍ଧି କରାଯାଇଛି।



ଏହି ଦୁଇ ଟୁର୍ଣ୍ଣାମେଣ୍ଟ ମଧ୍ୟରେ ଟିମ୍ ଇଣ୍ଡିଆ ୨୦୨୫ରେ ଚାମ୍ପିଅନ୍ସ ଟ୍ରଫି ମଧ୍ୟ ଜିତିଥିଲା। ବିସିସିଆଇ ସେହି ପରିମାଣରେ ୫୮ କୋଟି ଟଙ୍କା ପୁରସ୍କାର ପ୍ରଦାନ କରିଥିଲା। ଏହା ଏକ ଉଲ୍ଲେଖନୀୟ ପୁରସ୍କାର ରାଶି। ଆଇସିସି ଠାରୁ ପ୍ରାପ୍ତ ପୁରସ୍କାର ରାଶିଠାରୁ ଅକଦମ୍ ଅଲଗା। ଆଇସିସି ପକ୍ଷରୁ ଚାମ୍ପିଅନ ଦଳକୁ ୨୭.୫ କୋଟି ଟଙ୍କା ମିଳିଛି। ଭାରତ ଏହି ରାଶି ପାଇଛି। ରନର୍ସଅପ୍ ନ୍ୟୁଜିଲାଣ୍ଡ ଦଳ ୧.୬ ନିୟୁତ ଡଲାର ପାଇଛି। ତଥାପି ଖେଳାଳିଙ୍କୁ ବିସିସିଆଇ ପକ୍ଷରୁ ଦିଆଯିବାକୁ ଥିବା ଏହି ବୋନସ୍ ଭାରତୀୟ କ୍ରିକେଟ ଇତିହାସର ସବୁଠାରୁ ବଡ ବୋନସ ମଧ୍ୟରୁ ଗୋଟିଏ। ୨୦୨୪ରେ ଭାରତ ଯେତେବେଳେ ରୋହିତ ଶର୍ମାଙ୍କ ଅଧିନାୟକତ୍ୱରେ ଦ. ଆଫ୍ରିକାକୁ ହରାଇ ଟି -୨୦ ବିଶ୍ୱକପ୍ ଜିତିଥିଲା, ସେତେବେଳେ ବିସିସିଆଇ ଟିମ୍ ଇଣ୍ଡିଆ ପାଇଁ ୧୨୫ କୋଟି ପୁରସ୍କାର ରାଶି ଘୋଷଣା କରିଥିଲା। ସେହି ସମୟରେ ଖେଳାଳି ଓ ମୁଖ୍ୟ ପ୍ରଶିକ୍ଷକ ରାହୁଲ ଦ୍ରାବିଡଙ୍କୁ ୫ କୋଟି ଟଙ୍କା ଲେଖାଏଁ ପ୍ରଦାନ କରିଥିଲା। ଏଥର ପୁରସ୍କାର ରାଶି ୬ କୋଟି ବୃଦ୍ଧି କରି ୧୩୧ କୋଟି ଟଙ୍କା କରିଛି। ଯାହା ଭାରତୀୟ କ୍ରିକେଟ ଇତିହାସରେ ସବୁଠୁ ଅଧିକ ବୋନସ୍।

# ଅର୍ଶଦୀପଙ୍କ ୧୫ ପ୍ରତିଶତ ମ୍ୟାଚ ଫି କଟିଲା

ଅହମ୍ମଦାବାଦ, ୧୦।୩(ଏଜେନ୍ସି) : ଟି -୨୦ ବିଶ୍ୱକପ୍‌ରେ ଭାରତୀୟ ଦଳ ବିଜେତା ହୋଇଥିଲା। ଦଳର ତାରକା ବୋଲର ଅର୍ଶଦୀପ ସିଂ ଏହି ମ୍ୟାଚରେ ଅଣଖେଳୁଆଡ ମନୋଭାବ ଦେଖାଇଥିବାରୁ ତାଙ୍କ ବିରୋଧରେ ଆଇସିସିର ଆଚରଣ ବିଧି ଉଲଂଘନ କରିଥିବା ଅଭିଯୋଗ ହୋଇଛି। ଏଥିପାଇଁ ଅର୍ଶଦୀପଙ୍କ ୧୫ ଶତକଡା ମ୍ୟାଚ୍ ଫି କଟାଯାଇଛି। ନ୍ୟୁଜିଲାଣ୍ଡ ବିପକ୍ଷ ହାଇଭୋଲଟେଜ୍ ଫାଇନାଲରେ ଅର୍ଶଦୀପ ଆଇସିସି ଆଚରଣ ବିଧି ଲେବଲ ୧ ଉଲଂଘନ କରିଛନ୍ତି। ଆର୍ଟିକିଲ୍ ୨.୯ ଅନୁଯାୟୀ କୌଣସି ଖେଳାଳି ଆଡକୁ ଅସୁରକ୍ଷିତ ବା ଅନୁଚିତ ଭାବେ ବଲ ଫିଙ୍ଗିବା ଏକ ଅପରାଧ। ନ୍ୟୁଜିଲାଣ୍ଡ ଇନିଂସର ୧୧ତମ ଓଭରରେ ଅର୍ଶଦୀପ ନିଜ ଫଲୋ ଥ୍ରୁରେ ବଲ ନ୍ୟୁଜିଲାଣ୍ଡ ବ୍ୟାଟର ଡାରେଲ୍ ମିଚେଲଙ୍କ ଆଡକୁ ଫିଙ୍ଗିଥିଲେ। ବଲ ତାଙ୍କ ଜଙ୍ଘରେ ବାଜିଥିଲା। ଏହାକୁ ନେଇ ମଇଦାନରେ କିଛି ସମୟ ଉତ୍ତେଜନା ଦେଖାଯାଇଥିଲା। ପରେ ଉଭୟ ଖେଳାଳି ପରସ୍ପର ସହ ହାତ ମିଳାଇଥିଲେ। ମ୍ୟାଚ ପରେ ଅର୍ଶଦୀପ ନିଜେ ଏହି ଘଟଣା ପାଇଁଦୁଃଖ ପ୍ରକାଶ କରିଥିଲେ। ସେ କହିଛନ୍ତି ମୁଁ ମିଚେଲଙ୍କୁ



କ୍ଷମା ମାଗିବାକୁ ଯାଇଥିଲା। ବଲଟି ଅଧିକ ରିଭର୍ସ ସୁଇଙ୍ଗ ହୋଇଯିବାରୁ ତାଙ୍କ ଦେହରେ ବାଜିଥିଲା। ମୁଁ ଜାଣିଶୁଣି ତାଙ୍କୁ ଆଘାତ ଦେବାକୁ ଚାହୁଁନଥିଲି। ପରେ ଉଭୟ ଖେଳାଳିଙ୍କୁ ହସଖୁସିରେ କଥା ହେବାକୁ ଦେଖିବାକୁ ମିଳିଥିଲା। ରବିବାର ଖେଳାଯାଇଥିବା ଏହି ଫାଇନାଲ ମ୍ୟାଚରେ ଭାରତ ୯୬ ରନରେ ପରାଜିତ କରି ବିଶକପ୍ ଟ୍ରଫି ହାତେଇଥିଲା। ଭାରତ ପ୍ରଥମେ ବ୍ୟାଟିଂ କରି ୨୫୫ ରନ କରିଥିଲା। ଜବାବ୍‌ରେ ନ୍ୟୁଜିଲାଣ୍ଡ ମାତ୍ର ୧୫୯ ରନ କରି ଅଲଆଉଟ୍ ହୋଇଥିଲା। ଅର୍ଶଦୀପ ଏହି ମ୍ୟାଚରେ ଜମାଣିଆ ବୋଲିଂ କରି ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

# ଟି -୨୦ ବିଶ୍ୱକପର ଶ୍ରେଷ୍ଠ ଏକାଦଶ ଘୋଷିତ

ଅହମ୍ମଦାବାଦ, ୧୦।୩(ଏଜେନ୍ସି) : ଟି୨୦ ବିଶ୍ୱକପ ଫାଇନାଲ ପରେ ଆଇସିସି ଏହାର ଶ୍ରେଷ୍ଠ ଏକାଦଶ ଟିମ ଚୟନ କରିଛି । ଆର୍ଡେନ ମାର୍କରାମଙ୍କ ଦଳର ନେତୃତ୍ୱ ପ୍ରଦାନ କରାଯାଇଛି । ଭାରତର ୪ଜଣ ଖେଳାଳି ଏହି ଦଳରେ ସ୍ଥାନ ପାଇଛନ୍ତି । ସେମାନେ ହେଲେ ସଞ୍ଜୁ ସାମସନ, ଈଶାନ କିଶାନ, ହାର୍ଦ୍ଦିକ ପାଣ୍ଡ୍ୟା ଓ ଯଶପ୍ରୀତ ବୁମରାହ । ଟୁର୍ଣ୍ଣାମେଂଟରେ ସର୍ବାଧିକ ରନ କରିଥିବା ପାକିସ୍ତାନର ସାହେବଜାଦା ଫରହାନଙ୍କୁ ସଞ୍ଜୁଙ୍କ ସହ ଓପନ ଭାବେ ଚୟନ କରାଯାଇଛି । ଜିମ୍ବାୱେର ବ୍ଲେସିଙ୍ଗ ମୁଜାରବାନୀ ଓ ୱେଷ୍ଟଇଣ୍ଡିଜର ଜାସନ ହୋଲ୍ଡରଙ୍କୁ ଦଳରେ ନିଆଯାଇଛି । ଇଂଲଣ୍ଡ ଓ ଦକ୍ଷିଣ ଆଫ୍ରିକାର ୨ଜଣ ଲେଖାଏଁ ଖେଳାଳି ସ୍ଥାନ ପାଇଛନ୍ତି । ନ୍ୟୁଜିଲାଣ୍ଡ





ଓ ଅଷ୍ଟ୍ରେଲିଆର କୌଣସି ଖେଳାଳିଙ୍କୁ ଏଥିରେ ସାମିଲ କରାଯାଇ ନାହିଁ । ଭାରତର ବରୁଣ ଚକ୍ରବର୍ତ୍ତି, ସୂର୍ଯ୍ୟକୁମାର ଯାଦବ ଓ ଅଭିଷେକ ଶର୍ମା ସ୍ଥାନ ପାଇ ନାହାନ୍ତି । ଶ୍ରେଷ୍ଠ ଏକାଦଶ: ସାହେବଜାଦା ଫରହାନ, ସଞ୍ଜୁ ସାମସନ, ଈଶାନ କିଶାନ, ଆଡେନ ମାର୍କରାମ, ହାର୍ଦ୍ଦିକ ପାଣ୍ଡ୍ୟା, ୱିଲ ଜ୍ୟାକ୍ସ, ଜାସନ ହୋଲ୍ଡର, ଯଶପ୍ରୀତ ବୁମରାହ, ଲୁଙ୍ଗି ଏନଗିଡି, ଆଡିଲ ରଶିଦ, ବ୍ଲେସିଙ୍ଗ ମୁଜାରବନୀ, ଶେଡଲୀ ଭ୍ୟାନ ଶାଲୋଭିକଚ ।

# କେରଳରେ ସଞ୍ଜୁଙ୍କ ରାଜପ୍ରାସାଦ



ନୂଆଦିଲ୍ଲୀ, ୧୦।୩ (ଏଜେନ୍ସି) : ଟି -୨୦ ବିଶ୍ୱକପରେ ଦମଦାର ବ୍ୟାଟିଂ କରି ଭାରତକୁ ବିଶ୍ୱ ବିଜେତା ମୁକୁଟ ପିନ୍ଧାଇଥିଲେ ଓପନର ସଞ୍ଜୁ ସାମସନ୍। ୱେଷ୍ଟଇଣ୍ଡିଜ୍ ବିପକ୍ଷ ସୁପର ୮ ମୁକାବିଲା ତଥା ଇଂଲଣ୍ଡ ବିପକ୍ଷ ସେମିଫାଇନାଲରେ ସଞ୍ଜୁ ସାମସନଙ୍କ ବ୍ୟାଟ ଗର୍ଜିଥିଲା। ଫାଇନାଲରେ ମଧ୍ୟ ନ୍ୟୁଜିଲାଣ୍ଡ ବିପକ୍ଷରେ ସାମସନ ୮୯ ରନର ବିସ୍ଫୋରକ ଇନିଂସ ଖେଳିଥିଲେ। ଭାରତ ବିଜୟରେ ସଞ୍ଜୁଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଥିଲା। ସଞ୍ଜୁଙ୍କ କ୍ରେଜ୍ ସବୁଠି ରହିଛି। ଭାରତୀୟ ଦଳ ବ୍ୟତୀତ ସେ ଆଇପିଏଲରେ ମଧ୍ୟ ସେ ଅନେକ ବର୍ଷ ଧରି ଖେଳୁଛନ୍ତି। ତାଙ୍କ ସମ୍ପତ୍ତି ମଧ୍ୟ ଖୁବ୍ ଅଧିକ।

ସାମସନ୍ ପତ୍ନୀ ଚାରୁଲତାଙ୍କ ସହ କେରଳରଥିରୁଅନନ୍ତପୁରମର ଏକ ବଙ୍ଗଳାରେ ରୁହନ୍ତି। ଏହି ଘରଟି ରାଜପ୍ରାସାଦ ଭଳି। ଏହି ଘରର ଦାମ୍ ପ୍ରାୟ ୬ କୋଟି ଟଙ୍କା ହେବ। ଏହାକୁ କେରଳର ପାରମ୍ପରିକ ଡିଜାଇନରେ ତିଆରି କରାଯାଇଛି। ଘରେ ପ୍ରାଇଭେଟ୍ ଜିମ୍ ରହିଛି। ଏହାସହ ମୁମ୍ବାଇ, ବେଙ୍ଗାଲୁରୁ ଏବଂ ହାଇଦ୍ରାବାଦରେ ସମ୍ପତ୍ତି ରହିଛି। କେରଳରେ ଏହି ବ୍ୟାଟରଙ୍କ ଗ୍ୟାରେଜରେ ୬ ଟି ଦାମି କାର୍ ଅଛି। ଏହାମଧ୍ୟରେ ଦୁଇଟି ରେଞ୍ଜ୍ ରୋଭର ରହିଛି। ଯାହାର ଦାମ୍ ପ୍ରାୟ ୫ କୋଟି ଟଙ୍କା। ଅଡି ଆରଏସ୍ କ୍ୟୁ ୮, ବିଏମ୍‌ଡବ୍ଲ୍ୟୁ ୨ ସିରିଜ୍, ଲେକ୍ସସ୍ ଇଏସ୍ ୩୦୦ ଏଚ୍ କାର ରହିଛି। ସେହିପରି ସଞ୍ଜୁ ବିସିସିଆଇ କଣ୍ଟ୍ରାକ୍ଟ ଲିଷ୍ଟ ସିରେ ରହିଛି। ତାଙ୍କୁ ବିସିସିଆଇ ପକ୍ଷରୁ ବର୍ଷକୁ ୧ କୋଟି ଟଙ୍କା ପ୍ରଦାନ କରାଯାଏ। ଏହାବାଦ୍ ଗୋଟିଏ ଟି -୨୦ ମ୍ୟାଚ୍ ପାଇଁ ୩ ଲକ୍ଷ ଟଙ୍କା ଏବଂ ଦିନିକିଆ ପାଇଁ ୬ ଲକ୍ଷ ଟଙ୍କା ମିଳିଥାଏ। ସେ ଆଇପିଏଲରେ ଚେନ୍ନାଇ ସୁପର କିଂସ ପକ୍ଷରୁ ଖେଳୁଛନ୍ତି। ପୂର୍ବରୁ ସେ ରାଜସ୍ଥାନ ରୟାଲ୍ସରେ ଥିଲେ। ପ୍ରଥମେ ରାଜସ୍ଥାନ ତାଙ୍କୁ ୮ କୋଟି ଟଙ୍କାରେ କିଣିଥିଲା। ପରେ ୨୦୨୨ ରେ ତାଙ୍କୁ ୧୪ କୋଟି ଟଙ୍କା ପ୍ରଦାନ କରାଯାଉଥିଲା। ଏବେ ଚେନ୍ନାଇ ତାଙ୍କୁ ୧୮ କୋଟି ଟଙ୍କାରେ କିଣିଛି। ଟି -୨୦ ଫାଇନାଲର ପ୍ରାଇଜ୍ ମନି ସହ ମ୍ୟାନ ଅଫ ଦ ମ୍ୟାଚ ପୁରସ୍କାର ରାଶି ମଧ୍ୟ ତାଙ୍କୁ ମିଳିଛି। ମୋଟାମୋଟି ସେ ୧୧୦ କୋଟି ଟଙ୍କା ସେ କ୍ରିକେଟରେ ସେ ଆୟ କରିଛନ୍ତି। ଏବେ ଅନେକ ବଡ ବଡ ବ୍ରାଣ୍ଡ ତାଙ୍କ ସହ ଡିଲ କରିବାକୁ ରାଜି ଅଛନ୍ତି। ଟି -୨୦ ବିଶ୍ୱକପର ହିରୋ ହେବା ପରେ ତାଙ୍କର ଡିମାଣ୍ଡ ମଧ୍ୟ ଆକାଶ ଛୁଆଁ ହୋଇଛି।

# କାହିଁକି ଆସିଲେନି କୋହଲି ?



ନୂଆଦିଲ୍ଲୀ, ୧୦।୩ (ଏଜେନ୍ସି) : ଚଳିତ ଟି -୨୦ ବିଶ୍ୱକପର ଫାଇନାଲ ମ୍ୟାଚ ଦେଖିବାକୁ ଅହମଦାବାଦ ଆସିଥିଲେ ବହୁ ବିଶିଷ୍ଟ ବ୍ୟକ୍ତି। ଅନେକ ବଲିଉଡ୍ ଷ୍ଟାରଙ୍କ ସହ କ୍ରିକେଟ ଭେଟେରାନ୍ ମ୍ୟାଚ ଦେଖିଥିଲେ । ପୂର୍ବତନ ଅଧିନାୟକ ମହେନ୍ଦ୍ର ସିଂ ଧୋନୀ ଏବଂ ରୋହିତ ଶର୍ମାଙ୍କ ଭଳି ଖେଳାଳି ସାମିଲ ଥିଲେ। କିନ୍ତୁ ମ୍ୟାଚ ଦେଖିବାକୁ ଆସିନଥିଲେ ବିରାଟ କୋହଲି। ଭାରତ ଜିତିବା ପରେ ସୋସିଆଲ ମିଡିଆରେ ସେ ପୋଷ୍ଟ କରି ଶୁଭେଚ୍ଛା ଜଣାଇଥିଲେ। ସମସ୍ତଙ୍କ ଆଶା ଥିଲା ବିରାଟ କୋହଲି ଅହମଦାବାଦ ଆସି ଫାଇନାଲ ମ୍ୟାଚ ଦେଖିବେ। ଭାରତୀ ଦଳକୁ ଉତ୍ସାହିତ କରିବେ। କିନ୍ତୁ ସେଭଳି କିଛି ହେଲା ନାହିଁ। କେଉଁ କାରଣ ପାଇଁ କୋହଲି ଫାଇନାଲ ଦେଖିବାକୁ ଆସିଲେନି ସେ ନେଇ ତର୍କବିତର୍କ ଚାଲିଛି।

ରୋହିତ - ଧୋନୀ ପୂର୍ବରୁ ଭାରତକୁ ଟି -୨୦ ବିଶ୍ୱକପ୍ ଚାମ୍ପିଅନ କରାଇଛନ୍ତି। ତେଣୁ ସେମାନଙ୍କୁ ନିମନ୍ତ୍ରଣ କରାଯାଇଥିଲା। ଏଥର ବିଶ୍ୱକପରେ ରୋହିତ ବ୍ରାଣ୍ଡ ଆମ୍ବାସାଡାର ଥିଲେ। କୋହଲି କେବେ ଅଧିନାୟକ ଭାବେ ଟି -୨୦ ବିଶ୍ୱକପ୍ ଜିତିନାହାଁନ୍ତି। ତେଣୁ ଆଇସିସି ତରଫରୁ ତାଙ୍କୁ ସ୍ୱତନ୍ତ୍ର ଭାବେ ଡକାଯାଇନଥିଲା। ଆଉ କିଛି ୟୁଜର୍ସ କହୁଛନ୍ତି କୋହଲି ଅନ୍ତର୍ଜାତୀୟ କ୍ରିକେଟରୁ ସମ୍ପୂର୍ଣ୍ଣ ସନ୍ୟାସ ନେଇନାହାଁନ୍ତି। ଏବେ ସେ କେବଳ ଦିନିକିଆ ଖେଳୁଛନ୍ତି। ଅନେକ ସମୟ ପରିବାର ସହ ବିତାଉଛନ୍ତି। କୋହଲି ଏବେ ଲଣ୍ଡନରେ ରହୁଛନ୍ତି। ଭାରତକୁ କମ୍ ଆସୁଛନ୍ତି। କିଛି ଦିନ ତଳେ ସେ ବିଜୟ ହଜାରେ ଟ୍ରଫି ଖେଳିଥିଲେ। ଏହାପରେ ସେ ଦ. ଆଫ୍ରିକା ବିପକ୍ଷ ଦିନିକିଆ ମ୍ୟାଚ ଖେଳିଥିଲେ। ପରେ ସେ ଇଂଲଣ୍ଡ ଚାଲିଯାଇଥିଲେ। ଆଗାମୀ ଦିନରେ ଆଇପିଏଲ ଖେଳିବା ପାଇଁ ପୁଣି ସେ ଭାରତ ଆସିବେ।

## ଟିଲୋ କପ୍

# ସିଏଜି ଦିଲ୍ଲୀ, ଏନ୍‌ସିସି ଓଡିଶା ବିଜୟୀ

ଭୁବନେଶ୍ୱର, ୧୦।୩ (ସବ୍ୟ) : ଭଦ୍ରକ ଜିଲ୍ଲା ବନ୍ତ ବ୍ଲକର ଟିଲୋ ହନୁମାନ ଜିୟୁ ଷ୍ଟାଡିୟମରେ ସର୍ବଭାରତୀୟ ଟିଲୋ କପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଜାରି ରହିଛି। ମଙ୍ଗଳବାର ଅନୁଷ୍ଠିତ ଦୁଇଟି ମ୍ୟାଚରେ ସିଏଜି ଦିଲ୍ଲୀ ଏବଂ ଏନ୍‌ସିସି ଓଡିଶା ବିଜୟ ଲାଭ କରିଛନ୍ତି। ପ୍ରଥମ ମ୍ୟାଚରେ ଏନସିସି ଓଡିଶା ୬ ୱିକେଟରେ ଏମଏଚକେଏଲ ସ୍ପୋର୍ଟ୍ସକୁ ପରାଜିତ କରିଥିଲା। ଏହି ମ୍ୟାଚରେ ଏନସିସି ଓଡିଶା ଟସ୍ ଜିତି ବୋଲିଂ ନିଷ୍ପତ୍ତି ନେଇଥିଲା। ବ୍ୟାଟିଂ କରିବାକୁ ଆମନ୍ତ୍ରିତ ପାଇଥିବା ଏମ୍‌ଏଚକେଏଲ୍ ସ୍ପୋର୍ଟ୍ସ ୧୪.୨ ଓଭରରେ ୫୭ ରନ କରି ଅଲଆଉଟ୍ ହୋଇଥିଲା।



ଜବାବ୍‌ରେ ଏନସିସି ଓଡିଶା ୬.୪ ଓଭରରେ ୪ ୱିକେଟ ହରାଇ ୬୧ ରନ କରି ଲକ୍ଷ୍ୟ ହାସଲ କରିନେଇଥିଲା। ବିଜୟୀ ଦଳର ମୁକେଶ କୁମାରଙ୍କୁ ପ୍ଲେୟାର ଅଫ ଦ ମ୍ୟାଚ ବିବେଚିତ କରାଯାଇଥିଲା। ଦ୍ୱିତୀୟ ମ୍ୟାଚରେ ସିଏଜି ଦିଲ୍ଲୀ ୧୦୬ ରନ ବ୍ୟବଧାନରେ କାର୍ଗୋ ଦିଲ୍ଲୀକୁ ଏସପିଜେ କାର୍ଗୋ ଦିଲ୍ଲୀକୁ ପରାଜିତ କରିଛି। ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରି ସିଏଜି ଦିଲ୍ଲୀ ୨୦ ଓଭରରେ ୫ ୱିକେଟ ହରାଇ ୨୩୬ ରନ କରିଥିଲା। ଜବାବ୍‌ରେ ଏସପିଜେ କାର୍ଗୋ ଦିଲ୍ଲୀ ଦଳ ୧୬.୪ ଓଭରରେ ୧୩୦ ରନ କରି ଅଲଆଉଟ୍ ହୋଇଥିଲା। ସୁମିତ ମାଥୁରଙ୍କୁ ପ୍ଲେୟାର ଅଫ ଦ ମ୍ୟାଚ ବିବେଚିତ କରାଯାଇଥିଲା। ଅମ୍ପାୟାର ଅଶୋକ କୁମାର ରାଉତ, ବିଭୁ ପ୍ରସାଦ ମିଶ୍ର, ଦେବବ୍ରତ ଦାସ ମ୍ୟାଚ ପରିଚାଳନା କରିଥିଲେ।

# ୧୫ରେ ସର୍ବଭାରତୀୟ ଧର୍ମେନ୍ଦ୍ର ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ

ଗୋପ, (ସବ୍ୟ) : ନିଗମାନନ୍ଦ ସ୍ମାର୍ଟ ସ୍କୁଲ ଖଳପଡ଼ିଆରେ ଚଳିତବର୍ଷ ପ୍ରଥମ କରି ସର୍ବଭାରତୀୟ ଧର୍ମେନ୍ଦ୍ର ସାହୁ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେବ ବୋଲି ରବିବାର ଗୋପ ଆଥ୍ଲେଟିକ ଆସୋସିଏଶନ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋ ହାଇଯାଇଛି । ଏଥିସହିତ ୨୧ରେ ରାଜ୍ୟର ୨ ମହିଳା କ୍ରିକେଟ ଦଳ ଏହି ଟୁର୍ଣ୍ଣାମେଣ୍ଟରେ ଖେଳ ପ୍ରଦର୍ଶନ କରିବେ ବୋଲି ଆସୋସିଏଶନର ସଭାପତି କାମାକ୍ଷା ପ୍ରସାଦ ଦଳବେହେରା କହିଛନ୍ତି । ଚଳିତବର୍ଷ ଏହାକୁ ଅଧିକ ମାତ୍ରା ମାତ୍ରାରେ ଲୋକାଭିମୁଖୀ କରିବା ଉଦ୍ଦେଶ୍ୟରେ ସର୍ବଭାରତୀୟ ଧର୍ମେନ୍ଦ୍ର ସାହୁ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି । ୧୫ରେ ଏହି ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟନୀ ମ୍ୟାଚରେ ଝାଡ଼ଖଣ୍ଡର ଚକ୍ରଧରପୁର ରେଲୱେ ଟିମ ସହିତ କଟକର ରାଇଜିଙ୍ଗ ଷ୍ଟୁଡେଣ୍ଟ ମଧ୍ୟରେ ଖେଳ ହେବାର ଥିବାବେଳେ ୧୬ରେ ଭୁବନେଶରର ଟିସିସି କ୍ରିକେଟ କ୍ଲବ ଓ ଆଦିତ୍ୟ ଇଲେଭେନ ମଧ୍ୟରେ ଅନୁଷ୍ଠିତ ହେବ । ସେହିଭଳି ୧୭ରେ ପ୍ରଥମ ସେମିଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ । ୧୮ରେ ଭଦ୍ରକର ୟୁନିକ ଇଲେଭେନ କ୍ରିକେଟ କ୍ଲବ ସହିତ କୋଲକାତାର ଏଲୁଆର ଏସ ମଧ୍ୟରେତୃତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ ଖେଳାଯିବାକୁ ଥିବାବେଳେ ୧୯ରେ ରାଞ୍ଚିରୟୁନିକ କ୍ରିକେଟ କ୍ଲବ ସହିତ ବାଲେଶ୍ୱରର ଆଦର୍ଶ କ୍ରିକେଟ କ୍ଲବ ମଧ୍ୟରେ ଖେଳ ଅନୁଷ୍ଠିତ ହେବ । ସେହିପରି ୨୦ରେ ଦିତୀୟ ସେମିଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ। ଏହି ସର୍ବଭାରତୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଗ୍ରାଣ୍ଡ ଫାଇନାଲ ମ୍ୟାଚ ୨୨ରେ ଅନୁଷ୍ଠିତ ହେବ ବୋଲି ଆସୋସିଏଶନର ବୈଲୋଚନ ସାହୁ ଓ ଶୁଭେନ୍ଦ୍ର ପୃଷ୍ଟି ସୂଚନା ଦେଇଛନ୍ତି । ଫାଇନାଲରେ ଧର୍ମେନ୍ଦ୍ର ସାହୁଙ୍କ ପନୀ ତଥା ବିଜେଡି ରାଜ୍ୟ ମହିଳା ମୋର୍ଚ୍ଚା ସମ୍ପାଦିକା କସ୍ତୁରି ବାଳା ସାଇଁ ଯୋଗ ଦେଇ ଚାମ୍ପିଅନ ଦଳକୁ ୭୦ ହଜାର ଟଙ୍କା ଓ ରନର୍ ଅପ ଦଳକୁ ୫୦ ହଜାର ଟଙ୍କା ସହିତ ଧର୍ମେନ୍ଦ୍ର ସାହୁ ମେମୋରିଆଲ କ୍ରିକେଟ ଟ୍ରଫି ପ୍ରଦାନ କରିବେ ବୋଲି ମ୍ୟାନେଜମେଣ୍ଟ ପକ୍ଷରୁ କୁହାଯାଇଛି ।


ସୂଚନା

SCAN & PAY

ASHIRBAD PRAKASHAN PVT.LTD.

ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ପେମେଣ୍ଟ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ହ୍ୱାଟସଆପ୍ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ଯୋଗାଯୋଗ କରନ୍ତୁ।


# ୨୪ ରୁ ରାମକୃଷ୍ଣ ମେମୋରିଆଲ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

ଭୁବନେଶ୍ୱର, ୧୦।୩(ସବ୍ୟ) : ଶ୍ରୀ ଜୟଦେବ ସ୍ପୋର୍ଟ୍ସ ଆସୋସିଏସନ୍ ଆନୁକୂଲ୍ୟରେ ଚଳିତ ମାସ ୨୪ ରୁ ୩୧ ତାରିଖ ପର୍ଯ୍ୟନ୍ତ ହାଇଟେକ୍ ମେଡିକାଲ କଲେଜ ଗ୍ରାଉଣ୍ଡରେ ରାମକୃଷ୍ଣ ମହାପାତ୍ର ସ୍ମାରକୀ ୧୭ ବର୍ଷରୁ କମ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଆୟୋଜନ ହେବାକୁ ଯାଉଛି। ଏହି ମେଗା ପ୍ରତିଯୋଗିତାରେ ୧୦ ଟି ଦଳ ଅଂଶଗ୍ରହଣ କରିବେ। ସହିଦ ସ୍ପୋର୍ଟିଂ, ଓସ୍କାର ସ୍ପୋର୍ଟିଂ, କ୍ଲବ ଦ ରେଡ୍ ଷ୍ଟାର, ଶ୍ରୀ ଜୟଦେବ ସ୍ପୋର୍ଟିଂ ଆସୋସିଏସନ୍, ଭରତ ଭୂଷଣ କ୍ରିକେଟ୍ ଏକାଡେମୀ, ପାରାମାଉଣ୍ଟ ସ୍ପୋର୍ଟିଂ, ମୁକ୍ତେଶ୍ୱର କ୍ରିକେଟ୍ କ୍ଲବ, ରାମେଶ୍ୱର ସ୍ପୋର୍ଟିଂ ଏବଂ ପ୍ରଗତି ସ୍ପୋର୍ଟିଂ ଅଂଶଗ୍ରହଣ କରିବାକୁ ସହମତି ଜଣାଇଛନ୍ତି। ଲାଲ୍ ବଲରେ ୩୦ ଓଭର ବିଶିଷ୍ଟ ଦିନିକିଆ ଫର୍ମାଟରେ ଟୁର୍ଣ୍ଣାମେଣ୍ଟ ଆୟୋଜନ ହେବ । ଅଂଶଗ୍ରହଣକାରୀ ଦଳଗୁଡିକର ଖେଳାଳିଙ୍କ ବୟସସୀମା ୧୭ ବର୍ଷ ମଧ୍ୟରେ ହୋଇଥିବା ଆବଶ୍ୟକ। ଅର୍ଥାତ୍ ୨୦୦୮ ସେପ୍ଟେମ୍ବର ୧ ରୁ ୨୦୧୨ ସେପ୍ଟେମ୍ବର ୧ ମଧ୍ୟରେ ଜନ୍ମଗ୍ରହଣ କରିଥିବା ଖେଳାଳି ନିଜର ଆଧାରକାର୍ଡ ଓ ଜନ୍ମ ସାର୍ଟିଫିକେଟ୍ ଦେବାକୁ ବାଧ୍ୟତାମୂଳକ କରାଯାଇଛି। ବିଜେତା ଓ ଉପବିଜେତା ଦଳକୁ ଆକର୍ଷଣୀୟ ଟ୍ରଫି ପ୍ରଦାନ କରାଯିବ। ସେହିଭଳି ମ୍ୟାନ ଅଫ ଦ ମ୍ୟାଚ, ମ୍ୟାଚ ଅଫ ଦ ସିରିଜ୍, ଶ୍ରେଷ୍ଠ ଫିଲ୍ଡର, ଶ୍ରେଷ୍ଠ ୱିକେଟ୍ କିପର,ଶ୍ରେଷ୍ଠ ଶୃଙ୍ଖଳିତ ଦଳ ଆଦିକୁ ଶ୍ରୀ ଜୟଦେବ ସ୍ପୋର୍ଟ୍ସ ଆସୋସିଏସନ୍ ପକ୍ଷରୁ ଆକର୍ଷଣୀୟ କ୍ରୀଡା ସରଞ୍ଜାମ ପ୍ରଦାନ କରାଯିବ। ଜୟଦେବ କ୍ରୀଡା ସଂଘର ନିଜସ୍ୱ ଖେଳ ପଡିଆ ନଥିବାରୁ ଏହି ଟୁର୍ଣ୍ଣାମେଣ୍ଟ ହାଇଟେକ୍ ମେଡିକାଲ କଲେଜ୍ ଗ୍ରାଉଣ୍ଡରେ ଆୟୋଜିତ ହେବ। ମଙ୍ଗଳବାର ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ଜୟଦେବ କ୍ରୀଡା ସଂଘ ସମ୍ପାଦକ ଶରତ କୁମାର ସାହୁ, ତପନ କୁମାର ପାଢୀ, ଗିରିଶ ପ୍ରସାଦ ମହାପାତ୍ର, ଚଣ୍ଡି ପ୍ରସନ୍ନ ମହାପାତ୍ର, ପ୍ରଦୀପ କୁମାର ଜେନା, ଚନ୍ଦ୍ରମୋହନ ବରାଳ ପ୍ରମୁଖ ଉପସ୍ଥିତ ରହି ପ୍ରତିଯୋଗିତା ସମ୍ପର୍କରେ ସବିଶେଷ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଭାପତି ଗୋଲକ ପ୍ରସାଦ ମହାପାତ୍ର, ଶ୍ରୀବଲ୍ଲଭଚରଣ ସାହୁ, ଦୀପ୍ତିରଞ୍ଜନ ପଣ୍ଡା, ଜଗମୋହନ ସ୍ୱାଇଁ ଏବଂ କୋଚ୍ ଅମିତାଭ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।



# ମାଥ୍ୟୁ ହେଡେନ ଗୁଜରାଟ ଟାଇଟାନ୍ସ ବ୍ୟାଟିଂ କୋଚ

ନୂଆଦିଲ୍ଲୀ, ୧୦।୩(ଏଜେନ୍ସି) : ଆଇପିଏଲ ୨୦୨୬ ପୂର୍ବରୁ ଗୁଜରାଟ ଟାଇଟନ୍ସ ନୂତନ ବ୍ୟାଟିଂ କୋଚ ଭାବେ ମାଥ୍ୟୁ ହେଡେନଙ୍କୁ ଦାୟିତ୍ୱ ପ୍ରଦାନ କରିଛି । ହେଡେନ ଅଷ୍ଟ୍ରେଲିଆ ଟିମର ଏକ ବିସ୍ଫୋରକ ବ୍ୟାଟ୍ସମ୍ୟାନ ଭାବେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ । ସେ ୨ ଥର ଦିନିକିଆ ବିଶ୍ୱକପ ଜିତିଥିବା ଅଷ୍ଟ୍ରେଲିଆ ଦଳର ସଦସ୍ୟ ଥିଲେ । ଗୁଜରାଟ ଟାଇଟାନ୍ସ ସୋସିଆଲ ମିଡିଆରେ ଏ ସମ୍ପର୍କରେ ସୂଚନା ଦେଇଛି । ଫ୍ରାଂଚାଇଜର ନିର୍ଦ୍ଦେଶକ ବିକ୍ରମ ସୋଲାଙ୍କି କହିଛନ୍ତି ହେଡେନଙ୍କ ଉପସ୍ଥିତି ଯୁବ ବ୍ୟାଟ୍ସମ୍ୟାନଙ୍କୁ ଭଲ ପ୍ରଦର୍ଶନ କରାଇବାରେ ସହାୟ ହେବ । ଗୁଜରାଟ ଏଥର ଏକ ଶକ୍ତିଶାଳୀ ବ୍ୟାଟିଂ ଲାଇନଅପ ପ୍ରସ୍ତୁତ କରିବା ଲକ୍ଷ୍ୟରେ ରହିଛି । ମାଥ୍ୟୁ ୱାଡେ କୋଚିଂ ଷ୍ଟାଫଙ୍କ ମଧ୍ୟରେ ରହିବେ କି ନାହିଁ ତାହା ସ୍ପଷ୍ଟ କରାଯାଇ ନାହିଁ ।


ସମୟ
ସମୟ LIVE
Check out this amazing Odia News app
ଗୋଟିଏ ଆପରେ ପାଆନ୍ତୁ ସାରା ଦୁନିଆ ଖବର
Andriod
IOS
Download Now:
https://play.google.com/store/app/details/id- com.samayalive.app


Printed & Published by Parikhita Dash for Ashirbad Prakashan Pvt. Ltd., Plot. 44 & 54, Sec.-A, Zone-D, M.I.Estate, Bhubaneswar-751010. at Meerabasanta Industries Pvt. Ltd., Plot. 2/253, Birachandrapur, P.S-Rampur, Redhakhol, Dist.-Sambalpur, Odisha, TEL-2585740, 2585602, News-2583867, 2586702, Fax-2586665, 2586702, Advt.-Ph-2585704, Advt.Fax-2587704, Circulation-2586541, Chief Editor: Gurukalyan Mohapatra,ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି